# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୮/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 18/2022 | Page 16 | ₹ 7.00 | ★★★★

୪୯ଶ ଭାଗ ୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 25 | ମୂଲ୍ୟ ₹୭/-




**ଅକ୍ଷର ପଟେଲଙ୍କ ପ୍ରଭାବୀ ବୋଲିଂ**

ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅକ୍ଷର ପଟେଲ ପ୍ରଭାବୀ ବୋଲିଂ କରି ଭାରତକୁ ବିଜୟ ଦ୍ୱାରଦେଶରେ ପହଞ୍ଚାଇଛନ୍ତି। ୧୬

୦୭ **'ଇଣ୍ଡୋ-ଇଟାଲୀୟ' ଫିଲ୍ମରେ ଚିତ୍ରାଙ୍ଗଦା**

ଗୌତମ ଘୋଷ୍‌ଙ୍କ 'ଇଣ୍ଡୋ-ଇଟାଲୀୟ' ଫିଲ୍ମର ମୁଖ୍ୟ ଚରିତ୍ରରେ ବଲିଉଡ୍ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂ ଅଭିନୟ କରୁଛନ୍ତି।



# କେନ୍ଦ୍ରର ୟୁସିସି ପେଞ୍ଚ

## ଏକକ ଦେୱାନୀ ସଂହିତା ପାଇଁ ଆଇନ ପ୍ରଣୟନ କରିପାରିବେ ରାଜ୍ୟ: ରିଜିଜୁ

**ନୂଆଦିଲ୍ଲୀ,୧୭।୧୨**

ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରତିଷ୍ଠା ହେବା ପରଠୁ ରାମମନ୍ଦିର ନିର୍ମାଣ, ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏକକ ଦେୱାନୀ ସଂହିତା (ୟୁସିସି) ଆଣିବା ଏହାର ମୁଖ୍ୟ ନିର୍ବାଚନୀ କାର୍ଯ୍ୟସୂଚୀ ରହିଆସିଛି। ପ୍ରଥମ ଦୁଇଟି ପ୍ରତିଶ୍ରୁତି ପାଳନ ହୋଇସାରିଥିବାବେଳେ କେନ୍ଦ୍ରରେ କ୍ଷମତାସୀନ ଗୈରିକ ଦଳ ଏବେ ୟୁସିସି ଉପରେ ଜୋର୍ ଦେଉଥିବା ଦେଖିବାକୁ ମିଳୁଛି। ୨୦୨୩ରେ ରାଜସ୍ଥାନ, ଛତିଶଗଡ଼, ମଧ୍ୟପ୍ରଦେଶ, କର୍ନାଟକ, ତେଲଙ୍ଗାନା, ତ୍ରିପୁରା, ମେଘାଳୟ, ନାଗାଲାଣ୍ଡ, ମିଜୋରାମ ଓ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବ। ଏହା ପରେ ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକିମରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ଅଛି। ସାଧାରଣ ନିର୍ବାଚନ ପରେ ହରିୟାଣା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ମଧ୍ୟ ବିଧାନସଭା ଭୋଟ ହେବ। ଏସବୁକୁ ଦୃଷ୍ଟିରେ ରଖି ଭାଜପା ରଣନୈତିକ ଦୃଷ୍ଟିରୁ ୟୁସିସି ପ୍ରସଙ୍ଗକୁ ଆସନ୍ତା ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ବଜାୟ ରଖିବାକୁ ଉଦ୍ୟମ ଆରମ୍ଭ କରିଛି। ଏହାଦ୍ୱାରା ଦେଶବ୍ୟାପୀ ଭାଜପା ସମର୍ଥକ ଓ କ୍ୟାଡରମାନେ ଅଧିକ ସକ୍ରିୟ ହୋଇ କାର୍ଯ୍ୟ କରିବେ। ସଂଖ୍ୟାଗରିଷ୍ଠ ହିନ୍ଦୁ ମତଦାତାଙ୍କ ଭାବାବେଗ ସହ ଜଡ଼ିତ ଉକ୍ତ ବିବାଦୀୟ ତଥା ବିତର୍କିତ ପ୍ରସଙ୍ଗକୁ ନେଇ ଶାସକ ଦଳ ନିର୍ବାଚନୀ ରାଜନୀତିରେ ଭୋଟ ଧ୍ରୁବୀକରଣ କରି ଫାଇଦା ପାଇପାରେ ବୋଲି କୁହାଯାଉଛି। କାରଣ ନିକଟରେ ଅନୁଷ୍ଠିତ ଗୁଜରାଟ ବିଧାନସଭା ନିର୍ବାଚନରେ ଭାଜପାକୁ ମିଳିଥିବା ଅଭୂତପୂର୍ବ ସଫଳତା ପାଇଁ ସମାନ ଦେୱାନୀ ସଂହିତା ପ୍ରସଙ୍ଗର ପ୍ରୟୋଗକୁ ଏକ ବଡ଼ କାରଣ ବୋଲି ବିବେଚନା କରାଯାଉଛି। ନିକଟରେ ରାଜ୍ୟ ସଭାରେ ଭାଜପାର ଜଣେ ସଦସ୍ୟ ଏହି ବିଲ୍ ଆଗତ କରିଥିବାବେଳେ ସରକାର ନୂଆ ବର୍ଷରେ ବିଧେୟକକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିପାରନ୍ତି। ଉଭୟ ଗୃହରେ ସରକାରଙ୍କ ସପକ୍ଷରେ ସଂଖ୍ୟାବଳ ଥିବାରୁ ବିନା ବିତର୍କରେ ଏହାକୁ ଅଧ୍ୟାଦେଶ ଜରିଆରେ ମଧ୍ୟ ଆଣିପାରନ୍ତି ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ☞ପୃଷ୍ଠା-୪




### ୟୁନିଫର୍ମ ସିଭିଲ୍ କୋଡ୍: କିଛି ତଥ୍ୟ

- ଧର୍ମ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ବ୍ୟକ୍ତିଗତ ସୁରକ୍ଷା ଲାଗି ସମାନ ଆଇନ କାର୍ଯ୍ୟକାରୀ କରିବା ହେଉଛି ସମାନ ଦେୱାନୀ ସଂହିତା(ୟୁସିସି) ବିଲ୍‌ର ଉଦ୍ଦେଶ୍ୟ। ୧୮୩୫ରେ ବ୍ରିଟିଶ ସରକାର ୟୁସିସି ଉପରେ ରିପୋର୍ଟ ପ୍ରସ୍ତୁତ କରିଥିବାବେଳେ ତାହା ଆଗେଇପାରି ନ ଥିଲା।
- ରାଜସ୍ଥାନରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଥିବା ଦଳୀୟ ସଦସ୍ୟ କିରୋଡ଼ିଲାଲ ମିନାଙ୍କୁ ସମାନ ଦେୱାନୀ ସଂହିତା ବିଲ୍ ଆଗତ କରିବାକୁ ନିକଟରେ ଭାଜପା ଅନୁମତି ଦେଇଥିଲା।
- ୨୦୨୦ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଭାରତ ଗସ୍ତ ପୂର୍ବରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ଓ ଦିଲ୍ଲୀ ଦଙ୍ଗା ମଝିରେ ଭାଜପା ୟୁସିସି ଉପରେ ନୀରବ ରହିବାକୁ ଉଚିତ ମଣିଥିଲା।
- ୟୁସିସିକୁ ନେଇ କୌଣସି ପ୍ରକାର ଅଗ୍ରଗତି ହେଲେ ୨୦୨୩ରେ ୧୦ ରାଜ୍ୟ ବିଧାନସଭା ନିର୍ବାଚନ ଓ ୨୦୨୪ ସାଧାରଣ ନିର୍ବାଚନ ବେଳେ ଭାଜପା ପାଇଁ ଲାଭଦାୟକ ହୋଇପାରେ।
- ୟୁସିସି ଧର୍ମୀୟ, ଅଳ୍ପସଂଖ୍ୟକ ଓ ବିଶେଷକରି ମୁସଲମାନମାନଙ୍କ ବ୍ୟକ୍ତିଗତ ବ୍ୟାପାରରେ ହସ୍ତକ୍ଷେପ କରୁଥିବାରୁ ଏହି ପ୍ରସଙ୍ଗକୁ ନିର୍ବାଚନ ପର୍ଯ୍ୟନ୍ତ ବଜାୟ ରଖିବାକୁ ଭାଜପା ଉଦ୍ୟମ କରିପାରେ।
- ବିରୋଧୀ ଦଳଗୁଡ଼ିକର ମତରେ ଏହା ଭୋଟ ଧ୍ରୁବୀକରଣ ଓ ବିଭାଜନବାଦୀ କାର୍ଯ୍ୟସୂଚୀ, ଯାହାକି ସାମାଜିକ ସମ୍ପର୍କ ଓ ଏକତାକୁ ନଷ୍ଟ କରିବ।

# ଆର୍ଜେଣ୍ଟିନା-ଫ୍ରାନ୍ସ ଟାଇଟଲ ଟକ୍କର

**ଫିଫା ବିଶ୍ୱକପ୍**

**ଦୋହା, ୧୭।୧୨**

ଚଳିତ ଫିଫା ବିଶ୍ୱକପ୍‌ର ମେଗା ଫାଇନାଲ ରବିବାର ଲୁସେଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟାଇଟଲ ଲଢ଼େଇରେ ପରସ୍ପରର ସମ୍ମୁଖୀନ ହେବେ ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଓ ଗତଥରର ଚାମ୍ପିୟନ ଫ୍ରାନ୍ସ। ଫ୍ରାନ୍ସ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଥିବାବେଳେ କ୍ୟାରିୟରର ସାୟାହ୍ନରେ ପହଞ୍ଚିଥିବା ମେସି ନିଜ ସ୍ୱପ୍ନ ସାକାର କରିବା ଆଶାରେ ରହିଛନ୍ତି। ସେମିଫାଇନାଲରେ ଆର୍ଜେଣ୍ଟିନା ୩-୦ ଗୋଲରେ କ୍ରୋଏସିଆକୁ ହରାଇଥିବାବେଳେ ଫ୍ରାନ୍ସ ୨-୦ ଗୋଲରେ ମରକ୍କୋକୁ ମାତ୍ ଦେଇ ଫାଇନାଲରେ ପହଞ୍ଚିଛି। ଉଭୟ ଦଳ ୨ ଥର ଲେଖାଏ ବିଶ୍ୱକପ୍ ଜିତି ସାରିଥିବାରୁ ତୃତୀୟ ଟାଇଟଲ ଆଶାରେ ରହିଛନ୍ତି। ତେଣୁ ଲୁସେଲ ଷ୍ଟାଡିୟମରେ କଡ଼ା ଟକ୍କର ଅପେକ୍ଷାରେ ରହିଛନ୍ତି ଫୁଟବଲ ପ୍ରଶଂସକ।

**ରେକର୍ଡ: ଆର୍ଜେଣ୍ଟିନା ୬, ଫ୍ରାନ୍ସ ୩**

ଉଭୟ ଦେଶ ମଧ୍ୟରେ ଏହା ହେବ ୧୩ତମ ବିଶ୍ୱକପ ମୁକାବିଲା। ପୂର୍ବରୁ ହୋଇଥିବା ୧୨ ମ୍ୟାଚ ମଧ୍ୟରୁ ଆର୍ଜେଣ୍ଟିନା ୬ଟିରେ ବିଜୟ ହାସଲ କରି ଆଗରେ ରହିଛି। ଫ୍ରାନ୍ସ ୩ ମ୍ୟାଚ ଜିତିଥିବାବେଳେ ଅନ୍ୟ ୩ଟି ମ୍ୟାଚ ଡ୍ର ରହିଛି। ପ୍ରଥମଥର ପାଇଁ ୧୯୩୦ (ଉରୁଗୁଏ) ☞ପୃଷ୍ଠା-୪


ଲିଓନେଲ ମେସି
କିଲିଆନ ଏମ୍‌ବାପେ

# ଛାତ୍ରଙ୍କ ବେକରେ ଗଳିଗଲା ଜାଭେଲିନ୍

**ହାଇସ୍କୁଲ କ୍ରୀଡ଼ା ପ୍ରତିଯୋଗିତା ବେଳେ ଅଘଟଣ**

- ଅସ୍ତ୍ରୋପଚାର ପରେ ବାହାରିଲା
- ଜିଲା ରେଡ୍‌କ୍ରସ୍‌ରୁ ୩୦ ହଜାର ଟଙ୍କାର ସହାୟତା
- ଚିକିତ୍ସା ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର


ଆହତ ଛାତ୍ର ସଦାନନ୍ଦ ମେହେର।

**ବଲାଙ୍ଗୀର ଅଫିସ/ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଚାଲିଥିବାବେଳେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରତିଯୋଗିତାରେ ବ୍ୟବହୃତ ଏକ ଜାଭେଲିନ୍ ନବମ ଶ୍ରେଣୀରେ ପଢୁଥିବା ଛାତ୍ର ସଦାନନ୍ଦ ମେହେର(୧୪)ଙ୍କ ବେକରେ ଗଳିଯିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ସେ ହେଉଛନ୍ତି ଆଗଲପୁରର ଗୁରୁଦେବ ମେହେରଙ୍କ ପୁଅ। ସଦାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରୀ ଟିମ୍‌ର ସଫଳ ଅସ୍ତ୍ରୋପଚାର ଫଳରେ ସଦାନନ୍ଦଙ୍କ ବେକରୁ ଜାଭେଲିନ୍‌କୁ ବାହାର କରାଯାଇଛି। ଏବେ ସେ ବିପଦମୁକ୍ତ ଥିବା ଏଡିଏମ୍‌ଓ ତଥା ସର୍ଜରି କନ୍‌ସଲଟାଣ୍ଟ ଡା. ପ୍ରଭାତ କୁମାର ରଥ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାନନ୍ଦଙ୍କ ଦ୍ରୁତ ଆରୋଗ୍ୟ ☞ପୃଷ୍ଠା-୪

# କୋଇଲା ରୟାଲ୍‌ଟି, ପ୍ରଧାନମନ୍ତ୍ରୀ ଆବାସ ଅବହେଳା ପ୍ରସଙ୍ଗ ଉଠାଇଲା ଓଡ଼ିଶା

**ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକ**

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ବିଭିନ୍ନ କ୍ଷେତ୍ରରେ ଓଡ଼ିଶାକୁ କ୍ରମାଗତ ଅବହେଳା କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟକୁ ଆବଶ୍ୟକ କୋଟା ମିଳୁନାହିଁ। କୋଇଲା ରୟାଲ୍‌ଟି ପ୍ରତି ୩ ବର୍ଷରେ ଥରେ ବୃଦ୍ଧି ହେବା କଥା। ୨୦୧୨ ପରଠାରୁ ଏହା ବୃଦ୍ଧି କରାଯାଇନାହିଁ। ଏସ୍‌ସି, ଏସ୍‌ଟି ପ୍ରି-ମାଟ୍ରିକ ଏବଂ ପୋଷ୍ଟ ମାଟ୍ରିକ ଛାତ୍ରବୃତ୍ତି କେନ୍ଦ୍ର ଠିକ୍ ସମୟରେ ଦେଉନାହିଁ। ଶନିବାର କୋଲକାତାଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୫ତମ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକରେ ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ମାଓବାଦୀ ସମସ୍ୟା, ସୀମା ବିବାଦ ଆଦି ବିଷୟକୁ ସେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଆଗରେ ଥୋଇଛନ୍ତି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସହଭାଗିତାରେ କିପରି ବିକାଶମୂଳକ କାର୍ଯ୍ୟ ହେବ, ତା' ଉପରେ ଓଡ଼ିଶା ଗୁରୁତ୍ୱ ଦେଇଛି। ଲାଲ କରିଡରରେ ମାଓବାଦୀ କାର୍ଯ୍ୟକଳାପକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜାତି ବିଚାରଧାରା






# ଫାଟିଗଲା ବିଶ୍ୱର ସବୁଠୁ ବଡ଼ ଆକ୍ୱାରିୟମ୍

**ଆକ୍ୱାଡୋମ୍‌ରେ ଥିଲେ ୮୦ ପ୍ରଜାତି ମାଛ**

**ବର୍ଲିନ, ୧୭।୧୨**

ଜର୍ମାନୀ ରାଜଧାନୀ ବର୍ଲିନରେ ଥିବା ବିଶ୍ୱର ସବୁଠୁ ବଡ଼ ଆକ୍ୱାରିୟମ୍ ଫାଟି ନଷ୍ଟ ହୋଇଯାଇଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହାକୁ ଦେଖିବା ପାଇଁ ଆସନ୍ତି। ଏହି ବିଶାଳକାୟ ଆକ୍ୱାଡୋମ୍‌ରେ ଥିବା ରଙ୍ଗିନ ମାଛ ଲୋକଙ୍କୁ ଅଧିକ ଆକୃଷ୍ଟ କରିଥାନ୍ତି। ପାଖାପାଖି ୮୦ ପ୍ରକାର ପ୍ରଜାତିରୁ ଊର୍ଦ୍ଧ୍ୱ ମାଛ ରହୁଥିବା ଆକ୍ୱାଡୋମ୍ ଆକ୍ୱାରିୟମ୍ ଶୁକ୍ରବାର ସକାଳୁ ଫାଟିଯାଇଛି। ୧୦ ଲକ୍ଷ ଲିଟର ଜଳ ଥିବା ଆକ୍ୱାରିୟମ୍ ଫାଟିବା ଦ୍ୱାରା ଏହା ପାଖରେ ଥିବା ହୋଟେଲ, କେଫ୍ ଏବଂ ଚକୋଲେଟ୍ ଷ୍ଟୋର୍‌ରେ ବନ୍ୟା ଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଘଟଣାରେ ମୋଟ ୨ ଜଣ ଆହତ ହୋଇଥିବା ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ୟୁନିୟନ୍ ଇନ୍‌ଭେଷ୍ଟମେଣ୍ଟ ରିୟଲ୍ ଇଷ୍ଟେଟ୍ ପକ୍ଷରୁ ତିଆରି କରାଯାଇଥିବା ଏହି ଆକ୍ୱାରିୟମ୍ ଫାଟିବାର କାରଣ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ।

ସକାଳ ପ୍ରାୟ ୬ଟାବେଳେ ଏହି ବିଶାଳକାୟ ଆକ୍ୱାରିୟମ୍ ଫାଟିବା ଯୋଗ ଅଧିକ ସଂଖ୍ୟାରେ ଲୋକ ପ୍ରଭାବିତ ହୋଇ ନ ଥିବା ସ୍ଥାନୀୟ ମେୟର ଫ୍ରାଞ୍ଜିସ୍କା ଗିଫି ନିଜ ପ୍ରତିକ୍ରିୟାରେ ☞ପୃଷ୍ଠା-୪






ସଂକେତ ଦେଲାଣି ସମୟ । ବିଦାୟ ମାଗିଲାଣି ବର୍ଷ । ହେଲେ ସମାପ୍ତ ପୂର୍ବରୁ ୨୦୨୨ର ନିଶ୍ଚିତ ହେବ ସ୍ମୃତିଚାରଣ । ଢେଙ୍କାନାଳ-ଅନୁଗୋଳ ଜିଲାରେ ୧୨ ମାସ ମଧ୍ୟରେ ଘଟିଥିବା ବିଭିନ୍ନ ଘଟଣା, ଦୁର୍ଘଟଣା ସଂକ୍ଷିପ୍ତରେ ଫେରିବ ଫର୍ଦ୍ଦକୁ । ଐତିହ୍ୟ ପ୍ରାଣୀ ହାତୀକୁ ନେଇ ମେଲାଣି ବର୍ଷରେ ମିଳିଛି ହତାଶାର ଚିତ୍ର । ଜନ ଅସନ୍ତୋଷର କାରଣ ସାଜିଛି ୫୫ନଂ. ଜାତୀୟ ରାଜପଥ। ମୃତ୍ୟୁ ଦାନବ ସାଜି ଟ୍ରକ୍ ନେଇଛି ୧୦ ମୁଣ୍ଡ। ୩୦ ହଜାର ଟଙ୍କାର ଲାଞ୍ଚ କାରବାର ଖାକିରେ ଲଗାଇଛି କଳଙ୍କ। ସଂଖ୍ୟାଗରିଷ୍ଠ ଦଳ ପାଇନାହିଁ ପୌର ଅଧ୍ୟକ୍ଷ ପଦ। ଶକ୍ତି ସୁଗାର୍ସର ସ୍ଥାନ ନେଇଛି ଆଇପିଏଲ୍ । ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ପ୍ରମୁଖ ପୀଠସ୍ଥଳୀ ମହିମାଗାଦିର ବିବାଦୀୟ ବେଢ଼ା ଉଚ୍ଛେଦ ଅନେକଙ୍କୁ ଦୁଃଖିତ କରିଥିବାବେଳେ ମଡେଲିଂରୁ ସ୍ୱପ୍ନାଙ୍କ ଓଲିଉଡ୍ ଯାତ୍ରା ଓ ଜାତୀୟସ୍ତରୀୟ ଫୁଟ୍‌ବଲର ଆୟୋଜନ ଦେଇଛି ସାମାନ୍ୟ ସୁଖଦ ଅନୁଭୂତି।



# ଶେଷ ହେଉନି ସଂଘର୍ଷ

ଘଟଣାବହୁଳ ବିଦାୟୀ ବର୍ଷରେ ହାତୀ-ମଣିଷ ସଂଘର୍ଷକୁ ନେଇ ଦୁର୍ନାମ ମୁଣ୍ଡାଇଥିଲା ଶିଳ୍ପ ସମୃଦ୍ଧ ଜିଲା ଢେଙ୍କାନାଳ ଓ ଅନୁଗୋଳ। ହାତୀଙ୍କ ସଂଖ୍ୟା ୩୮୦ ଟପିବା ଯଦିଓ ଢେଙ୍କାନାଳ ପାଇଁ ଶୁଭସଙ୍କେତ ଥିଲା, ତଥାପି ୧୪ ହାତୀଙ୍କ ମୃତ୍ୟୁର ଅପବାଦ ପିଛା ଛାଡ଼ି ନ ଥିଲା। ସେହିପରି ହାତୀ ଆକ୍ରମଣରେ ୨୮ ଜୀବନ ଯାଇଥିଲା ଜିଲାରେ। ଅନୁଗୋଳ ଜିଲାରେ ମଧ୍ୟ ସୃଷ୍ଟି ହୋଇଥିଲା ପ୍ରାୟ ସମାନ ସ୍ଥିତି। ଆଠମଲ୍ଲିକ, ଅନୁଗୋଳ ଓ ସାତକୋଶିଆ ବନଖଣ୍ଡର ଅନେକ ସ୍ଥାନରେ ହାତୀ ସହ ମୁହାଁମୁହିଁ ହୋଇଥିଲା ମଣିଷ। ଏଥିରେ ୧୨ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାଣ ହରାଇଥିଲେ ୧୧ ଜଣ। ବାସସ୍ଥାନ ପାଇଁ ମାତ୍ର ୧୨ ମାସ ମଧ୍ୟରେ ଦୁଇ ଜିଲାରେ ୨୬ ହାତୀ ଓ ୩୯ ଲୋକଙ୍କ ଜୀବନ ଯିବା ସତ୍ତ୍ୱେ ଶେଷ ହୋଇନାହିଁ ଏହି ସଂଘର୍ଷ।

## ସଫଳତା ପଥରେ ସ୍ୱପ୍ନା



ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ମଡେଲିଂ କରି ଚର୍ଚ୍ଚିତ ଚେହେରା ପାଲଟିଥିବା ଢେଙ୍କାନାଳର ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ ସଫଳତା ପଥରେ ଅଗ୍ରସର ହେଉଛନ୍ତି। ମଡେଲିଂରେ ଭାଗ୍ୟ ପରୀକ୍ଷା କରୁଥିବା ସ୍ୱପ୍ନା ଓଡ଼ିଆ ସିନେମା 'ଲଭ୍ ଇନ୍ ଲଣ୍ଡନ'ରେ ଅଭିନେତା ଅନୁଭବ ମହାନ୍ତିଙ୍କ ସହ ସ୍କ୍ରିନ୍ ଶେୟାର କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଏଥିପୂର୍ବରୁ ସେ ଓଡ଼ିଆ ଚଳଚ୍ଚିତ୍ର 'ଟୁ ଚକୋଲେଟ୍' ମାଧ୍ୟମରେ ଓଲିଉଡ୍‌ରେ ପାଦ ଥାପିଥିଲେ।

## ଦୁର୍ଘଟଣାର ଅଲିଭା କ୍ଷତ



ଭୋର୍‌ରୁ ମହୁଲ ଫଳ (ଟୋଳ) ପେଡ଼ାଇବା ଲାଗି ବାହାରିଥିଲେ ଘଣାକୁ। ହେଲେ ମୃତ୍ୟୁ ଦାନବ ସାଜି ମାଡ଼ି ଆସିଥିବା କୋଇଲା ଟ୍ରକ୍ ଧକ୍କାରେ ଅକାଳରେ ଲିଭିଗଲା ୫ ଜଣଙ୍କ ଜୀବନ ଦୀପ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ଜାତୀୟ ରାଜପଥ ୫୩ର ପଥରଖମ୍ବ ଛକ ନିକଟରେ ଅଗଷ୍ଟ ୨୮ରେ ଘଟିଥିଲା ଏହି ହୃଦୟ ବିଦାରକ ଦୁର୍ଘଟଣା। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ବାପପୁଅଙ୍କ ସମେତ ୩ ଜଣ ଥିବାବେଳେ ଏହି ଅଘଟଣାରେ ସ୍ତବ୍ଧ ହୋଇଯାଇଥିଲା ବାଙ୍ଗୁରା ଗ୍ରାମ। ସେହିପରି ଅନୁଗୋଳ ଜିଲା ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥର ପାଲଲହଡା ବ୍ଲକ ଖମାର ଥାନା କଣ୍ଟିଆପଶି ଛକ ନିକଟରେ ଫେବୃୟାରୀ ୨୮ ବିଳମ୍ବିତ ରାତିରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ କାର୍ ପିଟି ହେବାରୁ ୫ ଯୁବକଙ୍କ ଜୀବନ ଯାଇଥିଲା। ମୃତ ଦିଲୀପ କୁମାର ସାହୁ, ବାପୁନ କୁମାର ସାହୁ, ରାନୁ ପ୍ରଧାନ, ଗୌର ଚନ୍ଦ୍ର ସାହୁ ଓ ପିନୁ ସାହୁ ଇଞ୍ଜିଡ଼ ଗ୍ରାମର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ସମ୍ପର୍କୀୟ ଭାଇ ରହିଥିଲେ। ଏହି ଘଟଣା ପାଲଲହଡ଼ା ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲା।

## ସଂଖ୍ୟାଗରିଷ୍ଠ ଦଳକୁ ଅଧ୍ୟକ୍ଷ ଝଟ୍‌କା





ମାର୍ଚ୍ଚରେ ହୋଇଥିବା ୨୦୨୨ ପୌର ନିର୍ବାଚନରେ ଅନୁଗୋଳ ଓ ଢେଙ୍କାନାଳ ପୌର ପରିଷଦରେ ସଂଖ୍ୟାଗରିଷ୍ଠ ଦଳକୁ ମିଳି ନ ଥିଲା ଅଧ୍ୟକ୍ଷ ପଦ। ଅନୁଗୋଳର ମୋଟ୍ ୨୩ ୱାର୍ଡ ମଧ୍ୟରୁ ବିଜେଡି ୧୦ ଓ ଭାଜପା ୧୩ଟିରେ ବିଜୟୀ ହୋଇଥିଲା। ହେଲେ କମ୍ ସଂଖ୍ୟକ ୱାର୍ଡ ହାତେଇଥିବା ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ଅକ୍ଷୟ କୁମାର ସାମନ୍ତଙ୍କ ସପକ୍ଷରେ ଥିଲେ ଭୋଟର। ଫଳରେ ଅଧିକ ୱାର୍ଡରେ ବିଜୟୀ ହୋଇଥିବା ସତ୍ତ୍ୱେ ଅଧ୍ୟକ୍ଷ ପଦ ପାଇ ନ ପାରି ଭାଜପାକୁ ନିରାଶ ହେବାକୁ ପଡ଼ିଥିଲା। ସେହିପରି ଢେଙ୍କାନାଳ ପୌର ପରିଷଦରେ ମଧ୍ୟ ସଂଖ୍ୟାଗରିଷ୍ଠ ଦଳକୁ ଅଧ୍ୟକ୍ଷ ପଦବୀ ମିଳିପାରି ନ ଥିଲା। ଏଠାରେ ଥିବା ମୋଟ ୨୩ ୱାର୍ଡ ମଧ୍ୟରୁ ବିଜେଡି ୧୪ ଓ ଭାଜପା ୯ ୱାର୍ଡରେ ବିଜୟୀ ହୋଇଥିଲା। ହେଲେ ଅଧିକ ୱାର୍ଡରେ ବିଜୟ ସତ୍ତ୍ୱେ ବିଜେଡି ଅଧ୍ୟକ୍ଷ ପଦ ହାତେଇବାରୁ ବଞ୍ଚିତ ରହିଯାଇଥିଲା। ଏଠାରେ ଭାଜପାର ଜୟନ୍ତୀ ପାତ୍ର ବାଜିମାରି ନେଇଥିଲେ।

## ଶକ୍ତି ସୁଗାର୍ସ ଏବେ ଆଇପିଏଲ୍




ଢେଙ୍କାନାଳ ଜିଲାର ଆଖୁଚାଷୀଙ୍କ ନିର୍ଭରଯୋଗ୍ୟ ଚିନିଶିଳ୍ପ ପ୍ରତିଷ୍ଠାନ ଶକ୍ତି ସୁଗାର୍ସ ନଭେମ୍ବର ୧୧ରେ ବିକ୍ରି ହୋଇଗଲା। ଏହାର ସ୍ଥାନ ନେଲା ଇଣ୍ଡିଆନ ପୋଟାସ୍ ଲିମିଟେଡ୍ (ଆଇପିଏଲ୍)। ନୂଆ କମ୍ପାନୀର ଢେଙ୍କାନାଳ ସୁଗାରକେନ୍ ୟୁନିଟ୍‌ରୁ ଆଖୁପେଡ଼ା ଆରମ୍ଭ ହୋଇଥିବାବେଳେ ଅଧିକୃତ କାରଖାନା ସମ୍ପ୍ରସାରଣରେ ୨୫୦ କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି ନୂଆ କମ୍ପାନୀର କର୍ତ୍ତୃପକ୍ଷ।

## ଖାକିରେ ଲାଞ୍ଚ କଳଙ୍କ



ଜଣେ କୋଇଲା ବ୍ୟବସାୟୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଢେଙ୍କାନାଳ ସଦର ଥାନାଧିକାରୀ ଅଭିନବ ଡାଲୁଆ। ଅଗଷ୍ଟ ୩୦ରେ ଘଟିଥିବା ଏହି ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ସବୁଠାରୁ ଉଲ୍ଲେଖନୀୟ ଥିଲା ଘଟଣାର ଦୁଇଦିନ ପୂର୍ବରୁ ସେ ଇନ୍ସପେକ୍ଟରରୁ ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇବା। ଭିଜିଲାନ୍ସ ରିମାଣ୍ଡରେ ନେଇ ଖୋଳତାଡ଼ କରିବା ପରେ ତାଙ୍କଠାରୁ ଠାବ କରାଯାଇଥିଲା ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି।

## ରାଜପଥ ଯନ୍ତ୍ରଣା



କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ ଶେଷ ହେଉନାହିଁ। ଢେଙ୍କାନାଳ ଓ ଅନୁଗୋଳ ଜିଲାର ଲାଇଫ୍‌ଲାଇନ କୁହାଯାଉଥିବା ଏହି ରାଜପଥ କାର୍ଯ୍ୟ ଅତ୍ୟନ୍ତ କଚ୍ଛପ ଗତିରେ ଚାଲୁଥିବା ଯୋଗୁ ଏହା ଯାତ୍ରୀଙ୍କ ପାଇଁ ଯନ୍ତ୍ରଣାଦାୟକ ହେଉଛି। ଠିକା ସଂସ୍ଥା ବଦଳୁଥିଲେ ମଧ୍ୟ ନିର୍ମାଣର ଗତି ଦ୍ରୁତ ହେଉନାହିଁ। ଏ ନେଇ ଉଭୟ ଜିଲାର ଜନସାଧାରଣଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ବସ୍ ମାଲିକ ସଂଘ, ଓକିଲ ସଂଘ, ସର୍ବୋପରି ରାଜନେତାମାନଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ବାରମ୍ବାର ଆନ୍ଦୋଳନ, ବନ୍ଦ ପାଳନ ସତ୍ତ୍ୱେ ସେପରି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ। ଏଣେ ଦୈନିକ ଦୁର୍ଘଟଣା ଘଟି ଧନ ସହ ଜୀବନ ହାନି ବଢ଼ିବାରେ ଲାଗିଛି। ଦିନକୁ ଦିନ ସ୍ଥିତି ବିଗୁଡୁଥିବା ଦେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଅସହାୟତା ପ୍ରକାଶ କରିସାରିଛନ୍ତି।

## ଉପାସନା ସ୍ଥଳୀ ଉଚ୍ଛେଦ




ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପ୍ରମୁଖ ପୀଠସ୍ଥଳୀ ଢେଙ୍କାନାଳ ମହିମାଗାଦିର ବିବାଦୀୟ ତୃତୀୟ ବେଢ଼ାରେ ନଭେମ୍ବର ୨୨ରେ ବୁଲିଥିଲା ଜେସିବି। ମାତ୍ର ୨ ଘଣ୍ଟା ଭିତରେ କୌପୀନଧାରୀ ମହିମା ଧର୍ମାବଲମ୍ବୀଙ୍କ ମୁଖ୍ୟ ଉପାସନା ସ୍ଥଳୀରେ ଥିବା ୩ ମନ୍ଦିର, ଆଶ୍ରୟସ୍ଥଳୀ ମିଶିଯାଇଥିଲା ମାଟିରେ। ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ସମୟରୁ ନିର୍ମିତ ଉକ୍ତ ମନ୍ଦିରସମୂହକୁ ନେଇ ୧୯୪୦ର ବଳ୍କଳଧାରୀ ଏବଂ କୌପୀନଧାରୀ ସାଧୁଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏପରି କି ମାମଲା ହାଇକୋର୍ଟ ଯାଏ ପହଞ୍ଚିଥିଲା। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ପ୍ରଶାସନ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ବେଢ଼ା ପ୍ରାଙ୍ଗଣରୁ ଉପାସନା ସ୍ଥଳୀକୁ ଉଚ୍ଛେଦ କରାଯାଇଥିଲା।

## ଫୁଟ୍‌ବଲ ଫାଇଟ୍



ସର୍ବଭାରତୀୟ ଫୁଟ୍‌ବଲ ସଂଘ ସହଯୋଗରେ ତଥା 'ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ' ପକ୍ଷରୁ ପ୍ରଥମ ଥର ପାଇଁ ଢେଙ୍କାନାଳ, ଅନୁଗୋଳ ଓ ତାଳଚେରରେ ଆୟୋଜିତ ହୋଇଥିଲା ବାଜି ରାଉତ କପ୍ ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ। ନଭେମ୍ବର ୩ରେ ଢେଙ୍କାନାଳ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଥିବା ଏହି ପ୍ରତିଯୋଗିତାର ସେମିଫାଇନାଲ ମ୍ୟାଚ ଅନୁଗୋଳରେ ଓ ୮ ତାରିଖରେ ଫାଇନାଲ ମ୍ୟାଚ ତାଳଚେର ଷ୍ଟାଡିୟମ୍‌ରେ ଖେଳାଯାଇଥିଲା। ଦେଶର ବଛା ବଛା ୮ଟି ଟିମ୍ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ରାଜସ୍ଥାନ ୟୁନାଇଟେଡ୍ ଏଫ୍‌ସି ୪-୨ ଗୋଲରେ ଚର୍ଚ୍ଚିଲ ବ୍ରଦର୍ସ ଏଫ୍‌ସି ଗୋଆକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଢେଙ୍କାନାଳ ଓ ଅନୁଗୋଳ ଜିଲାର ଫୁଟ୍‌ବଲପ୍ରେମୀ, ଖେଳାଳିଙ୍କ ମଧ୍ୟରେ ଚମକ ଭରିଦେଇଥିଲା।

**ଆଜିର ମନ୍ତବ୍ୟ**

"ଗଲୱାନ ଉପତ୍ୟକା ଓ ତୱାଙ୍ଗ ସେକ୍ଟରରେ ଭାରତୀୟ ଯବାନମାନଙ୍କ ପରାକ୍ରମକୁ ଯେତେ ପ୍ରଶଂସା କଲେ ବି ପର୍ଯ୍ୟାପ୍ତ ହେବ ନାହିଁ। ଦେଶର ସେନା ସାମରିକ ଦୃଷ୍ଟିରୁ ସବୁବେଳେ ପ୍ରସ୍ତୁତ। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ବୋହୂଙ୍କର ଠକାର କଳି;**
**ରାତିରେ ଖାଆନ୍ତି ସରୁ ଚକୁଳି।**

ଲୋକ ଜାଣିବାକୁ ଶାଶୁ ବୋହୂଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ଉତ୍ତମ ବୁଝାମଣା। ପରୋକ୍ଷରେ ଧୂର୍ତ୍ତ ପ୍ରକୃତି ବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକ ସହଜରେ ଠଉରେଇ ନ ପାରି ଧୋକା ଖାଇ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଶିବ ସେବିଥିଲି କେତେ;**
**ପିଲାଦିନ ଭାବ ପାସୋରି ଦେଲୁ,**
**ପର କରିଦେଲୁ ମତେ।**

ପ୍ରେମରେ ପ୍ରତାରଣା ଖୁବ୍ ବାଧେ, ମନକୁ କ୍ଷତାକ୍ତ କରିଦିଏ। ଯାହାକି ସହ୍ୟ କରିବା ପ୍ରେମୀ ପକ୍ଷେ କଷ୍ଟକର ହୋଇପଡ଼ିଥାଏ। ଏପରିସ୍ଥଳେ ପିଲାଦିନରୁ ଗଢ଼ି ଉଠିଥିବା ସ୍ନେହ ଆଦରକୁ ଭୁଲି ସମ୍ପର୍କ ତୁଟାଇ ଚାଲିଯାଉଥିବା ସାଥୀ ପ୍ରତି ମନରେ କ୍ଷୋଭ ଭାବ ଜାତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅନ୍ନପୂର୍ଣ୍ଣା ଆଗ୍ରୋ ଏମ୍‌ଡିଙ୍କ ସମେତ ୩ ଗିରଫ

### କୃଷି ଯନ୍ତ୍ରାଂଶ ସବ୍‌ସିଡି ନାଁରେ ୧୨ କୋଟି ହଡ଼ପ

ଭୁବନେଶ୍ୱର,୧୭।୧୨ (ବ୍ୟୁରୋ)

ଚାଷୀଙ୍କୁ କୃଷି ଯନ୍ତ୍ରାଂଶ ଯୋଗାଇଦେବାକୁ କହି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ସ୍କିମ୍‌ରେ ୧୨ କୋଟି ଟଙ୍କାର ସରକାରୀ ସବ୍‌ସିଡି ଟଙ୍କା ହଡ଼ପ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତିନି ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଅନ୍ନପୂର୍ଣ୍ଣା ଆଗ୍ରୋ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ପ୍ରଦୀପ କୁମାର ଆଚାର୍ଯ୍ୟ, ଡିଲର ପ୍ରଭା ରଞ୍ଜନ ଦାସ ଓ ସେକ୍ ଫୟାଜ। ଏନେଇ ଇଓଡବ୍ଲ୍ୟୁ ମାମଲା (ନଂ.୨୦/୨୦୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୁକ୍ତ ପ୍ରଦୀପ ହେଉଛନ୍ତି ଅନ୍ନପୂର୍ଣ୍ଣା ଆଗ୍ରୋ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)। ଏହି ସଂସ୍ଥା ଚାଷୀଙ୍କୁ କୃଷିଜାତ ଯନ୍ତ୍ରାଂଶ ଯୋଗାଇଦେବା ପାଇଁ ସରକାରଙ୍କ ଡାଇରେକ୍ଟ ବେନିଫିଟ୍ ସ୍କିମ୍‌ରେ ପଞ୍ଜୀକୃତ ହୋଇଥିଲା। ଏହାସହ ସଂସ୍ଥା ନିଜେ ଚାଷୀଙ୍କୁ ସରଞ୍ଜାମ ତଥା ଅମଳ ମେଶିନ, ପାୱାର, ରୋଟାଭେଟର ବିକ୍ରି କରେ। ଏଥିପାଇଁ ରାଜ୍ୟରେ ୧୧୫ ଜଣ ଡିଲରଙ୍କୁ ସଂସ୍ଥା ନିଯୁକ୍ତି କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସଂସ୍ଥାର ଏମ୍‌ଡି ପ୍ରଦୀପ ଡିଲରଙ୍କ ଜରିଆରେ ଷଡ଼ଯନ୍ତ୍ର କରି ଚାଷୀଙ୍କଠାରୁ ନକଲି ଡକ୍ୟୁମେଣ୍ଟ ଓ ଇମେଲ୍ ଆଇଡି ଆଦି ସଂଗ୍ରହ କରୁଥିଲେ। ଗିରଫ ହୋଇଥିବା ଦୁଇ ଡିଲରଙ୍କ ସହ ଏମ୍‌ଡି ପ୍ରଦୀପ ଷଡ଼ଯନ୍ତ୍ର କରି ୨୦୧୬-୧୭, ୨୦୧୯-୨୦ରେ ୩୮୧ ହିତାଧିକାରୀଙ୍କ ତଥ୍ୟ ସହ ଉପକରଣର ଫଟୋ, ବିକ୍ରୟ ସମ୍ବନ୍ଧିତ ନକଲି ଇନ୍‌ଭଏସ୍, ତଥ୍ୟ ବା ସୂଚନା ଆଦି ୟୁଟିଆର୍ ନଂ ଦେଇ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ସ୍କିମ୍‌ରେ ଅପ୍‌ଲୋଡ କରିଥିଲେ। ଏହାପରେ ହିତାଧିକାରୀଙ୍କ ସବ୍‌ସିଡି ଟଙ୍କାକୁ ହଡ଼ପ କରିବାରେ ସଫଳ ହୋଇଥିଲେ। ଏନେଇ ଏକାଧିକ ଠକେଇ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ତଦନ୍ତ କରି ୩ଜଣଙ୍କୁ ଗିରଫ କରିଥିଲା। ଜେରା ସମୟରେ ଅଭିଯୁକ୍ତମାନେ ଉପକରଣ ଯୋଗାଣରେ ବ୍ୟାପକ ଜାଲିଆତି କରିଥିବା ସ୍ୱୀକାର କରିଛନ୍ତି। ସେହିପରି ସବ୍‌ସିଡି ରାଶି ହିତାଧିକାରୀ ବା କୃଷକଙ୍କ ଆକାଉଣ୍ଟରେ ଜମା ହେବା ପୂର୍ବରୁ ଅଭିଯୁକ୍ତମାନେ ଚଞ୍ଚକତା କରି ସେମାନଙ୍କଠାରୁ ଅଗ୍ରିମ ଚେକ୍ ସଂଗ୍ରହ କରି ଉକ୍ତ ରାଶିକୁ ଉଠାଇ ନେଉଥିଲେ। ଏହାପରେ କୃଷକଙ୍କୁ ଅଳ୍ପ ପରିମାଣର ଅର୍ଥ ଦେଇ ସେମାନେ ଏହି ଭ୍ରାନ୍ତ ଉପାୟ ଦ୍ୱାରା ସେମାନଙ୍କଠାରୁ ପ୍ରମୁଖ ସବ୍‌ସିଡ ରାଶି ଛଡ଼ାଇ ନେଉଥିଲେ। ଅନିୟମିତତା ଜଣାପଡିବା ପରେ କୃଷି ବିଭାଗ ଉତ୍ପାଦନ ଅଭିଯୁକ୍ତ କମ୍ପାନୀ ଅନ୍ନପୂର୍ଣ୍ଣା ଅଗ୍ରୋ ଇଣ୍ଟରନ୍ୟାଶନାଲ ପ୍ରାଇଭେଟର ଡିବିଟି ପୋର୍ଟାଲକୁ ବନ୍ଦ କରିଦିଆଯାଇଛି।

# ପ୍ଲାନିଂ ଆସିଷ୍ଟାଣ୍ଟ ପଦ ପାଇଁ ଆବେଦନ କରିପାରିବେ ବି.ପ୍ଲାନ୍ ଗ୍ରାଜୁଏଟ

କେନ୍ଦୁଝର,୧୭।୧୨(ସ୍ୱ.ପ୍ର.)

ପ୍ଲାନିଂ ଆସିଷ୍ଟାଣ୍ଟ ପଦ ପାଇଁ ଡିପ୍ଲୋମା ଇନ ଆର୍କିଟେଚରଙ୍କ ସହିତ ବ୍ୟାଚଲର ଇନ୍ ପ୍ଲାନିଂ (ବି.ପ୍ଲାନ୍) ଗ୍ରାଜୁଏଟମାନେ ମଧ୍ୟ ଆବେଦନ କରିପାରିବେ। କିନ୍ତୁ ଅନ୍‌ଲାଇନରେ ବି.ପ୍ଲାନ ଗ୍ରାଜୁଏଟମାନଙ୍କ ଆବେଦନପତ୍ର ଗ୍ରହଣ ହେଉ ନ ଥିବାରୁ ସେମାନେ ହାର୍ଡକପି ବା ପ୍ରିଣ୍ଟ କପି ଜରିଆରେ ଆବେଦନ କରିପାରିବେ। ଏହି ଆବେଦନପତ୍ରକୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓସ୍‌ଏସ୍‌ସି) ଗ୍ରହଣ କରିବେ । ବି.ପ୍ଲାନ ଗ୍ରାଜୁଏଟ ସାର୍ଥକ ମହାପାତ୍ର ଓ ଅନ୍ୟମାନଙ୍କ ତରଫରୁ ଆଗତ ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏହି ଆଦେଶ ଥିବା ଆବେଦନକାରୀଙ୍କ ପକ୍ଷରୁ ଲଢୁଥିବା ଆଇନଜୀବୀ ପି.ବିଜୟଲକ୍ଷ୍ମୀ ଦାସ କହିଛନ୍ତି । ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଥିଲେ, ପ୍ଲାନିଂ ଆସିଷ୍ଟାଣ୍ଟ ପଦବୀ ପୂରଣ ପାଇଁ ଓସ୍‌ଏସ୍‌ସି ପକ୍ଷରୁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା। ଯେଉଁମାନେ ଡିପ୍ଲୋମା ଇନ୍ ଆର୍କିଟେକଚର ସେମାନେ ଏଥିପାଇଁ ଆବେଦନ କରିପାରିବେ ବୋଲି ସ୍ପଷ୍ଟ କରାଯାଇଥିଲା। ସେହି ହିସାବରେ ୱେବ୍ ପୋର୍ଟାଲରେ ମଧ୍ୟ ପ୍ରସ୍ତୁତ ହୋଇଥିଲା। ଅର୍ଥାତ ଡିପ୍ଲୋମା ଆର୍କିଟେଚରଙ୍କ ବ୍ୟତୀତ ଅନ୍ୟ କେହି ଆବେଦନ କରିପାରିବେ ନାହିଁ। ଫଳରେ ବି.ପ୍ଲାନ ଗ୍ରାଜୁଏଟ, ଡିପ୍ଲୋମା ଆର୍କିଟେଚରମାନଙ୍କଠାରୁ ଅଧିକ ଯୋଗ୍ୟତାଧାରୀ ହୋଇଥିଲେ ମଧ୍ୟ ଆବେଦନ କରିପାରି ନ ଥିଲେ। ବି.ପ୍ଲାନ୍ ଗ୍ରାଜୁଏଟମାନଙ୍କ କୋର୍ସରେ ପ୍ଲାନିଂ ଆସିଷ୍ଟାଣ୍ଟ ପଦବୀ ପାଇଁ ଆବଶ୍ୟକ ହେଉଥିବା ବିଷୟ (ଜିଆଇଏସ୍ ଏବଂ ସିଏଡିଡି) ରହିଛି। ଏ ନେଇ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଆଦେଶ ପରେ ଅନ୍‌ଲାଇନ ଆବେଦନର ଶେଷ ତାରିଖ ୧୫ ଡିସେମ୍ବର ୨୦୨୨ ରହିଥିବା ବେଳେ ୧୮ ଡିସେମ୍ବର ୨୦୨୨କୁ ଘୁଞ୍ଚାଯାଇଥିବା ଆଇନଜୀବୀ କହିଛନ୍ତି।

# ସମ୍ବଲପୁରରେ କ୍ରାଇମବ୍ରାଞ୍ଚ, ବଢ଼ିଲା ଓକିଲଙ୍କ ଅଡୁଆ

### ପୂର୍ବତନ ଜିଲାପାଳଙ୍କ ମାମଲାରେ ୨ ଓକିଲଙ୍କୁ ରିମାଣ୍ଡ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ସମୟରେ ଡିସେମ୍ବର ୧୨ରେ ସମ୍ବଲପୁର କୋର୍ଟରେ ଭଙ୍ଗାରୁଜା ଘଟଣାରେ ଏପର୍ଯ୍ୟନ୍ତ ୨୩ଜଣ ଓକିଲ ଗିରଫ ହୋଇ ଜେଲ ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଛି। ଏବେ ଗିରଫ ୨ ଜଣ ଓକିଲଙ୍କ ପାଇଁ ଅଡୁଆ ବଢିଯାଇଛି। କ୍ରାଇମବ୍ରାଞ୍ଚର ଜଣିକିଆ ଟିମ୍ ଶନିବାର ସମ୍ବଲପୁରରେ ପହଞ୍ଚି ପୂର୍ବତନ ଜିଲାପାଳ ଓ ସବ୍‌ରେଜିଷ୍ଟ୍ରାରଙ୍କୁ ଦୁର୍ବ୍ୟବହାର, ମାରପିଟ ଭଳି ପୁରୁଣା ମାମଲାର ତଦନ୍ତ କରିଛନ୍ତି। ମାମଲାରେ ସମ୍ପୃକ୍ତି ଥିବା ଦର୍ଶାଇ କ୍ରାଇମବ୍ରାଞ୍ଚ ଅଧିକାରୀ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର ଓ ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପ୍ରଦୀପ ବହିଦାରଙ୍କୁ ବିଚାର ବିଭାଗୀୟ ରିମାଣ୍ଡ ଦେଇଛନ୍ତି। ଫଳରେ ଏବକାର ବିଚାରପତିଙ୍କୁ ବାହାର କରିଦେବା ଓ କୋର୍ଟ ପରିସରରେ ଭଙ୍ଗାରୁଜା ମାମଲାରେ ପୁରୁଣା ମାମଲା ଯୋଡି ହୋଇଛି।

କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ର ପ୍ରଥମେ ଜେଲ ଯାଇ ଅଭିଯୁକ୍ତ ଓକିଲମାନଙ୍କୁ ଚିହ୍ନଟ କରିବା ପରେ କୋର୍ଟକୁ ଆସି ରିମାଣ୍ଡ ଦେଇଥିଲେ। ଡିଏସ୍‌ପି ମିଶ୍ର କହିଥିଲେ, ୨୦୧୨ରେ ତତ୍‌କାଳୀନ ଜିଲାପାଳ ଡା. ମୃଣାଳିନୀ ଦର୍ସୱାଲ ଓ ଜଣେ ରେଜିଷ୍ଟ୍ରାରଙ୍କୁ ଓକିଲମାନେ ମାରପିଟ ଓ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିଲା। କୋର୍ଟରେ ଭଙ୍ଗାରୁଜା ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ପୂର୍ବ ମାମଲାରେ କାହାର ସମ୍ପୃକ୍ତି ରହିଛି ଚିହ୍ନଟ କରାଯାଇଥିଲା। ପରେ ୨ ଜଣ ଗିରଫ ଓକିଲଙ୍କ ସମ୍ପୃକ୍ତି ଥିବା ଜଣାପଡିଥିଲା। ସେମାନଙ୍କୁ ଅଭିଯୁକ୍ତ ଦର୍ଶାଇ ଚାର୍ଜଶିଟ ଦାଖଲ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୨୦୧୨ ଏପ୍ରିଲ ୨୩ରେ ଜିଲା ଓକିଲ ସଂଘର କେତେଜଣ କର୍ମକର୍ତ୍ତା ତତ୍‌କାଳୀନ ସବ୍‌ରେଜିଷ୍ଟ୍ରାରଙ୍କ ଅଫିସକୁ ଯାଇ ଭଙ୍ଗାରୁଜା ଓ ମାରପିଟ କରିଥିଲେ। ଏହା ଜାଣିବା ପରେ ତତ୍କାଳୀନ ଜିଲାପାଳ ମୃଣାଳିନୀ ଦର୍ସୱାଲ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେ ସମୟରେ ଓକିଲ ସଂଘ କର୍ମକର୍ତ୍ତା ଏକ ବସ୍‌ରେ କୁଆଡେ ଯାଉଥିବା ଦେଖି ଜିଲାପାଳ ଦର୍ସୱାଲ ବସ୍ ଭିତରକୁ ପଶିଯାଇଥିଲେ। ତାଙ୍କ ପଛରେ ଅନ୍ୟ କେତେଜଣ କର୍ମକର୍ତ୍ତା ବସ୍ ଭିତରକୁ ପଶି ଗଣ୍ଡଗୋଳ କରିଥିଲେ। ଏହାକୁ ନେଇ ଜିଲାପାଳଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ କେସ୍ ନଂ.୬୪/୨୦୧୨ ଓ ସବ୍‌ରେଜିଷ୍ଟ୍ରାରଙ୍କ ଅଭିଯୋଗ କ୍ରମେ କେସ୍ ନଂ.୬୫/୨୦୧୨ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ରାଜ୍ୟ ଆଇଏଏସ୍ ସଂଘ ଓ ଓକିଲ ସଂଘ ଭିତରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାର ଆପୋସ ବୁଝାମଣା ପାଇଁ ଚେଷ୍ଟା କରାଯାଇଥିଲା। ଏହି ମାମଲା ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା। ମାମଲାରେ ୧୮ଜଣ ସମ୍ପୃକ୍ତି ଥିବା ଜଣାପଡିବା ପରେ ସେମାନଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ହେଲେ ସେମାନେ ଆଜିପର୍ଯ୍ୟନ୍ତ ଗିରଫ ହୋଇ ନ ଥିଲେ କିମ୍ବା ଅଗୁଆ ଜାମିନ ମଧ୍ୟ ନେଇ ନ ଥିଲେ। କୋର୍ଟ ଭଙ୍ଗାରୁଜା ଘଟଣାରେ ଗିରଫ ହେବା ପରେ ପୁରୁଣା ମାମଲା କ୍ରିୟାଶୀଳ ହୋଇଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ୨୦୧୨ରେ କ୍ରାଇମବ୍ରାଞ୍ଚ ୨ ଗିରଫ ଓକିଲଙ୍କ ନାମରେ ରିମାଣ୍ଡ ଦେଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। କୃତ୍ତିକା ନକ୍ଷତ୍ର ଉପସ୍ଥିତ ବୁଦ୍ଧି ଖଟାଇ ବିବାଦୀୟ ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସାମାଜିକ ସ୍ତରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ** କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଚାପରେ ପଡ଼ି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ମୃଗଶିରା ନକ୍ଷତ୍ରର କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ନିକଟ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅନ୍ୟମାନଙ୍କ କାନକୁହା କଥା ଶୁଣି ଉପର ଅଧିକାରୀ ଆପଣଙ୍କ ଉପରେ ଖପ୍ପା ହୋଇ ପାରନ୍ତି। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ସିଂହ** ଆପଣଙ୍କ ଯୁକ୍ତିଯୁକ୍ତ କଥାକୁ ବନ୍ଧୁମାନେ ପସନ୍ଦ କରିବା ସହ ସହମତି ପ୍ରକାଶ କରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇ ଯାଇ ପାରନ୍ତି। ଦୀର୍ଘ ଦିନରୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହୋଇପାରେ।

**କନ୍ୟା** ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ଚିତ୍ରା ନକ୍ଷତ୍ର ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା** ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ କାବ୍ୟ, ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିବ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ସ୍ୱାତି ନକ୍ଷତ୍ର ବାଣିଜ୍ୟ, ନିର୍ମାଣାଦି କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ।

**ବିଛା** ମନକଥା ମନ ଭିତରେ ରଖି କୌଶଳ ମାଧମରେ କାମଗୁଡ଼ିକୁ ହାସଲ କରିପାରିବେ। ସଭାସମିତି କିମ୍ବା ପ୍ରଶାସନିକ ସ୍ତରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ବିଶାଖା ନକ୍ଷତ୍ର ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**ଧନୁ** ସାମାନ୍ୟ ବଚସାରୁ ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବା ସାଙ୍ଗକୁ ମାନସିକ ଅସୁସ୍ଥତା ଅନୁଭବ କରିବେ। ପୂର୍ବଷାଢ଼ା ନକ୍ଷତ୍ରର ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର** ସକାଳୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ବିନୟପୂର୍ଣ୍ଣ କଥା କହିପାରନ୍ତି। ଆଜି ଶ୍ରବଣା ନକ୍ଷତ୍ର ଅଧ୍ୟୟନରେ, ଗବେଷଣା ତଥା ତର୍କବିତର୍କରେ ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର କରିବା ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ** ଅଫିସିଆଲି ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ପରିବାରରେ ଭାବୁଥିବା କଥାଟି ବନ୍ଧୁଙ୍କ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ, କିନ୍ତୁ କିଛି କହିପାରିବେ ନାହିଁ। ଶତଭିଷା ନକ୍ଷତ୍ର ସକାଶେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ପୂର୍ବଭାଦ୍ର ନକ୍ଷତ୍ରର ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆତ୍ମନିର୍ଭରଶୀଳ ହୋଇ ମନକୁ ବୁଝାଇ ଆଗାମୀ ଭବିଷ୍ୟତର ପରିକଳ୍ପନା କରିବେ।

ଆଜି ଡିସେମ୍ବର ୧୮ ତାରିଖ, ପୌଷ କୃଷ୍ଣ ଦଶମୀ ରବିବାର, ରାଶି ନକ୍ଷତ୍ର ଦିବା ଘ.୧୦।୧୬ ଗତେ ଚିତ୍ରା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୦୨ ଗତେ ଘ.୦୯।୧୧ ମଧ୍ୟେ, ଘ.୦୧।୦୪ ଗତେ ଘ.୦୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୭ ଗତେ ଘ.୦୫।୦୭ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ରର ୟୁସିସି ...

ନିର୍ବାଚନ ସମୟରେ ଉନ୍ମାଦ ସୃଷ୍ଟିକାରୀ କୌଣସି ପ୍ରସଙ୍ଗ ସରଗରମ ହେଲେ ସାଧାରଣ ଜନତାଙ୍କ ହିତ ସହ ଜଡ଼ିତ ଅନ୍ୟ ମୌଳିକ ସମସ୍ୟାଗୁଡ଼ିକ ଗୌଣ ହୋଇଯାଇଥାଏ, ଯାହାକି ଗୁଜରାଟ ନିର୍ବାଚନର ପ୍ରୟୋଗରୁ ସ୍ପଷ୍ଟ ହୋଇଛି। ଭାଜପା ୧୮୨ରୁ ୧୫୬ ଆସନ ଦଖଲ କରିବା ପରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଦ୍ୱିତୀୟ ଥର ଶପଥ ନେବା ପୂର୍ବରୁ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଥିଲେ, ଦଳୀୟ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ୟୁନିଫର୍ମ ସିଭିଲ୍ କୋଡ୍‌କୁ ଆମେ କାର୍ଯ୍ୟକାରୀ କରିବୁ। ଏଥିସକାଶେ ଏକ କମିଟି ଗଠନ କରାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇବା ଓ ରାମମନ୍ଦିର ନିର୍ମାଣ ନେଇ ଆମେ ପୂର୍ବ ପ୍ରତିଶ୍ରୁତି ପାଳନ କରିସାରିଛୁ। ଏବେ ୟୁସିସି ଉପରେ ଜୋର୍ ଦିଆଯିବ। ସେହିପରି ନଭେମ୍ବର ୨୪ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଥିଲେ, କୌଣସି ଧର୍ମ ଆଧାରରେ ଦେଶର ଆଇନ ପରିଚାଳିତ ହୋଇପାରିବ ନାହିଁ। ଭାଜପା ୟୁସିସି ଆଣିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶାହା ଦୋହରାଇଥିଲେ।

ଇତିମଧ୍ୟରେ ରାଜସ୍ଥାନର ଭାଜପା ସଦସ୍ୟ କିରୋଡ଼ି ଲାଲ ମିନା ଡିସେମ୍ବର ୯ରେ ରାଜ୍ୟ ସଭାରେ ବ୍ୟକ୍ତିଗତ ଭାବେ ୟୁନିଫର୍ମ ସିଭିଲ୍ କୋଡ୍ ବିଲ୍, ୨୦୨୦ ଆଗତ କରିଥିଲେ। ସମାନ ନାଗରିକ ସଂହିତା ପ୍ରସ୍ତୁତି ନିମନ୍ତେ ସେ ଏହାକୁ ପ୍ରାଇଭେଟ ମେମ୍ବର ବିଲ୍ ଭାବେ ଆଣିଥିଲେ। ସାରା ଦେଶରେ ୟୁସିସି ଲାଗୁ କରାଇବା ସକାଶେ ଏକ ଜାତୀୟ ନିରୀକ୍ଷଣ ଓ ଅନୁଧ୍ୟାନ କମିଟି ଗଠନ କରାଯାଉ ବୋଲି ସେ ଦାବି କରିଥିଲେ। ଏହାକୁ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ସମର୍ଥନ କରିଥିଲେ। ତେବେ ବିରୋଧୀ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ତୃଣମୂଳ କଂଗ୍ରେସ ସଦସ୍ୟମାନେ ବିଲ୍‌କୁ ବିରୋଧ କରିଥିଲେ। ଏହା ଦେଶରେ ରହିଥିବା ସାମାଜିକ ସମ୍ପର୍କ ଏବଂ ବିବିଧତା ମଧ୍ୟରେ ଏକତାକୁ ନଷ୍ଟ କରିଦେବ ବୋଲି ସେମାନେ ଅଭିଯୋଗ କରିଥିଲେ। ୟୁନିଫର୍ମ ସିଭିଲ୍ କୋଡ୍ 'ନା ଜରୁରୀ ନା ବାଞ୍ଛନୀୟ' ବୋଲି ନ୍ୟାୟିକ କମିଶନ ରିପୋର୍ଟରେ କୁହାଯାଇଥିବା ସିପିଆଇଏମ୍ ସଦସ୍ୟ ଜନ୍ ବ୍ରିଟାସ୍ କହିଥିଲେ। ୟୁସିସି ଧର୍ମନିରପେକ୍ଷତା ବିରୋଧୀ ବୋଲି ଡିଏମ୍‌କେ ସଦସ୍ୟ ତିରୁଚି ଶିବା କହିଥିଲେ। ସମାଜବାଦୀ ପାର୍ଟି ଏମ୍‌ପି ଆର୍.ଜି. ବର୍ମା ମଧ୍ୟ ବିଲ୍‌କୁ ବିରୋଧ କରିଥିଲେ। ଏହା ସାମ୍ବିଧାନିକ ବ୍ୟବସ୍ଥାର ବିରୋଧୀ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ଭାଜପା ଏମ୍‌ପି ହରନାଥ ସିଂ ଯାଦବ ଦେଶରେ ସମାନ ନାଗରିକ ସଂହିତା କାର୍ଯ୍ୟକାରୀ କରିବା ଉପରେ ଶୂନ୍ୟ କାଳରେ ଆଲୋଚନା ପାଇଁ ନୋଟିସ ଦେଇଥିଲେ। ବିଲ୍ ପ୍ରତ୍ୟାହାର କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଥିଲେ। ବିଲ୍ ଆଗତକୁ ବିରୋଧ କରି ଗୃହରେ ହଟ୍ଟଗୋଳ ଲାଗି ରହିବାରୁ ଭୋଟ ଜରିଆରେ ଏହା ସ୍ଥିର କରାଯାଉ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଥିଲେ। ୬୩ ଭୋଟରେ ବିଲ୍‌କୁ ଆଗତ ଲାଗି ଅନୁମତି ମିଳିଥିଲା ବେଳେ ବିରୋଧରେ ୨୩ ଖଣ୍ଡ ଭୋଟ ପଡ଼ିଥିଲା। ପୂର୍ବରୁ ଏହି ବିଲ୍ ଆଗତ କରିବା ଲାଗି ତାଲିକାଭୁକ୍ତ ହୋଇଥିଲେ ହେଁ ରାଜ୍ୟ ସଭାରେ ଅଣାଯାଇ ପାରି ନ ଥିଲା। ଡିସେମ୍ବର ୧୫ରେ କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ ରାଜ୍ୟ ସଭାରେ ସିପିଆଇଏମ୍ ସଦସ୍ୟ ଜନ୍ ବ୍ରିଟାସ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ, ସମ୍ବିଧାନର ଅନୁଚ୍ଛେଦ ୪୪ ଅଧୀନ ଡିରେକ୍ଟିଭ୍ ପ୍ରିନ୍ସିପୁଲ୍ସ ଅଫ୍ ଷ୍ଟେଟ୍ ପଲିସି (ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ସିଦ୍ଧାନ୍ତ) ଅନୁସାରେ ରାଜ୍ୟଗୁଡ଼ିକ ନାଗରିକଙ୍କ ପାଇଁ ନିଜସ୍ୱ ଉଦ୍ୟମରେ ୟୁସିସି ଆଣିପାରିବେ। ବ୍ୟକ୍ତିଗତ ଆଇନ ଯୁଗ୍ମ ତାଲିକାରେ ଆସୁଥିବାରୁ ଉତ୍ତରାଖଣ୍ଡ, ଗୁଜରାଟ ଓ ମଧ୍ୟପ୍ରଦେଶ ଭଳି ଭାଜପା ଶାସିତ ରାଜ୍ୟଗୁଡ଼ିକ ୟୁସିସି କାର୍ଯ୍ୟକାରୀ ଦିଗରେ ପଦକ୍ଷେପ ନେଉଥିବା ଆଇନମନ୍ତ୍ରୀ ଗୃହକୁ ଅବଗତ କରାଇଥିଲେ। ଏପରି ହେଲେ ଭାଜପା ଶାସିତ ରାଜ୍ୟଗୁଡ଼ିକ ୟୁସିସି ଆଇନ ଆଣିବେ ଏବଂ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକ ଏହାକୁ ବିରୋଧ କରି ବିଧାନସଭାରେ ସଂକଳ୍ପନାମା ପାରିତ କରିବେ। ଫଳରେ ଦେଶରେ ବ୍ୟକ୍ତିଗତ ଆଇନକୁ ନେଇ ଅସଙ୍ଗତି ଦେଖାଦେଇପାରେ।

ପ୍ରକାଶ ଯେ, ଉତ୍ତରାଖଣ୍ଡ ହେଉଛି ପ୍ରଥମ ଭାଜପା ଶାସିତ ରାଜ୍ୟ, ଯେଉଁଠି ୟୁସିସି ଆଇନ ପାଇଁ ଏକ କମିଟି ଗଠନ କରାଯାଇଛି। ସୁପ୍ରିମକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରଞ୍ଜନା ଦେଶାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ସଦସ୍ୟ ବିଶିଷ୍ଟ ଉକ୍ତ କମିଟି ଏବେ ବିଭିନ୍ନ ପକ୍ଷମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଅନ୍ୟପକ୍ଷେ ୟୁସିସି ସଂଖ୍ୟାଲଘୁ ଓ ସମ୍ବିଧାନ ବିରୋଧୀ ବୋଲି ସମାଲୋଚକମାନେ କହିଥାଆନ୍ତି। ଧର୍ମୀୟ ସ୍ୱାଧୀନତା ଏକ ମୌଳିକ ଅଧିକାର ହୋଇଥିବାରୁ ଏହାକୁ ଅନେକ ସଂଖ୍ୟାଲଘୁ ସଙ୍ଗଠନ ବିରୋଧ କରିଆସୁଛନ୍ତି। ବିଶ୍ଳେଷକଙ୍କ ମତରେ ବ୍ରିଟିଶ ସରକାର ମଧ୍ୟ ନିଜ ଶାସନ କାଳରେ ଧର୍ମୀୟ ବ୍ୟାପାରରେ ମାତ୍ରାଧିକ ହସ୍ତକ୍ଷେପ କରୁ ନ ଥିଲେ। ତେଣୁ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ ଏପରି ଆଇନ ନ ଆଣିବା ପାଇଁ ସରକାରଙ୍କୁ ଅନୁରୋଧ କରିଛି। ଡିସେମ୍ବର ୧୨ରେ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି) କାର୍ଯ୍ୟକାରିଣୀରେ ୟୁସିସି ବିରୋଧୀ ସଂକଳ୍ପନାମା ପାରିତ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ହିନ୍ଦୁ ରାଷ୍ଟ୍ର କାର୍ଯ୍ୟସୂଚୀ ଆଧାରରେ ଭାଜପା ଦେଶର ସଂଖ୍ୟାଲଘୁମାନଙ୍କୁ ଦମନ କରିବାକୁ ଉଦ୍ୟମ ଚଳାଇଥିବା ଏସ୍‌ଜିପିସି ଅଧ୍ୟକ୍ଷ ହରଜିତ୍ ସିଂ ଧାମି କହିଛନ୍ତି। କେରଳର ବାମପନ୍ଥୀ ସରକାର ୟୁସିସିକୁ ବିରୋଧ କରୁଥିବାବେଳେ କେନ୍ଦ୍ର ସରକାରଙ୍କ ନିଯୁକ୍ତ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ସମାନ ଦେୱାନୀ ସଂହିତା ଆଣିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ସମ୍ବିଧାନ ଅନୁସାରେ ଯିଏ ବି ଶପଥ ନେଇଥିବେ ସେ ୟୁସିସିକୁ ବିରୋଧ କରିବେ ନାହିଁ ବୋଲି ରାଜ୍ୟପାଳ ମତ ଦେଇଛନ୍ତି। ମୋଟାମୋଟି ଭାବେ ଦେଶରେ ଆଗାମୀ ଦିନରେ ୟୁସିସି ଏକ ବଡ଼ ବିତର୍କିତ ପ୍ରସଙ୍ଗ ହୋଇ ଜୀବିତ ରହିବ।

### ଆର୍ଜେଣ୍ଟିନା-ଫ୍ରାନ୍ସ ...

ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଉଭୟ ଦଳ ପରସ୍ପରକୁ ଭେଟିଥିଲେ। ସେତେବେଳେ ଆର୍ଜେଣ୍ଟିନା ୧-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଲୁଇସ ମୋଣ୍ଟି ୮୧ତମ ମିନିଟରେ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ତେବେ ଶେଷ ଥର ପାଇଁ ରୁଷିଆ (୨୦୧୮) ବିଶ୍ୱକପର ରାଉଣ୍ଡ ଅଫ୍ ୧୬ରେ ହୋଇଥିବା ମୁକାବିଲାରେ ଫ୍ରାନ୍ସ ୪-୩ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଫ୍ରାନ୍ସ ପକ୍ଷରୁ ଆଣ୍ଟୋନି ଗ୍ରିଜ୍‌ମାନ, ବେଞ୍ଜାମିନ୍ ପାଭାର୍ଡ ଗୋଟିଏ ଲେଖାଏ ଏବଂ କିଲିଆନ ଏମ୍ବାପେ ୨ଟି ଗୋଲ ଦେଇଥିଲେ। ଆର୍ଜେଣ୍ଟିନାର ଆଞ୍ଜେଲ ଡି' ମାରିଆ ଓ ଗାବ୍ରିଏଲ ମେର୍କାଡୋ ଗୋଲ ସ୍କୋର କରିଥିଲେ।

#### ଦୁର୍ବଳ ଦଳ ନିକଟରୁ ହାରିଛନ୍ତି

ଫାଇନାଲରେ ପ୍ରବେଶ ପଥରେ ଉଭୟ ଆର୍ଜେଣ୍ଟିନା ଓ ଫ୍ରାନ୍ସ ଗୋଟିଏ ଲେଖାଏ ଗ୍ରୁପ୍ ମ୍ୟାଚରେ ଅପେକ୍ଷାକୃତ ଦୁର୍ବଳ ଦଳ ନିକଟରୁ ପରାଜିତ ହୋଇଛନ୍ତି। ତେବେ ଏହା ସେମାନଙ୍କୁ ନିଜ ନିଜ ଗ୍ରୁପ୍ ଚାମ୍ପିୟନ ହେବାରେ ରୋକି ପାରିନାହିଁ। ଗ୍ରୁପ୍ 'ସି'ରେ ଆର୍ଜେଣ୍ଟିନା ନିଜର ପ୍ରଥମ ମ୍ୟାଚରେ ସାଉଦି ଆରବଠାରୁ ୧-୨ ଗୋଲରେ ହାରି ଅତ୍ୟନ୍ତ ନିରାଶର ସହ ଅଭିଯାନ ଆରମ୍ଭ କରିଥିଲା। ମାତ୍ର ପରବର୍ତ୍ତୀ ମ୍ୟାଚରେ ମେକ୍ସିକୋକୁ ୨-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଶେଷ ଲିଗ୍‌ରେ ପୋଲାଣ୍ଡକୁ ୨-୦ ଗୋଲରେ ହରାଇ ଦଳ କେବଳ ନକ୍‌ଆଉଟରେ ପ୍ରବେଶ କରି ନ ଥିଲା ଗ୍ରୁପ୍ ଚାମ୍ପିୟନ ମଧ୍ୟ ହୋଇଥିଲା। ରାଉଣ୍ଡ ଅଫ୍ ୧୬ରେ ଅଷ୍ଟ୍ରେଲିଆକୁ ୨-୧, ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍‌କୁ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଏବଂ ସେମିଫାଇନାଲରେ କ୍ରୋଏସିଆକୁ ୩-୦ ଗୋଲରେ ହରାଇ ଦଳ ମେଗା ଫାଇନାଲରେ ପ୍ରବେଶ କରିଛି। ସେହିପରି ଗ୍ରୁପ୍ 'ଡି'ରେ ଅଷ୍ଟ୍ରେଲିଆକୁ ୪-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଫ୍ରାନ୍ସ ଦ୍ୱିତୀୟ ମ୍ୟାଚରେ ଡେନ୍‌ମାର୍କକୁ ୨-୧ ଗୋଲରେ ପରାସ୍ତ କରି ନକ୍‌ଆଉଟ ପ୍ରବେଶ ପକ୍କା କରିଥିଲା। ତେବେ ଶେଷ ଲିଗ୍‌ରେ ଦଳ ଅପ୍ରତ୍ୟାଶିତଭାବେ ଦୁର୍ବଳ ଟ୍ୟୁନିସିଆ ନିକଟରୁ ୦-୧ ଗୋଲରେ ହାରି ଯାଇଥିଲା। ରାଉଣ୍ଡ ଅଫ୍ ୧୬ରେ କିନ୍ତୁ ଏହି ଦଳ ପୋଲାଣ୍ଡକୁ ୩-୧, କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ୨-୧ ଓ ସେମିଫାନାଲରେ ମରକ୍କୋକୁ ୨-୦ ଗୋଲରେ ହରାଇ ଫାଇନାଲ ଟିକେଟ ପାଇଥିଲା।

### ଛାତ୍ରଙ୍କ ବେକରେ ...

କାମନା କରିଛନ୍ତି । ଉନ୍ନତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସମସ୍ତ ସହାୟତା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଫୋନ୍ ଯୋଗେ ପଚାରି ବୁଝିଛନ୍ତି। ଜିଲା ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ଦିଆଯିବା ସହ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରାଯାଇଛି। ଏବେ ସଦାନନ୍ଦ ସର୍ଜରି ବିଭାଗ ଆଇସିୟୁରେ ଅଛନ୍ତି। ଶନିବାର ସକାଳେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟାରେ ଛାତ୍ରମାନେ ପଡ଼ିଆରେ ଜାଭେଲିନ୍ ପ୍ରତିଯୋଗିତା ପାଇଁ ଠିଆ ହୋଇଥିଲେ। ଜଣେ ଛାତ୍ର ଜାଭେଲିନ୍ ଥ୍ରୋ କରିବାକୁ ଉଦ୍ୟମ କରୁଥିବାବେଳେ ସେଠାରେ ସହପାଠୀଙ୍କ ସହ ଠିଆ ହୋଇଥିବା ସଦାନନ୍ଦଙ୍କ ବେକରେ ପଶି ଅନ୍ୟପଟକୁ ବାହାରି ଲଟକି ରହିଥିଲା। ଖବର ପାଇ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବେଣୁଧର ପ୍ରଧାନ ସ୍କୁଲ ପଡ଼ିଆକୁ ଆସି ସଦାନନ୍ଦଙ୍କ ପ୍ରାରମ୍ଭିକ ଚିକିତ୍ସା କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନେବାକୁ ପରାମର୍ଶ ଦେଇଥିଲେ। ଆଗଲପୁର ମାହେଶ୍ୱରୀ ସଙ୍ଗଠନ ସ୍ୱେଚ୍ଛାସେବୀ ଓ ହାଇସ୍କୁଲ କର୍ତ୍ତୃପକ୍ଷଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସଦାନନ୍ଦଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ସର୍ଜରି ୱାର୍ଡକୁ ଅଣାଯାଇଥିଲା। ସେଠାରେ ସର୍ଜରି ବିଭାଗ ମୁଖ୍ୟ, ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ନିଶ୍ଚେତକ ବିଭାଗ, ରେଡିଓଲୋଜି ଓ ଅନ୍ୟ ଆନୁଷଙ୍ଗିକ ବିଭାଗର ୧୦ ଜଣିଆ ଡାକ୍ତରୀ ଟିମ୍ ପ୍ରାୟ ୩ ଘଣ୍ଟା ଧରି ଅସ୍ତ୍ରୋପଚାର କରି ସଦାନନ୍ଦଙ୍କ ବେକରୁ ଜାଭେଲିନ୍‌କୁ କାଢ଼ିଥିଲେ। ଅସ୍ତ୍ରୋପଚାର ସମୟରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଉପଜିଲାପାଳ କୁମାର ନାଗଭୂଷଣ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ମେଡିକାଲରେ ଉପସ୍ଥିତ ଥିଲେ। କିଭଳି ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ବେହେରା କହିଛନ୍ତି।

### କୋଇଲା ରୟାଲ୍‌ଟି, ...

ହ୍ରାସ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସହଯୋଗ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଦଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ସଚିବ ଦେଓରଞ୍ଜନ କୁମାର ସିଂ ଓ ପୋଲିସ ଡିଜି ସୁନୀଲ କୁମାର ବଂଶଲ ଯୋଗ ଦେଇଛନ୍ତି।

### ଫାଟିଗଲା ବିଶ୍ୱର ସବୁଠୁ ...

କହିଛନ୍ତି। ଆକ୍ୱାଡୋମ୍‌ର ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଏହା ବିଶ୍ୱର ସବୁଠୁ ବଡ଼ ସିଲିଣ୍ଡ୍ରିକାଲ ଆକ୍ୱାରିୟମ୍। ୪୬ ଫୁଟ (୧୪ ମିଟର) ଉଚ୍ଚତାରେ ସ୍ଥାପିତ ଏହି ଆକ୍ୱାରିୟମ୍ ଲମ୍ବ ୮୨ ଫୁଟ୍ (୨୫ ମିଟର)। ଆକ୍ୱାରିୟମ୍‌ର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଯିବା ଯୋଗୁ ଆକ୍ୱାଡୋମ ଫାଟିଥିବା ଆଲୋଚନା ହେଉଛି। ଆକ୍ୱାରିୟମ୍‌ରେ ଥିବା ୧,୫୦୦ ମାଛଙ୍କ ମୃତ୍ୟୁ ହୋଇଥିବାବେଳେ ଆଉ କିଛି ମାଛ ସୌଭାଗ୍ୟବଶତଃ ବଞ୍ଚିଯାଇଛନ୍ତି। ୪୦୦ରୁ୫୦୦ ମାଛଙ୍କୁ ଭେଟେରିନାରୀ ଡାକ୍ତର ଓ ଅଗ୍ନିଶମ ବିଭାଗ ଦ୍ୱାରା ରକ୍ଷା କରାଯାଇଛି। ବିନା ଇଲେକ୍ଟ୍ରିସିଟିରେ ଆକ୍ୱାଡୋମରେ ମାଛ ରହିବା କଷ୍ଟକର ହୋଇପଡ଼ିଥିବାବେଳେ ସେମାନଙ୍କୁ ନିକଟସ୍ଥ ସି ଲାଇଫ୍ ଆକ୍ୱାରିମ୍‌କୁ ସ୍ଥାନାନ୍ତର କରାଯାଇଛି। ୨୦ ବର୍ଷ ପୂର୍ବେ ଏହି ଆକ୍ୱାଡୋମ୍ ନିର୍ମାଣ କରିଥିବା ଆମେରିକାର ରେନଲ୍ଡ ପୋଲିମର ଟେକ୍ନୋଲୋଜି ଘଟଣାର ଯାଞ୍ଚ ପାଇଁ କମ୍ପାନୀ ପକ୍ଷରୁ ଏକ ଟିମ୍ ବର୍ଲିନ ପଠାଇବ। ଅନ୍ୟପକ୍ଷେ ୨୦୦୩ ଡିସେମ୍ବରରେ ଆକ୍ୱାଡୋମ୍ ଆକ୍ୱାରିୟମ୍ ପର୍ଯ୍ୟଟକଙ୍କ ଲାଗି ଖୋଲାଯାଇଥିବାବେଳେ ୨୦୨୦ରେ ଶେଷଥର ଲାଗି ଏହାର ମରାମତି ହୋଇଥିଲା।

**ରାହୁଲ ଚାଇନା, ପାକିସ୍ତାନ ଭାଷା କହୁଛନ୍ତି: ନଡ୍ଡା**

ନୂଆଦିଲ୍ଲୀ,(ପି.ଟି.): ଅରୁଣାଚଳପ୍ରଦେଶରେ ଭାରତୀୟ ଯବାନମାନଙ୍କୁ ଚାଇନା ସୈନ୍ୟ ମାଡ଼ ମାରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ମନ୍ତବ୍ୟ ଦେଇଥିଲେ। ଭାଜପା ଏହାକୁ ସମାଲୋଚନା କରିବା ସହ ରାହୁଲଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଉ ବୋଲି ଦାବି କରିଛି। ରାହୁଲ ଚାଇନା ଓ ପାକିସ୍ତାନର ଭାଷା କହୁଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ପୂର୍ବରୁ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ବାଲାକୋଟ୍ ଏୟାର ଷ୍ଟ୍ରାଇକ୍‌କୁ ନେଇ ପ୍ରଶ୍ନ ଉଠାଇଥିବା ରାହୁଲଙ୍କ ଦେଶପ୍ରେମକୁ ନେଇ ଭାଜପା ଅଧ୍ୟକ୍ଷ ପ୍ରଶ୍ନ ଉଠାଇଛନ୍ତି।



# ମହାରାଷ୍ଟ୍ର ସରକାରଙ୍କ ବିରୋଧରେ ଏମ୍‌ଭିଏର ବିକ୍ଷୋଭ

ମୁମ୍ବାଇ,୧୭।୧୨(ପି.ଟି.)

ମହାରାଷ୍ଟ୍ରର ବିଭିନ୍ନ ପ୍ରସଙ୍ଗକୁ ନେଇ ଏକନାଥ ଶିନ୍ଦେ ସରକାରଙ୍କ ବିରୋଧରେ ମହାବିକାଶ ଅଘାଡି (ଏମ୍‌ଭିଏ) ମେଣ୍ଟ ପକ୍ଷରୁ ଶନିବାର 'ହଲ୍ଲାବୋଲ୍' ବିକ୍ଷୋଭ ଶୋଭାଯାତ୍ରା ଆରମ୍ଭ ହୋଇଛି। ବାଇକୁଲ୍ଲାର ଜେ.ଜେ. ହସ୍ପିଟାଲ ନିକଟରେ ଥିବା ଏକ କମ୍ପାନୀଠାରୁ ପଦଯାତ୍ରା ଆରମ୍ଭ ହୋଇ ଦକ୍ଷିଣ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ନିକଟରେ ଶେଷ ହୋଇଥିଲା। ଛତ୍ରପତି ଶିବାଜୀ ମହାରାଜ, ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବା ଫୁଲେ ଏବଂ ସାବିତ୍ରୀବାଈ ଫୁଲେଙ୍କ ବିରୋଧରେ ରାଜ୍ୟପାଳ ଭଗତ ସିଂ କୋଶ୍ୟାରୀ ଓ ଅନ୍ୟମାନେ ଦେଇଥିବା ବିବାଦୀୟ ମନ୍ତବ୍ୟ, ମହାରାଷ୍ଟ୍ର-କର୍ଣ୍ଣାଟକ ସୀମା ବିବାଦ ଏବଂ କେତେକ ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ଆଦି ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ଶିନ୍ଦେଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରକୁ ବିକ୍ଷୋଭକାରୀ ଟାର୍ଗେଟ କରିଥିଲେ। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ପୂର୍ବ ମେଣ୍ଟ ସରକାରର ସମସ୍ତ ଦଳଙ୍କୁ ଏକାଠି ରଖିବା ଏହି ବିକ୍ଷୋଭ ରାଲିର ଉଦ୍ଦେଶ୍ୟ। ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ), ଏନ୍‌ସିପି ଏବଂ କଂଗ୍ରେସ ଦଳର ନେତା ଓ କର୍ମୀମାନେ ଶନିବାର ସକାଳଠାରୁ ଜେ.ଜେ. ହସ୍ପିଟାଲ ନିକଟରେ ଏକାଠି ହୋଇଥିବାବେଳେ ମଧ୍ୟାହ୍ନରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଏମ୍‌ଭିଏର ଶୋଭାଯାତ୍ରାକୁ କାଉଣ୍ଟର କରି ଭାଜପା ପକ୍ଷରୁ ମୁମ୍ବାଇର ସମସ୍ତ ୬ଟି ଲୋକ ସଭା କ୍ଷେତ୍ରରେ 'ମାଫି ମାଙ୍ଗୋ' ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଡ. ବି.ଆର୍. ଆମ୍ବେଦ୍‌କରଙ୍କ ଜନ୍ମସ୍ଥାନକୁ ନେଇ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ବିବାଦ ସୃଷ୍ଟି କରିଛନ୍ତି। ଏହି ଦଳର ନେତ୍ରୀ ସୁଷମା ଆନ୍ଧେରେ ହିନ୍ଦୁ ଦେବଦେବୀ ଏବଂ ସନ୍ଥମାନଙ୍କୁ ଅପମାନିତ କରିଥିବା ଭାଜପା ଅଭିଯୋଗ ଆଣିଛି। ସେଥିପାଇଁ ଏମ୍‌ଭିଏ ନେତା ବିଶେଷ କରି ଉଦ୍ଧବ ଠାକ୍‌ରେ କ୍ଷମା ମାଗନ୍ତୁ ବୋଲି ଭାଜପା ପକ୍ଷରୁ ଦାବି ହୋଇଛି। ବିକ୍ଷୋଭ ଶୋଭାଯାତ୍ରା ଜରିଆରେ ଜନସାଧାରଣ ସରକାରଙ୍କ ବିରୋଧରେ ସେମାନଙ୍କ କ୍ଷୋଭକୁ ବ୍ୟକ୍ତ କରିଛନ୍ତି। ଏଥିରୁ ଲୋକଙ୍କ ଦୃଷ୍ଟି ହଟାଇବା ଲାଗି ଭାଜପା ନାଟକବାଜି କରୁଥିବା ରାଜ୍ୟ କଂଗ୍ରେସ ସଭାପତି ନାନା ପାଟୋଲ କହିଛନ୍ତି।

# ଆଗାମୀ ନିର୍ବାଚନ ପାଇଁ ରଣନୀତି

## ଭାଜପା ରାଜ୍ୟ ପଦାଧିକାରୀ ବୈଠକ

### ସଙ୍ଗଠନ ମଜଭୁତ ସହ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ରୋଡ୍‌ମ୍ୟାପ ହୋଇଛି: ପୃଥ୍ୱୀରାଜ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳର ପଦାଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲା ସଭାପତି, ଜିଲା ପ୍ରଭାରୀ ଓ ରାଜ୍ୟ ପଦାଧିକାରୀଙ୍କ ବୈଠକ ହୋଇଛି। ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟ ପାଲସିଂତୋମାର, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ସମେତ ଦଳର ବରିଷ୍ଠ ନେତା ସାମିଲ ହୋଇଛନ୍ତି। ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନିକଟରେ ଶେଷ ହୋଇଥିବା ଧାମନଗର ଓ ପଦ୍ମପୁର ଉପନିର୍ବାଚନ ଫଳାଫଳକୁ ନେଇ ସମୀକ୍ଷା କରାଯାଇଥିଲା। ରାଜ୍ୟ ସରକାର ଚାଷୀମାନଙ୍କୁ ଯେଉଁଭଳି ପ୍ରତାରିତ କରିଆସୁଛନ୍ତି ତାହାକୁ ଦଳ ଦୃଢ଼ ନିନ୍ଦା କରୁଛି। ରାଜ୍ୟ ସରକାର ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉଦ୍ଦିଷ୍ଟ ପଞ୍ଚାୟତିରାଜ ଅନୁଷ୍ଠାନକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି। ବ୍ଲକରେ ଜିଏସ୍‌ଟି ଠକେଇ ହେଉଛି। ବିଜୁଳି ଉପଭୋକ୍ତାଙ୍କୁ ବିଭିନ୍ନ ଆଳରେ ଶୋଷଣ କରାଯାଉଛି। ଯୁବକଯୁବତୀମାନଙ୍କୁ ଚାକିରି କିମ୍ବା ନିଯୁକ୍ତି ଦେବାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅକ୍ଷମ ହୋଇଛନ୍ତି। ଏ ସମସ୍ତ ବିଷୟକୁ ନେଇ ଦଳ ଏକ ଲଢ଼େଇର ଯୋଜନା ପ୍ରସ୍ତୁତ କରିଛି ବୋଲି ହରିଚନ୍ଦନ କହିଛନ୍ତି। ବୈଠକରେ ସମସ୍ତ ଆନ୍ଦୋଳନ ପାଇଁ ସ୍ପଷ୍ଟ ଯୋଜନାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି। ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି ବିରୋଧରେ ଭାଜପା ଆନ୍ଦୋଳନ ଜାରି ରଖିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ବୈଠକ ପରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନର ରୋଡ୍ ମ୍ୟାପ୍ ସମ୍ପର୍କରେ ଆଲୋଚନା କରାଯାଇ ଆନ୍ଦୋଳନର ଖସଡ଼ା ପ୍ରସ୍ତୁତ କରାଯାଇଛି ବୋଲି ହରିଚନ୍ଦନ କହିଛନ୍ତି।







ରାଜସ୍ଥାନର ଜୟପୁରରେ କଂଗ୍ରେସ ସରକାରଙ୍କ ୪ବର୍ଷ ପୂର୍ତ୍ତି ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ ଦଳୀୟ ନେତାମାନେ।

# ଉପନିର୍ବାଚନ: ବିଜେଡି-ଭାଜପା ମୁହାଁମୁହିଁ

## ବିଜେଡି ଲାଗି ପଦ୍ମପୁର ମଡେଲ ହେଲେ ଭାଜପା ପାଇଁ ଧାମନଗର: ଧର୍ମେନ୍ଦ୍ର

## ବିଜେଡିର ମଡେଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ସେବା: ସସ୍ମିତ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ନିକଟରେ ଧାମନଗର ଓ ପଦ୍ମପୁର ଉପନିର୍ବାଚନ ଶେଷ ହୋଇଛି। ମାତ୍ର ଏହାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ଧାମନଗର ନିର୍ବାଚନ ଜିତିବା ପରେ ଭାଜପା ନେତାମାନେ ପଦ୍ମପୁର ଆସନକୁ ବିଜେଡିଠାରୁ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ତେବେ ଉଭୟ ଦଳ ଉପନିର୍ବାଚନର ଫଳାଫଳକୁ ନେଇ ଉତ୍ସାହିତ ଅଛନ୍ତି। ଏପରି କି ପରସ୍ପରକୁ କୁତ୍ସାରଟନା କରିବାକୁ ପଛାଉନାହାନ୍ତି। ପଦ୍ମପୁର ଉପନିର୍ବାଚନରେ ଜିତିବା ପରେ ବିଜେଡି ଉତ୍ସାହିତ ରହିଛି। ବିଜେଡିର ଏହି ପଦ୍ମପୁର ମଡେଲ ୨୦୨୪ ସାଧାରଣ ନିର୍ବାଚନରେ ପ୍ରୟୋଗ କରାଯିବ ବୋଲି ବିଜେଡି ନେତାମାନେ ପୂର୍ବରୁ ଘୋଷଣା କରିଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି, ବିଜେଡି ପାଖରେ ପଦ୍ମପୁର ମଡେଲ ଥିଲେ ଭାଜପା ପାଖରେ ଧାମନଗର ମଡେଲ ରହିଛି। ୨୦୨୪କୁ ସାମ୍ନା କରିବା ପାଇଁ ଧାମନଗର ଓ ପଦ୍ମପୁର ଉପନିର୍ବାଚନ ଆମକୁ ବହୁ ଶିକ୍ଷା ଦେଇଛି। ଭାଜପା ଓଡ଼ିଶାର ପ୍ରମୁଖ ବିରୋଧୀ ଦଳ ରହିଛି। ଓଡ଼ିଶା ସରକାରଙ୍କ ଅପାରଗତା, ସ୍ଥାଣୁତା ଓ ଭ୍ରଷ୍ଟାଚାରକୁ ଦଳ ପ୍ରମୁଖ ପ୍ରସଙ୍ଗ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ପଦ୍ମପୁର ମଡେଲ ଦୁର୍ନୀତି ଭ୍ରଷ୍ଟାଚାରର ମଡେଲ। ଗୁଡ୍ ଗଭର୍ନାନ୍ସ ଦେଖିବାର ଅଛି ତ ଜଣକୁ ଗୁଜରାଟ ମଡେଲ ଦେଖିବାକୁ ପଡ଼ିବ। ଗୁଜରାଟ ମଡେଲକୁ ଆମକୁ ସବୁ ଜାଗାରେ ଆଣିବାର ଅଛି।

ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ବିଜେଡି କଡ଼ା ଜବାବ ଦେଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି ଯେ ଉପନିର୍ବାଚନ କଦାପି ରାଜନୀତି କିମ୍ବା ଶାସନ ପାଇଁ ମଡେଲ ନୁହେଁ। ବିଜେଡି ପାଇଁ ଶାସନର ମଡେଲ ହେଉଛି ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କର ସେବା କରିବା ସହିତ ଓଡ଼ିଶାକୁ ଦେଶର ଏକନମ୍ବର ରାଜ୍ୟରେ ପରିଣତ କରିବା। ବିଜେଡି ଉପରେ ଲୋକଙ୍କର ବିଶ୍ୱାସ ଓ ଭରସା ଥିବାରୁ ଓଡ଼ିଶାବାସୀଙ୍କ ପାଇଁ ଏହି ଦଳ ଭଲ କାମ କରୁଛି। ଗତ ୨୨ ବର୍ଷ ଧରି ଓଡ଼ିଶାରେ ନିର୍ବାଚନ ଜିତିବା ସତ୍ତ୍ୱେ ଲୋକଙ୍କ ସେବା ପାଇଁ ବିଜେଡି ନିର୍ବାଚନରେ ବିଜୟକୁ ଓଡ଼ିଶାର ମଡେଲ କରିନାହିଁ। ଆମର ମଡେଲ ହେଉଛି ଉତ୍ତମ ପ୍ରଶାସନର ମଡେଲ ଏବଂ ୫-ଟି ଏବଂ ମୋ ସରକାର ଆଧାରରେ ଓଡ଼ିଶାକୁ ଭାରତର ୧ ନମ୍ବର ରାଜ୍ୟରେ ପରିଣତ କରିବା। କେନ୍ଦ୍ର ମନ୍ତ୍ରୀ ଶାସନ ପାଇଁ ଉପନିର୍ବାଚନର ମଡେଲ ବ୍ୟବହାର କରନ୍ତୁ ନାହିଁ, ଓଡ଼ିଶାର ଲୋକଙ୍କ ସେବା ପାଇଁ ଉତ୍ତମ ଶାସନର ମଡେଲ ବ୍ୟବହାର କରିବାକୁ ଦିଅନ୍ତୁ ବୋଲି ସସ୍ମିତ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ନେତା ଦାୟୀ କରିବା ଅପ୍ରାସଙ୍ଗିକ: ଦାମ

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ଆନ୍ଦୋଳନରତ ସମ୍ବଲପୁର ଓକିଲ ସଂଘ ଏବଂ ସୁପ୍ରିମକୋର୍ଟଙ୍କ ମଧ୍ୟରେ ଯେଉଁ ସମସ୍ୟା ଉପୁଜିଛି ଏବଂ ଏଥିରେ ଓକିଲମାନେ ଗିରଫ ହୋଇ ଜେଲ୍‌କୁ ଯିବା ଘଟଣା ସମ୍ପର୍କରେ ଭାଜପା ଏମ୍‌ପି ସୁରେଶ ପୂଜାରୀ ଏବଂ ତାଙ୍କର ସହଯୋଗୀ ଭାଜପା ନେତାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାୟୀ କରିବା ଅପ୍ରାସଙ୍ଗିକ ବୋଲି ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ କହିଛନ୍ତି। ସେ କହିଛନ୍ତି ଯେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଏକ ବିଚାର ବିଭାଗୀୟ ବିଷୟ ଏବଂ ଏହା ପ୍ରଶାସନିକ ବିଚାର ଅଧିକାର ବିଷୟ ନୁହେଁ। ରାଜ୍ୟ ଭିତରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ କେଉଁ କାରଣରୁ କେଉଁଠାରେ ସ୍ଥାପନ କରାଯିବ ସେ ସମ୍ପର୍କରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଆଲୋଚନା କରି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଲେ ରାଜ୍ୟ ସରକାର ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେବେ। କିନ୍ତୁ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ରାଜନୈତିକ କିମ୍ବା ପ୍ରଶାସନିକ ନିଷ୍ପତ୍ତି ନିଆଯିବା ସମ୍ଭବ ନୁହେଁ । ରାଜ୍ୟ ସରକାର ଯଦି ପଶ୍ଚିମ ପ୍ରାନ୍ତରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆଣିବେ ଦକ୍ଷିଣାଞ୍ଚଳରେ ଥିବା ଜିଲାଗୁଡ଼ିକ ଏବଂ ଉତ୍ତର ଭାଗରେ ଥିବା ଜିଲାଗୁଡ଼ିକ ମଧ୍ୟ ସେମାନଙ୍କ ଅଞ୍ଚଳରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରିବେ, ଯାହା ପଦ୍ମପୁରକୁ ଜିଲା ଘୋଷଣା କରିବା ଦାବିରୁ ଉଦ୍ଭବ ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରି ଗଣମାଧ୍ୟମରେ ଯେଉଁ ବିବୃତି ଦିଆଯାଉଛି ତାହା କେବଳ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଲୋକମାନଙ୍କୁ ବିଭ୍ରାନ୍ତ କରିବା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଦାମ କହିଛନ୍ତି ।


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜୟଦେବ ବିହାର ଶାଖାର** ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରିକରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା । ତେଣୁ ସେଗୁଡିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଜୟଦେବ ବିହାର ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା : ମେସର୍ସ ତାରିଣୀ ଅଟୋମୋବାଇଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀ ନାରାୟଣ ସାମଲ,** ସା: ପ୍ଲଟ୍ ନଂ.: ୧୦୧୫, ଏନ୍‌ଏଚ୍-୫, ହୋଟେଲ ପ୍ରେସିଡେନ୍ସି ସମ୍ମୁଖ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୧୨ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ନେହଲତା ସାମଲ,** ସ୍ୱାମୀ: ଶ୍ରୀ ଯଦୁନାଥ ସାମଲ, ସା: ପ୍ଲଟ୍ ନଂ.: ୧୦୧୫ (ଅଂଶ), ଏନ୍‌ଏଚ୍-୫, ହୋଟେଲ ପ୍ରେସିଡେନ୍ସି ସମ୍ମୁଖ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା-୭୫୧୦୧୨ | କ୍ୟାଶ କ୍ରେଡିଟ୍ / ଟ.୬୦,୦୦,୦୦୦/- ଏଫ୍‌ଆଇଟିଏଲ୍ / ଟ.୧୪,୧୫,୦୦୦/- ଜିଇସିଏଲ୍ / ଟ.୧୦,୦୦,୦୦୦/- ସମୁଦାୟ : ଟ.୮୪,୧୫,୦୦୦/- | ୧୫.୧୧.୨୦୨୨ / ୧୬.୧୧.୨୦୨୨ | ଟ.୮୦,୪୯,୯୩୧.୯୩ + ସେବାବଦ ସୁଧ ଏବଂ ଖର୍ଚ୍ଚ | ଶ୍ରୀମତୀ ସ୍ନେହଲତା ସାମଲଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୦୧୫ (ଅଂଶ), ଖାତା ନଂ.: ୧୫୭, କ୍ଷେତ୍ର: ଏକର୦.୦୫୦ ଡିସିମିଲି, କିସମ: ବଗାୟତ-୨, ମୌଜା: ନୟାପଲ୍ଲୀ, ନୀଳକଣ୍ଠ ନଗର, ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୧୦୧୫ (ଅଂଶ), ପୂର୍ବ: ପ୍ଲଟ୍ ନଂ.: ୧୦୧୫(ଅଂଶ), ପଶ୍ଚିମ: ସରକାରୀ ଜମି |

ଉପରଦର୍ଶିତ **ଜୟଦେବ ବିହାର ଶାଖାର** ଋଣଗ୍ରହୀତା ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ସେମାନଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ରେ ପରିଣତ କରାଯାଇଛି । ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ । ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସମସ୍ତ କିମ୍ବା ଯେକୌଣସି ଏକ କିମ୍ବା ଅଧିକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ । ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରିଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍, ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି । ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନ୍‌କମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଇଅଛି।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୮.୧୨.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**RECONSTITUTION OF DEED OF PARTNERSHIP**

The Parternship Firm under name and style "M/s. LA DEVELOPERS" has been entered in the Register of Firm vide SL.No.18202101330 dated 01.12.2021 has now been reconstituted vide the Deed of Reconstitution of Partnership No. 41132211805 dated 17.10.2022 between the followings :
Sri Jasjeet Singh, S/o. Late Balwinder Kaur, aged about 54 years, resident of Plot No. 38, Flat No.402, Amrita VIP Enclave, VIP Area, Bhubaneswar-751015, Odisha (PAN No.ABVPS4989G), hereinafter called the Party of the "First Part", the Existing Partner.
AND
Sri Dilip Kumar Motwani, S/o. Late Jumandas Motwani, aged about 61 years, Resident of Plot No.B-10, N-3, IRC Village, Nayapalli, Bhubaneswar-751015, Odisha (PAN No.AFUPM6752Q) hereinafter called the Party of the "Second Part", the Existing Partner.
AND
M/s. Evos Buildcon (P) Ltd., a company incorporated under the Companies Act, 1956, CIN:U701010R2010PTC012674 (PAN No. AACCE5477G), having its registered office at Plot No. M/76, Baramunda Housing Board Colony, Baramunda, PS-Bharatpuer, Bhubaneswar-751003, Dist.-Khurda, Odisha represented through its Managing Director, Sri Kalinga Keshari Rath, S/o. Late Kailash Chandra Rath, aged about 38 years, resident of Flat No.202, "Olive Enclave", GA Plot No.11, Chandrasekharpur, Bhubaneswar, Dist.-Khurdha, Odisha. Hereinafter called the Party of the "Third Part" the New Joining Partner.

That the Terms and Conditions incorporated in this Partnership Deed dated 17.10.22 shall be abided by all the Partners hereof for all the Projects undertaken/ to be undertaken by the firm M/s. LA Developers.



**FORM No.13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7 CDA, CUTTACK, ODISHA,**
**O.A. No. 428/2022**

**AXIS BANK LIMITED** ...APPLICANT
Versus
**Babuli Kumar Sishu & another** ...DEFENDANTS

To
1. **Babuli Kumar Sishu,** S/o.: Ghanashyam Sishu, Plot No.659/660, Old Town, Kedar Lane, Bhubaneswar
2. **Bipin Kumar Sishu,** S/o.: Late Ghanashyam Sishu, Plot No.659/660, Old Town, Kedar Lane, Bhubaneswar-751002 ...DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 428/2022** in the court the Debts of Recovery Tribunal at Cuttack for recovery of **Rs.20,23,554.25** (Rupees Twenty Lakhs Twenty Three Thousand Five Hundred Fifty Four and Twenty Five Paisa only) together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **27.01.2023 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **13th day of December, 2022.**

Date: 13.12.2022 — Sd/- (M.K. Pattnaik) REGISTRAR



**OFFICE OF THE REGULATED MARKET COMMITTEE, BAHADAJHOLA**

The Sub-Collector, Nayagarh-cum-Chairman, R.M.C., Bahadajhola invites Tender from the approved suppliers for supply of Grading Equipments for the KMS 2022-23 vide Tender Call Notice No.86 dated 17.12.2022 along with specification and terms & conditions may be seen and downloaded from the District Web Portal http://www.nayagarh.nic.in.

The date for availability of tender from 17.12.2022 at 5.30 P.M. to 26.12.2022 upto 5.30 P.M. and the last date for receipt of bid documents through Regd. Post / Speed Post on or before 26.12.2022 upto 5.30 P.M. and also the same will be opened on 27.12.2022 at 11.00 A.M. The bid documents shall addressed to the Secretary, R.M.C., Bahadajhola, At- Multi-commodity Market Yard Campus, Hatapada, Khandapada Road, P.O./ Dist.- Nayagarh, Pin- 752069.

**Sd./- Sub-Collector, Nayagarh-cum-Chairman R.M.C., Bahadajhola**



**ODISHA PUBLIC SERVICE COMMISSION**
**ADVERTISEMENT No.12 OF 2022-23**
**Recruitment to the posts of Statistical Officer in Group-B of the Odisha Subordinate Statistics and Economics Services Cadre under Planning and Convergence Department.**

WEBSITE - www.opsc.gov.in

**No. D-250:-** Online applications are invited from the prospective candidates through the Proforma application form to be made available on the website (**https://www.opsc.gov.in**) for recruitment to **33 (Thirty- three) posts** of Statistical Officer in Group-B of Odisha Subordinate Statistics and Economics Services Cadre under Planning and Convergence Department in the Scale of Pay of Rs. 44,900/- in Level 10, Cell-1 of Pay Matrix under ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. VACANCY POSITION:
As per requisition filed by the Planning and Convergence Department, out of a total number of 33 (11-w) vacancies, 19 (06-w) vacancies are reserved for UR category, 02 (02-w) vacancies are reserved for SEBC category, 05 (01-w) vacancies are reserved for SC category and 07 (02-w) vacancies are reserved for ST category. Also, 01 vacancy is reserved for Persons with Disabilities having Hearing Impairment (with suitable aid).

3. AGE:
A candidate must have attained the age of **21 (twenty-one)** years and must not be above the age of **38 (Thirty Eight)** years as on the **1st day of January, 2022** i.e. he/she must have been born **not earlier than 2nd January 1984 and not later than 1st January 2001.**

4. EDUCATIONAL QUALIFICATION:
A candidate must be a Graduate having Honours in Mathematics, Statistics, Computer Application, Physics, Economics, Applied Economics, Agricultural Economics, Sociology or Econometrics or having a degree in Commerce with distinction.

5. EXAMINATION FEE:
The examination fee for all categories of candidates has been exempted as per **GA&PG Department Notification No. 9897/Gen, dt . 11.04.2022.**

6. METHOD OF SELECTION:
The selection of candidates for Statistical Officer will be made on the basis of **Written Test (Objective MCQ type) and Viva Voce Test.**

**The link for registration/ re-registration and Submission of online application shall be available from 30.12.2022 to 30.01.2023 (Note: 30.01.2023 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

CUTTACK
DATE: 17.12.2022

Sd./- SECRETARY
ODISHA PUBLIC SERVICE COMMISSION
CUTTACK

OIPR-12002/11/0223/2223

> ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। —ଶ୍ରୀମା

# ଜାତି ବିଚାରଧାରା



ଆକାର ପଟେଲ

ନିକଟରେ ସୁପ୍ରିମକୋର୍ଟ ସମ୍ବିଧାନର ୧୦୩ତମ ସଂଶୋଧନକୁ କାଏମ ରଖିଛନ୍ତି। ଏହାକୁ ମଧ୍ୟବିତ୍ତ ବର୍ଗ ପ୍ରଶଂସା କରିଛନ୍ତି। ସମସ୍ତଙ୍କ ପାଇଁ ସଂରକ୍ଷଣ ଦ୍ୱାର ଉନ୍ମୁକ୍ତ କରାଯିବା ଦୃଷ୍ଟିକୋଣ ସାମଗ୍ରିକ ଭାବେ ହିନ୍ଦୁତ୍ୱକୁ ଦର୍ଶାଉଛି। ଏହି ସଂଶୋଧନ କାଏମ ରହିବା ପରେ ଭାରତୀୟ ଜନତା ପାର୍ଟି (ଭାଜପା) ଜାତିବାଦରୁ ଊର୍ଦ୍ଧ୍ୱରେ ବୋଲି ନିଜକୁ ପ୍ରକାଶ କରୁଛି। ଏହା କ'ଣ ସତ ? ଏହା କ'ଣ ଜାତିକୁ ଅସ୍ୱୀକାର କରେ। ଯଦି ନା, ତେବେ ହିନ୍ଦୁ ସମାଜରେ ପ୍ରାଥମିକ ସମସ୍ୟା ସହ ଏହାର କି ପ୍ରକାର ସମ୍ପର୍କ ରହିଛି ? ଅନ୍ୟ ବିଚାରଧାରା ଭଳି ଜାତୀୟତାବାଦ ଓ ଧର୍ମ ଆଧାରରେ ପ୍ରତିଷ୍ଠିତ ହିନ୍ଦୁତ୍ୱ ବିଚାରଶୀଳ ବ୍ୟକ୍ତିଙ୍କୁ ସୃଷ୍ଟି କରି ନାହିଁ ; ଯେଉଁଥିପାଇଁ ଏହାର ମହତ୍ତ୍ୱ କମ୍ ରହିଛି। କିନ୍ତୁ ଏମ୍.ଏସ୍. ଗୋଲୱାଲକରଙ୍କ ବିଚାର ଏହାକୁ ସମର୍ଥନ କରେ। ଗୋଲୱାଲକର ୧୯୪୦ରୁ ୩୦ ବର୍ଷ ଧରି ଆର୍.ଏସ୍.ଏସ୍.କୁ ନେତୃତ୍ୱ ପ୍ରଦାନ କରିଥିଲେ ଓ ଏହାର ବିଚାରଧାରା ଏବଂ ସଫଳତା ପାଇଁ ସେ ହିଁ ଦାୟୀ।

ଗୋଲ୍‌ୱାଲକରଙ୍କ ଉପରେ ପ୍ରଧାନମନ୍ତ୍ରୀ ଏକ ପ୍ରଶଂସାଭିତ୍ତିକ ଜୀବନୀ ଲେଖିଛନ୍ତି। ସେଥିରେ ସେ ଗୋଲ୍‌ୱାଲକରଙ୍କୁ ବୁଦ୍ଧ, ମହାବୀର ଏବଂ ବି.ଆର୍. ଆମ୍ବେଡକରଙ୍କ ସହ ତୁଳନା କରିଛନ୍ତି। କହିବାକୁ ଗଲେ ଜାତିଭିତ୍ତିକ ହିନ୍ଦୁତ୍ୱ ଦୃଷ୍ଟିକୋଣ ଯଦି ରହିଥାଏ, ତେବେ ତାହା ଗୋଲ୍‌ୱାଲକରଙ୍କ ଠାରୁ ଆସିଛି। ଏଣୁ ଆସନ୍ତୁ ଏହାର ସତ୍ୟାସତ୍ୟ ପରୀକ୍ଷା କରିବା। ଗୋଲ୍‌ୱାଲକରଙ୍କ କୃତି ପୁସ୍ତକ ହେଉଛି 'ବଞ୍ଚ୍ ଅଫ୍ ଥଟ୍ସ'। ସଂଖ୍ୟାଲଘୁମାନଙ୍କୁ ସେ କେତେ ନାପସନ୍ଦ କରନ୍ତି ତାହା ଉକ୍ତ ପୁସ୍ତକରୁ ପ୍ରକାଶ ପାଇଛି। ହିନ୍ଦୁମାନଙ୍କ ସଂଜ୍ଞା ନିର୍ଦ୍ଧାରଣ କରିବାକୁ ଯାଇ ସେ କହିଛନ୍ତି ଯେ, ଯେଉଁମାନଙ୍କର ଈଶ୍ୱର ଉପଲବ୍ଧ ପାଇଁ କ୍ଷୁଧା ରହିଛି ସେମାନେ ହିଁ ବାସ୍ତବରେ ହିନ୍ଦୁ। ତେବେ ଅଧିକାଂଶ ଲୋକ ସେହି ଈଶ୍ୱରଙ୍କ ସମ୍ପର୍କରେ ଯାହା ଭାବୁଛନ୍ତି ସେ ସାକାର ଭଗବାନ ନ ଥିଲେ। ଗୋଲୱାଲ୍‌କର ଜଣେ ଜୀବନ୍ତ ଈଶ୍ୱରଙ୍କ ସମ୍ପର୍କରେ ଉଲ୍ଲେଖ କରିଥିଲେ। ତାହା ପ୍ରତିମା ନ ଥିଲେ, ବରଂ ଥିଲେ ନିରାକାର। ହେଲେ ନିରାକର ଏବଂ ନିର୍ଗୁଣ ଆମକୁ କେଉଁଠି ବି ମାର୍ଗଦର୍ଶନ କରିନାହିଁ। ସକ୍ରିୟ ପ୍ରତିମା ପୂଜା ଆମକୁ ସନ୍ତୁଷ୍ଟି ଦେଇନାହିଁ। ଆମେ ଜଣେ ଜୀବନ୍ତ ଈଶ୍ୱର ଚାହୁଁ, ଯିଏ ଆମକୁ ସକ୍ରିୟତା ପ୍ରତି ଆଗ୍ରହ ଜନ୍ମାଇବ ଏବଂ ଆମ ଭିତରେ ଶକ୍ତି ଉଦ୍ରେକ କରିବ। ଗୋଲୱାଲକରଙ୍କ ଅନୁଯାୟୀ ଏହି ଜୀବନ୍ତ ଈଶ୍ୱର ଭାରତ ବର୍ଷ। କିନ୍ତୁ ଭାରତ ରୂପୀ ଈଶ୍ୱର ସବୁ ସମ୍ପ୍ରଦାୟକୁ ନୁହେଁ ବରଂ କେବଳ ଗୋଟିଏକୁ ସମାହିତ କରିଥିଲା। ତାଙ୍କ ଭାଷାରେ, 'ଆମ ଲୋକ ଆମର ଈଶ୍ୱର, ଯାହା ଆମକୁ ଆମ ପୂର୍ବପୁରୁଷ କହିଥିଲେ'। କିନ୍ତୁ ସବୁ ଲୋକ ନୁହନ୍ତି। ରାମକୃଷ୍ଣ ପରମହଂସ ଏବଂ ବିବେକାନନ୍ଦ କହିଥିଲେ, ଲୋକଙ୍କ ସେବା କର। ମାନବିକତା ଦୃଷ୍ଟିକୋଣରୁ 'ମଣିଷ' ଖୁବ୍ ବ୍ୟାପକ ଏବଂ ଏହାକୁ ସମ୍ପୂର୍ଣ୍ଣ ରୂପେ ଆକଳନ କରାଯାଇପାରେନା। ଏହା ନିଶ୍ଚିତ ଭାବେ ଜଣେ ସର୍ବଶକ୍ତିମାନ। ଏଠାରେ ମଣିଷ କହିଲେ ହିନ୍ଦୁଙ୍କୁ ବୁଝାଏ। ଆମ ପୂର୍ବପୁରୁଷ ହିନ୍ଦୁ ଶବ୍ଦ ବ୍ୟବହାର କରି ନ ଥିଲେ, ବରଂ ସୂର୍ଯ୍ୟ ଏବଂ ଚନ୍ଦ୍ର ତାହାର ଆଖି ବୋଲି ସେମାନେ କହିଥିଲେ। ଆକାଶ ଏବଂ ନକ୍ଷତ୍ରଗଣ ତାଙ୍କ ନାଭିରୁ ଜନ୍ମ ହୋଇଥିଲେ। ବ୍ରାହ୍ମଣ ତାଙ୍କ ମୁଣ୍ଡ, ରାଜା(କ୍ଷତ୍ରିୟ) ତାଙ୍କ ହାତ, ବୈଶ୍ୟ ତାଙ୍କ ଜଂଘ ଏବଂ ଶୂଦ୍ର ତାଙ୍କ ପାଦ। ଗୋଲ୍‌ୱାଲକର କହିଛନ୍ତି ଯେ, ଯେଉଁ ଲୋକଙ୍କର ଏହି ଚାତୁଃବର୍ଣ୍ଣ ବ୍ୟବସ୍ଥା ରହିଛି, ସେମାନେ ହେଉଛନ୍ତି ହିନ୍ଦୁ ଓ ଆମ ଦେବତା। ସମାଜ ସେବା ହିଁ ଈଶ୍ୱର ସେବା। ଏଣୁ ନିଜ ବଦଳରେ ଏହି ଜାତିଭିତ୍ତିକ ସମାଜ ହିଁ ଉପାସ୍ୟ ହେବା ଉଚିତ। ଗୋଲ୍‌ୱାଲକରଙ୍କ ମତରେ, ଜାତିରେ ଉଚ୍ଚ ଓ ନୀଚ ଭାବନା ଇଂରେଜଙ୍କ 'ଗୁପ୍ତ ଯୋଜନା' ଏବଂ 'ବିଭାଜନ ଦ୍ୱାରା ଶାସନ କରିବା ନୀତି'ରୁ ସୃଷ୍ଟି ହୋଇଛି। ବାସ୍ତବରେ ଭାରତ ପାଇଁ ସେ ଜାତି ବ୍ୟବସ୍ଥାକୁ କ୍ଷତିକାରକ ବଦଳରେ ଲାଭଦାୟକ ଦୃଷ୍ଟିରେ ଦେଖିଛନ୍ତି। ଦଳିତ ବୁଦ୍ଧିଜୀବୀ ଚନ୍ଦ୍ର ଭାନ ପ୍ରସାଦ କହିଥିଲେ ଯେ, ସହସ୍ରାବ୍ଦି ଧରି ବ୍ରାହ୍ମଣମାନେ କେବଳ ଜ୍ଞାନ ପ୍ରଦାନ ଦାୟିତ୍ୱରେ ରହିଥିଲେ ମଧ୍ୟ ପୃଥିବୀରେ ସବୁଠୁ ବେଶି ନିରକ୍ଷର ରହିଛନ୍ତି ଭାରତରେ। ପ୍ରତିରକ୍ଷା ଦାୟିତ୍ୱରେ କ୍ଷତ୍ରିୟମାନେ ରହିଥିଲେ ବି ଭାରତକୁ ସବୁଠୁ ଅଧିକ ଆକ୍ରମଣ କରାଯାଇଥିଲା। ସେହିପରି ବୈଶ୍ୟମାନେ ବାଣିଜ୍ୟ ଦାୟିତ୍ୱରେ ରହିଥିଲେ, ହେଲେ ଭାରତ ବିଶ୍ୱରେ ଗରିବ ଦେଶ ହୋଇ ରହିଛି। କିନ୍ତୁ ଗୋଲୱାଲ୍‌କର ବିପରୀତ ଦୃଷ୍ଟିକୋଣ ନେଇ କହିଛନ୍ତି ଯେ, ଆମ ଅଧଃପତନ ପାଇଁ ଜାତି ବ୍ୟବସ୍ଥା ଦାୟୀ ନୁହେଁ। ସେ ଉଲ୍ଲେଖ କରିଛନ୍ତି, ପୃଥ୍ୱୀରାଜ ଚୌହାନ ତାଙ୍କ ଜାତିର ଜୟଚନ୍ଦଙ୍କ ଦ୍ୱାରା ପରାସ୍ତ ହୋଇଥିଲେ। ରାଣା ପ୍ରତାପଙ୍କୁ ମାନସିଂ ନିରାଶ କରିଥିଲେ। ୧୮୧୮ରେ ପୁଣେରେ ହିନ୍ଦୁମାନଙ୍କ ପରାଜୟ ପେଶୱାଙ୍କ ନିଜ ଜାତିର ସାଥୀ ନାଟୁଙ୍କ ଦ୍ୱାରା ହୋଇଥିଲା ଯିଏ କି ଇଂରେଜ ପତାକା ଉତ୍ତୋଳନ କରିଥିଲେ।

ଗୋଲ୍‌ୱାଲକର ଲେଖିଛନ୍ତି ଯେ, ଇସ୍‌ଲାମର ହିଂସକ ଆକ୍ରମଣକୁ ସାମ୍ନା କରିବାରେ ଭାରତ ସକ୍ଷମ ଥିଲା। କିନ୍ତୁ ଜାତିବିହୀନ ଓ ବୌଦ୍ଧଧର୍ମର ଆଫଗାନିସ୍ତାନ ମୁସ୍‌ଲିମ ହୋଇଗଲା। ଜାତି ହିନ୍ଦୁତ୍ୱର ଅସ୍ତିତ୍ୱକୁ ନିଶ୍ଚିତ କରିଛି। ଜାତିକୁ ନେଇ ଏବେ ଆମ ମଧ୍ୟବିତ୍ତ ଶ୍ରେଣୀର ଦୃଷ୍ଟିକୋଣ ଯାହା ରହିଛି ତାହା ଗୋଲ୍‌ୱାଲକରଙ୍କର ରହିଥିଲା। ଉଦାହରଣସ୍ୱରୂପ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଭଳି ବାକ୍ୟାଂଶ ବ୍ୟବହାର କରିବା ଦ୍ୱାରା ବିଭେଦତା ସୃଷ୍ଟି ହୁଏ ବୋଲି ସେ ଅନୁଭବ କରିଥିଲେ। ତେବେ ସମସ୍ତଙ୍କୁ କାହିଁକି ହିନ୍ଦୁ କୁହାଯିବ ନାହିଁ।

ଉତ୍ତର ପ୍ରଦେଶରେ ହରିଜନ ସମୁଦାୟ ଉପରେ ହିନ୍ଦୁମାନେ ଆକ୍ରମଣ କରିଥିବା ଖବର ପ୍ରକାଶ ପାଇଥିଲା, କିନ୍ତୁ ସେଠାରେ ଗୋଟିଏ ହେଲେ ବି ହିନ୍ଦୁ ପରିବାର ବାସ କରୁ ନ ଥିଲେ। ହରିଜନଙ୍କ ଉପରେ ମୁସଲମାନଙ୍କ ଆକ୍ରମଣକୁ ଆଟ୍ରୋସିଟି ରଙ୍ଗ ଦିଆଯାଇଥିଲା। ମୋର ସନ୍ଦେହ ରହିଛି ଯେ, ଏହି ବ୍ୟବସ୍ଥିତ ଓ ସୂକ୍ଷ୍ମ ପ୍ରଚାର ପଛରେ କୌଣସି ବାହାର ଦେଶର ହାତ ରହିଛି। ନଚେତ୍ ଏଭଳି ଖବରକୁ ପ୍ରମୁଖତାର ସହ କାହିଁକି ଅଧିକ ପ୍ରସାରଣ କରାଯାଇ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଯାଉଥିଲା। ସେହିଭଳି ଏବେ ସମାନ ପ୍ରକାର ଭାବନା ୧୦୩ ସଂଶୋଧନ ସୃଷ୍ଟି କରିଛି, ଯାହା ଜାତି ଊର୍ଦ୍ଧ୍ୱରେ ସଂରକ୍ଷଣ ଦେବାକୁ ସତ ବୋଲି ମନେ କରାଯାଉଛି। ବାସ୍ତବତା ହେଉଛି, ଭାରତୀୟମାନେ ଜାତିର ପୂଜାରୀ ହୁଅନ୍ତୁ ବୋଲି ହିନ୍ଦୁତ୍ୱ ଚାହୁଁଛି, ହେଲେ ଭାରତୀୟମାନେ ଏ ସମ୍ପର୍କରେ ମୁହଁ ଖୋଲନ୍ତୁ ବୋଲି ଚାହୁଁନାହିଁ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 3 | | | | 8 | 2 |
| | | | | | | | 7 | 9 |
| | | | | 2 | 6 | | | |
| | 3 | | | | 5 | 8 | | |
| | | 1 | 4 | | | | | |
| | | 2 | | 6 | | 7 | | |
| | | 5 | | | 4 | | | |
| | | 9 | 2 | | 3 | | | 4 |
| | 8 | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 6 | 5 | 8 | 4 | 1 | 2 | 3 |
| 1 | 5 | 8 | 2 | 7 | 3 | 6 | 9 | 4 |
| 2 | 4 | 3 | 6 | 1 | 9 | 8 | 5 | 7 |
| 4 | 6 | 5 | 7 | 2 | 1 | 9 | 3 | 8 |
| 3 | 2 | 1 | 8 | 9 | 5 | 7 | 4 | 6 |
| 7 | 8 | 9 | 3 | 4 | 6 | 5 | 1 | 2 |
| 8 | 1 | 2 | 9 | 3 | 7 | 4 | 6 | 5 |
| 5 | 3 | 4 | 1 | 6 | 8 | 2 | 7 | 9 |
| 6 | 9 | 7 | 4 | 5 | 2 | 3 | 8 | 1 |

ଗତ କାଲିର ଉତ୍ତର

# ଭକ୍ତ ଓ ଭଗବାନ୍



ନାରାୟଣ ମିଶ୍ର

ଭଗବାନ ଶ୍ରୀମଦ୍ ଭଗବତ୍‌ଗୀତାର ସପ୍ତମ ଅଧ୍ୟାୟର ୧୬ନମ୍ବର ଶ୍ଳୋକରେ କହିଛନ୍ତି– ''ଚତୁର୍ବିଧା ଭଜନ୍ତେ ମାଂ ଜନା ସୁକୃତିନୋଽର୍ଜ୍ଜୁନ, ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ।'' ଅର୍ଥାତ୍ ଚାରିପ୍ରକାର ସୁକୃତି ବା ଭଗବାନଙ୍କଠାରେ ଶ୍ରଦ୍ଧା ଥିବା ବ୍ୟକ୍ତି ମୋର ଭଜନ କରନ୍ତି ବା ମୋର ଶରଣାପନ୍ନ ହୁଅନ୍ତି– ଏ ଚାରି ପ୍ରକାର ବ୍ୟକ୍ତି ମୋ ଭକ୍ତ। ଏମାନେ ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ। ଯେଉଁମାନେ ସୁଖ ସୁବିଧା, ଧନ ସମ୍ପତ୍ତି ଇତ୍ୟାଦି ପାଇବାକୁ ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଭଗବାନଙ୍କୁ ଡାକନ୍ତି ସେମାନେ ଅର୍ଥାର୍ଥୀ ଭକ୍ତ। ଧ୍ରୁବ ରାଜସିଂହାସନ ପାଇବାକୁ ତପସ୍ୟା କଲେ ସତ, ଫଳସ୍ୱରୂପ ତାଙ୍କୁ ରାଜ୍ୟ ମିଳିଲା ଏହା ବି ସତ ; କିନ୍ତୁ ରାଜ୍ୟ, ଧନସମ୍ପତ୍ତି ପାଇବାର ଇଚ୍ଛା ନଷ୍ଟ ହୋଇ ଭଗବାନଙ୍କ ଉପରେ ଅଚଳାଚଳ ଭକ୍ତି ଆସିଗଲା। ଆର୍ତ୍ତ ଭକ୍ତମାନଙ୍କ ମଧ୍ୟରେ କେତେକ ଗଜେନ୍ଦ୍ର ଓ ଦ୍ରୌପଦୀଙ୍କ ଉଦାହରଣ ଦିଅନ୍ତି ; କିନ୍ତୁ ଏ ଦୁହେଁ ଯଥାକ୍ରମେ ହସ୍ତୀମାନଙ୍କ ବଳ ବା ଉପସ୍ଥିତ ବୟୋଜ୍ୟେଷ୍ଠଙ୍କ ଉପରେ ପ୍ରଥମେ ନିର୍ଭର କରି ଶେଷରେ ଆର୍ତ୍ତଭକ୍ତ ହୋଇ ଭଗବାନଙ୍କ ଉପରେ ନିର୍ଭର କଲେ ଏବଂ ସଙ୍ଗେ ସଙ୍ଗେ ଫଳ ପାଇଲେ। ଆର୍ତ୍ତ ଭକ୍ତଙ୍କ ମଧ୍ୟରେ ଉତ୍ତରାଙ୍କ ଦୃଷ୍ଟାନ୍ତ ପୂରା ଠିକ୍ ; କାରଣ ସେ ଅଶ୍ୱତ୍ଥାମାଙ୍କ ପ୍ରେରିତ ବ୍ରହ୍ମାସ୍ତ୍ର ଆସିବା ଦେଖି ଅତି ବିକଳ ଭାବରେ ପ୍ରାର୍ଥନା କରିଥିଲେ– ''ହେ, ଦେବାଧିଦେବ, ହେ ଜଗଦୀଶ୍ୱର, ହେ ମହାଯୋଗୀ! ମୋତେ ରକ୍ଷା କର, ରକ୍ଷା କର। ଆପଣଙ୍କ ଛଡ଼ା ଏ ଲୋକରେ ମୋର ଅନ୍ୟ କେହି ଅଭୟଦାତା ନାହିଁ: କାରଣ ଏଠାରେ ସମସ୍ତେ ପରସ୍ପରର ମୃତ୍ୟୁର କାରଣ ହୋଇଛନ୍ତି। ହେ ପ୍ରଭୁ! ହେ ସର୍ବଶକ୍ତିମାନ! ଏହି ଉତ୍ତପ୍ତ ଲୌହଶର ମୋ ଆଡ଼କୁ ମାଡ଼ିଆସୁଛି। ହେ ସ୍ୱାମୀ! ଏହା ମୋତେ ଜାଳିଦେଉ ପଛେ, ମୋ ଗର୍ଭକୁ ନଷ୍ଟ ନ କରୁ।'' ଜିଜ୍ଞାସୁ ଭକ୍ତମାନଙ୍କ ମଧ୍ୟରେ ଉଦ୍ଧବ ଅନ୍ୟତମ। ଭଗବାନଙ୍କ ସ୍ୱରୂପ ଓ ଭଗବତ୍ ତତ୍ତ୍ୱକୁ ଜାଣିବାକୁ ଅହରହ ଚେଷ୍ଟା କରୁଥିବା ଲୋକଙ୍କୁ ଜିଜ୍ଞାସୁ ଭକ୍ତ କୁହାଯାଏ। ଜ୍ଞାନୀ ବା ପ୍ରେମୀ ଭକ୍ତମାନଙ୍କ ମଧ୍ୟରେ ଗୋପୀମାନଙ୍କ ନାଁ ପ୍ରଥମେ ଆସିଯାଏ। କାରଣ ଗାଈ ଦୁହିଁଲାବେଳେ, ଧାନ କୁଟିଲାବେଳେ, ଦହି ମନ୍ଥିଲାବେଳେ, ପିଲାଙ୍କୁ ଦୋଳିରେ ଝୁଲାଇଲାବେଳେ, ତୁଳସୀ ମୂଳରେ ପାଣି ଦେଲାବେଳେ ଗୋପୀମାନେ ପ୍ରେମପୂର୍ଣ୍ଣ ଚିତ୍ତରେ ଆଖିରେ ଲୁହଭରି ଶ୍ରୀକୃଷ୍ଣଙ୍କଠାରେ ଚିତ୍ତ ନିବେଶ କରି ଗଦଗଦ୍ କଣ୍ଠରେ ତାଙ୍କ ଦିବ୍ୟଲୀଳା ଗାନ କରୁଥିଲେ।



ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ ଓ ଜ୍ଞାନୀ ଏହି ଚାରିପ୍ରକାର ଭକ୍ତଙ୍କ ମଧ୍ୟରେ ତିନି ପ୍ରକାରର ଭକ୍ତଙ୍କ ହୃଦୟରେ କିଛି ନା କିଛି ବ୍ୟକ୍ତିଗତ ଇଚ୍ଛା ରହେ, ଯଥା: ଅର୍ଥାର୍ଥୀ ଭକ୍ତ ଅନୁକୂଳ ପରିସ୍ଥିତି ଇଚ୍ଛା କରନ୍ତି, ଆର୍ତ୍ତ ଭକ୍ତ ପ୍ରତିକୂଳ ପରିସ୍ଥିତିକୁ ଦୂର କରିବାକୁ ଇଚ୍ଛା କରନ୍ତି ଓ ଜିଜ୍ଞାସୁ ଭକ୍ତ ଭଗବତ୍ ତତ୍ତ୍ୱକୁ ଜାଣିବାକୁ ଇଚ୍ଛା କରନ୍ତି। କିନ୍ତୁ ଜ୍ଞାନୀ ଭକ୍ତଙ୍କର କୌଣସି ଇଚ୍ଛା ରହେ ନାହିଁ। ତେଣୁ ଭଗବାନ୍ କହିଛନ୍ତି ଜ୍ଞାନୀ ଭକ୍ତ ମୋର ସବୁଠୁ ପ୍ରିୟ।

ଆଉ ଗୋଟିଏ ସରଳ ଉଦାହରଣ ଏ ଚାରି ପ୍ରକାର ଭକ୍ତଙ୍କ କଥା ଆମ ସାଧାରଣ ମଣିଷଙ୍କ ବୁଝିବା ପାଇଁ ଯଥେଷ୍ଟ। ଚାରିଜଣ ପିଲା ଖେଳୁଥିଲେ। ସେତିକିବେଳେ ସେମାନଙ୍କ ବାପା ଚାରୋଟି ଆମ୍ବ ନେଇ ଆସିଲେ। ତାଙ୍କୁ ଆମ୍ବ ସହ ଆସିବା ଦେଖିବାକ୍ଷଣି ଗୋଟିଏ ପିଲା ବାରମ୍ବାର ଆମ୍ବ ମାଗିବାକୁ ଲାଗିଲା। ଆଉ ଗୋଟିଏ ପିଲା ଆମ୍ବ ନେବା ପାଇଁ କାନ୍ଦିବାକୁ ଲାଗିଲା। ବାପା ସେ ଦୁହିଁଙ୍କୁ ଦୁଇଟି ଆମ୍ବ ଦେଇଦେଲେ। ତୃତୀୟ ପିଲାଟି ଆମ୍ବ ମାଗିଲା ନାହିଁ କି ଆମ୍ବ ପାଇଁ କାନ୍ଦିଲା ନାହିଁ, କିନ୍ତୁ ଆମ୍ବ ଆଡ଼କୁ ଚାହିଁରହିଲା। ଚତୁର୍ଥ ପିଲାଟି ବାପା ଆସିବା ଜାଣି ମଧ୍ୟ ନିଜ ଖେଳରେ ମଜ୍ଜି ରହିଲା। ଚାରିଜଣଯାକ ଗୋଟିଏ ଗୋଟିଏ ଆମ୍ବ ପାଇଲେ। ଏଠାରେ ଆମ୍ବ ମାଗିବା ପିଲାଟି ଅର୍ଥାର୍ଥୀ, କାନ୍ଦିବା ପିଲାଟି ଆର୍ତ୍ତ, ଯେ ଆମ୍ବ ଆଡ଼କୁ ଚାହିଁରହିଲା ସେ ଜିଜ୍ଞାସୁ ଏବଂ ଯିଏ ଆମ୍ବ କଥା ମୁଣ୍ଡରେ ନ ପୂରାଇ ଖେଳରେ ପୂର୍ବପରି ମଜ୍ଜିରହିଲା ସେ ଜ୍ଞାନୀ। ଭଗବାନଙ୍କ ଶରଣରେ ଥରେ ଆସିଗଲେ ଭଗବାନ ସେଇ ଭକ୍ତମାନଙ୍କର 'ଯୋଗକ୍ଷେମ' ବହନ କରନ୍ତି। ଅପ୍ରାପ୍ତ ବସ୍ତୁ ପ୍ରାପ୍ତି କରାଇବାକୁ 'ଯୋଗ' ଏବଂ ପ୍ରାପ୍ତ ସାମଗ୍ରୀକୁ ରକ୍ଷା କରିବାକୁ 'କ୍ଷେମ' କୁହାଯାଏ। ଭଗବାନ ତାଙ୍କ ଶରଣାଗତ ଭକ୍ତମାନଙ୍କୁ ସେମାନଙ୍କ ଇଚ୍ଛିତ ଅପ୍ରାପ୍ତ ବସ୍ତୁ ପ୍ରାପ୍ତ କରାନ୍ତି ଏବଂ ସେଗୁଡ଼ିକୁ ରକ୍ଷା ମଧ୍ୟ କରନ୍ତି। ଶରଣ ନେବା କଥା ଆଉ ଟିକେ ସରଳ ଭାବେ ବୁଝିବାକୁ ହେଲେ ଜଗନ୍ନାଥ ଦାସଙ୍କ ରଚିତ ଭାଗବତରୁ ଗଜେନ୍ଦ୍ର ସ୍ତୁତି ଦି'ପଦ ମନେପକେଇବା। ବର୍ଷ ବର୍ଷ କାଳ ସାଙ୍ଗ ହସ୍ତୀ ହସ୍ତିନୀମାନଙ୍କ ଦ୍ୱାରା ଟଣାହୋଇ ମଧ୍ୟ ଗଜେନ୍ଦ୍ର ଗ୍ରାହ କବଳରୁ ମୁକ୍ତ ନ ହେବାରୁ ପଦ୍ମଫୁଲଟିଏ ଶୁଣ୍ଢରେ ଆଣି ଉପରକୁ ଟେକି କହିଲା– ''ଯେ ପ୍ରଭୁ ସଂସାର କାରଣ, ତା' ପାଦେ ପଶିଲି ଶରଣ। ରଖୁ ନ ରଖୁ ସେ ଜାଣଇ, ତା' ବିନୁ ଅନ୍ୟ ଗତି ନାହିଁ।'' ଏତିକି ସ୍ମରଣ କଲାମାତ୍ରେ ଆକାଶ ମାର୍ଗରେ ଗରୁଡ଼ ପୃଷ୍ଠରେ ସୁଦର୍ଶନଚକ୍ରଧାରୀ ଦେଖାଦେଲେ ଏବଂ ମୁହୂର୍ତ୍ତକେ ଗ୍ରାହର ମୁଣ୍ଡ କାଟି ଗଜେନ୍ଦ୍ରକୁ ଉଦ୍ଧାର କଲେ।

କିଛିଦିନ ଶୁଦ୍ଧପୂତ ଭାବରେ ଭଜନ କୀର୍ତ୍ତନ ବା ପୂଜାର୍ଚ୍ଚନା କଲା ପରେ ପରିସ୍ଥିତି ଚାପରେ ବିପଥଗାମୀ ହୋଇଗଲେ ଆମେ କହୁ ବାରବର୍ଷର ତପସ୍ୟା ଶୁଖୁଆପୋଡ଼ାରେ ଗଲା– ଏହା ସମ୍ପୂର୍ଣ୍ଣ ଭୁଲ୍। ଗୀତାର ୬ଷ୍ଠ ଅଧ୍ୟାୟ ୩୮ନଂ. ଶ୍ଳୋକରେ ପଚାରିଥିବା ଏ ସନ୍ଦେହାତ୍ମକ ପ୍ରଶ୍ନର ଉତ୍ତରରେ ଭଗବାନ ୪୦ ନମ୍ବର ଶ୍ଳୋକରେ ବୁଝାଇଛନ୍ତି ଯେ, ଅର୍ଜିତ ପୁଣ୍ୟ ଇହଲୋକ ବା ପରଲୋକରେ ଆଦୌ ନଷ୍ଟ ହୁଏ ନାହିଁ। ବରଂ ଏ ପୁଣ୍ୟବଳରେ ଉଚ୍ଚକୁଳରେ ଜନ୍ମ ମିଳେ ବା ମୃତ୍ୟୁ ବେଳେ ଈଶ୍ୱରଙ୍କ ନାଁ ସ୍ମରଣ ଆସିଯାଏ। ପୁଣ୍ୟ ଆଉ ପାପ ମିଶାଣ ଫେଡ଼ାଣ ହୁଏ ନାହିଁ, ପୁଣ୍ୟର ଫଳ ଅଲଗା ଏବଂ ପାପର ଫଳ ଅଲଗା। ତେଣୁ କୁହାଯାଏ ଥରେମାତ୍ର ରାମ, କୃଷ୍ଣ ବା ହରି ବୋଲି ଉଚ୍ଚାରଣ କଲେ ଅଶେଷ ପୁଣ୍ୟଫଳ ମିଳେ ଏବଂ ଯିଏ ବାରମ୍ବାର ଉଚ୍ଚାରଣ କରୁଛି ସେ ଭଗବାନଙ୍କର ପ୍ରିୟ ହେବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କିନ୍ତୁ ଶରଣ ନେବା ବେଳେ ନିଜକୁ ତୃଣଠାରୁ ନୀଚ ବୋଲି ମନେକରି ଆତ୍ମାଭିମାନରହିତ ଶରଣ ନେବା ଉଚିତ। ଶିକ୍ଷାଷ୍ଟକରେ କୁହାଯାଇଛି– ''ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା, ଅମାନିନା ମାନଦେନ କୀର୍ତ୍ତନୀୟ ସଦା ହରିଃ।''

ଏହାଦ୍ୱାରା ଅର୍ଥାତ୍ ଏପରି ଭାବିବା (ନିଜକୁ ତୃଣଠାରୁ ମଧ୍ୟ ନୀଚ ମନେକରି ବୃକ୍ଷଠାରୁ ମଧ୍ୟ ସହନଶୀଳ ହୋଇ ଅନ୍ୟମାନଙ୍କୁ ସମ୍ମାନ ଦେଇ ଏବଂ ନିଜେ ଅଭିମାନରହିତ ହୋଇ ସର୍ବଦା ହରିଙ୍କୁ ଚିନ୍ତା କରିବା) ଦ୍ୱାରା ଆମେ କାମନାବିହୀନ କର୍ମ କରିବାକୁ ପ୍ରେରଣା ପାଉ। ଆମେ ସଦାସର୍ବଦା ମନେରଖିବା ଉଚିତ ଯେ, ଆମ ସୁଖରେ ଦୁଃଖୀମାନଙ୍କର ଭାଗ ରହିଛି। ଧରାଯାଉ ଆମେ ଲକ୍ଷପତି, କିନ୍ତୁ ଲକ୍ଷପତି ହେବାର ସୁଖ ଓ ଅଭିମାନ ଆମର ଆସେ, ଯେତେବେଳେ ଆମ ସମ୍ପର୍କୀୟ ବା ଜଣାଶୁଣା ଲୋକମାନଙ୍କ ମଧ୍ୟରେ କେହି ଲକ୍ଷପତି ନ ଥାନ୍ତି। ଯଦି ଆମ ଚାରିପଟେ ଅନେକ କୋଟିପତି ଥାଆନ୍ତି ଆମେ ଲକ୍ଷପତି ହେବାର ସୁଖ ବା ଆତ୍ମାଭିମାନ ପାଇବା କି ? ତେଣୁ ଚର୍ତୁର୍ଦ୍ଦିଗର ଅଭାବଗ୍ରସ୍ତ ଓ ଦରିଦ୍ରମାନଙ୍କର ସ୍ଥିତି ହିଁ ଆମକୁ ଲକ୍ଷପତି ହେବାର ସୁଖ ଦେଉଛି। ସେଥିପାଇଁ ଆମ ସୁଖ ସାମଗ୍ରୀଗୁଡ଼ିକରୁ ଯଥାସାଧ୍ୟ ଅଭାବଗ୍ରସ୍ତଙ୍କ ସେବାରେ ଲଗାଇବା ଉଚିତ, ଆଉ ତାହାହିଁ ଧର୍ମ ଏବଂ ତାହାହିଁ ପୁଣ୍ୟ।

ଗୁରୁକୃପା, ୪୯/୬୦୦, ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ: ୯୯୩୭୪୪୬୩୭୭

# ସମ୍ପର୍କ ପ୍ରତିଷ୍ଠାତା

### ବ୍ୟକ୍ତିତ୍ୱ



ନିଲେଶ ଦେଶାଇ

ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ଦୂର ସମ୍ପର୍କୀୟ ନିଲେଶ ଦେଶାଇ। ଗୁଜରାଟର ଭଲସାଦ ଜିଲାରେ ଜନ୍ମଗ୍ରହଣ କରିଥିବା ନିଲେଶ କିନ୍ତୁ ମଧ୍ୟପ୍ରଦେଶର ରତଲାମ୍‌ରେ ବଢ଼ିଥିଲେ। ପିତା ଦିନାକର ଦେଶାଇ ସେଠାରେ ରେଲ୍‌ୱେ କ୍ଲର୍କ ଥିଲେ। ଏଥିସହିତ ସେ ସର୍ବଭାରତୀୟ ରେଳ କର୍ମଚାରୀ ମହାସଂଘର ଯୁଗ୍ମ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଥିଲେ। ନିଲେଶ ପିଲା ବେଳେ ଉମ୍‌ରାଓମଲ ପୁରୋହିତ ଓ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ଭଳି ବିଶିଷ୍ଟ ଶ୍ରମିକ ନେତାଙ୍କୁ ତାଙ୍କ ଘରେ ଦେଖିଥିଲେ। ୧୯୭୪ରେ ହୋଇଥିବା ବଡ଼ ରେଲ୍‌ୱେ ଧର୍ମଘଟ ଦୀର୍ଘ ୨୦ ଦିନ ଧରି ଚାଲିଥିଲା। ସେଥିରେ ୧୭ ଲକ୍ଷ ରେଳ କର୍ମଚାରୀ କାମ ବନ୍ଦ ଡାକରା ଦେଇଥିଲା, ଯାହା ଭାରତ ଇତିହାସରେ ସର୍ବାଧିକ ପ୍ରଭାବଶାଳୀ ଶିଳ୍ପ ପ୍ରତିବାଦ ବୋଲି ଅଭିହିତ ହୋଇଥିଲା। ସେହି ସମୟରେ ନିଲେଶଙ୍କ ଘର ଶତାଧିକ ନିଲମ୍ବିତ କର୍ମଚାରୀଙ୍କ ଆଲୋଚନାର କେନ୍ଦ୍ର ପାଲଟି ଯାଇଥିଲା। ପିତାଙ୍କୁ ଜେଲ ହୋଇଯିବାରୁ ନିଲେଶ ଧର୍ମଘଟରେ ସାମିଲ ହୋଇଥିଲେ ଓ ପିଲାମାନଙ୍କୁ ନେଇ ପ୍ରତିବାଦ କରିଥିଲେ। ସେହି ଅସ୍ୱାଭାବିକ ଦିନଗୁଡ଼ିକ ନିଲେଶଙ୍କ ମଗଜରେ ସାମାଜିକ କାର୍ଯ୍ୟ ଓ ଶ୍ରମ କଲ୍ୟାଣର ମଞ୍ଜି ବୁଣିଦେଇଥିଲା। ସେ ମନସ୍ଥ କରିଥିଲେ ଜନକଲ୍ୟାଣ ଦିଗରେ ଜୀବନବ୍ୟାପୀ କାର୍ଯ୍ୟ କରିବେ। ସେଥିପାଇଁ ଉଚ୍ଚଶିକ୍ଷାରେ ସେ ସୋସିଆଲ୍ ୱାର୍କକୁ ବିଷୟ ଭାବେ ନେଇ ଇନ୍ଦୋର ସ୍କୁଲ ଅଫ୍ ସୋସିଆଲ୍ ୱାର୍କରୁ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ଶେଷ ବର୍ଷରେ ସେ ଗ୍ରାମୀଣ ବିକାଶକୁ ପ୍ରାଧାନ୍ୟ ଦେଇଥିଲେ। ଲକ୍ଷ୍ୟକୁ ନିର୍ଦ୍ଦିଷ୍ଟ ବିନ୍ଦୁରେ କେନ୍ଦ୍ରିତ କରି ଆଗେଇ ଚାଲିଥିବାରୁ ଆଜି ତାଙ୍କୁ ଭାରତର ଅନ୍ୟତମ ଶ୍ରେଷ୍ଠ ସମ୍ମାନ 'ଜମ୍‌ନାଲାଲ ବାଜାଜ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ୧୯୭୭ରେ ପ୍ରତିଷ୍ଠିତ ଏହି ପୁରସ୍କାର ୪ଟି କ୍ଷେତ୍ର ଉପରେ ଦିଆଯାଇ ଆସୁଛି। ଗଠନମୂଳକ କାର୍ଯ୍ୟ, ଗ୍ରାମୀଣ ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତିର ପ୍ରୟୋଗ, ମହିଳା ଓ ଶିଶୁ ବିକାଶ ଏବଂ ଭାରତ ବାହାରେ ଗାନ୍ଧିବାଦ ପ୍ରଚାର ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତବର୍ଷ ନିଲେଶ ଦେଶାଇ ଗଠନମୂଳକ କାର୍ଯ୍ୟ ଲାଗି ଏହି ପୁରସ୍କାର ପାଇଥିବା ବେଳେ ଅନ୍ୟ କ୍ଷେତ୍ରରେ ଯଥାକ୍ରମେ ଗୁଜରାଟର ମନ୍‌ସୁଖଭାଇ ପ୍ରଜାପତି, ଓଡ଼ିଶାର ସୋଫିଆ ସାଇକ୍ ଏବଂ ଲେବାନନ୍‌ର ଦୁଇ ସାମାଜିକ କର୍ମୀ ଡକ୍ଟର ଓଗିରାଟ ୟୁନାନ୍ ଓ ଡକ୍ଟର ୱାଲିଡ୍ ସ୍ଲାଏବି ସମ୍ମାନିତ ହୋଇଛନ୍ତି। ତେବେ ନିଲେଶଙ୍କ କାର୍ଯ୍ୟ ମଧ୍ୟପ୍ରଦେଶର ଝାବୁଆ ଓ ଅନ୍ୟାନ୍ୟ ଜିଲାରେ ଯେଭଳି ପ୍ରଭାବ ପକାଇଛି, ତାହା ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଚାହୁଁଥିବା ଯୁବପିଢ଼ିଙ୍କୁ ନିଶ୍ଚିତ ପ୍ରେରଣା ଦେବ ବୋଲି କୁହାଯାଇପାରେ।

୬୩ ବର୍ଷୀୟ ନିଲେଶ ସାମାଜିକ କାର୍ଯ୍ୟକୁ ବ୍ୟାପକ କରିବା ଲାଗି ଜୀବନରେ ଯାହାଙ୍କଠାରୁ ଅଧିକ ପ୍ରେରଣା ପାଇଥିଲେ, ସେହି ବ୍ୟକ୍ତିଙ୍କୁ ସେ ରାଜସ୍ଥାନରେ ଖୋଜି ପାଇଥିଲେ। ୧୯୭୨ରେ ସାମାଜିକ କର୍ମୀ ବୁଙ୍କାର ରାୟଙ୍କ ପ୍ରତିଷ୍ଠିତ ସାମାଜିକ କାର୍ଯ୍ୟ ଓ ଗବେଷଣା କେନ୍ଦ୍ର–'ବେୟାରଫୁଟ୍ କଲେଜ' ଦେଶରେ ଚର୍ଚ୍ଚିତ ହୋଇଥିଲା। ଆଜମେର ଜିଲା ତିଲୋନିଆରେ ଏହି ସଙ୍ଗଠନ ଗ୍ରାମୀଣ ଲୋକଙ୍କୁ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସୁନିଶ୍ଚିତ କରିବା, ମହିଳା ସଶକ୍ତୀକରଣ ଏବଂ ସୌର ଶକ୍ତି ମାଧ୍ୟମରେ ଆଲୋକୀକରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏଭଳି ସଫଳତା ବିଷୟରେ ଏକ ଲେଖା ପଢ଼ି ଜାଣିବା ପରେ ନିଲେଶ ତିଲୋନିଆ ଯାଇ ରାୟଙ୍କୁ ଭେଟିଥିଲେ। ସେତେବେଳେ ରାୟ ତାଙ୍କୁ ଝାବୁଆର ଭିଲ୍ ଆଦିବାସୀଙ୍କ ଜୀବନମାନରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ୧୯୮୭ରେ ରାୟଙ୍କ କହିବା ଅନୁଯାୟୀ ୨୬ ବର୍ଷୀୟ ନିଲେଶ ଝାବୁଆର ରାଇପୁରିଆ ଗ୍ରାମରେ ପହଞ୍ଚି ସାମାଜିକ କାର୍ଯ୍ୟ ଆରମ୍ଭ କଲେ। ସେହିଠାରେ ଗଢ଼ିଲେ ସ୍ୱେଚ୍ଛାସେବୀ ସଙ୍ଗଠନ–'ସମ୍ପର୍କ'। ପ୍ରାରମ୍ଭିକ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ପାଇଁ ପାନୀୟ ଜଳ ଉପଲବ୍ଧତା କରାଇବାରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଲୋକଙ୍କ ଶୋଷ ମେଣ୍ଟାଇବା ପରେ ସେ ସେଠାକାର ସମ୍ପ୍ରଦାୟଙ୍କୁ ଶିକ୍ଷିତ କରିବା ଦିଗରେ ଲାଗିପଡ଼ିଲେ। ପର୍ଯ୍ୟାୟ କ୍ରମେ ଲୋକଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସଶକ୍ତ କରିବା ସକାଶେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ବିକାଶରେ ମନୋନିବେଶ କଲେ। ଜୈବିକ ଚାଷ ପ୍ରତି ଆଗ୍ରହ ବଢ଼ାଇ ସମ୍ପର୍କ ସିଡ୍ ବ୍ୟାଙ୍କ ପ୍ରତିଷ୍ଠା କଲେ। ସ୍ୱଦେଶୀ ମଞ୍ଜି ପାଇ କୃଷକମାନେ ଭଲ ଅମଳ କଲେ। ସେତେବେଳେ ଆନ୍ଧ୍ରପ୍ରଦେଶରୁ ଦଲାଲମାନେ ଆସି ଝାବୁଆରେ ମହାଜନୀ କରି ଲୋକଙ୍କୁ ଠକାଉଥିଲେ। ସେଥିରୁ ସେମାନଙ୍କୁ ରକ୍ଷା କରିବା ଲାଗି ନିଲେଶ ଧୋତି ବ୍ୟାଙ୍କ (ହ୍ୱାଇଟ୍ ବ୍ୟାଙ୍କ) ସ୍ଥାପନ କରି ଲୋକଙ୍କୁ ଉଚିତ ସୁଧରେ ସେମାନଙ୍କ ଆର୍ଥିକ ଜୀବନକୁ ସୁଗମ କରିଥିଲେ। ସେଥିରୁ ମହିଳାମାନେ ବ୍ୟାଙ୍କ ଋଣ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମଧ୍ୟ ଲାଭବାନ ହୋଇଥିଲେ। 'ସମ୍ପର୍କ'ର ସଫଳତା ଦେଖି ଆନ୍ଧ୍ର ମହାଜନୀ ସ୍ଥାନ ଛାଡ଼ି ପଳାଇଥିଲେ। ବର୍ଷ ବର୍ଷ ଧରି ଗରିବ ଓ ଅସହାୟ ବ୍ୟକ୍ତି ସେମାନଙ୍କ ଆୟ ବୃଦ୍ଧି କରି ନ ପାରି ଦାଦନ ଭାବେ ଅନ୍ୟ ସ୍ଥାନକୁ ଖଟିବାକୁ ଯାଉଥିବାରେ ନିଲେଶ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।

'ସମ୍ପର୍କ'ର ଯାତ୍ରା ସକାରାତ୍ମକ ଦିଗକୁ ଅନିଶା କରି ଆଜି ଝାବୁଆ ଓ ଏହାର ପଡ଼ୋଶୀ ଜିଲାର ଦୁଇ ଲକ୍ଷ ପରିବାରଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ୧୯୯୦ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି. ସିଂଙ୍କଠାରୁ ଜାତୀୟ ଯୁବ ପୁରସ୍କାର ପାଇଥିବା ନିଲେଶ ୪୪ତମ ଜମନଲାଲ ବାଜାଜ ସମ୍ମାନ ସହ ଅନେକ ପୁରସ୍କାରର ଅଧିକାରୀ ହୋଇଛନ୍ତି। କିନ୍ତୁ ସେ ଅସହାୟଙ୍କ ଓଠରେ ହସ ଫୁଟାଇପାରିଲେ ଅଧିକ ତୃପ୍ତ ହୋଇଥାଆନ୍ତି ବୋଲି କହିଥାଆନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବହୁ ସମୟରେ ତୃଣମୂଳ ସ୍ତରରେ ଲୋକେ ବୈଜ୍ଞାନିକଙ୍କ ଭଳି କିଛି ଉଦ୍ଭାବନ କରନ୍ତି, ଯାହା ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଏଭଳି ପରିଚୟ ଆଣିପାରିଛନ୍ତି ତାମିଲନାଡୁର ଚାଷୀ ପି.ଏମ୍. ମୁରୁଗେସାନ। ସେ ଏକ ମେଶିନ ଉଦ୍ଭାବନ କରିଛନ୍ତି, ଯେଉଁଥିରେ କଦଳୀ ବର୍ଜ୍ୟରୁ ଦଉଡ଼ି ତିଆରି କରି ବର୍ଷକୁ ୧.୫ କୋଟି ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ସେ ଅଧାରୁ ପାଠ ଛାଡ଼ି ଚାଷରେ ତାଙ୍କ ବାପାଙ୍କୁ ସାହାଯ୍ୟ କରିବା ସମୟରେ କିଛି ନୂତନତ୍ୱ ଆଣିବା ଲାଗି ଚିନ୍ତା କରିଥିଲେ। ସେତେବେଳେ ସେ ଅନେକ ଟନ୍ କଦଳୀ ବର୍ଜ୍ୟ ପୋଡ଼ି ଦେଉଥିଲେ। ଏଣୁ ଏହାର ସଦୁପଯୋଗ କରିବା ଲାଗି ଚିନ୍ତା କରି ସେଥିରୁ ଦଉଡ଼ି ତିଆରି କରିବାର ଯୋଜନା ଆରମ୍ଭ କରିଥିଲେ ୨୦୦୮ରେ। ପରେ ୧.୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମେଶିନ ନିର୍ମାଣ କରି ତାହାକୁ ପାଟେଣ୍ଟ କରିଥିଲେ। ଏବେ ଗୋଟିଏ ମେଶିନ୍‌ରେ ଦିନକୁ ୧୫ ହଜାର ମିଟର ଦଉଡ଼ି ତିଆରି ହୋଇପାରୁଛି। ଅଧିକ ମେଶିନ ନିର୍ମାଣ କରି ଏବେ ଉକ୍ତ କାର୍ଯ୍ୟରେ ୩୫୦ ଜଣ ଲୋକଙ୍କୁ ନିଯୁକ୍ତ କରିଛନ୍ତି। ମଦୁରାଇରେ ପ୍ରତିଷ୍ଠା କରିଥିବା ଏମ୍‌ଏସ୍ ରୋପ୍ସ ପ୍ରଡକ୍ସନ ସେଣ୍ଟର କରି ବର୍ଷକୁ ପାଖାପାଖି ୫୦୦ ଟନ୍ କଦଳୀ ବର୍ଜ୍ୟ ପ୍ରୋସେସିଂ କରି ସେଥିରୁ ୧.୫ କୋଟି ଟଙ୍କା ରୋଜଗାର କରିପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୯୭

- ଆଫ୍ରିକୀୟ ଜାତୀୟ କଂଗ୍ରେସ (ଏ.ଏନ୍.ସି.)ର ଅଧ୍ୟକ୍ଷ ପଦରୁ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ଡ. ନେଲସନ ମଣ୍ଡେଲାଙ୍କ ଅବସର ଘୋଷଣା।
- ଆନ୍ତର୍ଜାତିକ ଓ ଏସୀୟ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଚୀନ୍ ଓ ଭାରତ ମଧ୍ୟରେ ୩ଟି କ୍ରୀଡ଼ା ଚୁକ୍ତି ସ୍ୱାକ୍ଷରିତ।
- ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କ ହସ୍ତକ୍ଷେପ ଫଳରେ ନିର୍ବାଚନ କମିଶନରେ ସୃଷ୍ଟି ହୋଇଥିବା ସଙ୍କଟର ଅବସାନ।

# ପାଠକ ଶ୍ରେଷ୍ଠ ବିଚାରକ

## ସୁଧମୁକ୍ତ ଋଣ ଦିଆଯାଉ

ମହାଶୟ,

ଆମ ଦେଶରେ ପ୍ରାୟ ୧୦ କୋଟି ଉଚ୍ଚଶିକ୍ଷିତ ବେକାର ରହିଛନ୍ତି। ଏମାନଙ୍କ ମାତାପିତା ଏମାନଙ୍କ ପାଇଁ ଋଣ କରଜ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ସରକାରୀ ଚାକିରି କରି ନଥିବା ଗରିବ ପରିବାରର ଜଣକୁ ମଧ୍ୟ ସରକାର ଚାକିରି ଦେବାର ସାମ୍ବିଧାନିକ ବିଧିବ୍ୟବସ୍ଥା କରୁନାହାନ୍ତି। କ୍ଷମତା ରାଜନୀତି କରୁଥିବା ଭୋଟ ପାଗଳ ସରକାରୀ ଦଳ ଭୋଟ ବେଳେ ଦେଶର ଶିକ୍ଷିତ ବେକାରଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଦେଶର ପୁଞ୍ଜିପତିମାନେ ଏମାନଙ୍କୁ ମାସିକ ୬/୭ ହଜାର ଟଙ୍କା ଦେଇ ୧୨/୧୪ ଘଣ୍ଟା ଖଟାଉଛନ୍ତି। ବାହାର ରାଜ୍ୟରେ ଏମାନଙ୍କ ମଧ୍ୟରୁ ଅନେକେ ଶୋଷିତ ଓ ନିର୍ଯାତିତ ହୋଇ ଅକାଳ ମୃତ୍ୟୁବରଣ କରୁଛନ୍ତି। ରାଜ୍ୟ ସରକାର ଧନୀଦରିଦ୍ର ନିର୍ବିଶେଷରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ୫ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ଦେଉଛନ୍ତି ; ଅଥଚ ଉଚ୍ଚଶିକ୍ଷିତ ଗରିବ ବେକାରଙ୍କୁ ନୁହେଁ। ପିଏମ୍‌ଇଜିପି ଯୋଜନାରେ ଦେଶର ଜାତୀୟକରଣ ବ୍ୟାଙ୍କଗୁଡ଼ିକ ମଧ୍ୟ ଶିକ୍ଷିତ ବେକାରଙ୍କୁ ଆତ୍ମନିଯୁକ୍ତି ପାଇଁ ଋଣ ଦେଉନାହାନ୍ତି। ଚତୁର ସରକାରଙ୍କ ହଜାର ହଜାର କୋଟି ଟଙ୍କାର ସବ୍‌ସିଡି ଅର୍ଥ ସେହିଭଳି ପଡ଼ିରହୁଛି। ସୁତରାଂ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଚ୍ଚଶିକ୍ଷିତ ବେକାରଙ୍କ ଆତ୍ମନିଯୁକ୍ତି ପାଇଁ ୧୦ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନର ବିଧିବଦ୍ଧ ବ୍ୟବସ୍ଥା କରନ୍ତୁ।

– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ମଧୁ ମିଳନର ଦେଖିଲଇଁ ସ୍ୱପନ
କେତେ ଚୂତ ମଞ୍ଜରୀ ତୋଳିଲି
ବିଚ୍ଛେଦ-ଧାରେ ଯେତେ ବହିଯାଏ ରୁଧିର
ଅନ୍ତର ତଳେ ତାହା ବୋଳିଲି
ବିରହର ଦୋଳି ଚଢ଼ି ମିଳନର ମଳୟେ
କେବଳ ଜୀବନଯାକ ଦୋଳିଲି।
(ଜୀବନ-ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଚକ୍ଷୁ ଚିକିତ୍ସା ଶିବିର**

ସିଂହପୁର,(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ମିନିବସ୍ ଆସୋସିଏଶନ କାର୍ଯ୍ୟାଳୟରେ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ ରୋଗୀଙ୍କୁ ପରୀକ୍ଷା କରାଯାଇଥିବାବେଳେ ୧୨ଜଣଙ୍କୁ ଚିକିତ୍ସା ନିମନ୍ତେ ଜାରକା ଭୂମିକା ଚକ୍ଷୁ ଚିକିତ୍ସା କେନ୍ଦ୍ରକୁ ପଠାଯାଇଛି। ସପନ ରାୟଙ୍କ ଆୟୋଜନରେ ଡ. ଶୟେଶ କାନ୍ତ ବେହେରା ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସୁବାଶିନୀ ସେନାପତି, ନିରୁପମା ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ବ୍ୟବସାୟ ସଂଘ ସମ୍ପାଦକ ନିରଞ୍ଜନ ବେଉରିଆ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁର୍ଦ୍ଦିନରେ ବିସ୍ଥାପିତ ପରିବାର

**ଯାଜପୁର ଅଫିସ,୧୭।୧୨**

**୩ ବର୍ଷ ହେଲା ମେସ୍କୋ ଷ୍ଟିଲ କାରଖାନା ବନ୍ଦ**

■ ରେଲ୍‌ୱେ ସାଇଡିଂ ଚାଲିଛି, ଦରମା ମିଳୁନି

କଳିଙ୍ଗନଗର ମେସ୍କୋ ଷ୍ଟିଲ କାରଖାନା ୨୦୧୯ ଡିସେମ୍ବରରୁ ବନ୍ଦ ପଡ଼ିଛି। କାମ ନାହିଁ ତ ଦରମା ନାହିଁ ନୀତିରେ ପ୍ରାୟ ୧୫୦୦ କର୍ମଚାରୀ ଓ ଶ୍ରମିକଙ୍କ ଜୀବନ ଏବେ ଦୁର୍ବିସହ ହୋଇପଡ଼ିଛି। ଏନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସରକାର ଏବଂ କୋର୍ଟ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ ହେଁ କର୍ମଚାରୀ ଓ ଶ୍ରମିକମାନେ ସଫଳତା ପାଇନାହାନ୍ତି। ସ୍ଥାନୀୟ ନେତୃବର୍ଗ ମଧ୍ୟ ମୁହଁ ଖୋଲୁନାହାନ୍ତି। ଜମି, ଜଙ୍ଗଲ, ଜଳ ହରାଇଥିବା ୧୫୮ ବିସ୍ଥାପିତ ପରିବାରଙ୍କୁ କିଏ ପୁଣି ଥଇଥାନ କରିବ ସେ ନେଇ ବିଭିନ୍ନ ପ୍ରଶ୍ନ ଏବେ ଉଙ୍କି ମାରିଛି। ଅନ୍ୟପକ୍ଷେ ମେସ୍କୋ ଷ୍ଟିଲ କର୍ତ୍ତୃପକ୍ଷ କଳେବଳେ କୌଶଳେ ରେଲୱେ ସାଇଡିଂ କାର୍ଯ୍ୟକ୍ଷମ କରି ଲାଭବାନ ହେଉଥିବାବେଳେ ବିସ୍ଥାପିତ ପରିବାରଙ୍କ ଘରେ ଚୁଲି ଜଳୁନାହିଁ। ଏହି ସମ୍ବେଦନଶୀଳ ମାମଲା ଉପରେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ନିହାତି ଆବଶ୍ୟକ ବୋଲି ଶ୍ରମିକ, କର୍ମଚାରୀମାନେ ଦାବି କରିଛନ୍ତି।

ଶିଳ୍ପାୟନ ରାଜ୍ୟବାସୀଙ୍କ ଆର୍ଥିକ ଅଭିବୃଦ୍ଧି ସହ ପାରିପାର୍ଶ୍ୱିକ ଉନ୍ନୟନ ଘଟାଇବ ବୋଲି ରାଜ୍ୟ ସରକାର କହୁଛନ୍ତି। କିନ୍ତୁ କଳିଙ୍ଗନଗରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ୨୦୧୫ ନଭେମ୍ବର ୨୬ରୁ ମାସିକ ପ୍ରାୟ ୭ କୋଟି ଟଙ୍କା କ୍ଷତି ଦର୍ଶାଇ ମେସ୍କୋ କାରଖାନାକୁ ବନ୍ଦ କରି ଦିଆଯାଇଥିଲା। ମେସ୍କୋ ପୁଣି ଉତ୍ପାଦନ ହେବ ବୋଲି କମ୍ପାନୀ ମଝିରେ ମଝିରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଉତ୍ପାଦନ ବଦଳରେ କର୍ମଚାରୀ ଓ ଶ୍ରମିକଙ୍କ ଜୀବିକା ଛଡ଼ାଇ ନେଇଥିଲା। ଏହାକୁ ନେଇ ଶ୍ରମିକ ଓ କର୍ମଚାରୀ ମହଲରେ ଉତ୍ତେଜନା ପ୍ରକାଶ ପାଇବା ସହ କଳିଙ୍ଗନଗର ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇ ଆସୁଛି। ଗତ ନଭେମ୍ବର ୭ରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ଅଧ୍ୟକ୍ଷତାରେ କଳିଙ୍ଗନଗରରେ ୩୫ଟି ନୂତନ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଆଗମନ ସଂକ୍ରାନ୍ତରେ ଚାଲିଥିବା ଏକ ବୈଠକ ସମୟରେ ମେସ୍କୋ କର୍ମଚାରୀମାନେ ପହଞ୍ଚି କାରଖାନା ଚଳାଇବାକୁ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ହେଲେ କିଛି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ନିଜର ଫାଇଦା ପାଇଁ ମେସ୍କୋ ଷ୍ଟିଲ କାରଖାନା ପରିସରରେ ଥିବା ରେଲୱେ ସାଇଡିଂ ଚାଲିଛି। ୨୦୨୧ ଜୁଲାଇରେ ଏହି ସାଇଡିଂ ବିନା ଅନୁମତିରେ ଚାଲିଥିବା ନେଇ ଅଞ୍ଚଳବାସୀ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଥିଲେ। ଏହି ମର୍ମରେ ଏନ୍‌ଜିଟିରେ ୫୨/୨୦୨୧/ଇଜେଡ୍ ଅନୁସାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁସାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଠାରୁ ପରିବେଶଗତ କିମ୍ବା ଚଳାଇବାକୁ ଅନୁମତି ଅଣା ନ ଯାଇ ରେଲୱେ ସାଇଡିଂକୁ କାର୍ଯ୍ୟକ୍ଷମ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏସ୍‌ପିସିବିଠାରୁ ଅନୁମତି ଆଣି ସାଇଡିଂ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ଅଛି। ଏହି ସାଇଡିଂରେ ଫ୍ଲାଏ ଆଶ୍, ସ୍ଲାଗ, କ୍ଲିଙ୍କର, କୋଲ, ଜିପସମ୍ ଆଦି ଅନଲୋଡିଂ ହେଉଛି। ଏଭଳି ବିଷାକ୍ତ ସାମଗ୍ରୀ ପରିବହନ ହେଉଥିବା ସାଇଡିଂକୁ ଲାଲ ବର୍ଗ(ରେଡ୍ କାଟେଗୋରି) ୟୁନିଟ ଭାବେ ଧରାଯାଏ। ଏହି ସାଇଡିଂର ଚାରିପଟେ ଥିବା ପାଚେରିର ଉଚ୍ଚତା ପ୍ରଦୂଷଣ ଆଇନ ଅନୁସାରେ ନିର୍ମାଣ କରାଯାଇନାହିଁ। ନିୟମିତ ଭାବେ ପାଣି ସିଞ୍ଚନ ବ୍ୟବସ୍ଥା ହେଉନାହିଁ। ଏହି ସାଇଡିଂର ୧ କିମି ବ୍ୟାସାର୍ଦ୍ଧ ମଧ୍ୟରେ ବସବାସ କରୁଥିବା ଖୁରୁଣ୍ଟି, ମାନପୁର ଓ ନୀଳବସ୍ତି ବାସିନ୍ଦା ଗୁରୁତର ଭାବେ ବାୟୁ ପ୍ରଦୂଷଣରେ ପ୍ରଭାବିତ ହେଉଥିବା ଏନ୍‌ଜିଟିରେ ଅଭିଯୋଗ ହୋଇଛି। କଳିଙ୍ଗନଗର ଶ୍ରମିକ ସଂଘ ସଭାପତି ସେକ୍ ମକସୁଦ କହିଛନ୍ତି, ରାଜ୍ୟ ସରକାର ଯଦି ଚାହାନ୍ତେ ଏହି କାରଖାନା ପୁଣି କାର୍ଯ୍ୟକ୍ଷମ ହୋଇପାରନ୍ତା। ବର୍ତ୍ତମାନ ପ୍ରାୟ ହଜାରେ ବିସ୍ଥାପିତ ପରିବାର କାମଧନ୍ଦା ନ ପାଇ ଭୋକ ଉପାସରେ କାଳାତିପାତ କରୁଛନ୍ତି।

ଅନ୍ୟପକ୍ଷରେ ମିଳିଥିବା ଆର୍‌ଟିଆଇ ତଥ୍ୟ ଅନୁସାରେ, ଖଣି ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦେଶ ହୋଇଥିବା ପରିବେଶଗତ କ୍ଷତିପୂରଣ ଏବଂ ଖଣି ଦୁର୍ନୀତିରେ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଜରିମାନା ଅର୍ଥ ପ୍ରଦାନ କରାଯାଇ ନ ଥିବାରୁ ମେସ୍କୋ ଷ୍ଟିଲକୁ ୨୦୨୦-୨୧ ବର୍ଷ ପାଇଁ ଅନୁମତି ମିଳି ନ ଥିଲା। ଏବେ ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ସେହିପରି ରାଜ୍ୟ ସରକାର କର୍ମଚାରୀ ଓ ଶ୍ରମିକମାନଙ୍କୁ ଦରମା ଦେବାକୁ ରେଲୱେ ସାଇଡିଂ ଚଳାଇବାକୁ ଅନୁମତି ଦେଇଥିଲେ। କିନ୍ତୁ ୬ ମାସ ହେଲା କୌଣସି ଦରମା ମିଳିନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି।



ମେସ୍କୋ ଷ୍ଟିଲ୍ କାରଖାନା ଅଞ୍ଚଳ।

**ସଂକ୍ଷେପରେ**

## ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



କଳିଙ୍ଗନଗର,୧୭।୧୨(ଡି.ଏନ.ଏ.) ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ସ୍ଥିତ ଚାରିଦେଶ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ସୁକିନ୍ଦା ମଣ୍ଡଳର ସମସ୍ତ ୨୭ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। ଏହି କ୍ରୀଡ଼ାରେ ବରିଷ୍ଠ ଏବଂ କନିଷ୍ଠ ବିଭାଗର ୬୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁକିନ୍ଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ ମୁଖ୍ୟ ଅତିଥି, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ୩୯ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ପ୍ରତାପ କେଶରୀ ପଟ୍ଟନାୟକ, ସମିତି ସଦସ୍ୟା ମୀନାରାଣୀ ବାରିକ, ମଣ୍ଡଳ ଉପ-ଶିକ୍ଷା ଅଧିକାରୀ ଗୟାଧର ପରିଡ଼ା ଏବଂ ହୃଷୀକେଶ ବେହେରା ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁ ପରିଚାଳନା କରିଥିବାବେଳେ ମଣ୍ଡଳର ନୋଡାଲ ସମ୍ପାଦକ ମନ୍ମଥ ଦାସ ସାମନ୍ତ ଅତିଥି ପରିଚୟ କରାଇଥିଲେ। ଗୌରାଙ୍ଗ ମହାପ୍ରଭୁ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କାଳନ୍ଦୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଶିକ୍ଷାକୁ ଅଗ୍ରାଧିକାର ଦେଉଥିଲେ

**ଧର୍ମଶାଳା,୧୭।୧୨(ଡି.ଏନ.ଏ.):** ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୨ତମ ଜୟନ୍ତୀ ଜାରକାସ୍ଥିତ ଶିଶୁ ଉଦ୍ୟାନ ପରିସରରେ ଶନିବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଡ. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ମଧୁପୁର କଲେଜର ପ୍ରାଧ୍ୟାପକ ଡ. ତୁହିନାଂଶୁ ରଥ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନର ସୂତ୍ରପାତ କରିଥିଲେ। ଶିକ୍ଷାକୁ ଅଗ୍ରାଧିକାର ଦେଉଥିଲେ। ଦେଶ ହିତୈଶୀ କାର୍ଯ୍ୟ କରୁଥିଲେ। ତେଣୁ ସେ ଓଡ଼ିଆଙ୍କ ଚିର ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ଉପସଭାପତି ମିନତି ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ହୃଷୀକେଶ ସାମଲ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ଲୋକସଭା ସଦସ୍ୟ ମୋହନ ଜେନାଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଆସନ୍ତା ୧୧ ତାରିଖ ଅନୁଷ୍ଠାନର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଯୋଗଦେବାକୁ ସମ୍ମତି ପ୍ରକାଶ କରିଥିବା ନେଇ ଆଲୋଚନା କରାଯାଇଥିଲା। ଏଥିରେ ପୂର୍ବତନ ଉପସଭାପତି ବ୍ରଜକିଶୋର ଦାଶ, ପୂର୍ବତନ ସମ୍ପାଦକ ସୁନାକର ସାହୁ, ଗଣେଶ୍ୱର ବେହେରା, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ସଦସ୍ୟ ବିଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଝୁମ୍ପୁରୀ,୧୭।୧୨(ଡି.ଏନ୍.ଏ.): ଦଶରଥପୁର ବ୍ଲକ୍ କର୍ଯ୍ୟାଁ ପଞ୍ଚାୟତସ୍ଥ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ର ମା'ଜୟଚଣ୍ଡୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରାରେ ଆସି ବିଦ୍ୟାଳୟ ଖେଳପଡ଼ିଆରେ ପହଞ୍ଚିବା ପରେ ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନାୟକ ମଶାଲକୁ ଗ୍ରହଣ କରିବା ସହ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ କର୍ଯ୍ୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର କାଣ୍ଡି, କ୍ରୀଡ଼ା ଶିକ୍ଷକ ରାଜେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଉଭୟ ବାଳିକା ଓ ବାଳକ ବିଭାଗରେ ୧୦୦ମିଟର, ୨୦୦ମିଟର ଦୌଡ଼ ସହ ଲଙ୍ଗ ଜମ୍ପ, ହାଇ ଜମ୍ପ, ସଟ୍ ପୁଟ, ଡିସକସ୍ ଥ୍ରୋ, ସ୍ୟାକରେସ୍ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଜାପତି ରାଉତ, ଧର୍ମଜିତ ମଲ୍ଲିକ, ଶୁଭେନ୍ଦୁ ଶେଖର ସାହୁ, ଶିକ୍ଷୟିତ୍ରୀ ଝୁନୁପ୍ରିୟା ସାମଲ, ମାଳବିକା ସ୍ୱାଇଁ ଓ ଚିତ୍ରା ଘୋଷ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।





ବ୍ୟାସନଗର ସହରର ଚୋରଦା କାଳୀମେଲଣ ପଡ଼ିଆରେ ଶନିବାର ୭ମ ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ପୁସ୍ତକ ମଣିଷର ଦରଦୀ ବନ୍ଧୁ

**କଳିଙ୍ଗନଗର,୧୭।୧୨(ଡି.ଏନ.ଏ.):**

**ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକମେଳା ଉଦ୍‌ଘାଟିତ**

ବ୍ୟାସନଗର ସହରର ଚୋରଦା କାଳୀ ମେଲଣ ପଡ଼ିଆରେ ଶନିବାର ୭ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକମେଳା ଉଦ୍‌ଘାଟିତ ହୋଇଯାଇଛି। ପୁସ୍ତକମେଳା କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ତଥା ପୁସ୍ତକମେଳା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପୁସ୍ତକ ମଣିଷର ଦରଦୀ ବନ୍ଧୁ। ସମ୍ମାନିତ ଅତିଥିଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦାନ କରିଥିଲେ। କମିଟି ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ଜ୍ଞାନରଞ୍ଜନ ରାଉତ ବେଦପାଠ କରିଥିଲେ। ଡ.ଦେବସ୍ମିତା ସାହୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରିଥିବାବେଳେ ବ୍ୟାସନଗର ପବ୍ଲିକ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। କମିଟିର ଦିବଂଗତ ସଦସ୍ୟ ଗୁଣନିଧି ଗୁରୁ ଏବଂ ଉପେନ୍ଦ୍ରନାଥ ମହାନ୍ତିଙ୍କ ସ୍ମୃତିରେ ସ୍ମୃତିଅର୍ଘ୍ୟ ଅର୍ପଣ କରାଯାଇଥିଲା। କମିଟି କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ମହାନ୍ତି ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଉପଦେଷ୍ଟା ସବିତା ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟି ସାଧାରଣ ସମ୍ପାଦକ ଡ. କୁଶଚନ୍ଦ୍ର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ରୁଦ୍ର ନାରାୟଣ ପୃଷ୍ଟି ଓ ଅକ୍ଷୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ଡ. ପ୍ରଦୀପ କୁମାର ରଥ ଧନ୍ୟବାଦ ଦେଇଥିଲେ।

## ମିଶ୍ରଣ ବିଦ୍ୟାଳୟ ସ୍ଥିତି ପରଖିଲା ଯାଞ୍ଚ କମିଟି

**ରସୁଲପୁର,୧୭।୧୨(ଡି.ଏନ.ଏ.):** ରସୁଲପୁର ବ୍ଲକ୍ ଅଧୀନ ବାରବାଟୀ ଉଚ୍ଚ ବିଦ୍ୟାଳୟରେ ବରଜପୁର ପ୍ରାଥମିକ ବିଦ୍ୟାଳୟ ଓ ବଡ଼କଇଞ୍ଚି ପଞ୍ଚାୟତର ମଧୁବନ ପ୍ରାଥମିକ ବିଦ୍ୟାଳୟରେ ପାଳସାହି ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଛି। ମିଶ୍ରଣ ପରେ ବିଦ୍ୟାୟଗୁଡ଼ିକ କିପରି ଚାଲିଛି ଯାଞ୍ଚ କମିଟି ପକ୍ଷରୁ ତା'ର ସ୍ଥିତି ପରଖା ଯାଇଛି। ସଂଗୃହୀତ ତଥ୍ୟ ଆଧାରରେ ରିପୋର୍ଟ ପ୍ରସ୍ତୁତ କରାଯିବ। ପରେ ଯାଜପୁର ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ରସୁଲପୁର ବ୍ଲକ ଅଧୀନରେ ୯ଟି ବିଦ୍ୟାଳୟର ମିଶ୍ରଣ ହୋଇଛି। ଉକ୍ତ ମିଶ୍ରଣକୁ ନେଇ ସ୍ଥାନୀୟ ଜନସାଧାରଣ ଓ ଅଭିଭାବକଙ୍କ ପକ୍ଷରୁ ବିରୋଧ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ପକ୍ଷରୁ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା। ନିର୍ଦ୍ଦେଶ ମୁତାବକ ବିଡିଓ ଅବନିକାନ୍ତ ସାହୁ, ଅତିରିକ୍ତ ତହସିଲଦାର ସୁଚିସ୍ମିତା ନାୟକ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ସତ୍ୟଭାମା ସାହୁ ଓ ବ୍ଲକ ସହକାରୀ ଶିକ୍ଷାଧିକାରୀ ଭିକାରୀ ଚରଣ କବିଙ୍କୁ ନେଇ ଗଠିତ କମିଟି ବ୍ଲକର ୪ଟି ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପରେ କମିଟି ସଦସ୍ୟ ବାରବାଟୀ ସରପଞ୍ଚ ଆୟୁଷ୍ମତି ଦାସ ଓ ଉଭୟ ପଞ୍ଚାୟତରେ ଥିବା ୪ଟି ବିଦ୍ୟାଳୟ ଅଞ୍ଚଳର ଜନସାଧାରଣ ଏବଂ ମିଶ୍ରଣ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନ, ପରିବେଶ ପ୍ରଦର୍ଶନୀ ମେଳା

**ଝୁମ୍ପୁରୀ,୧୭।୧୨(ଡି.ଏନ୍.ଏ.):**

ଦଶରଥପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶଶୀଧର ସିଂହ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସାବିତ୍ରୀ ସେଠୀ, ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମାନନ୍ଦ ଧୀର, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ପ୍ରାକ୍ତନ ଏବିଇଓ ରମାକାନ୍ତ ସେଠୀ ଓ ରବିନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ୍ ୧୨୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅଂଶଗ୍ରହଣ କରିଥିବା କୁନି ବୈଜ୍ଞାନିକମାନଙ୍କୁ ଅତିଥି ମାନପତ୍ର ପ୍ରଦାନ କରିଥିଲେ। ୭ଟି ବିଭାଗର କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ମେଳାରେ ପ୍ରକଳ୍ପ ପ୍ରଦର୍ଶନ ପାଇଁ ମନୋନୀତ କରାଯାଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କ୍ରାନ୍ତିକୁମାରୀ ସ୍ନିଗ୍ଧା ସଂଘମିତ୍ରା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।



ମଣ୍ଡଳସ୍ତରୀୟ ବିଜ୍ଞାନ, ପରିବେଶ ପ୍ରଦର୍ଶନୀ ମେଳାରେ ମଞ୍ଚାସୀନ ଅତିଥି।

# ଜଳ ଯୋଗାଣକୁ ସୁବ୍ୟବସ୍ଥିତ ପାଇଁ ପରାମର୍ଶ

**ଯାଜପୁର ଟାଉନ,୧୭।୧୨(ଡି.ଏନ.ଏ.):**

**ଜିଲା ପରିଷଦର ୩ୟ ସ୍ଥାୟୀ କମିଟି ବୈଠକ**

ଯାଜପୁର ଜିଲା ପରିଷଦ ଉପସଭାପତି ତଥା ସ୍ଥାୟୀ କମିଟି ଅଧ୍ୟକ୍ଷ ଗଣେଶ୍ୱର ବରାଳଙ୍କ ସଭାପତିତ୍ୱକ୍ରମେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ନେଇ ଏକ ବୈଠକ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ସମସ୍ତ ପଞ୍ଚାୟତରେ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ବରାଳ ଉପସ୍ଥିତ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେବା ସହିତ ରହିଥିବା ସମସ୍ୟା ସମ୍ପର୍କରେ ମଧ୍ୟ ପଚାରି ଏହାର ସମାଧାନ ପାଇଁ କହିଥିଲେ। ଅନୁରୂପ ଭାବେ ପରିମଳ ଯୋଜନାର ସୁଫଳ ଗ୍ରାମାଞ୍ଚଳବାସୀ ପାଉଛନ୍ତି କି ନାହିଁ ସେନେଇ ଉପସ୍ଥିତ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ସହ ଆଲୋଚନା କରି ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ଶୀଘ୍ର ସାରିବା ଓ ଆବଶ୍ୟକ ରହିଥିବା ସ୍ଥାନରେ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ କହିଥିଲେ। ଯେଉଁ ସବୁ ଜିଲା ପରିଷଦ ଜୋନ୍‌ରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ସେନେଇ ତୁରନ୍ତ ପ୍ରକଳ୍ପର ଏଷ୍ଟିମେଟ ପ୍ରସ୍ତୁତ କରି କାର୍ଯ୍ୟାରମ୍ଭ କରିବାକୁ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କ ପ୍ରତ୍ୟେକ ଯୋଜନାକୁ ସଫଳତାର ସହ ଶୀଘ୍ର ଶେଷ କରି ଜନଗଣଙ୍କୁ ତା'ର ସୁଫଳ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ପାନୀୟଜଳର ସୁବନ୍ଦୋବସ୍ତ ନିମନ୍ତେ ସରକାର ନେଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଅନୁଦାନକୁ ଉଚିତ ମାର୍ଗ ଓ ଠିକ ସମୟରେ ସୁବିନିଯୋଗ ପାଇଁ ସଭ୍ୟମାନଙ୍କୁ ନିବେଦନ କରିଥିଲେ। ଏପିଡି ରଶ୍ମିରେଖା ପ୍ରଧାନ, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼େଇ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।




ବୈଠକରେ ଯୋଗଦେଇଥିବା ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

# ପ୍ରଥମାଖଣ୍ଡି, ନଠୁଆବର ବିଜୟୀ

**ରସୁଲପୁର,୧୭।୧୨(ଡି.ଏନ.ଏ.):**

**କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ**

ରସୁଲପୁର ବ୍ଲକ ଅଞ୍ଚଳରେ ୮ମ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପ୍ରଥମାଖଣ୍ଡି ଓ ନଠୁଆବର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ନଠୁଆବର ଓ ବନ୍ଧଡ଼ିହ, ଦ୍ୱିତୀୟ ମ୍ୟାଚ୍ ପ୍ରଥମାଖଣ୍ଡି ଏବଂ ରାଜେନ୍ଦ୍ରପୁର ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ନଠୁଆବର ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୧୫ ଓଭର ମ୍ୟାଚରୁ ବ୍ୟାଟସ୍‌ମ୍ୟାନ ସୁବ୍ରତ ନାୟକଙ୍କ ବ୍ୟକ୍ତିଗତ ୪୧ ଓ ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ୩୯ରନ ବଳରେ ଦଳଗତ ରନ ୮ ଉଇକେଟ ବିନିମୟରେ ୧୭୮ ରନରେ ପହଞ୍ଚିଥିଲା। ପ୍ରତିପକ୍ଷ ଦଳର ବୋଲର ୟୋହନ ମଲିକ ଓ ରଘୁନାଥ ଜେନା ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବନ୍ଧଡ଼ିହ ଦଳ ୧୧୫ ରନରେ ସମସ୍ତ ଉଇକେଟ ହରାଇ ପରାଜୟ ବରଣ କରିଥିଲା। ବିଜୟ ସେଠୀ ଓ ୟୋହନ ମଲିକ ବ୍ୟକ୍ତିଗତ ୩୮ ଓ ୨୧ ରନ ସଂଗ୍ରହ କରିଥିଲେ। ନଠୁଆବର ଦଳର ବୋଲର ପ୍ରାଣିୟତ ମହାନ୍ତି ଓ ବିପିନ ନାୟକ ୩ ଓ ୨ଟି ଲେଖାଏ ଉଇକେଟ ଅକ୍ତିଆକର କରିଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ରାଜେନ୍ଦ୍ରପୁର ଦଳ ଟସ୍ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରତିପକ୍ଷ ପ୍ରଥମାଖଣ୍ଡି ଦଳ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୬୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରକାଶ ମଲିକ ବ୍ୟକ୍ତିଗତ ୬୧ ଓ ଜିତେନ୍ଦ୍ର ଦାଶ ୩୧ ରନ ବଳରେ ବିପକ୍ଷ ଦଳକୁ ଏକ ଭଲ ଟାର୍ଗେଟ ଦେଇପାରି ଥିଲେ। ରାଜେନ୍ଦ୍ରପୁର ଦଳ ବୋଲର ମନୋଜ ବାରିକ ଓ ସାରଦା ପ୍ରସନ୍ନ ଭୋଇ ବ୍ୟକ୍ତିଗତ ଭାବେ ୩ ଓ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ରାଜେନ୍ଦ୍ରପୁର ଦଳ ନିର୍ଦ୍ଧାରିତ ଓଭରରୁ ୭ ଉଇକେଟ ହରାଇ ୧୫୧ରନ୍‌ରେ ସମୀତ ରହି ପରାଜୟ ବରଣ କରିଥିଲା। ଦଳ ପକ୍ଷରୁ ସୁଦର୍ଶନ ରାଉଳ ଓ ବ୍ରଜବନ୍ଧୁ ବେହେରା ବ୍ୟକ୍ତିଗତ ସର୍ବାଧିକ ୪୫ ଓ ୨୧ରନ ସଂଗ୍ରହ କରିଥିଲେ। ପ୍ରଥମାଖଣ୍ଡ ଦଳର ବୋଲର ବିନୋଦ ବାରିକ ଓ ସତ୍ୟପ୍ରକାଶ ସେଠୀ ବ୍ୟକ୍ତିଗତ ଭାବେ ୩ ଓ ୨ଟି ଲେଖାଏ ଉଇକେଟ ଅକ୍ତିଆର କରି ଦଳକୁ ବିଜୟୀ କରିବାରେ ସହାୟକ ହୋଇଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ସୁବ୍ରତ ଜେନା, ମହେଶ୍ୱର ସ୍ୱାଇଁ, ପ୍ରକାଶ ଧଳ, ଶକ୍ତିକାନ୍ତ ବଳ, ଦେବରାଜ ମିଶ୍ର ଓ ଅମିୟ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ, ଯୁବନେତା ଆଦିତ୍ୟ ପୃଷ୍ଟି, ରାକେଶ ଦେଓ, ସେକ୍ ଇମାମ ଉଦ୍ଦିନ, ପ୍ରଦୀପ ଦାସ ଓ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହ ଟ୍ରଫି ଉନ୍ମୋଚନ କରିଥିଲେ।



ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ଡିସେମ୍ବର, ୨୦୨୨

## ଦୋକାନରୁ ୧୨ ମୋବାଇଲ ଚୋରି

ବାଲିକୁଦା,(ସ୍ୱ.ପ୍ର.): ବାଲିକୁଦା ଥାନା ମାଛଗାଁସ୍ଥିତ ତାରିଣୀ ଇଲେକ୍ଟ୍ରୋନିକ୍ସ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଏନେଇ ନାଉଗାଁ ଥାନା ଡାବର ଗ୍ରାମର ପ୍ରଶାନ୍ତ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ଦୋକାନର ଆଜବେଷ୍ଟସ୍ କଣାକରି ଭିତରେ ପଶି ୧୨ ମୋବାଇଲ ସମେତ ଚାର୍ଜର ଓ ଇଅର କର୍ଡ ଆଦି ଚୋରିକରି ନେଇଛନ୍ତି ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୫୪୯/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### ୨୫୮.୬୨ ଗ୍ରାମ୍ ବ୍ରାଉନ ସୁଗାର ଜବତ: ୨ ଗିରଫ

ଜଗତ୍‌ସିଂହପୁର ଅଫିସ, ୧୭।୧୨: ଜଗତ୍‌ସିଂହପୁର ଥାନା ନୂଆପୋଲ ନିକଟରୁ ଶନିବାର ୨୫୮.୬୨ ଗ୍ରାମ ବ୍ରାଉନ ସୁଗାର ସହ ଗୋଟିଏ ବାଇକ୍ ଓ ୧୧୫୦ ଟଙ୍କା ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏନେଇ ମାମଲା (ନଂ. ୮୫୧/୨୨) ରୁଜୁ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁଜଙ୍ଗ ଥାନା ଜଗନ୍ନାଥପୁର ଗ୍ରାମର ଦେବାଶୀଷ ଦାସ (୨୫)ଓରଫ ସନିଆ ଓ ଏହି ଥାନା ଅନ୍ତର୍ଗତ ପାନପଲ୍ଲୀର ରୁଦ୍ର ପ୍ରକାଶ ସାହୁ (୨୨) ଓରଫ ପିକୁନା। ମୁଖ୍ୟ ଅଭିଯୁକ୍ତ ତଥା ବାଲେଶ୍ୱର ଜିଲା ବାଲୁବଜାର କେସବା ଷ୍ଟ୍ରିଟ୍ ନିକଟ ଖଲାସି ମହଲାର ମହମ୍ମଦ ସୋହେଲ ଅଲ୍ଲୀ ହକ୍ (୨୨) ଏପର୍ଯ୍ୟନ୍ତ ଗିରଫ ହୋଇ ନ ଥିବା ଜଣାପଡ଼ିଛି।

### ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ରଘୁନାଥପୁର,୧୭।୧୨(ଡି.ଏନ୍.ଏ.): ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍‌ର ପ୍ରଚାର ପ୍ରସାର ପାଇଁ ରଘୁନାଥପୁର ବ୍ଲକରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ବ୍ଲକର ୬ଟି ଜୋନ୍ ମଧ୍ୟରୁ ଶନିବାର ୩ ଜୋନ୍‌ରେ ଖୋଖୋ, କବାଡ଼ି ଓ ଭଲିବଲ ପ୍ରତିଯୋଗିତା କରାଯାଇଛି। ତଅଁରା ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷା ନିକେତନରେ ଆୟୋଜିତ ପ୍ରତିଯୋଗିତାରେ ତଅଁରା, ରାଢ଼ଙ୍ଗ ଓ ପୁରୁଣାବସନ୍ତ ପଞ୍ଚାୟତର ଛାତ୍ର ଓ ଯୁବ କ୍ରୀଡ଼ା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ସରପଞ୍ଚ ବଟକୃଷ୍ଣ ନାୟକ, ସୁଶୀଳ ବାରିକ ଓ କାଳନ୍ଦୀ ମହାନ୍ତି, ସମିତିସଭ୍ୟା ଶାନ୍ତିଲତା ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର ଅଧକ୍ଷତା କରିଥିବାବେଳେ ସାମାଜିକ କର୍ମୀ ଡ. ସୁରେନ୍ଦ୍ରନାଥ ମହାପାତ୍ର, ଶିକ୍ଷାବିତ୍ ଯଦୁନାଥ ଜେନା, ପରିଚାଳନା କମିଟି ସଭାପତି ଇଂ. ବାବାଜୀ ଚରଣ ଜେନା ଓ ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ଶୁକଦେବ ଜେନା, ବିଷ୍ଣୁଚନ୍ଦ୍ର କର, ରାଜକିଶୋର ସାହୁ ଓ ପରେଶ୍ ଚନ୍ଦ୍ର ପାତ୍ର ଖେଳ ପରିଚାଳନା କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ବିଦ୍ୟାଧରପୁରସ୍ଥିତ ଗୋରେଖନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଧରପୁର, ଛପଡ଼ା ଓ ଏରଡାଙ୍ଗ ପଞ୍ଚାୟତର ଯୁବ ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସାହେଦା ତବସୁମ୍, ଅମିତା ଖୁଣ୍ଟିଆ ଓ ଧର୍ମାନନ୍ଦ ସେଠୀ ଏଥିରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା ସମସ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ବିଡିଓ ଲମ୍ବୋଦର ଖୁଣ୍ଟିଆ, ଜିପିଓ ସ୍ମାରକ ରଞ୍ଜନ ମହାନ୍ତି ଉଭୟ ସ୍ଥାନରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।

# ବିଗୁଡୁଛି ଗହୀରମଥା ପରିବେଶ

କେନ୍ଦ୍ରାପଡ଼ା ଅଫିସ, ୧୭।୧୨



ଗହୀରମଥାରେ ଅଲିଭରିଡଲେ ଶାବକ।

ବିଶ୍ୱ ପ୍ରସିଦ୍ଧ ଗହିରମଥା ସାମୁଦ୍ରିକ ଅଞ୍ଚଳରେ ବିରଳ ଅଲିଭ ରିଡଲେ କଇଁଛ ଠୁଳ ହୋଇଛନ୍ତି। ଆଇୟୁସିଏନ୍‌ର ରେଡ ଡାଟା ବୁକ୍‌ରେ ଥିବା ଏହି ବିରଳ ପ୍ରଜାତିଙ୍କ ପ୍ରଜନନ ସ୍ଥଳ ତଟକ୍ଷୟ ଯୋଗୁ କମିବାରେ ଲାଗିଛି। କଟକଣା ସତ୍ତ୍ୱେ ଏହି ସାମୁଦ୍ରିକ ଅଞ୍ଚଳରେ ବୋଟ୍, ଟ୍ରଲର ଚଳାଚଳ ହେଉଛି। ଏହି ସମୟରେ ପ୍ରତିରକ୍ଷା ବିଭାଗ ପାଇଁ ଅନ୍ତଃଦେଶୀୟ ବାଲିଷ୍ଟିକ ମିଶାଇଲ ଅଗ୍ନି ୫ର ରାତ୍ରୀକାଳୀନ ପରୀକ୍ଷଣ ଗତ ୧୫ ତାରିଖରେ ହୁଇଲର ଦ୍ୱୀପରୁ କରାଯାଇଛି। ଡିସେମ୍ବରରେ ଏହି ପରୀକ୍ଷା ବ୍ୟତୀତ ଦି ଡିଫେନସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେଶନ (ଡିଆରଡିଓ) ପକ୍ଷରୁ ଗତ ଦୁଇମାସ ମଧ୍ୟରେ ଏଠାରେ ଲଗାତାର ମିସାଇଲ ପରୀକ୍ଷଣ ଜାରି ରହିଛି। ଏହି ପରୀକ୍ଷଣ ଜାତୀୟ ଉଦ୍ୟାନ ଭିତରକନିକା ନିକଟ ହୁଇଲର ଦ୍ୱୀପ (ଡ. ଅବଦୁଲ କାଲାମ ଦ୍ୱୀପ)ରେ କରାଯାଉଛି। ନିୟୁକ୍ଲିୟର ପରିବହନ କ୍ଷମତାଧାରୀ ମିସାଇଲ ପରୀକ୍ଷଣ ସମୟରେ ଉତ୍ପନ୍ନ ଆଲୋକ ଓ ଧୁଆଁର ପ୍ରଭାବ ବିରଳ ଅଲିଭରିଡଲେଙ୍କ ଅନୁଡିଶାଳ ଭାବେ ପରିଚିତ ଗହୀରମଥା ଉପରେ ପଡୁଛି। ଫଳରେ ଚଳିତବର୍ଷ ଆସିଥିବା କଇଁଛଙ୍କ ଉପରେ ପ୍ରଭାବ ପକାଇବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏସମ୍ପର୍କରେ ବନ୍ୟଜନ୍ତୁ ସୁରକ୍ଷା ସମିତି ସଭାପତି ବିଶ୍ୱଜିତ୍ ମହାନ୍ତି କୁହନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶ ଏବେ ବିଗିଡିବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ସହିତ ତାଳ ଦେଇ ମନୁଷ୍ୟକୃତ କ୍ଷତି ବଢ଼ିଚାଲିଛି। ଗତ ୧ ତାରିଖରେ ଇକୋ ଟ୍ରିଟ ପେଣ୍ଟ ବେଳାଭୂମିରେ ଆରମ୍ଭ ହୋଇଛି। ଉତ୍ସବ ଶେଷରେ କୁଢ଼କୁଢ଼ ପଲିଥିନ ଗଦା ହେବା ସ୍ୱାଭାବିକ। ଏହି ପଲିଥିନ ଅଲିଭରିଡଲେଙ୍କ ପାଇଁ ବିପଦ ସାଜୁଥିବା ବେଳେ ଏବେ ନିକଟସ୍ଥ ହୁଇଲର ଦ୍ୱୀପରୁ ଲଗାତର ମିଜାଇଲ ଟେଷ୍ଟିଂ ହେଉଛି। ପ୍ରତିବର୍ଷ ଏହି ସମୟରେ ଲକ୍ଷାଧିକ

- ବନ୍ଦ ହେଉନାହିଁ ହୁଇଲର ଦ୍ୱୀପରୁ ମିଶାଇଲ ପରୀକ୍ଷା
- କଟକଣା ସତ୍ତ୍ୱେ ନିଷିଦ୍ଧାଞ୍ଚଳରେ ବୋଟ୍, ଟ୍ରଲର
- ଆଲୋକ,ଧୂଆଁରେ ଅଲିଭରିଡଲେ ପ୍ରଭାବିତ ଆଶଙ୍କା

ଅଲିଭରିଡଲେ କଇଁଛଙ୍କ ଆଗମନ ହୋଇଥାଏ। ଏଥିପାଇଁ ଗହୀରମଥା ଅଞ୍ଚଳରେ ନଭେମ୍ବର ପହିଲାରୁ ମେ ୩୧ ଯାଏ ମତ୍ସ୍ୟଜୀବୀଙ୍କ ପାଇଁ କଟକଣା ଥାଏ। ତେବେ ମିସାଇଲ ପରୀକ୍ଷଣ ସମୟରେ ଆଲୋକ ଓ ଧୁଆଁ ଏହି ବିରଳ ସାମୁଦ୍ରିକ ଜୀବଙ୍କୁ ପଥଭ୍ରଷ୍ଟ କରିବ। ସେ କହିଛନ୍ତି, ଅଲିଭରିଡଲେଙ୍କ ପ୍ରଜନନ ସମୟରେ ଟେଷ୍ଟ ଫାଇରିଂ ନ କରିବାକୁ ତତ୍କାଳୀନ ଡିଆରଡିଓ ମୁଖ୍ୟ ଡ. ଅବଦୁଲ କାଲାମଙ୍କୁ ପରିବେଶବିତ୍ ବାଙ୍କବିହାରୀ ଦାସ ଅନୁରୋଧ କରିଥିଲେ। ଏଥିସହିତ ହୁଇଲର ଦ୍ୱୀପର ଆଲୋକ କଇଁଛଙ୍କୁ ଦିଗଭ୍ରଷ୍ଟ କରୁଥିବା ତଥ୍ୟ ତାଙ୍କ ସମ୍ମୁଖରେ ରଖିଥିଲେ। ଏନେଇ ଆଲୋଚନା ପରେ କଇଁଛଙ୍କ ଆଗମନ ଠାରୁ ଶାବକଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ସାମରିକ କର୍ତ୍ତୃପକ୍ଷ ସୁରକ୍ଷା ପ୍ରଦାନ ପାଇଁ ଦିଆଯିବ ବୋଲି ଡ. କାଲାମ ଆଶ୍ୱାସନା ଦେଇଥିଲେ। ତେବେ ତାଙ୍କ ମୃତ୍ୟୁ ପରେ ମିଜାଇଲ ଟେଷ୍ଟ ଫାଇରିଂ ଜାରି ରହିଛି। ସାମୁଦ୍ରିକ ଜୀବ ଓ ଅଲିଭରିଡଲେ କଇଁଛ ସୁରକ୍ଷା ସମିତି ସଭାପତି ହେମନ୍ତ କୁମାର ରାଉତ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଭିତରକନିକାର ପରିବେଶକୁ ବିଗାଡି ଦେଇଛି। ସାମୁଦ୍ରିକ ଝଡ଼ ଓ ଉଚ୍ଚ ଜୁଆର ସ୍ଥାନୀୟ ସାମୁଦ୍ରିକ ଅଞ୍ଚଳକୁ ନଷ୍ଟ କରୁଛି। ତଟକ୍ଷୟ ଯୋଗୁ ଅଲିଭ ରିଡଲେଙ୍କ ଅନୁଡିଶାଳ ସଙ୍କୁଚିତ ହୋଇଛି। ତଟକ୍ଷୟ ସହିତ ହୁଇଲର ଦ୍ୱୀପରୁ ଲଗାତର କ୍ଷେପଣାସ୍ତ୍ର ପରୀକ୍ଷା କଇଁଛଙ୍କ ଆଗମନ ଉପରେ ପ୍ରଭାବ ପକାଇବ। ପରିବେଶବିତ୍ ଜଗନ୍ନାଥ ଦାସ କହିଛନ୍ତି, ତଟାଞ୍ଚଳରେ ଚିଙ୍ଗୁଡି ଘେରି ପରିବେଶକୁ ନଷ୍ଟ କରୁଥିବା ବେଳେ କ୍ଷେପଣାସ୍ତ୍ର ପରୀକ୍ଷା ଏହି ବିରଳ ଜୀବଙ୍କ ସୁରକ୍ଷା ପ୍ରତି ଶୁଭଙ୍କର ନୁହେଁ। ସେହିପରି ଗତ ଦେଢ଼ ମାସ ମଧ୍ୟରେ ବନ ବିଭାଗ ପକ୍ଷରୁ ୧୨ଟି ବୋଟ୍, ଟ୍ରଲରକୁ ନିଷିଦ୍ଧାଞ୍ଚଳରେ ଯାତାୟତ ଅଭିଯୋଗରେ ଜବତ ହୋଇଥିବାରୁ ଅଦ୍ୟାବଧି ଅବାଧ ଚଳାଚଳ ରହିଥିବା ସୂଚନା ମିଳୁଛି। ମିଶାଇଲ ଟେଷ୍ଟକୁ ନେଇ ବନବିଭାଗ ଓ ଡିଆରଡିଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହେବା ଜରୁରୀ। ଗହୀରମଥା ରେଞ୍ଜ ଅଧିକାରୀ ମାନସ ଚନ୍ଦ୍ର ଦାସଙ୍କୁ ଏସମ୍ପର୍କରେ ପଚାରିବାରେ ସେ କୁହନ୍ତି କଇଁଛଙ୍କ ଆଗମନ ସମ୍ପର୍କରେ ଡିଆରଡିଓକୁ ଚିଠି ଦ୍ୱାରା ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଏନେଇ ଅଧିକ ଆଲୋଚନା ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଏଫ୍‌ଏଲ୍‌ଏନ୍ କ୍ଲାସ୍‌ରୁମ୍ ଉଦ୍‌ଘାଟିତ

ରାଜନଗର,୧୭।୧୨(ଡି.ଏନ.ଏ.)

ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ(ଏଫ୍‌ଏଲ୍‌ଏନ୍) ଶ୍ରେଣୀକୁ ଜିଲା ଶିକ୍ଷା ଓ ଶିକ୍ଷା ପ୍ରତିଷ୍ଠାନ କେନ୍ଦ୍ରାପଡ଼ାର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପ୍ରଧାନଶିକ୍ଷକ ନଳିନୀ ରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ମଣ୍ଡଳ ସହ ଶିକ୍ଷାଧିକାରିଣୀ କଳ୍ପନା କୁମାରୀ ଦେଇ, ପେଡାଲୋଜି ବିଭାଗ ଅଧିକାରୀଣୀ ଶୁଭଶ୍ରୀ ଆଚାର୍ଯ୍ୟ, ଶିକ୍ଷକ ପ୍ରଶିକ୍ଷିକା ଶ୍ରଦ୍ଧାଞ୍ଜଳି ମାହୁନ୍ତ, ଅସୀମା ସାହୁ, ଶିକ୍ଷାବିତ୍ ପ୍ରସନ୍ନ ଦାସ, ଅକ୍ଷୟ କୁମାର ନାୟକ, ପରିଚାଳନା କମିଟି ସଭାପତି ଧିରେନ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଶିକ୍ଷକ ପ୍ରମୋଦ କୁମାର ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ନିରାକାର ସେଠୀ, କଳ୍ପନା ଦାସ, ସୁବାସ ଚନ୍ଦ୍ର ସାମଲ, ଉର୍ମିଳା ପରିଡା, ସତ୍ୟନାରାୟଣ ମହାନ୍ତି, ସବିତା ମିଶ୍ର, ଶ୍ରଦ୍ଧାଞ୍ଜଳି ଦାସ, ମନୋସ୍ୱିନୀ ରଥ, ପ୍ରଳୟ କୁମାର ମଲ୍ଲିକ, ଅଭିଲିପ୍ସା ଦାସ, ତାରିଣୀ ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।

# 'ବିଧାୟକଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଗ୍ରହଣୀୟ ନୁହେଁ'

କୁଜଙ୍ଗ,୧୭।୧୨(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ବିସ୍ଥାପିତ ସୁରକ୍ଷା ସମିତିର ସଦସ୍ୟମାନେ।

ଆରସେଲର ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍‌ର ପ୍ରାଚୀର ନିର୍ମାଣକୁ ବିରୋଧ କରୁଥିବା କେତେଜଣ ଲୋକ ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ଓ ତାଙ୍କ ବାପା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ନୂଆଗଡ଼-ହାଣ୍ଡିଆ ବିସ୍ଥାପିତ ସୁରକ୍ଷା ସମିତି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଶନିବାର ହାଣ୍ଡିଆଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିସ୍ଥାପିତ ସୁରକ୍ଷା ସମିତିର ସଭାପତି ଧରଣୀଧର ସ୍ୱାଇଁ ଓ କାର୍ଯ୍ୟକାରୀ ସଭାପତି ତୋଫାନ କୁମାର ସ୍ୱାଇଁ ଏହାର ପ୍ରତିବାଦ କରିବା ସହ ଏଭଳି ଅରୁଚିକର ମନ୍ତବ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ସେମାନେ କହିଥିଲେ, ଏସ୍ଆର୍ ଷ୍ଟିଲ୍ ପାଇଁ ସେମାନେ ଜମି ଦେଇଥିଲେ। ପ୍ରକଳ୍ପ ପାଇଁ ହାଣ୍ଡିଆ ଗ୍ରାମ ସମ୍ପୂର୍ଣ୍ଣ ବିସ୍ଥାପିତ ହେବ ବୋଲି ପୂର୍ବରୁ ଜଣାଥିଲା। ଜମି ଦେବା ସହ ବିସ୍ଥାପିତ କରାଯାଇଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ନିଯୁକ୍ତି ଓ ଥଇଥାନ ପାଇଁ ସମିତି ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ପରବର୍ତ୍ତୀ ସମୟରେ ଏସ୍ଆର୍ ଷ୍ଟିଲ୍ କାରଖାନାକୁ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଅଧିଗ୍ରହଣ କରିଥିଲା। କିନ୍ତୁ କୋଭିଡ୍ ସଂକ୍ରମଣ ଯୋଗୁ ଦୁଇ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ଓ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଏପ୍ରିଲ୍ ୨୦୨୨ରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ପ୍ରାଚୀର ନିର୍ମାଣ ପାଇଁ ଯେତେବେଳେ ଭିତ୍ତିଭୂମି ଆରମ୍ଭ କଲା ବିସ୍ଥାପିତ ସୁରକ୍ଷା ସମିତି ବିରୋଧ କରିଥିଲା। ବିଧାୟକ ଏଥିରେ ହସ୍ତକ୍ଷେପ କରି କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ସହ ବୁଝାମଣା କରି ୫୪ ଜଣଙ୍କୁ ନିଯୁକ୍ତି ଦେବା ସହ ଉନ୍ନୟନ କାମ କରିବାକୁ ବୁଝାମଣା କରାଇଥିଲେ। ସେହି ଅନୁସାରେ ନିପନ ଷ୍ଟିଲ୍ ପକ୍ଷରୁ ଏପର୍ଯ୍ୟନ୍ତ ୩୦ ଜଣଙ୍କୁ ନିଯୁକ୍ତି ଦିଆଯିବା ସହ ରାସ୍ତାଘାଟ ଓ ବିଦ୍ୟାଳୟ ଆଦିର ଉନ୍ନତୀକରଣ ଚାଲିଛି। ସେମାନେ ଅଭିଯୋଗ କରିଛନ୍ତି, ବର୍ତ୍ତମାନ କାରଖାନାରୁ କେବଳ ପେଲେଟ୍ ଉତ୍ପାଦନ କରାଯାଉଛି। ଆଗକୁ ପ୍ଲାଣ୍ଟ ସମ୍ପ୍ରସାରଣ କରାଯାଇ ଇସ୍ପାତ ଉତ୍ପାଦନ କରିବାର ଯୋଜନା ରହିଛି। ମାତ୍ର ପାରାଦୀପର ଶ୍ରମିକ ନେତା ବାପି ସର୍ଖେଲ ଏଥିରୁ ବ୍ୟବସାୟିକ ଫାଇଦା ପାଇବା ପାଇଁ କେତେଜଣଙ୍କ ସହାୟତାରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏ ସମ୍ପର୍କରେ ସର୍ଖେଲ କହିଛନ୍ତି, ସେ ଏ ବିଷୟରେ କିଛି ଜାଣିନାହାନ୍ତି କି କୌଣସି ଲୋକଙ୍କୁ ମତାଇ ନାହାନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ତରାଇ, ମଞ୍ଜୁଲତା ସ୍ୱାଇଁ, ସେବତୀ ସ୍ୱାଇଁ ଓ ବେଙ୍ଗ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏଶନର ବୈଠକ

ଆଳି,୧୭।୧୨(ଡି.ଏନ୍.ଏ.)

ଅଲ ଓଡ଼ିଶା ଇପିଏଫ୍ ପେନସନରର୍ସ ଆସୋସିଏଶନ କେନ୍ଦ୍ରାପଡ଼ା ଜିଲା ଆଳି ଶାଖା ତରଫରୁ ମାଳପାଟଣା ଭାତୁଆବଟ ମନ୍ଦିର ପ୍ରାଙ୍ଗଣରେ ଆଗାମୀ ଆନ୍ଦୋଳନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ଇପିଏଫ୍ ସଙ୍ଘର ସଭାପତି ବସନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଳି, ରାଜକନିକା ଓ ପଟ୍ଟାମୁଣ୍ଡାଇର ପେନସନ ଭୋଗୀ ଯୋଗ ଦେଇଥିଲେ। ୧୯୯୫ରୁ ସରକାର ଆରମ୍ଭ କରିଥିବା ଇପିଏଫ୍ ପେନସନ ସ୍କିମ ଆରମ୍ଭ କରିଥିଲେ ମଧ ଆଜି ପର୍ଯ୍ୟନ୍ତ କିଛି ନିୟମ ପରିବର୍ତ୍ତନ ହୋଇନାହିଁ। ତେଣୁ ଏହାକୁ ପରିବର୍ତ୍ତନ କରାଯାଇ ସୁପ୍ରିମକୋର୍ଟର ଆଦେଶ ଅନୁଯାୟୀ ସେମାନଙ୍କୁ ସରକାର ୯ହଜାର ଟଙ୍କା ପେନସନ ଦେବାକୁ ଦାବି କରାଯାଇଥିଲା। ଏହି ବୈଠକରେ ଯୁଗ୍ମ ସମ୍ପାଦକ ପିତାମ୍ବର ମହାନ୍ତି, ଧନେଶ୍ୱର ରାଉତ, ସହଦେବ ସିଂହ,ସୂର୍ଯ୍ୟ ନାରାୟଣ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସିଂହ, ପୁରୁଷୋତ୍ତମ ତରାଇ, ବଳରାମ ମଲିକ,ପଦ୍ମ ଚରଣ ସେଠୀ, କିଶୋର ପରିଡ଼ା, କାଳନ୍ଦୀ ମିଶ୍ର, ପରମାନନ୍ଦ ରାଉତ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥଙ୍କ ବ୍ୟାନର,ପତାକା ଚିରିବା ନେଇ ଥାନାରେ ଅଭିଯୋଗ

ରାଜନଗର,୧୭।୧୨(ଡି.ଏନ୍.ଏ.)

ରାଜନଗର ବ୍ଲକ ବଙ୍ଗୀୟ ବହୁଳ ବାଘମାରି ପଞ୍ଚାୟତର ରାଧାମାଳିପୁର ଗ୍ରାମରେ ଜୟ ଜଗନ୍ନାଥ ପୂଜା କମିଟି ପକ୍ଷରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏ ନେଇ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ବନ୍ଧରେ ଭକ୍ତଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର ପାଇଁ ଗାଁ ମୁଣ୍ଡରେ ତୋରଣ ନିର୍ମାଣ କରାଯାଇ ଶ୍ରୀ ଜଗନ୍ନାଥଙ୍କ ଫଟୋ ଲାଗିଥିବା ବ୍ୟାନର ଏବଂ ପତାକା ଲଗାଯାଇଥିଲା। ସେହି ଗ୍ରାମର ଅନିଲ କୁମାର ମାଇତି, ବାନେଶ୍ୱର ମାଇତି, ସୁଦର୍ଶନ ପ୍ରଧାନ, ନନ୍ଦ ମାଇତି, ବୃନ୍ଦାବନ ସାହୁ, ମୁକ୍ତି କୁମାର ପାତ୍ର, ନବ କୁମାର ପାତ୍ର ପ୍ରମୁଖ ଯୁବକ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିମନ୍ତେ ଲଗାଯାଇଥିବା ବ୍ୟାନର ଓ ପତାକାକୁ ଚିରିବା ସହ ନିର୍ମାଣ ହୋଇଥିବା ତୋରଣକୁ ଭାଙ୍ଗି ଦେଇଛନ୍ତି। ଏ ନେଇ ଜୟଜଗନ୍ନାଥ ପୂଜା କମିଟିର ସଦସ୍ୟ ବାବୁଲାଲ ମଣ୍ଡଳ, ଅମୂଲ୍ୟ ଦାସ, ଶମ୍ଭୁ ମଣ୍ଡଳ, ଉତ୍ତମ କୁମାର ପଣ୍ଡା, ରାମକୃଷ୍ଣ ମଣ୍ଡଳ, ନିତାଇ ମଣ୍ଡଳ, ସତ୍ୟଜିତ ମଣ୍ଡଳ, ବିଶ୍ୱନାଥ ପଣ୍ଡା ପ୍ରମୁଖ ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗେଟ ଭାଙ୍ଗିଥିବା ଯୁବକମାନଙ୍କୁ କମିଟିର ସଦସ୍ୟମାନେ ପଚାରିବାରୁ ସଂପୃକ୍ତ ଯୁବକମାନେ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ମନ୍ଦିର ନିର୍ମାଣ କଲେ ଜୀବନରୁ ମାରିଦେବା ପାଇଁ ଧମକ ଚମକ ଦେଉଥିବା ନେଇ ଉଲ୍ଲେଖ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ତାଳଚୁଆ ସାମୁଦ୍ରିକ ଥାନା ଦାୟିତ୍ୱରେ ଥିବା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କୁ ପଚରିବାରୁ ଅଭିଯୋଗ ମିଳିଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଗୋବରୀ ପୁନରୁଦ୍ଧାର, ଭାଟେଣୀ ପ୍ରକଳ୍ପ କାମ ଅଧାରୁ ବନ୍ଦ

ପଟ୍ଟାମୁଣ୍ଡାଇ,୧୭।୧୨(ସ୍ୱ.ପ୍ର.)



ଉଦ୍‌ଘାଟନ ପୂର୍ବରୁ ଭାଙ୍ଗି ପଡିଥିବା ଭାଟେଣୀ ସ୍ଲୁଇସ୍।

ଜଳବାୟୁ ପରିବର୍ତ୍ତନର ଯୋଗୁ ସାରା ବିଶ୍ୱରେ ତାପମାନ ବୃଦ୍ଧି,ସୁନାମୀ, ଭୂମିକମ୍ପ ଭଳି ଦୁର୍ବିପାକ ଦେଖିବାକୁ ମିଳୁଛି। ବିଭିନ୍ନ ନଦୀର ଜଳସ୍ତର ହ୍ରାସ ପାଉଛି। ବର୍ଷା ଦିନେ ଜଳସ୍ତର ବୃଦ୍ଧି ହେଉଥିବା ବେଳେ ଅନ୍ୟ ସମୟରେ ନଦୀ ଶୁଖିଲା ପଡୁଛି। ଏନେଇ ସରକାର ଓଡିଶାର ପ୍ରାୟ ଅଧିକାଂଶ ନଦୀରେ ଜଳପ୍ରବାହ ବୃଦ୍ଧି ପାଇଁ ନଦୀ ସଂଯୋଗୀକରଣ ପ୍ରସ୍ତାବ କାର୍ଯ୍ୟକାରୀ କରିଥିଲେ। କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ସହରପାଖ ଦେଇ ପ୍ରବାହିତ ହେଉଥିବା ପୋତା ଗୋବରୀ ନଦୀକୁ ବ୍ରାହ୍ମଣୀ ସହିତ ପୁନଃସଂଯୋଗ ପାଇଁ ପ୍ରସ୍ତାବ ଥିଲା। ଏବାବଦରେ ୨୦୧୦ରୁ ଏଯାବତ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ତାହା କେବଳ ଫଳକରେ ସୀମିତ ରହିଛି। ଏହାକୁ ନେଇ ରାଜନୀତି ଜୋର ଧରିଥିଲା। ଏବେ ବୋଇତାଳୁ ପାଟ ଜଳ ନିଷ୍କାସନ ଓ ବେଣାକନ୍ଦା ଭାଟେଣୀ ସ୍ଲୁଇସ ପୁନଃ ନିର୍ମାଣକୁ ନେଇ ରାଜନୀତି ଆରମ୍ଭ ହୋଇଛି ବୋଲି ଚର୍ଚ୍ଚା ଜୋର ଧରିଛି।

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଦେଇ ପ୍ରବାହିତ ୧୭ କିମି ବ୍ୟାପି ପୋତା ଗୋବରୀ ନଦୀକୁ ଚିରସ୍ରୋତା ବ୍ରାହ୍ମଣୀ ସହିତ ସଂଯୋଗ କରିବା ପାଇଁ ବହୁ ବର୍ଷ ଧରି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ପଟ୍ଟାମୁଣ୍ଡାଇ ମହାକାଳପଡା ଓ କେନ୍ଦ୍ରାପଡା ବ୍ଲକର ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜୀବନଜୀବିକା ତଥା ଅର୍ଥନୀତି ଓ ସାମାଜିକ ସ୍ଥିତି ପରିବର୍ତ୍ତନ ହେବାର ସମ୍ଭାବନା ପରିଲକ୍ଷିତ କରି ତତ୍କାଳୀନ ବିଧାୟକ ଅଲେଖ ଜେନା ୨୦୧୦ରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ୧୭ କିଲୋମିଟର ବ୍ୟାପୀ ଗୋବରୀର ପୁନଃଉଦ୍ଧାର ପାଇଁ ଶିଳାନ୍ୟାସ କରିଥିଲେ। ଟେଣ୍ଡର ପାଇଥିବା ଠିକାଦାର ଅଧାରୁ କାମଛାଡି ଚାଲିଯାଇଥିଲେ। ଜନସାଧାରଣଙ୍କ ପୁନଃ ଦାବି ଫଳରେ ୨୦୨୧ରେ ଓଡିଶା ଷ୍ଟେଟ କନ୍‌ଷ୍ଟ୍ରକଶନ କମ୍ପାନୀ (ଓସିସି ) ପକ୍ଷରୁ ୭ କୋଟି ବ୍ୟୟରେ ଗୋବରୀ ଖନନ କାର୍ଯ୍ୟ ଆରମ୍ଭ ହୋଇ ଅଧାରୁ ବନ୍ଦ ହୋଇପଡିଛି। ମାତ୍ର ଏନେଇ ସରକାରୀ ଦଳ ନା ବିରୋଧି (କଂଗ୍ରେସ,ଭାଜପା) କେହି ମୁହଁ ଖୋଲୁ ନ ଥିବା ବେଳେ ଠିକାସଂସ୍ଥା ମାଲେମାଲ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ୨୦୨୪ ନିର୍ବାଚନକୁ ଆଖିଆଗରେ ରଖି ଭାଜପା ଏବେ ଏକ ନୂଆ ରାଜନୀତି ଆପଣେଇଛି। ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ବ୍ଲକର ହଜାର ହଜାର ହେକ୍ଟର ଚାଷଜମିର ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ଓ ଖରାଦିନେ ଚାଷଜମିରେ ସମୁଦ୍ର ଲୁଣି ପାଣି ପ୍ରବେଶ ନ କରିବା ଚାଷୀଙ୍କ ସୁରକ୍ଷା ପାଇଁ ବୋଇତାଳୁ ପାଟ ଜଳନିଷ୍କାସନ ଓ ଭୁଶୁଡି ପଡ଼ିଥିବା ଭାଟେଣୀ ବେଣାକନ୍ଦା ସ୍ଲୁଇସ ପୁନଃ ନିର୍ମାଣ ଦିଗରେ ଆନ୍ଦୋଳନ ଆରମ୍ଭ କରିଛି। ମାତ୍ର ୬ କୋଟି ଟଙ୍କା ବ୍ୟୟରେ ଭାଟେଣୀ ସ୍ଲୁଇସ୍ ଗେଟ୍ ଉଦ୍‌ଘାଟନ ହେବାକୁ ଥିବାବେଳେ ଭୁଶୁଡ଼ି ପଡ଼ିଥିଲା। ଫଳରେ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପର ଅର୍ଥ ପାଣିରେ ପଡ଼ିଲା। ସ୍ଥାନୀୟ ଜନସାଧାରଣ ଓ ବିରୋଧି ପ୍ରକଳ୍ପକୁ ପୁନଃ ନିର୍ମାଣ ପାଇଁ ଦାବୀ କରୁଥିବା ବେଳେ ଭାଜପା ଏହାକୁ ସମର୍ଥନ କରି ନୂଆ ସମସ୍ୟା ଯୋଡିଛି। ଭାଟେଣୀ କ୍ରୀକ ଭୁଶୁଡିବା ଓ ପୋତା ଗୋବରୀ ସହିତ ବ୍ରାହ୍ମଣୀ ସଂଯୋଗୀକରଣ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ କାହା ସ୍ୱାର୍ଥରେ ଲାଗିଲା ସେଥିପ୍ରତି କାହାରି ନିଘା ନାହିଁ। ୧୦କୋଟି ଖର୍ଚ୍ଚରେ ଗୋବରୀ ଖନନ ନ ହେବା ଓ ୬ କୋଟି ଟଙ୍କାର ମାଳିବସା-ତନ୍ତିଆପାଳ-ବେଣାକନ୍ଦା-ବିଜୟନଗର କ୍ରିକ ଜଳସେଚନ ଭାଟେଣୀ ପ୍ରକଳ୍ପ କାହିଁକି ଭୁଶୁଡ଼ି ପଡିଲା ଏହାର ଭିଜିଲାନ୍ସ ତଦନ୍ତ ପାଇଁ କେହି ଦାବି କରୁନାହାଁନ୍ତି। ଏଣେ ବିଭାଗୀୟ ଅଧିକାରୀମାନେ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଗୋବରୀ ନଦୀ ସଂଯୋଗୀକରଣ ହେଲେ ପଟ୍ଟାମୁଣ୍ଡାଇ ମହାକାଳପଡା ଓ କେନ୍ଦ୍ରାପଡା ବ୍ଲକର ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜୀବନଜୀବିକା ତଥା ଅର୍ଥନୀତି ଓ ସାମାଜିକ ସ୍ଥିତି ପରିବର୍ତ୍ତନ ହେବ। ସେହିପରି ଭାଟେଣୀ କ୍ରିକ୍ ପ୍ରଚଳନ ହେଲେ ପଟ୍ଟାମୁଣ୍ଡାଇ,କେନ୍ଦ୍ରାପଡା ଓ ମହାକାଳପଡା ବ୍ଲକର ହଜାର ହଜାର ହେକ୍ଟର ଚାଷଜମିର ଉଦ୍‌ବୃତ୍ତ ବର୍ଷାଜଳ ସମୁଦ୍ରକୁ ନିଷ୍କାସନ ହେବା ସହିତ ଖରାଦିନେ ଶତାଧିକ ହେକ୍ଟର ଚାଷଜମିରେ ସମୁଦ୍ର ଲୁଣି ପାଣି ପ୍ରବେଶ କରି ଫସଲ ନଷ୍ଟ କରିବାରୁ ବଞ୍ଚିତ ହେବ। ରାଜ୍ୟ ସରକାର ଏହି ୨ଟି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଚାଷୀମାନେ ଦାବି କରିନ୍ତେ। ଏହି ୨ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଖରାଦିନେ ସମୁଦ୍ର ଲୁଣିପାଣି ଓ ବର୍ଷାଦିନେ ବନ୍ୟାଜଳକୁ ନିୟନ୍ତ୍ରଣ କରାଯାଇ ଚାଷୀଙ୍କ ଖରିଫ, ରବି, ପରିବା ସମେତ ଅନ୍ୟାନ୍ୟ ଫସଲ ଉତ୍ପାଦନ ହୋଇପାରିବ। ଏଥିସହ ହଜାର ହଜାର ହେକ୍ଟର ଚାଷଜମିକୁ ମଧୁର ଜଳସେଚିତ ହୋଇପାରିବ ବୋଲି ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ,କ୍ଷିରୋଦ ମଲ୍ଲିକ,ଅଶୋକ ବଳ ,ଦେବାଶିଷ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ରାଜନଗର ବ୍ଲକ ମାଧ୍ୟମିକ ଶିକ୍ଷା ସଂଘ ପକ୍ଷରୁ ଶିଶୁ ଉତ୍ସବ



ଶିଶୁ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ରାଜନଗର,୧୭।୧୨(ଡି.ଏନ୍.ଏ.)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ରାଜନଗର ଶାଖା ପକ୍ଷରୁ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ୩୧ତମ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ଓଷ୍ଟା ସଂଘର ସଭାପତି ବିଚିତ୍ର କୁମାର ସାହୁ ସଂଘ ପତାକା ଉତ୍ତୋଳନ କରିଥିଲେ। ଚାନ୍ଦିବାଉଁଶମୂଳ ପଞ୍ଚାୟତ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା ଏହି ଶିଶୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୩୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ, ସାଧାରଣଜ୍ଞାନ, ଗଳ୍ପ ଲିଖନ, କବିତା ରଚନା, କବିତା ଆବୃତ୍ତି, ଏକକ ଅଭିନୟ ଓ ଏକକ ନୃତ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ବିଚାରକ ଭାବେ କେନ୍ଦ୍ରାପଡ଼ା ଜିଲା ବିଭିନ୍ନ ବ୍ଲକରୁ ଅଭିଜ୍ଞ ଶିକ୍ଷକମାନେ ଯୋଗଦେଇଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ କୁମାର ବଳ ମୁଖ୍ୟବକ୍ତା, ଜିଲ୍ଲା ଓଷ୍ଟା ସମ୍ପାଦକ ନିର୍ମଳ ନାୟକ, ରାଜ୍ୟ ଓଷ୍ଟା କାର୍ଯ୍ୟକାରିଣୀ ସଭ୍ୟ ପ୍ରଣବ କୁମାର, ନାରାୟଣ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ, ଅଧ୍ୟାପିକା ଭଗବତି ରାଉତ, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ଜିଲା ଉପସଭାପତି ମହେଶ୍ୱର ରାଉତ, ଶିକ୍ଷାବିତ୍ ସର୍ବେଶ୍ୱର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଓଷ୍ଟା ସମ୍ପାଦକ ବିରଞ୍ଚି ପ୍ରସାଦ ଜେଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ମାନସ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମୀରଣ ମଣ୍ଡଳ ଅଧ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ପାତ୍ର, ଶାନ୍ତନୁ ସୂତାର, କ୍ଷୀତିଶ ପାତ୍ର, ରଞ୍ଜନ ରାଉଳ, ପ୍ରିୟ ରଞ୍ଜନ ପ୍ରଧାନ, ସଞ୍ଜୟ ମିଶ୍ର, ମିନତୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଜଙ୍ଗଲରୁ ଗଳିତ ମୃତଦେହ ଜବତ

**ଦଶପଲ୍ଲା,୧୭।୧୨(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ନିକଟସ୍ଥ ଜଙ୍ଗଲରୁ ଏକ ଗଳିତ ମୃତଦେହକୁ ପୋଲିସ ଜବତ କରିଛି । ତେବେ ମୃତଦେହଟି କାହାର ଜଣା ପଡ଼ିନାହିଁ । ସମ୍ପୃକ୍ତ ବ୍ୟକ୍ତିଙ୍କ ବୟସ ୪୦ରୁ ୪୨ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଉକ୍ତ ଜଙ୍ଗଲରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହକୁ ଦଶପଲ୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ନୟାଗଡ଼ ଡାକ୍ତରଖାନାରେ ରଖିଛି । ଏକ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୨) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ପୁରୁଷୋତ୍ତମପୁର,୧୭।୧୨ (ଡି.ଏନ.ଏ.):** ପୁରୁଷୋତ୍ତମପୁର ସହର ଉପକଣ୍ଠ କାଳୀ ମନ୍ଦିର ଛକ ପୋଖରୀରେ ଶନିବାର ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ନୂଆଁଗାଁର ଚିତ୍ତରଞ୍ଜନ ବିଷୋଇ(୪୦)। ଚିତ୍ତରଞ୍ଜନ କିଛି ଦିନ ହେଲା ପୁରୁଷୋତ୍ତମପୁରରେ ଥିବା ଏକ ଫର୍ନିଚର ଦୋକାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ପୁରୀ ଯାଇ ଜଗନ୍ନାଥଙ୍କ ଦର୍ଶନ ସାରି ରାତ୍ରରେ ଫେରି ଶୌଚ ଲାଗି ପୋଖରୀକୁ ଯାଇଥିବା ବେଳେ ବୁଡି ଯାଇଥିଲେ। ପୁରୁଷୋତ୍ତମପୁର ଦମକଳ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଲକ୍ଷାଧିକ ଟଙ୍କାର କାଠ ଜବତ

**ଆସିକା,୧୭।୧୨(ଡି.ଏନ.ଏ):** ଆସିକା ବନାଞ୍ଚଳର ଆସିକା ଥାନା ମଙ୍ଗଳପୁର ଗ୍ରାମରେ ଶନିବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ମହଜୁଦ ଥିବା ବହୁ ପରିମାଣର ସାଇଜ କାଠ ଜହତ କରାଯାଇଛି। ବିଭିନ୍ନ କିସମର ମୂଲ୍ୟାବନ ଏହି ସାଇଜ କାଠର ପରିମାଣ ପ୍ରାୟ ୩୫ ଘନଫୁଟ ଓ ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି କାଠ ସବୁ ଘୋଡାଇ ରଖାଯାଇଥିବା ନେଇ ବନ ବିଭାଗ ନିକଟରେ ଖବର ପହଞ୍ଚିଥିଲା। ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ଭଗବାନ ବିଷୋୟୀ, ଧରାକୋଟ ବନପାଳ ଅକ୍ଷୟ ତ୍ରିପାଠୀ ଏବଂ ଷଡଙ୍ଗିପଲ୍ଲୀ ବନପାଳ ସାନ୍ତୁନୁ ନାୟକ ପହଞ୍ଚି କାଠ ସବୁ ଜବତ କରିଥିଲେ।

## ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା

**ସୋରଡ଼ା, ୧୭।୧୨ (ଡି.ଏନ୍.ଏ):** ବିଦ୍ୟାଭାରତୀ ପୂର୍ବକ୍ଷେତ୍ର ଦକ୍ଷିଣସମ୍ଭାଗ ଭଞ୍ଜନଗର ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ସରସତୀ ଶିଶୁମନ୍ଦିର ଖେଳ ପଡ଼ିଆରେ ଶନିବାର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନ ସମାରୋହରେ ଏନ୍‌ଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ତହସିଲଦାର ପ୍ରଫୁଲ୍ଲ ଡାକୁଆ, କାଉନସିଲର ରଜନୀକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଗାଲେରୀ, ଗୟାଗଣ୍ଡା, କରଚୁଲି, ବଡ଼ଗଡ଼, ସୋରଡା, ଦିହାପଢ଼ାଳ, ବୁଗୁଡା, ମୁଜାଗଡ଼, ବେଲଗୁଣ୍ଠା, ବଡ଼କୋଦଣ୍ଡା, କୁଲାଡ ମୋଟ ୧୧ଟି ଶିଶୁମନ୍ଦିରର ୧୫୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୨ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହେବ। ଗୁରୁଜୀ ସୁନୀଲ କୁମାର ରଥ, ଜିତେନ୍ଦ୍ର କୁମାର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ଠକେଇର ଶିକାର ମହିଳା ଶ୍ରମିକ

**ନୟାଗଡ଼ ଅଫିସ,୧୭।୧୨**


ମହିଳା ଶ୍ରମିକମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

- ୧୩୦୦ ଟଙ୍କା ନ ଦେବାରୁ ମିଳୁନି ଶ୍ରମ ପରିଚୟ ପତ୍ର
- ୨୦୦ ଓ ୫୦୦ ଟଙ୍କା ନେଇଛନ୍ତି ଦଲାଲ
- ଜିଲା ଶ୍ରମ ଅଧିକାରୀଙ୍କୁ ଫେରାଦ ହୋଇ ମାଗିଲେ ନ୍ୟାୟ

ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ପରିଚୟ ପତ୍ର ପାଇଁ ଶ୍ରମିକମାନେ ଠକାମିର ଶିକାର ହୋଇ ଚାଲିଛନ୍ତି । ସଚେତନତା ଅଭାବରୁ ଏପରି ହେଉଥିବା କୁହାଯାଉଛି। ନିର୍ମାଣ ଶ୍ରମିକ ପଞ୍ଜିକରଣ ୨୦ ଟଙ୍କାରେ ଓ ବାର୍ଷିକ ନବୀକରଣ ଦେୟ ୫୦ଟଙ୍କା ଦେବାକୁ ପଡୁଥିବାବେଳେ ଅଣସଙ୍ଗଠିତ ପଞ୍ଜୀକରଣ ମାଗଣାରେ ସରକାର ବ୍ୟବସ୍ଥା କରିଛନ୍ତି । ହେଲେ ନୟାଗଡ଼ ଜିଲାରେ ଏହି ଦୁଇ ପ୍ରକାର ପରିଚୟ ପତ୍ର ପାଇବାକୁ ଦେଢ଼ ହଜାରରୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ବୋଲି ଅଭିଯୋଗ ହୋଇ ଆସୁଛି । ଏଥିପାଇଁ ଗାଁ ଗାଁରେ ଦଲାଲମାନେ ଘୁରି ବୁଲି ମହିଳା ଓ ପୁରୁଷ ଶ୍ରମିକଙ୍କୁ ଠକେଇ କରି ଚାଲିଛନ୍ତି। ଏପରି ଠକେଇ ଘଟଣା ଶନିବାର ଗଣିଆ ବ୍ଲକ ଛାମୁଣ୍ଡିଆ ଗାଁର ୫ରୁ ଊର୍ଦ୍ଧ୍ୱ ମହିଳା ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି । ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ପରିଚୟ ପତ୍ର ପାଇଁ ଦୁଇ ଜଣ ଦଲାଲ ୨୦୦ ଓ ୫୦୦ ଟଙ୍କା ନେଇ ସାରିଛନ୍ତି । ଆଉ ୧୩୦୦ ଟଙ୍କା ନ'ଦେବାରୁ ପରିଚୟ ପତ୍ର ଦେଉ ନ ଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ନାଁ ପଞ୍ଜୀକରଣ କରାଯାଇ କିପରି ଶୀଘ୍ର ପରିଚୟ ପତ୍ର ମିଳିବ ସେନେଇ ପଦକ୍ଷେପ ନେବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ମହିଳା ଶ୍ରମିକମାନେ ନିବେଦନ କରିଛନ୍ତି ।

ପ୍ରକାଶ ଯେ ପ୍ରାୟ ୨ ବର୍ଷ ତଳେ ନୂଆଗାଁ ସଦର ଥାନାର ଏକତାଳ ଓ ଦଶପଲ୍ଲା ଥାନାର କଳସାଖମଣ ଅଞ୍ଚଳରେ ନକଲି ଶ୍ରମିକ କାର୍ଡ ବଣ୍ଟନ କରି ଶ୍ରମିକଙ୍କୁ ଠକେଇ କରାଯାଇଥିଲା। ନୟାଗଡ ଜିଲାର ନିର୍ମାଣ ଶ୍ରମିକଙ୍କୁ ଖୋର୍ଦ୍ଧା ଜିଲାର ନକଲି ନିର୍ମାଣ ଶ୍ରମିକ ପରିଚୟ ପତ୍ର ଯୋଗାଇ ଦିଆ ଯାଇଥିଲା। କାର୍ଡ ପିଛା ୭୦୦ରୁ ୧ ହଜାର ଟଙ୍କା ନେଇଥିଲେ । ଏନେଇ ସଦର ଓ ବାଣିଗୋଛା ଥାନାରେ ଅଭିଯୋଗ ପରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏକତାଳ ଘଟଣାରେ ଅଭିଯୁକ୍ତ ଜେଲ ଯାଇଥିବାବେଳେ ବାଣିଗୋଛା ଥାନା ଅଞ୍ଚଳ ଘଟଣା ଶୀତଳଭଣ୍ଡାରରେ ରହିଛି। ଏନେଇ ଛାମୁଣ୍ଡିଆର ରୀନା ବେହେରା, ମମତା ମୁଖୀ ଓ ସଜନି ନାୟକ କୁହନ୍ତି, ଆମ ଗାଁର ଅଧିକାଂଶ ମହିଳା ଶ୍ରମିକଙ୍କଠାରୁ ବେଣ୍ଟପଡାର ଜଣେ ବ୍ୟକ୍ତି ଶ୍ରମ ପରିଚୟ ପତ୍ର ଦେବା ପାଇଁ ୨୦୦ ଟଙ୍କା ଲେଖାଏଁ ନେଇଛନ୍ତି । ପରିଚୟ ପତ୍ର ହୋଇ ଯାଇଛି । ଶନିବାର ନୟାଗଡ଼ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଯାଇ ଆଣିବାକୁ ପଡିବ । ତେବେ ଏଥିପାଇଁ ୧୩୦୦ ଟଙ୍କା ଦେବାକୁ ପଡିବ । ଅଫିସରରେ ଲାଞ୍ଚ ନେଇ କିଛି ନ କହି ଚୁପ ରହିବ । ୧୩୦୦ ଟଙ୍କା ନ ଦେଇ ଜିଲା ଶ୍ରମ କାର୍ଯ୍ୟାଳୟକୁ ଶନବାର ଆସିଥିଲୁ । ହେଲେ ଆମର କିଛି କାଗଜାତ ହୋଇ ନ ଥିବା ଜିଲା ଶ୍ରମ ଅଧିକାରୀ କହିଥିଲେ । ୨ ବର୍ଷ ତଳେ ଜିଲା ଶ୍ରମ କାର୍ଯ୍ୟାଳୟକୁ ବାରମ୍ବାର ଆସିଥିଲେ ମଧ୍ୟ ପରିଚୟ ପତ୍ର ପାଇ ପାରିଲୁ ନାହିଁ । ଖର୍ଚ୍ଚରୁ ରକ୍ଷା ପାଇଁ ଲାଞ୍ଚ ଦେଇ ପରିଚୟ ପତ୍ର ହାତେଇବାକୁ ପ୍ରଚେଷ୍ଟା କରିଥିଲୁ । ଏଥିପାଇଁ ବଡସିଲିଙ୍ଗାର ଅନ୍ୟ ଜଣେ ମଧ୍ୟ ୫୦୦ ଟଙ୍କା ନେଇଛନ୍ତି । ଆମକୁ ସିଧାସଳଖ ଜିଲା ଶ୍ରମ କାର୍ଯ୍ୟାଳୟରେ ଆବଦେନ କରିବାକୁ କୁହାଯାଇଛି । ହେଲେ ଆମେ କିପରି ପରିଚୟ ପତ୍ର ପାଇବୁ ସେନେଇ ବ୍ୟବସ୍ଥା କରାଯିବାକୁ ଅନୁରୋଧ କରିଛନ୍ତି। ନୟାଗଡ ଜିଲା ଶ୍ରମିକ ମହାସଂଘ ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ଶ୍ରମ ବିଭାଗର ସଚେତନତା ଅଭାବରୁ ମହିଳା ଓ ପୁରୁଷ ଶ୍ରମିକ ଠକେଇର ଶିକାର ହୋଇ ଚାଲିଛନ୍ତି। ଏଭଳି ଠକେଇ ଗଣିଆରେ କେବଳ ହେଉଛି ନୁହେଁ ଜିଲା ସାରା ଚାଲିଛି। ଅଭିଯୋଗ ଆସିଲେ ଗଣମାଧ୍ୟମରେ ପ୍ରକାଶ ପାଇଲେ ଘଟଣା ଲୋକଲୋଚନକୁ ଆସୁଛି । ନ ହେଲେ ସବୁ କିଛି ଲୁଚି ଯାଉଛି । ଯେଉଁ ଦଲାଲମାନେ ଠକେଇ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଅନ୍ୟପକ୍ଷେ ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ପରିଚୟ ପତ୍ର ପାଇଁ ହେଉଥିବା ପଞ୍ଜୀକରଣର କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ। ଏଥିପାଇଁ ଶ୍ରମ ବିଭାଗରେ ସ୍ୱତନ୍ତ୍ର ଏକ କକ୍ଷ ଖୋଲାଯାଇ ପ୍ରତ୍ୟହ ପଞ୍ଜିକରଣ କରାଯାଉ । ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ କୁହନ୍ତି, ବଡସିଲିଙ୍ଗାର କେତେଜଣ ମହିଳା ଶନିବାର ଆସି ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରାଯିବ । ସଂପୃକ୍ତ ମହିଳା ଶ୍ରମିକ ଯେପରି ପରିଚୟ ପତ୍ର ପାଇବେ ସେଥିପ୍ରତି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ଶ୍ରମିକ ମାନେ ଦଲାଲଙ୍କ କବଳରେ ନପଡି ସିଧାସଳଖ ଶ୍ରମ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ସରକାରୀ ଯୋଜନାର ସୁଫଳ ପାଇବାକୁ ପରାମର୍ଶ ଦେଇଛନ୍ତି।

# ଓଡ଼ଗାଁ ବ୍ଲକରେ ବିଜ୍ଞାନମେଳା

**ଓଡଗାଁ,୧୭।୧୨(ସ୍ୱ.ପ୍ର.)**

ଓଡ଼ଗାଁ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଶନିବାର ସରକାରୀ ଉଚ୍ଚ ବିଦ୍ୟାଳୟ,କୁରାଳ ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁଙ୍କ ସଭାପତିତ୍ୱ କରିଥିଲେ । ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ମୁଖ୍ୟ ଅତିଥି,ସମ୍ମାନିତ ଅତିଥି ରୂପେ ସରପଞ୍ଚ ବିଜନ ପାଇକରାୟ,ସମିତିସଭ୍ୟା କନକ ପାତ୍ର,ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ କମଳିନୀ ବେହେରା, ଆନନ୍ଦ ସାହୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ସସ୍ମିତା ଦାଶ ଓ ବିଜ୍ଞାନ ମେଳା ସମ୍ପାଦକ ଦୀପକ କୁମାର ସାହୁ ମଞ୍ଚାସୀନ ଥିଲେ । ମେଳାରେ ସର୍ବ କନିଷ୍ଠ ବିଭାଗରୁ ୨୯, କନିଷ୍ଠ ବିଭାଗରୁ ୬୭, ବରିଷ୍ଠ ବିଭାଗରୁ ୬୩ ପ୍ରକଳ୍ପ ପଞ୍ଜୀକୃତ ହୋଇଥିଲା । ଏଥିରେ ରଘୁନାଥ ସମବାୟ ମହାବିଦ୍ୟାଳୟ ର ପଦ୍ମଚରଣ ସାହୁ,ଡ଼.ଗିରିଜା ଶଙ୍କର ମହାପାତ୍ର, ସୌଦାମିନୀ ସ୍ୱାଇଁ, ପୂର୍ଣ୍ଣିମା ତ୍ରିପାଠୀ ବିଚାରକ ରୂପେ ଯୋଗଦେଇଥିଲେ । ୨୦ ତାରିଖରେ ଜିଲାସ୍ତରୀୟ ବିଜ୍ଞାନ ମେଳା ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁ ଠାରେ ଅନୁଷ୍ଠିତ ହେବ । ଉଦଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ର ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ,ପଞ୍ଚାୟତ ସମିତି ଅଧକ୍ଷ ଲୋକନାଥ ସାହୁଙ୍କ ସମେତ ଅନେକ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ରହି କୃତି କୁନି ବୈଜ୍ଞାନିକଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

# ଅଙ୍ଗନୱାଡି କର୍ମୀ ଦାବିପତ୍ର ଦେଲେ

**ଭାପୁର,୧୭।୧୨(ଡି.ଏନ.ଏ.)**

ଶନିବାର ଭାପୁର ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଏକାଠି ହୋଇ ବ୍ଲକ ଉପାଧ୍ୟକ୍ଷଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ୮ ଦଫା ଦାବି ନେଇ ଗତ ୨ ତାରିଖରୁ ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଥିବା ବେଳେ ଶିଶୁଖାଦ୍ୟ ଓ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ଶତାଧିକ କୁନି ଶିଶୁ । ତେବେ ଏ ପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ନ ଥିବା ଜଣାପଡିଛି । ଏପରିସ୍ଥଳେ ସରକାରଙ୍କ ପକ୍ଷରୁ ଏସଏଚଜିଙ୍କ ମାଧ୍ୟମରେ ଅଣ୍ଡା, ଛତୁଆ ବଣ୍ଟନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁଥିବା ନେଇ ଅଭିଯୋଗ କରିଛି ଅଙ୍ଗନୱାଡି ସଂଘ । ଆଜି ଭାପୁର ବ୍ଲକର ଅଙ୍ଗନବାଡି ସଂଘର ସଭାନେତ୍ରୀ ସଞ୍ଜୁଲତା ମହାନ୍ତି, ସମ୍ପାଦିକା ସୁଲୋଚନା ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନଙ୍କୁ ଭେଟିବା ସହିତ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

# ଓଡ଼ଗାଁ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ଆଜି

**ଓଡ଼ଗାଁ,୧୭।୧୨(ସ୍ୱ.ପ୍ର.)**

**ଜଗା ୟୁନାଇଟେଡ୍ ସହ ରାମଧୂନ୍ କ୍ଲବର ମୁକାବିଲା**

ନୟାଗଡ଼ ଜିଲା ଓଡ଼ଗାଁ ମିନିଷ୍ଟାଡିୟମରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ଓଡ଼ଗାଁ କପ୍ ଫୁଟବାଲ ଟୁର୍ନାମେଣ୍ଟର ଶନିବାର ଆୟୋଜିତ ୨ୟ ସେମିଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ସାଇ ହଲ ସୁନାବେଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ଜଗା ୟୁନାଇଟେଡ ୩-୦ ଗୋଲରେ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧାର ୩୫ ମିନିଟରେ ଜଗା ୟୁନାଇଟେଡ ଟିମର ଗୋପାଲ ସିଂ ପ୍ରଥମ ଗୋଲ ଦେଇଥିଲେ । ସେହିପରି ୪୫ ମିନିଟରେ ସେହି ଟିମର ସୁବ୍ରତ ନାୟକ ଅନ୍ୟ ଏକ ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧର ୪୭ ମିନିଟରେ ଗୋପାଲ ସିଂ ବ୍ୟକ୍ତିଗତ ୨ୟ ଗୋଲ ଦେଇ ଟିମକୁ ସୁନିଶ୍ଚିତ ବିଜୟ ଆଡକୁ ନେଇଯାଇଥିଲେ । ହେଲେ ସାଇ ହାଲ ସୁନାବେଡା କୌଣସି ଗୋଲସ୍କୋର କରିବାରେ ସକ୍ଷମ ହୋଇ ନ ଥିଲା। ଫଳରେ ଜଗା ୟୁନାଇଟେଡ ୩-୦ ଗୋଲରେ ବିଜୟୀ ହେବା ସହିତ ୨ୟ ଟିମ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି।

ସ୍ଥାନୀୟ ବିଧାୟକ ତଥା ଟୁର୍ନାମେଣ୍ଟ କମିଟି ସଭାପତି ଅରୁଣ କୁମାର ସାହୁ ଓ ଜିଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ରଘୁନାଥ ଆଥଲେଟିକ ଆସୋସିଏଶନ ସମ୍ପାଦକ ଦିବାକାର ନାୟକଙ୍କ ଦ୍ୱାରା ପ୍ରଦତ ଶ୍ରେଷ୍ଠ ଖେଳାଳୀ ପୁରସ୍କାର ବିଜୟୀ ଦଳର ଗୋପାଳ ସିଂହଙ୍କୁ ପ୍ରଦାନ କରାଯାଇଥିଲା । ବ୍ରହ୍ମାନନ୍ଦ ଭୋଇ, ପ୍ରିୟବ୍ରତ ବାହିନିପତି, ଏସ୍‌କେ ମୁକିମ ଓ ସୁଦିପ୍ତ ଦାଶ ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ପାତ୍ର ଓ ସାର୍ଥକ ଷଡ଼ଙ୍ଗୀ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ରାମଧୂନ୍‌କ୍ଲବ ସୋନପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ କମିଟି ସମ୍ପାଦକ ଲୋକନାଥ ସାହୁ ସୂଚନା ଦେଇଛନ୍ତି ।

# ଅପରାଧୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

**ଛତ୍ରପୁର ,୧୭।୧୨ (ଡି.ଏନ୍.ଏ)**

ଆଗକୁ ନୂଆବର୍ଷ ଓ ବଡ଼ଦିନ ଆସୁଛି। ଏନେଇ ଗଞ୍ଜାମ ପୋଲିସ ଜିଲାରେ ଅପରାଧୀଙ୍କୁ ଦମନ କରିବା ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ରୋକିବାକୁ ଫୋକସ ଭାବେ ଗ୍ରହଣ କରିବା ନିମନ୍ତେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଏସ୍‌ପି କହିଛନ୍ତି ଯେ, ସବର୍ଦା ଅପରାଧୀଙ୍କ ଉପରେ କଡ଼ା ନଜର ରଖିବା ସହ ଚୋରା ମଦ କାରବାର, ଦାଦାବଟି ଭଳି ବିଭିନ୍ନ କାର୍ଯ୍ୟକଳାପରେ ଜଡ଼ିତ ବ୍ୟକ୍ତିଙ୍କ ଉପରେ ତୀକ୍ଷଣ ନଜର ରଖି ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରୁଣା ଅପରାଧୀ, ଦୁର୍ଦ୍ଧାନ୍ତ ଅପରାଧୀ ଏବଂ ଗାଁ ଗାଁରେ ବିଶୃଙ୍ଖଳା କରୁଥିବା ବ୍ୟକ୍ତିମାନଙ୍କ ଗତିବିଧି ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ସେମାନଙ୍କ ଉପରେ ନଜର ରଖିବାକୁ ସମସ୍ତ ଥାନାଧିକାରୀମାନଙ୍କୁ ଭିସି ମାଧ୍ୟମରେ ଏସ୍‌ପି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଥାନା ଅଞ୍ଚଳରେ ତଦନ୍ତ ଆଳରେ ପଡ଼ିଥିବା ମାମଲାର ତୁରନ୍ତ ଫଇସଲା କରିବା ନିମନ୍ତେ ଏସ୍‌ପି କହିଛନ୍ତି । ଥାନା ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଉପରେ ଚଢ଼ାଉ କରି ଅପରାଧୀମାନଙ୍କୁ ଗିରଫ କରିବା ନିମନ୍ତେ ଏସ୍‌ପି ଆୟୋଜିତ ବୈଠକରେ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅପରାଧ କରି ଫେରାର ଥିବା ଅଭିଯୁକ୍ତମାନଙ୍କର ଏକ ତାଲିକା କରି ତୁରନ୍ତ ଗିରଫ ପାଇଁ ଏକ ଡ୍ରାଇଭ କରିବାକୁ କୁହାଯାଇଛି। ସେହିପରି ସନ୍ଧାନୀ ଦଳ ଯେଉଁ ସ୍ଥାନକୁ ତଦନ୍ତ କରିବାକୁ ଯାଉଛନ୍ତି ଏହା ଉଚ୍ଚକୋଟିର ହେବା ଆବଶ୍ୟକ ବୋଲି ଏସ୍‌ପି କହିଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ପି. କେ. ଦଳାଇ, ଡିଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସମେତ ଏସ୍‌ଡିପିଓ ଓ ବିଭିନ୍ନ ଥାନାର ଥାନା ଅଧିକାରୀମାନେ ଭିସି ମାଧ୍ୟମରେ ଯୋଡ଼ି ହୋଇଥିଲେ ।


ଜିଲା ସମୀକ୍ଷା ବୈଠକରେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀମାନେ।

## ଧନୁ ସଂକ୍ରାନ୍ତିରୁ ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ

**ବୁଗୁଡା,୧୭।୧୨(ଡି.ଏନ୍.ଏ.)**

ପବିତ୍ର ପୌଷ ଧନୁ ସଂକ୍ରାନ୍ତିଠାରୁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଯାଇଛି। ବୁଗୁଡ଼ା ସହରାଞ୍ଚଳର ବଳଦେବ ମନ୍ଦିର, ବିରଞ୍ଚି ନାରାୟଣ ମନ୍ଦିର, କାଳୀ ମନ୍ଦିର, ମାଳିଖୋଲା ମନ୍ଦିର, କାଦପଡ଼ା ଜଗନ୍ନାଥ ମନ୍ଦିର ସମେତ ଗ୍ରାମାଞ୍ଚଳରେ ଆଦିପୁରର ଜଗନ୍ନାଥ ମନ୍ଦିର, କୈଳାସ ନଗରର ରାଧାକୃଷ୍ଣ ମନ୍ଦିର, କତକଲାର ଦଧିବାମନ ମନ୍ଦିର ଓ ଠାକୁରାଣୀ ମନ୍ଦିର, ବିରଞ୍ଚିପୁରର ପଞ୍ଚମୁଖୀ ହନୁମାନ ମନ୍ଦିର ଓ ଗୋପୀନାଥ ମନ୍ଦିର, କଦମ୍ବ ମଠର ରଘୁନାଥ ମନ୍ଦିର, ବି.କରଡ଼ାବାଡ଼ିର ରାଧାକୃଷ୍ଣ ମନ୍ଦିର, ନୂଆଁ ଦଦରାଖୋଲର ଗୋପୀନାଥ ମନ୍ଦିର, ଭଗବାନପୁରର ରାଧାକୃଷ୍ଣ ମନ୍ଦିର, କରଚୁଲିର ଲକ୍ଷ୍ମୀ ନାରାୟଣ ମନ୍ଦିର, ବାଲିପଦରର ରଘୁନାଥ ସ୍ୱାମୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଅରଖପୁରର ରାଧାକୃଷ୍ଣ ମନ୍ଦିର, ବିଷ୍ଣୁଚକ୍ରର ହୟଗ୍ରୀବ ନାରାୟଣ ମନ୍ଦିର ଆଦି ମନ୍ଦିରରେ ଧନୁ ମୁଆଁ ଭୋଗ ସହ ପହିଲି ଭୋଗ ଆରମ୍ଭ ହୋଇଛି।

# ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡର ସଂଘର ବିକ୍ଷୋଭ


ଶିକ୍ଷୟତ୍ରୀ, ଶିକ୍ଷକ ମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଭଞ୍ଜନଗର,୧୭।୧୨(ଡି.ଏନ.ଏ)**

**୨୭ରେ ବିଧାନସଭା ସମ୍ମୁଖରେ ଧାରଣା**

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଏକ୍ସ କ୍ୟାଡର ଭଞ୍ଜନଗର ବ୍ଲକ ଶାଖା ପକ୍ଷରୁ ଶନିବାର ଅପରାହ୍ନରେ ଭଞ୍ଜନଗର ବିଇଓ ଅଫିସ ସମ୍ମୁଖରେ ୮ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ବାଚସ୍ପତି ଏବଂ ବିଇଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସରକାର ଉକ୍ତ ଦାବିକୁ ତୁରନ୍ତ ପୂରଣ ନ କରନ୍ତି ତେବେ ସଂଘ ପକ୍ଷରୁ ଆସନ୍ତା ୨୭ ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଭାପତି ସୀମାଞ୍ଚଳ ପାତ୍ର ପ୍ରକାଶ କରିଛନ୍ତି। ବିକ୍ଷୋଭ ସଭାରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ଉପଦେଷ୍ଟା ରାଜକୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଅମର ବିଳାସ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ନେତା ସଞ୍ଜୟ ପ୍ରଧାନ,ରାଜେଶ ପ୍ରଧାନ,ସମ୍ପାଦକ ବିଶ୍ୱଜିତ ସ୍ୱାଇଁ, ଉପସଭାପତି ରବି ନାରାୟଣ କର, ନିଗମାନନ୍ଦ ପ୍ରଧାନ, ସହ ସମ୍ପାଦକ ଶଶିଭୂଷଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଗଣେଶ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୂର୍ଯ୍ୟନାରାୟଣ ମହାରଣା, ଅନିଲ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ବଟେଶ୍ୱର ଶୈବପୀଠ

**ଗଞ୍ଜାମ,୧୭।୧୨(ଡି.ଏନ୍.ଏ.)**

**ପାର୍କ, ସମୁଦ୍ର ବେଳାଭୂମିର ମଜା ନେଉଛନ୍ତି ପିଲାଠାରୁ ବୃଦ୍ଧ**


ବଟେଶ୍ୱର ପୀଠ।

ଗଞ୍ଜାମ ଜିଲା ଜାତୀୟ ରାଜପଥ ହୁମାଠାରୁ ମାତ୍ର ୩କିମି ରାସ୍ତା ପରେ ପଡିବ ପ୍ରସିଦ୍ଧ ଐତିହାସିକ ବଟେଶ୍ୱର ପୀଠ। ଅନ୍ୟାନ୍ୟ ଋତୁ ସମେତ ଶୀତରିତୁ ଆସିବାମାତ୍ରେ ସେଠାରେ ପ୍ରବଳ ଭିଡ଼ ଜମିଥାଏ। ଝାଉଁ ଜଙ୍ଗଲ ମଧ୍ୟରେ ଥିବା ଏହି ବଟେଶ୍ୱର ପୀଠକୁ ଲାଗି ରହିଛି ଆକର୍ଷଣୀୟ ମନୋରମ ଶିଶୁ ପାର୍କ। ଏଥିସହ ସେଠାରେ ଅଛି ପର୍ଯ୍ୟଟକମାନଙ୍କ ପାଇଁ ଶୌଚାଳୟ, ରାତ୍ର ରହଣି ପାଇଁ କଲ୍ୟାଣ ମଣ୍ଡପ। ଏଥିପାଇଁ ପ୍ରତିବର୍ଷ ଏହି ପର୍ଯ୍ୟଟନ ସ୍ଥଳୀକୁ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ପିକ୍‌ନିକ କରିବାକୁ ଆସିଥାନ୍ତି। ପ୍ରାୟ ୩୦ ଫୁଟ ତଳେ ପୂଜା ପାଉଛନ୍ତି ମହାଦେବ। ମନ୍ଦିର ଚତୁଃପାର୍ଶ୍ୱରେ ଘେରି ରହିଛି ଝାଉଁ ଜଙ୍ଗଲ। ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ମନ୍ଦିରକୁ ଲାଗି ରହିଛି ଶିଶୁ ଉଦ୍ୟାନ। ଉକ୍ତ ଉଦ୍ୟାନରେ ଜୀବନ୍ତ ଭଳି ଦେଖାଯାଉଛି ପ୍ଲାଷ୍ଟିକରେ ନିର୍ମିତ ବିଭିନ୍ନ ବାଘ, ଜେବ୍ରା, ହରିଣ ଆଦି। ପାର୍କକୁ ଲାଗି ରହିଛି ଏକ ଅତ୍ୟାଧୁନିକ ପୋଖରୀ ଓ ପୋଖରୀର ମଧ୍ୟସ୍ଥଳରେ ବିରାଟ ଶିବମୂର୍ତ୍ତି। ପୋଖରୀ ଚତୁଃପାର୍ଶ୍ୱରେ ବିଭିନ୍ନ ଛୋଟ ଛୋଟ ଫୁଲ ଗଛ ଲଗାଯାଇଥିବା ବେଳେ ଆକର୍ଷଣୀୟ ଆଲୋକ ମାଳାରେ ଝଲସି ଉଠୁଛି ପୋଖରୀ, ଯାହା ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ବଟେଶ୍ୱର ପୀଠଠାରୁ ଆଉ କିଛି ଦୂରରେ ରହିଛି ବଙ୍ଗୋପସାଗର ବେଳାଭୂମି। ପ୍ରତିବର୍ଷ କାର୍ତ୍ତିକ ମାସ ସୋମବାର ଏଠାରେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥାଏ। ମାସ ଶେଷରେ ପୂର୍ଣ୍ଣିମାରେ ଏହି ପୀଠଠାରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ଲକ୍ଷାଧିକ ଭକ୍ତ ଠାକୁର ଦର୍ଶନ ସାଙ୍ଗକୁ ସମୁଦ୍ର ବେଳାଭୂମିରେ ମଜା ନେଉଛନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଥିବା ସତ୍ତ୍ୱେ ମିଳିନି ପର୍ଯ୍ୟଟନ ମାନ୍ୟତା। ଏହି ପ୍ରସିଦ୍ଧ ବଟେଶ୍ୱର ମନ୍ଦିରର ବିଭିନ୍ନ ଯାନିଯାତ୍ରାକୁ ଛଅ ଖଣ୍ଡ ଗ୍ରାମବାସୀ ତଥା କଣ୍ଟିଆଗଡ଼, ନୀଳାଦ୍ରିପୁର, ଖଟୁଆକୁଦା, ମୟୂରପଦା, ଗୋଖରକୁଦା ଏବଂ ପୋଡ଼ମପେଟା ଗ୍ରାମବାସୀ ପରିଚାଳନା କରୁଛନ୍ତି। ଏହି ପୀଠକୁ ଯିବାଆସିବା ରାସ୍ତା ପ୍ରଶସ୍ତୀକରଣ ହୋଇପାରିଲେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା ହୋଇପାରନ୍ତା ବୋଲି ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇ କହିଛନ୍ତି।

**କଳନ୍ତିରା ଚୋରି ଘଟଣା: ଆଉ ଜଣେ ଗିରଫ**

**ବାଲିଆ:** ବିରିଡ଼ି ଥାନା ଅନ୍ତର୍ଗତ କଳନ୍ତିରା ଗ୍ରାମରେ ଅକ୍ଟୋବର ୨୮ରେ ହୋଇଥିବା ଚୋରି ଘଟଣାରେ ପୋଲିସ ଶନିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଳନ୍ତିରା ଗ୍ରାମର ରଞ୍ଜନ ରାଉ୍ ଓରଫ ପିଣ୍ଟନ (୨୬)। ଏହି ଘଟଣାରେ ପୋଲିସ ପୂର୍ବରୁ ୭ ଜଣଙ୍କୁ ଗିରଫ କରିଛି। ଘଟଣା ଦିନ ଉକ୍ତ ଗ୍ରାମସ୍ଥିତ ଏକ ଲିଫ୍ଟ ପଏଣ୍ଟରୁ ୩ ପାଣି ମୋଟର, ଟ୍ରାନ୍ସଫର୍ମର ଓ ନିକଟସ୍ଥ ଶ୍ମଶାନରୁ ସୋଲାର ଲାଇଟ ଚୋରି ହୋଇଯାଇଥିଲା। ଏନେଇ ସାମାଜିକ କର୍ମୀ ଗୌରାଙ୍ଗ ପଟ୍ଟନାୟକ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୨୪୬/୨୨) ରୁଜୁ ହୋଇଥିଲା।

# ଶିଶୁ, ଗର୍ଭବତୀଙ୍କ ଖାଦ୍ୟ ହଡ଼ପ ଅଭିଯୋଗ

## ଜିଲାପାଳଙ୍କୁ ଡାକ ଯୋଗେ ଜଣାଇଲେ ଗ୍ରାମବାସୀ

ନାଉଗାଁ,୧୭।୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତସ୍ଥିତ ମିନି ଅଙ୍ଗନୱାଡ଼ି କେନ୍ଦ୍ରରେ ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଶନିବାର ଡାକ ଯୋଗେ ଜିଲାପାଳ ପାରୁଲ ପଟଓାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ସେମାନଙ୍କ ଅଭିଯୋଗ ମୁତାବକ, ଉକ୍ତ କେନ୍ଦ୍ରରେ ନିଯୁକ୍ତ ଅଙ୍ଗନୱାଡ଼ି କର୍ମୀ ଶିଶୁ ଓ ଗର୍ଭବତୀଙ୍କ ଖାଦ୍ୟକୁ ବଣ୍ଟନ ନ କରି ହଡ଼ପ କରୁଛନ୍ତି। ଏ ବିଷୟରେ ଅଭିଭାବକ ଓ ଗ୍ରାମବାସୀଙ୍କ ତରଫରୁ ୨୨ ସେପ୍ଟେମ୍ବର ୨୦୨୨ରେ ସିଡିପିଓଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ମାତ୍ର ସିଡିପିଓ ଏ ସମ୍ପର୍କରେ କୌଣସି ତଦନ୍ତ କରି ନ ଥିଲେ। ଏହାପରେ ୨୬ ସେପ୍ଟେମ୍ବର ୨୦୨୨ରେ ସୂଚନା ଅଧିକାର ଆଇନ ବଳରେ ଅଙ୍ଗନୱାଡ଼ି କେନ୍ଦ୍ର ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ତଥ୍ୟ ମଗାଯାଇଥିଲା। ଉକ୍ତ ତଥ୍ୟ ଅନୁସାରେ, ଡିମୁଣ୍ଡାପାରୀ ଗ୍ରାମର ପ୍ରିନ୍ସ ନାୟକ(୫) ବାପା ପଦ୍ମନାଭ ନାୟକଙ୍କ ସହ ଛତିଶଗଡ଼ସ୍ଥିତ ରାୟଗଡ଼ାରେ ରହୁଥିବାବେଳେ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଙ୍କ ନାମ ପଞ୍ଜୀକୃତ କରାଯାଇ ଶିଶୁ ଖାଦ୍ୟ ହଡ଼ପ କରାଯାଉଛି। ସେହିପରି ଗ୍ରାମର ସଂଯୁକ୍ତା ନାୟକ ସ୍ୱାମୀ ଶିଶିର ନାୟକଙ୍କ ସହ ପଞ୍ଜାବରେ ରହୁଥିବା ବେଳେ ଗର୍ଭବତୀ ଥିବା ନେଇ ଅଙ୍ଗନୱାଡ଼ି କେନ୍ଦ୍ରରେ ପଞ୍ଜୀକରଣ ହୋଇଛି। ସେହିପରି କେନ୍ଦ୍ରର ଘରଭଡ଼ା ବାବଦ ଟଙ୍କା ସମ୍ପୃକ୍ତ କର୍ମୀ ନିଜ ଭାଇଙ୍କ ନାମ ନେଉଛନ୍ତି ବୋଲି ଗ୍ରାମର ବିରଞ୍ଚି କୁମାର ନାୟକ, ଲମ୍ବୋଦର ସ୍ୱାଇଁ, ସୁଧିର ସ୍ୱାଇଁ, ବସନ୍ତ ନାୟକ, ଜୟନ୍ତୀ ନାୟକ, ସମ୍ପଦ ଜେନା, ମଙ୍ଗୁଳି ବିଶ୍ୱାଳ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ନକଲ ବିଡିଓ ରଶ୍ମିରେଖା ମଳିକ, ଜିଲା ଶିଶୁ ମଙ୍ଗଳ ଅଧିକାରୀ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପଠାଯାଇଛି। ଏ ସମ୍ପର୍କରେ ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀ ଉର୍ମିଳା ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ଫୋନ୍ ଲାଗି ନ ଥିଲା। ଏ ସମ୍ପର୍କରେ ସିଡିପିଓ ବାସନ୍ତୀ ମଇନା କହିଛନ୍ତି, ଅଭିଯୋଗ ପରେ ତଦନ୍ତ କରାଯାଇ ସମ୍ପୃକ୍ତ କର୍ମୀଙ୍କ ଦରମା ବନ୍ଦ କରାଯାଇଛି। ଏଥିସହ ଉପଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଯାଇଛି।

# ରାଜାଘର ମେଲଣ ପଡ଼ିଆ ମାପ ଚୁପ ପାଇଁ ନୋଟିସ୍

କୁଜଙ୍ଗ,୧୭।୧୨ (ଡି.ଏନ୍.ଏ.)

କୁଜଙ୍ଗସ୍ଥିତ ରାଜା ଘର ମେଲଣ ପଡ଼ିଆକୁ କେତେଜଣ ଲୋକ ଜବରଦଖଲ କରି ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରି ସଙ୍କୁଚିତ କରିଦେଇଥିବା ନେଇ କୁଜଙ୍ଗ ବାର୍ ଆସୋସିଏଶନର ପୂର୍ବତନ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ତହସିଲଦାର କୁଜଙ୍ଗ ମୌଜାସ୍ଥିତ ଖାତା ନଂ-୫୯୩, ୫୯୪, ପ୍ଲଟ୍ ନଂ-୬୧୩, ୬୩୨, ଏ ୦୧.୬୫ ଡିସିମିଲ୍ ଜମି ମାପ ପାଇଁ ଶନିବାର ନୋଟିସ୍ ଜାରି କରିଛନ୍ତି। ଡିସେମ୍ବର ୨୩ରେ ଏହି ମାପଚୁପ ସମୟରେ କୁଜଙ୍ଗ ସରପଞ୍ଚ, ବାର ଆସୋସିଏଶନ୍‌ର ପୂର୍ବତନ ସଭାପତିଙ୍କ ସମେତ ସର୍ବସାଧାରଣ ଉପସ୍ଥିତ ରହିବାକୁ ଉକ୍ତ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ଏହି ନୋଟିସ୍ ପରେ ଜବର ଦଖଲକାରୀଙ୍କ ମଧ୍ୟରେ ଛନକା ପଶିଛି।

# ନୂତନ ନୀତି ଶିକ୍ଷା ପଦ୍ଧତିରେ ସଂସ୍କାର ଆଣିବ

ରଘୁନାଥପୁର, ୧୭।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଶିକ୍ଷା ସମ୍ମାନ ଶ୍ରେଣୀ ପକ୍ଷରୁ ନୂତନ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ଜଗତସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଅଟୋନୋମସ୍ କଲେଜ ଶିକ୍ଷା ସମ୍ମାନ ବିଭାଗର ମୁଖ୍ୟ ଡ. ସୁଜାତା ମୁଣ୍ଡ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ନୂତନ ଶିକ୍ଷାନୀତି ଶିକ୍ଷା ପଦ୍ଧତିରେ କେଉଁଭଳି ସଂସ୍କାର ଆଣିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଏହାଛଡ଼ା ଛାତ୍ରୀଛାତ୍ରମାନେ ଅଧ୍ୟୟନ କ୍ଷେତ୍ରରେ ମନୋନିବେଶ କରି ଆଗାମୀ ଦିନରେ ଦେଶର ଉତ୍ତମ ନାଗରିକ ଭାବେ ରାଷ୍ଟ୍ର ଗଠନରେ ସହାୟକ ହେବା ପାଇଁ ପରାମର୍ଶ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ଓ ଡ. ବିରସ କୁମାରୀ ନାୟକ ଶିକ୍ଷା ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। ସେହିପରି ଅଧ୍ୟକ୍ଷ ପଣ୍ଡା ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାନୀତିର ପ୍ରୟୋଗ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏହାଛଡ଼ା ଆଲୋଚନାଚକ୍ର ଆୟୋଜନକାରୀ ଅଧ୍ୟାପକ ଓ ବିଭାଗର ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ। କଲେଜ ପରିଚାଳନା ପରିଷଦ ସଭାପତି ଡ. ଅଭୟ କୁମାର ନାୟକ ଭିସି ଜରିଆରେ ଯୋଡ଼ି ହୋଇ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ନୂତନ ଶିକ୍ଷାନୀତି, ଅଧ୍ୟାପିକା ଅଧ୍ୟାପକଙ୍କ ଭୂମିକା ଏବଂ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସମ୍ପାଦିକା ଟିଙ୍କି ସ୍ୱାଇଁ, ଛାତ୍ରୀ ଶୁଭଲକ୍ଷ୍ମୀ ବାରିକ, ପୂଜାରିଣୀ ମଲ୍ଲିକ, ଶୁଭଲକ୍ଷ୍ମୀ ନାୟକ, କାଦମ୍ବିନୀ ମିଶ୍ର, ଲକ୍ଷ୍ମୀପ୍ରିୟା ବେହେରା, ପ୍ରିୟଙ୍କା ନାୟକ, ବିବେକାନନ୍ଦ ସାହୁ ଓ ସୁମନ୍ତ ପ୍ରଧାନ ନିଜ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଶାଶ୍ୱତୀ ନନ୍ଦ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ସ୍ୱାଗତିକା ଦାସ ଧନ୍ୟବାଦ ଦେଇଥିଲେ।

## ଏସ୍‌ଏନ୍ କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ଅସ୍ୱାଭାବିକ ମୃତ୍ୟୁ

ରଘୁନାଥପୁର, ୧୭।୧୨ (ଡି.ଏନ୍.ଏ.): ରଘୁନାଥପୁର କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟ (ଏସ୍‌ଏନ୍ କଲେଜ ) ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ(୬୫)ଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ସେ ହରିଶ୍ପୁରସ୍ଥିତ ବାସଭବନର ଶୌଚାଳୟରୁ ଆସିବା ପରେ ତଳେ ପଡ଼ିଯାଇଥିଲେ। ତାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଜୟ ଜଣେ ସୁସାହିତ୍ୟିକ ଓ ସଙ୍ଗଠନପ୍ରେମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଶନିବାର ଏସ୍‌ଏନ୍ ଜୁନିୟର କଲେଜ ପକ୍ଷରୁ ସୁକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଜୟଙ୍କ ବିୟୋଗରେ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ସୁମନ୍ତ ଚନ୍ଦ୍ର ଦାସ, ଅଜିତ୍ ଭୂୟାଁ, ମିଟୁ ରାଉତ ଓ ସ୍ନେହମୟୀ ଦାସଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ସେହିପରି ରେଢୁଆ ବିସି କଲେଜ ଅଧ୍ୟକ୍ଷ ସରୋଜ ପଣ୍ଡା, ଶିକ୍ଷାବିତ୍ ବିଳାସ ଚନ୍ଦ୍ର ସାହୁ ଶୋକବ୍ୟକ୍ତ କରିଛନ୍ତି।

---

## GOVERNMENT OF ODISHA
## HIGHER EDUCATION DEPARTMENT
### (SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2022-23)

**No.N-70:-** The Higher Education Department, Government of Odisha invites online application for award of scholarship under **e-Medhabruti, Vyasakabi Fakir Mohan Bhasabruti** and **Gopabandu Sikhya Sahayata Yojana** for the year 2022-23 from eligible students of Odisha who are pursuing general courses, i.e. UG (+3) courses, PG Courses and Technical & Professional Courses in SAMS and Non-SAMS institutions (i.e. UGC/AICTE/MCI affiliated Universities/Management/Engineering & Technical institutions) inside and outside Odisha.

**Students can apply for scholarships under URL www.scholarship.odisha.gov.in**. Detailed guidelines along with the eligibility criteria are also available at the State Scholarship Portal of the Higher Education Department under URL www.scholarship.odisha.gov.in.

The different categories of merit, number, rate, amount to be paid, and courses applicable for the scholarship are given in a tabular form:

| Sl. No. | Category of Merit | No. of Scholarship | Rate of Scholarship per Year | Amount of Scholarship to be paid at a time | Remarks |
|---|---|---|---|---|---|
| 1. | e-Medhabruti Scholarship | | | | |
| a. | UG Merit (3- year course) | 6000 | ₹ 5,000/- | ₹ 15,000/- (for 3 years) | |
| b. | PG Merit (2- year course) | 2500 | ₹ 10,000/- | ₹ 20,000/- (for 2 years) | |
| c. | Technical & Professional Merit | 6000(details streamwise break-up is available on the website) | ₹ 10,000/- | (Rs.10,000)x (Number of course years) (Example:- for 4 years Engineering courses, Rs.40,000/- will be paid) | The number of scholarships under a particular category may be increased by the Government depending on the number of eligible students applied and validated in other categories in an academic year. |
| 2. | Vyasakabi Fakir Mohan Bhasabruti Scholarship | 1200 (students studying in UG with Odia Honours)<br>300 (students studying in PG in Odia) | ₹ 20,000/- only once for the entire duration of the course | ₹ 20,000/- | Eligible students will get 'Vyasakabi Fakir Mohan Bhasabruti' scholarship irrespective of getting any other scholarship. |
| 3. | Gopabandhu Sikhya Sahayata Yojana (Both Fresh and Renewal) | | ₹ 20,000/- per year | ₹ 20,000/- | Eligible students will get GSSY' scholarship irrespective of getting any other scholarship. |

NB (1) **Aadhaar is made mandatory for availing scholarship. Please provide correct Aadhaar number of self in the Online Application form. In case it is found that Aadhaar number provided by the student is wrong or is not his/her, the application is liable to be rejected.**
(2) **Applicants have to be very careful while furnishing their Bank Account information in the specified box of the Online Application. Any wrong entry or mismatch of the Savings Bank Account and IFSC code, this Department will not be held responsible for mis-credit/no credit.**

**Scheduled Timeline for Online Application**

| | | |
|---|---|---|
| 01 | Opening date of Online Application for students<br>Last date of Online Application for students | 20.12.2022<br>31.01.2023 |
| 02 | Validation of students record by Principal/Head of the Institution (Both SAMS & Non-SAMS) | 26.12.2022 to 20.02.2023 |

**ELIGIBILITY CONDITIONS AND DOCUMENTS TO BE UPLOADED**

• Please see the concerned Guidelines and Bank related Advisory

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **Sanjog Helpline (Toll- Free) Number 155335/18003456770 or** e-mail on **scholarshiphed@gmail.com.**

OIPR-11001/11/0044/2223 **Sd./- Joint Secretary to Government**

---

## OFFICE OF THE DEAN & PRINCIPAL,
## M.K.C.G. MEDICAL COLLEGE,
### BERHAMPUR-760004 (GANJAM)

Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org

**No.13103/MCB-2022/Welfare/Dated, Berhampur the 17th December, 2022**

### CORRIGENDUM

No. E-739:- As per tender call Notice No.11865 Dt.24.11.2022, the last date for submission of tender towards supply of Furniture for NELS, MKCG Medical College, Berhampur was on Dt.15.12.2022. Since no firms have submitted the tender within due period, hence the last date for submission of tender is extended up to Dt.27.12.2022 by 05.00 PM and will be opened on the same date (i.e. Dt.27.12.2022 at 05.00 PM). The other terms & conditions in the tender remains unaltered.

**Sd./- Dean & Principal, MKCG Medical College, Berhampur**
OIPR-10013/11/0029/2223

---

## The Odisha Small Industries Corporation Ltd.
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-4163** OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.5855/OSIC/MKT** **Dt.16.12.2022**

The Odisha Small Industries Corporation Ltd., Cuttack invites sealed bids from eligible vendors for procurement and supply of T-Shirts to the Collector & District Magistrate, Sundergarh District, Odisha. The detailed schedules, terms and conditions of the tender document along with quantity of requirement can be downloaded from OSIC website i.e. www.osicltd.in . Any corrigendum/changes/modifications will appear in OSIC Ltd. website: www.osicltd.in only and all the tenderers are to refer to above website for the same before last date of submission of tender.

**By order of MD**
**Sd/-Manager(Mktg)**
OIPR-14073/11/0126/2223

---

## GOVERNMENT OF ODISHA
## OFFICE OF THE ENGINEER-IN-CHIEF
## RURAL WORKS, BHUBANESWAR
Unit-IV, Sachivalay Marg, Bhubaneswar-751001
Fax: 0674-2394705; E-mail: cerw1_bbsr@yahoo.com

No.37860 Date: 16.12.2022
RR-BR-MISC-(Part-III)-03/2013 of 2022-23

### Cancellation of Tender
**Bid Identification No.- Online-07/2022-23 (Bridges)**

No.O-1462:- Tender for these works invited vide this office Bid Identification No.- Online-07 / 2022-23 (Bridges) & letter No.- 34945, Dt-21.11.2022 is hereby cancelled due to revised DTCN.

**Sd./- Chief Engineer (Buildings & Bridges)**
OIPR-25123/11/0020/2223 **Rural Works, Odisha, Bhubaneswar**

---

## OFFICE OF THE DEAN & PRINCIPAL,
## M.K.C.G. MEDICAL COLLEGE,
### BERHAMPUR-760004 (GANJAM)

Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org

**No.13097/MCB-2022/Welfare/Dated, Berhampur the 17th December, 2022**

### 4th CORRIGENDUM

No. E-738:- As per tender call Notice No.11182 Dt.04.11.2022 & Corrigendum No.12486 Dt.09.12.2022, the last date for submission of tender towards Outsourcing of Parking of Vehicles at MKCG Medical College Campus, Berhampur was on Dt.16.12.2022. Since only one firms have submitted the tender within due period, hence the last date for submission of tender is extended up to Dt.27.12.2022 by 05.00 PM and will be opened on the same date (i.e. Dt.27.12.2022 at 05.00 PM). The other terms & conditions in the tender remains unaltered.

**Sd./- Dean & Principal, MKCG Medical College, Berhampur**
OIPR-10013/11/0026/2223

---

## District Mineral Foundation Trust
At- Redcross Bhawan, Collectorate Campus, Angul, Odisha, PIN- 759122
**Tele.: 06764-230745 / E-mail: dmfangul@gmail.com**
Notice No.782 Date: 16.12.2022

### Corrigendum Notice
**Ref.: Short Quotation Call Notice No.-733 dated 02.12.2022**

No.CAD-4165:- The last date for receipts of the sealed quotation from intended bidder for supply of laptop & printers to DMF Cell has been extended to 27.12.2022 (5.00 P.M.). Documents are to be submitted through speed post / registered post / courier only. Other terms and conditions will remain same. The received quotations will be opened on 28.12.2022 at 12.00 P.M. The Quotation Call Notice can be viewed on the District Website, i.e. www.angul.nic.in till 27.12.2022 (5.00 P.M.).

**Sd./- CDO, ZP-cum-Chief Executive**
**DMFT, Angul**
OIPR-30027/11/0009/2223

---

## SAMBALPUR MUNICIPAL CORPORATION
Notice No.11519/SMC Date 09.12/2022

### TENDER CALL NOTICE

No.C-1974:- Sealed quotations / tenders are invited in prescribed format from interested reputed Travel Agencies / Tour Operators or private individuals for providing 02 (two) nos. of AC vehicles for official use of Sambalpur Municipal Corporation on monthly rent basis. The quotation completed in all respect should reach the undersigned on or before 29.12.22 by 04.30 P.M. The type of vehicles required as mentioned below. The detailed tender document is available at www.smcsambalpur.nic.in.

| Sl. No. | Type of vehicle | No. of vehicle required | Maximum Hire Chargers per month (excluding fuel cost, lubricant cost and GST) | Minimum average mileage in KMs per litre |
|---|---|---|---|---|
| 1 | Tata Yodha crew cabin / Mahindra Bolero camper pickup truck other similar type of vehicles (05 seater) (diesel) | 02 (two) | Rs.31,000/- (thirty one thousand only) | 10 (Ten) |

**Sd./- Municipal Commissioner**
**Sambalpur Municipal Corporation**
OIPR-13122/11/0084/2223

---

## OFFICE OF THE
## MUNICIPAL COUNCIL
### BELPAHAR
**E-mail: municipalitybelpahar@gmail.com**
No.4175/Dt.14.12.2022

### QUOTATION CALL NOTICE

No. C-1970:- Sealed quotations are invited by the undersigned from the intending Manufacturers / Suppliers/ Firms having required certificates i.e., IT, GST for supplying of Branded Ladies Bicycle of BSA / AVON/ HERO / ATLAS/ TATA / HURCULEWS made with standard specifications along with Carrier, Chain and Basket including stickering 8x8 inches durable and water proofing quality to Belpahar Municipality. The quotationers should quote the rate including all applicable taxes and transporting charges. The quotation should reach in the office of the undersigned on or before dt.20.12.2022 upto 2.00 P.M. And no quotation will be entertained beyond the stipulated period. The quotation will be opened on the same day i.e. dt.20.12.2022 at 4 P.M. in presence of the quotationers or their authorized representatives.

The undersigned reserve the right to accept or reject any or all quotations without assigning any reason thereof.

**TERMS & CONDITIONS:-**
(1) Defective materials will not be accepted.
(2) EMD deposit Rs.10,000/- (Rupees ten thousand) only will be made by the Bank Draft in favour of Belpahar Municipality.
(3) Payment will be made after the delivered of Bicycle.

**Sd./- Executive Officer, Belpahar Municipality**
OIPR-13050/11/0009/2223

---

## ORISSA STATE AIDS CONTROL SOCIETY
OSACS
**Deptt. of Health & Family Welfare, Govt. of Odisha**
**2nd Floor, Oil Orissa Building, Nayapalli, Bhubaneswar,**
**Ph: (0674) 2393235, Fax: (0674) 2394560, E-mail: orissasacs@gmail.com**

**Advt. No.: -** **CONTRACTUAL APPOINTMENT** **Date:-**

No.E-736:- Applications are invited from eligible candidates for filling up of the following positions under Orissa State AIDS Control Society, Odisha on contractual basis with monthly remuneration as noted against each and subject to renewal as per the terms and conditions of the position. These positions are purely temporary and co-terminus with the scheme. Lower age limit for all the positions is 25 years as on dtd. 01-01-2023.

| Sl. No. | Name of the Position | No. of Vacancy / ies | Consolidated monthy remuneration (in Rs.) |
|---|---|---|---|
| 01 | Clinical Services Officer (CSO) | 04 | Rs.46,800/- |
| 02 | Cluster Programme Manager (CPM) | 02 | Rs.54,300/- |
| 03 | Data Monitoring & Documentation Officer (DMDO) | 01 | Rs.37,500/- |

Interested candidates can log on to **www.osacs.nic.in** for details of vacancy, application form, eligibility criteria, age & selection procedure etc. **Last date for receipt of the Application duly signed by the candidate along with self-attested copies of all supportive documents is 30.12.2022 (by 5.30 P.M.).**

**The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.**

**Project Director, OSACS**
OIPR-10009/11/0015/2223

---

## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
### ଘୋଷଣା

**File No. COL/JAJ/VIIL-26/2021/18343/LA(Civil)** **Dated.: 07.12.2022**

No. XXIV-II: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ୟୁନିଟ-୧୫ ନାଭିଗୟା, ଥାନା: ଯାଜପୁର ନଂ. ୨୧୪, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାରେ ବିରଜା ଅଗ୍ନେଶ୍ୱର ହାଟ ଉନ୍ନତୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୯୫୨/ତା୨୨।୦୮।୨୦୨୨ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ମୌଜା: ୟୁନିଟ-୧୫ ନାଭିଗୟା, ଥାନା: ଯାଜପୁର ନଂ. ୨୧୪, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.jajpur.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ତହସିଲ: ଯାଜପୁର — ଜିଲ୍ଲା: ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୟୁନିଟ – ୧୫, ନାଭିଗୟା | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୩.୨୦୬ | ଏ.୩.୧୪୧ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ତହସିଲ: ଯାଜପୁର — ଜିଲ୍ଲା: ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:୦୧।୦୯।୨୦୨୨

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ
**ପ୍ରକଳ୍ପର ନାମ: ବିରଜା ଅଗ୍ନେଶ୍ୱର ହାଟର ଉନ୍ନତୀକରଣ**
**ମୌଜାର ନାମ: ୟୁନିଟ୍ – ୧୫ ନାଭିଗୟା, ତହସିଲ: ଯାଜପୁର, ଥାନା ନଂ. ୨୧୪, ଜିଲ୍ଲା: ଯାଜପୁର**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୩ | ୪୭ | ଘରବାରି ଏକ | ୦.୦୧୬ | ୦.୦୧୬ | ଅଚ୍ୟୁତି ମିଶ୍ର, ପି.: ପଦନ ମିଶ୍ର, ଗୋପୀ ମିଶ୍ର, କୃଷ୍ଣ ମିଶ୍ର, ପି.: ବଲ୍ଲଭ ମିଶ୍ର, ବା: ୟୁନିଟ୍ ୧୫ ନାଭିଗୟା |
| ୨ | ୧୫୧ | ୫୪ | ହାଟସ୍ଥଳୀ | ୦.୫୦୦ | ୦.୫୦୦ | ବିଶେଶ୍ୱର ବସୁ, ପି.: କୃଷ୍ଣ ବସୁ, ଗିରିଜା ପ୍ରସାଦ ବସୁ, ପି.: କମଳାକାନ୍ତ ବସୁ, ଲିଲିମା ବସୁ, ଅନନ୍ତ ବସୁ, ସବନ୍ତ କୁମାର ବସୁ, ରଜତ କୁମାର ବସୁ, ସୁଜିତ କୁମାର ବସୁ, ପି.: ନଗେନ୍ଦ୍ର ନାଥ ବସୁ, ବା: ୟୁନିଟ୍ ନଂ. ୬ |
| | | ୫୫ | ଜଳାଶୟ ଏକ | ୦.୦୦୪ | ୦.୦୦୪ | |
| | | ୫୦ | ହାଟସ୍ଥଳୀ | ୦.୬୧୫ | ୦.୬୧୫ | |
| | | ୫୮ | ହାଟସ୍ଥଳୀ | ୧.୬୬୫ | ୧.୬୬୫ | |
| | | ୬୦ | ଘରବାରି ଏକ | ୦.୦୦୪ | ୦.୦୦୪ | |
| | | ୬୧ | ଘରବାରି ଏକ | ୦.୦୦୬ | ୦.୦୦୬ | |
| | | ୫୮/୯୩୯ | ରାସ୍ତା | ୦.୦୨୫ | ୦.୦୨୫ | |
| ୩ | ୫ | ୫୭ | ହାଟସ୍ଥଳୀ | ୦.୩୪୦ | ୦.୨୭୫ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ, ପି.: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ, ସ୍ୱା.: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା.: ଅମୀୟ କୁମାର ଦାସ, ଅମୃତାଙ୍କ ଦାସ, ପି.: ଅମୀୟ କୁମାର ଦାସ, ବା: ଦେବୀଦ୍ୱାର |
| ୪ | ୨୬୯ | ୬୯ | ଘରବାରି ଏକ | ୦.୦୧୫ | ୦.୦୧୫ | ଲକ୍ଷ୍ମୀଧର ଦ୍ୱିବେଦୀ, ପି.: ମହେଶ୍ୱର ଦ୍ୱିବେଦୀ, ପିତାମ୍ବର ଦ୍ୱିବେଦୀ, ପତିତପାବନ ଦ୍ୱିବେଦୀ, ପି.: ମାୟାଧର ଦ୍ୱିବେଦୀ, ଶ୍ରୀଧର ଦ୍ୱିବେଦୀ, ରଙ୍ଗାଧର ଦ୍ୱିବେଦୀ, ପି.: କୃଷ୍ଣଚରଣ ଦ୍ୱିବେଦୀ, ବା: ମାର୍କଣ୍ଡପୁର |
| ୫ | ୨୩୪/୫୬ | ୫୯ | ଘରବାରି ଏକ | ୦.୦୧୬ | ୦.୦୧୬ | ବସନ୍ତ କୁମାର ସାହୁ, ପି.: ବଳରାମ ସାହୁ, ବାସନ୍ତୀ ସାହୁ, ସ୍ୱା.: ବସନ୍ତ କୁମାର ସାହୁ, ବା: ନହରପଦା |
| | | | ମୋଟ ରକବା | | ୩.୧୪୧ | |

OIPR-24163/14/0032/2223 ସ୍ୱା./– ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

# ଟେର୍ ପାଉନି ଡଗ୍ ସ୍କ୍ୱାଡ୍, ପୋଲିସ

ନୟାଗଡ଼ ଅଫିସ/ଓଡ଼ଗାଁ, ୧୭।୧୨(ସ୍ୱ.ପ୍ର.)

ନୟାଗଡ ଜିଲା ଓଡ଼ଗାଁ ଆଦର୍ଶ ଥାନା କୁରାଳ ସୁବୁଦ୍ଧି ସାହିର ୭ମଶ୍ରେଣୀର ଛାତ୍ର ନିଖୋଜ ଘଟଣାକୁ ଇତିମଧ୍ୟରେ ୩ ଦିନ ବିତିବାକୁ ବସିଛି । ହେଲେ ନିଖୋଜ ଛାତ୍ରଙ୍କ ଟେର ମିଳୁନି । ତେବେ ବାଉଁଶ ଗଛ ମୂଳରୁ ଛାତ୍ରଙ୍କ ସାଇକେଲ ଜବତ ହେବା ଓ ଏକ ପାଲଟଣା ଭ୍ୟାନ ସନ୍ଧ୍ୟାରେ ପଇଁତରା ମାରିବା ଅପହରଣ ସନ୍ଦେହକୁ ଦୃଢ଼ କରିଛି । ଛାତ୍ର ନିଖୋଜ ଘଟଣାର ତଦନ୍ତ ପାଇଁ ଶନିବାର ଡଗ୍ ସ୍କ୍ୱାଡ୍ କୁରାଳରେ ପହଞ୍ଚି ଅନୁସନ୍ଧାନ କରିଥିଲା । ତେବେ କୌଣସି ଟେର ପାଇ ନାହିଁ। ସେହିଭଳି ନୟାଗଡ଼ ଏସ୍‌ପି ଅଲେଖଚନ୍ଦ୍ର ପହି, ଶରଣକୁଳ ଏସ୍‌ଡିପିଓ କିରଣ ହେମ୍ବ୍ରମ ଘଟଣାସ୍ଥଳକୁ ଯାଇ ଛାତ୍ର ନିଖୋଜ ଅଥବା ଅପହରଣ ଘଟଣାର ତଦନ୍ତ କରି ଫେରିଛନ୍ତି। ଛାତ୍ର ନିଖୋଜ ଘଟଣାର ୩ଦିନ ବିତିବାକୁ ବସିଥିବାବେଳେ ଟେର ମିଳି ନ ଥିବାରୁ ପୋଲିସ ପ୍ରଶାସନର ଟେନଶନ ବଢ଼ିଛି । ଗତ ୩ ଦିନ ହେବ ନିଖୋଜ ଛାତ୍ରଙ୍କ ପରିବାରରେ ଚୁଲି ଜଳୁନି ।

ଗୁରୁବାର ସନ୍ଧ୍ୟାରେ କୁରାଳ ସୁବୁଦ୍ଧିସାହିର ଅମ୍ରିତ ପାତ୍ର (୧୨)ନାମକ ଜଣେ ୭ମ ଶ୍ରେଣୀ ଛାତ୍ର ବେଙ୍ଗେଇସାହିକୁ ଟ୍ୟୁଶନ ଯାଇଥିଲେ । ସନ୍ଧ୍ୟା ସାଢେ ୭ ଟାରେ ଘରକୁ ଫେରୁଥିଲେ। ହେଲେ ବାଉଁଶ ବୁଦା ମୂଳରୁ କୁଆଡେ ଉଭାନ ହୋଇଗଲେ । ଘରକୁ ନ ଫେରିବାରୁ ଖୋଜଖୋଜି ଚାଲିଲା । ହେଲେ ଅମ୍ରିତଙ୍କର ପତ୍ତା ମିଳିଲାନି । ରାତି ପ୍ରାୟ ୧୨ଟାରେ ବାଉଁଶ ବୁଦା ମୂଳରୁ ତାଙ୍କ ସାଇକେଲ ମିଳିଥିଲା । ପୁଣି କେତେଜଣ ଲୋକ ବାଉଁଶ ବୁଦା ମୂଳରେ ଏକ ପାଲଟଣା ଭ୍ୟାନକୁ ଦେଖିବାକୁ ପାଇଥିଲେ । ଭ୍ୟାନଟି ଗାଁରେ ୩ରୁ ୪ଦିନ ହେଲା ପରିକ୍ରମା କରୁଥିଲା । ତେବେ ପାଲଟଣା ଭ୍ୟାନ ନେଇ କୌଣସି ସୁରାକ ମିଳୁନି । ପାଲଟଣା ଭ୍ୟାନଟି କୁରାଳ ଠାରୁ ଗୋଡିପଲ୍ଲୀ ଓ ଓଡ଼ଗାଁ ଦେଇ ଯାଇଥିବା କେତେଜଣ ଲୋକ ଦେଖିଛନ୍ତି । ସଂପୃକ୍ତ ଭ୍ୟାନରେ ଅମ୍ରିତଙ୍କୁ ଅପହରଣ କରି ନିଆଯାଇଥିବା କୁହାଯାଉଛି । ଅନ୍ୟପକ୍ଷେ ଛାତ୍ର ନିଖୋଜ ସମୟରେ ଏକ ପାଲଟଣା ଭ୍ୟାନ ଆସିଥିବା ସିସି ଟିଭି ଫୁଟେଜରୁ ଜଣାପଡିଛି । ଯାହା ତଦନ୍ତସାପେକ୍ଷ ।



ନିଖୋଜ ଛାତ୍ର ଅମ୍ରିତ।



ଡଗ୍ ସ୍କ୍ୱାଡ୍ ଦ୍ୱାରା ତଦନ୍ତ ଚାଲିଛି ।

## କୁରାଳ ନାବାଳକ ଛାତ୍ର ନିଖୋଜ ଘଟଣା

- ସାଇକେଲ ଜବତ ପରେ ବଢ଼ିଲା ସସପେନ୍ସ
- ସନ୍ଦେହଘେରକୁ ଆସିଲା ପାଲଟଣା ଭ୍ୟାନ
- ବଢ଼ିଲା ଅପହରଣ ସନ୍ଦେହ

**ସନ୍ଦେହ ଘେରରେ ସମ୍ପର୍କୀୟ:** ଛାତ୍ର ଅପହରଣ ହୋଇଛି କି ଅନ୍ୟ କିଛି ଘଟଣା ଘଟିଛି ଜଣା ପଡିନି । ଯଦି ଅପହରଣ ହୋଇଥାଏ ତେବେ ତାଙ୍କ ସମ୍ପର୍କୀୟଙ୍କ ହାତ ରହିଛି ବୋଲି ପୋଲିସ ସନ୍ଦେହ କରୁଛି । ୪ରୁ ୫ଜଣ ସମ୍ପର୍କୀୟଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି । ଅପହରଣ ପଛର କାରଣ ପାରିବାରିକ ଶତ୍ରୁତା ତଥା ପୈତୃକ ସମ୍ପତ୍ତି ଭାଗବଣ୍ଟା ହୋଇଥାଇ ପାରେ ବୋଲି ସନ୍ଦେହ ଉଠିଛି । ହେଲେ ଏପରି ଏକ ସ୍ପର୍ଶକାତର ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଥମ ହୋଇଥିବାରୁ ଏହା ସମସ୍ତଙ୍କୁ ଚକିତ କରିଛି । ଏନେଇ ଅମ୍ରିତର ବାପା ପୂର୍ଣ୍ଣଚନ୍ଦ୍ର ପାତ୍ର କୁହନ୍ତି, ପୁଅକୁ ଅପହରଣ କରାଯାଉଥିବା ଜଣାପଡୁଛି । ପୋଲିସ ଏହାର ତଦନ୍ତ କରୁଛି । ହେଲେ ତଦନ୍ତର ତ୍ୱରାନ୍ୱିତ ପାଇଁ କ୍ରାଇମବ୍ରାଞ୍ଚ ଅଥବା ସିବିଆଇ ତଦନ୍ତ ହେବା ଦରକାର। ମୋର କାହାସହ ଝଗଡା ନାହିଁ କି ବିବାଦ ନାହିଁ। ମୋ ପିଲାଙ୍କୁ କିଏ କାହିଁକି ଅପହରଣ କଲା ଜାଣି ହେଉନି । ଟ୍ୟୁଶନରୁ ଶହ ଶହ ପିଲା ଫେରୁଥିଲେ। ହେଲେ ମୋ ପୁଅ ଏକୁଟିଆ ଆସୁଥିଲେ। ପ୍ରଶାସନ ଓ ସରକାର ମୋ ପୁଅକୁ ଶିଘ୍ର ଖୋଜି ଆଣନ୍ତୁ ବୋଲି କହି ସେ କାନ୍ଦି ପକାଇଥିଲେ ।

**ନିରାପଦ ନୁହେଁ ଗାଁ ଦାଣ୍ଡ:** ପରୀ, ସ୍ୱାତୀ ପରି ଶିଶୁକନ୍ୟା ନିଖୋଜ ଘଟଣାରେ ଗାଁ ଦାଣ୍ଡ ନିରାପଦ ନୁହେଁ ବୋଲି ପ୍ରମାଣିତ ହୋଇଥିଲା। ଏବେ ନାବାଳକମାନେ ଟ୍ୟୁଶନ ଆସିବା ବାଟରେ ଘର ପାଖ ଦାଣ୍ଡରୁ ନିଖୋଜ ହେବା ଭୟ ବଢ଼ାଇଛି । ଏନେଇ ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ପୋଲିସ ତାର ତଦନ୍ତ ଚଳାଇଛି। ନାବାଳକ ଛାତ୍ରଙ୍କୁ କିପରି ଉଦ୍ଧାର କରାଯିବ ସେନେଇ ପ୍ରଚେଷ୍ଟା ଜାରି ରହିଛି । ଓଡ଼ଗାଁ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟାୟତ କୁହନ୍ତି ପାଲଟଣା ଭ୍ୟାନ ସନ୍ଦେହ ଘେରକୁ ଆସିଛି । କିଛି ସିସିଟିଭିରେ ମଧ୍ୟ ପ୍ରମାଣ ଅଛି । ପୋଲିସ ସବୁ ଦିଗକୁ ଅନୁଧ୍ୟାନ କରି ତଦନ୍ତ ଚଳାଇଛି ।

# ମା' ଶୁଳୁକୁଟି ଦେବୀଙ୍କ ପୀଠରେ ବିଶ୍ୱ ଶାନ୍ତି ମହାଯଜ୍ଞ

ଦଶପଲ୍ଲା, ୧୭।୧୨(ଡି.ଏନ.ଏ.)

ଦୁର୍ଗା ବଜାର କଲୋନୀ ପରିସରରେ ମା'ଶୁଳୁକୁଟି ଦେବୀଙ୍କ ପୀଠରେ ଉନ୍ନୟନ କମିଟି ପକ୍ଷରୁ ଗତ ୧୩ତାରିଖରୁ ଆରମ୍ଭ ହୋଇଥିବା ଯଜ୍ଞର ଶୁକ୍ରବାର ପୂର୍ଣ୍ଣାହୂତି ହୋଇଥିଲା । ଏହି ଅବସରରେ ଅଙ୍କୁରାରୋପଣ, ଅଧିବାସ, ଜଳଯାତ୍ରା, ଅଗ୍ନି ସ୍ଥାପନ, ଦେବ ଆବାହନ, ପୂର୍ଣ୍ଣାହୂତି କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପୁରୀ ଆଶ୍ରମର ସାଧୁ ଲକ୍ଷ୍ମଣ ଦାସଜୀ ମହାରାଜଙ୍କ ପ୍ରବଚନ ଶୁଣିବା ଲାଗି ପ୍ରବଳ ଭିଡ ପରିଲକ୍ଷିତ ହେଉଛି । ଉଦ୍‌ଯାପନ ଦିବସରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦାନ କରିଥିଲେ। ସେହିପରି ମା'ଶୁଳୁକୁଟି ବଜାର ବଣିକ ସଂଘ ମଧ ଶୁକ୍ରବାରଠାରୁ ତାଙ୍କ ବଜାରରେ ଯଜ୍ଞ କର୍ମ ଆରମ୍ଭ କରିଛନ୍ତି। ଆଜି ଅଙ୍କୁରାରୋପଣ, ଅଧିବାସ କାର୍ଯ୍ୟ ଶେଷ ହୋଇଛି ।

# ଦୁର୍ଘଟଣାରେ ଆଶାକର୍ମୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ/ଧରାକୋଟ, ୧୭।୧୨:** ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଆଶାକର୍ମୀଙ୍କର ବଡ ମେଡିକାଲରେ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଧରାକୋଟ ଥାନା ଅନ୍ତର୍ଗତ ବାଦପୁର ଗ୍ରାମର ରମେଶ ନାୟକଙ୍କ ସ୍ତ୍ରୀ ସଚଳା ନାୟକ (୩୯)। ସେ ଆଶା କର୍ମୀ ଥିଲେ। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୬୮୭/୨୨ ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ସଚଳା ଶନିବାର ପୂର୍ବାହ୍ନରେ ତାଙ୍କ ପୁଅ ଗିରିଧାରୀ ନାୟକଙ୍କ ସହ ବାଇକ୍‌ରେ ବସି ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ଶାସନ ଗାଁ ଛକରେ ଗିରିଧାରୀଙ୍କ ବାଇକ ସମ୍ମୁଖକୁ ଏକ ସାଇକେଲ ଚାଳକ ଆସିଯାଇଥିଲେ। ଫଳରେ ସେ ଭାରସାମ୍ୟ ହରାଇ ପଡିଯିବାରୁ ବାଇକ୍‌ରୁ ସଚଳା ଛିଟିକି ତଳେ ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ତାଙ୍କୁ ଆସିକା ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଆଶା କର୍ମୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

---

## OFFICE OF THE DEAN & PRINCIPAL, M.K.C.G. MEDICAL COLLEGE, BERHAMPUR-760004 (GANJAM)

Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org

**No.13103/MCB-2022/Welfare/Dated, Berhampur the 17th December, 2022**

### CORRIGENDUM

No. E-739:- As per tender call Notice No.11865 Dt.24.11.2022, the last date for submission of tender towards supply of Furniture for NELS, MKCG Medical College, Berhampur was on Dt.15.12.2022. Since no firms have submitted the tender within due period, hence the last date for submission of tender is extended up to Dt.27.12.2022 by 05.00 PM and will be opened on the same date (i.e. Dt.27.12.2022 at 05.00 PM). The other terms & conditions in the tender remains unaltered.

**Sd./- Dean & Principal, MKCG Medical College, Berhampur**
OIPR-10013/11/0029/2223

---

## GOVERNMENT OF ODISHA OFFICE OF THE ENGINEER-IN-CHIEF RURAL WORKS, BHUBANESWAR

Unit-IV, Sachivalay Marg, Bhubaneswar-751001
Fax: 0674-2394705; E-mail: cerw1_bbsr@yahoo.com

No.37860 Date: 16.12.2022
RR-BR-MISC-(Part-III)-03/2013 of 2022-23

### Cancellation of Tender

**Bid Identification No.- Online-07/2022-23 (Bridges)**

No.O-1462:- Tender for these works invited vide this office Bid Identification No.- Online-07 / 2022-23 (Bridges) & letter No.- 34945, Dt-21.11.2022 is hereby cancelled due to revised DTCN.

**Sd./- Chief Engineer (Buildings & Bridges)**
**Rural Works, Odisha, Bhubaneswar**
OIPR-25123/11/0020/2223

---

## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-4163 OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.5855/OSIC/MKT Dt.16.12.2022**

The Odisha Small Industries Corporation Ltd., Cuttack invites sealed bids from eligible vendors for procurement and supply of T-Shirts to the Collector & District Magistrate, Sundergarh District, Odisha. The detailed schedules, terms and conditions of the tender document along with quantity of requirement can be downloaded from OSIC website i.e. www.osicltd.in . Any corrigendum/changes/modifications will appear in OSIC Ltd. website: www.osicltd.in only and all the tenderers are to refer to above website for the same before last date of submission of tender.

**By order of MD**
**Sd/-Manager(Mktg)**
OIPR-14073/11/0126/2223

---

## OFFICE OF THE DEAN & PRINCIPAL, M.K.C.G. MEDICAL COLLEGE, BERHAMPUR-760004 (GANJAM)

Tel.(0680) 2292746, FAX: (0680) 2292809//
E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com. Website: www.mkcgmch.org

**No.13097/MCB-2022/Welfare/Dated, Berhampur the 17th December, 2022**

### 4th CORRIGENDUM

No. E-738:- As per tender call Notice No.11182 Dt.04.11.2022 & Corrigendum No.12486 Dt.09.12.2022, the last date for submission of tender towards Outsourcing of Parking of Vehicles at MKCG Medical College Campus, Berhampur was on Dt.16.12.2022. Since only one firms have submitted the tender within due period, hence the last date for submission of tender is extended up to Dt.27.12.2022 by 05.00 PM and will be opened on the same date (i.e. Dt.27.12.2022 at 05.00 PM). The other terms & conditions in the tender remains unaltered.

**Sd./- Dean & Principal, MKCG Medical College, Berhampur**
OIPR-10013/11/0026/2223

---

## SAMBALPUR MUNICIPAL CORPORATION

Notice No.11519/SMC Date 09.12/2022

### TENDER CALL NOTICE

No.C-1974:- Sealed quotations / tenders are invited in prescribed format from interested reputed Travel Agencies / Tour Operators or private individuals for providing 02 (two) nos. of AC vehicles for official use of Sambalpur Municipal Corporation on monthly rent basis. The quotation completed in all respect should reach the undersigned on or before 29.12.22 by 04.30 P.M. The type of vehicles required as mentioned below. The detailed tender document is available at www.smcsambalpur.nic.in.

| Sl. No. | Type of vehicle | No. of vehicle required | Maximum Hire Chargers per month (excluding fuel cost, lubricant cost and GST) | Minimum average mileage in KMs per litre |
|---|---|---|---|---|
| 1 | Tata Yodha crew cabin / Mahindra Bolero camper pickup truck other similar type of vehicles (05 seater) (diesel) | 02 (two) | Rs.31,000/- (thirty one thousand only) | 10 (Ten) |

**Sd./- Municipal Commissioner**
**Sambalpur Municipal Corporation**
OIPR-13122/11/0084/2223

---

## District Mineral Foundation Trust

At- Redcross Bhawan, Collectorate Campus, Angul, Odisha, PIN- 759122
Tele.: 06764-230745 / E-mail: dmfangul@gmail.com
Notice No.782 Date: 16.12.2022

### Corrigendum Notice

**Ref.: Short Quotation Call Notice No.-733 dated 02.12.2022**

No.CAD-4165:- The last date for receipts of the sealed quotation from intended bidder for supply of laptop & printers to DMF Cell has been extended to 27.12.2022 (5.00 P.M.). Documents are to be submitted through speed post / registered post / courier only. Other terms and conditions will remain same. The received quotations will be opened on 28.12.2022 at 12.00 P.M. The Quotation Call Notice can be viewed on the District Website, i.e. www.angul.nic.in till 27.12.2022 (5.00 P.M.).

**Sd./- CDO, ZP-cum-Chief Executive**
**DMFT, Angul**
OIPR-30027/11/0009/2223

---

## ORISSA STATE AIDS CONTROL SOCIETY

Deptt. of Health & Family Welfare, Govt. of Odisha
2nd Floor, Oil Orissa Building, Nayapalli, Bhubaneswar,
Ph: (0674) 2393235, Fax: (0674) 2394560, E-mail: orissasacs@gmail.com

**Advt. No.: -** **CONTRACTUAL APPOINTMENT** **Date:-**

No.E-736:- Applications are invited from eligible candidates for filling up of the following positions under Orissa State AIDS Control Society, Odisha on contractual basis with monthly remuneration as noted against each and subject to renewal as per the terms and conditions of the position. These positions are purely temporary and co-terminus with the scheme. Lower age limit for all the positions is 25 years as on dtd. 01-01-2023.

| Sl. No. | Name of the Position | No. of Vacancy / ies | Consolidated monthy remuneration (in Rs.) |
|---|---|---|---|
| 01 | Clinical Services Officer (CSO) | 04 | Rs.46,800/- |
| 02 | Cluster Programme Manager (CPM) | 02 | Rs.54,300/- |
| 03 | Data Monitoring & Documentation Officer (DMDO) | 01 | Rs.37,500/- |

Interested candidates can log on to **www.osacs.nic.in** for details of vacancy, application form, eligibility criteria, age & selection procedure etc. **Last date for receipt of the Application duly signed by the candidate along with self-attested copies of all supportive documents is 30.12.2022 (by 5.30 P.M.).**

**The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.**

**Project Director, OSACS**
OIPR-10009/11/0015/2223

---

## OFFICE OF THE MUNICIPAL COUNCIL BELPAHAR

E-mail: municipalitybelpahar@gmail.com
No.4175/Dt.14.12.2022

### QUOTATION CALL NOTICE

No. C-1970:- Sealed quotations are invited by the undersigned from the intending Manufacturers / Suppliers/ Firms having required certificates i.e., IT, GST for supplying of Branded Ladies Bicycle of BSA / AVON/ HERO / ATLAS/ TATA / HURCULEWS made with standard specifications along with Carrier, Chain and Basket including stickering 8x8 inches durable and water proofing quality to Belpahar Municipality. The quotationers should quote the rate including all applicable taxes and transporting charges. The quotation should reach in the office of the undersigned on or before dt.20.12.2022 upto 2.00 P.M. And no quotation will be entertained beyond the stipulated period. The quotation will be opened on the same day i.e. dt.20.12.2022 at 4 P.M. in presence of the quotationers or their authorized representatives.

The undersigned reserve the right to accept or reject any or all quotations without assigning any reason thereof.

**TERMS & CONDITIONS:-**
(1) Defective materials will not be accepted.
(2) EMD deposit Rs.10,000/- (Rupees ten thousand) only will be made by the Bank Draft in favour of Belpahar Municipality.
(3) Payment will be made after the delivered of Bicycle.

**Sd./- Executive Officer, Belpahar Municipality**
OIPR-13050/11/0009/2223

---

## GOVERNMENT OF ODISHA HIGHER EDUCATION DEPARTMENT

### (SUBMISSION OF ONLINE APPLICATION FOR AWARD OF SCHOLARSHIP FOR THE ADMISSION YEAR 2022-23)

**No.N-70:-** The Higher Education Department, Government of Odisha invites online application for award of scholarship under **e-Medhabruti, Vyasakabi Fakir Mohan Bhasabruti** and **Gopabandu Sikhya Sahayata Yojana** for the year 2022-23 from eligible students of Odisha who are pursuing general courses, i.e. UG (+3) courses, PG Courses and Technical & Professional Courses in SAMS and Non-SAMS institutions (i.e. UGC/AICTE/MCI affiliated Universities/Management/Engineering & Technical institutions) inside and outside Odisha.

**Students can apply for scholarships under URL www.scholarship.odisha.gov.in**. Detailed guidelines along with the eligibility criteria are also available at the State Scholarship Portal of the Higher Education Department under URL www.scholarship.odisha.gov.in.

The different categories of merit, number, rate, amount to be paid, and courses applicable for the scholarship are given in a tabular form:

| Sl. No. | Category of Merit | No. of Scholarship | Rate of Scholarship per Year | Amount of Scholarship to be paid at a time | Remarks |
|---|---|---|---|---|---|
| 1. | e-Medhabruti Scholarship | | | | |
| a. | UG Merit (3- year course) | 6000 | ₹ 5,000/- | ₹ 15,000/- (for 3 years) | |
| b. | PG Merit (2- year course) | 2500 | ₹ 10,000/- | ₹ 20,000/- (for 2 years) | |
| c. | Technical & Professional Merit | 6000(details streamwise break-up is available on the website) | ₹ 10,000/- | (Rs.10,000)x (Number of course years) (Example:- for 4 years Engineering courses, Rs.40,000/- will be paid) | The number of scholarships under a particular category may be increased by the Government depending on the number of eligible students applied and validated in other categories in an academic year. |
| 2. | Vyasakabi Fakir Mohan Bhasabruti Scholarship | 1200 (students studying in UG with Odia Honours) / 300 (students studying in PG in Odia) | ₹ 20,000/- only once for the entire duration of the course | ₹ 20,000/- | Eligible students will get 'Vyasakabi Fakir Mohan Bhasabruti' scholarship irrespective of getting any other scholarship. |
| 3. | Gopabandhu Sikhya Sahayata Yojana (Both Fresh and Renewal) | | ₹ 20,000/- per year | ₹ 20,000/- | Eligible students will get GSSY' scholarship irrespective of getting any other scholarship. |

**NB (1) Aadhaar is made mandatory for availing scholarship. Please provide correct Aadhaar number of self in the Online Application form. In case it is found that Aadhaar number provided by the student is wrong or is not his/her, the application is liable to be rejected.**
**(2) Applicants have to be very careful while furnishing their Bank Account information in the specified box of the Online Application. Any wrong entry or mismatch of the Savings Bank Account and IFSC code, this Department will not be held responsible for mis-credit/no credit.**

### Scheduled Timeline for Online Application

| | | |
|---|---|---|
| 01 | Opening date of Online Application for students<br>Last date of Online Application for students | 20.12.2022<br>31.01.2023 |
| 02 | Validation of students record by Principal/Head of the Institution (Both SAMS & Non-SAMS) | 26.12.2022 to 20.02.2023 |

**ELIGIBILITY CONDITIONS AND DOCUMENTS TO BE UPLOADED**

• Please see the concerned Guidelines and Bank related Advisory

In case of any problem faced by the students at the time of filling up the application online, they may refer to FAQs available on the home page of the website or take the help of **Sanjog Helpline (Toll- Free) Number 155335/18003456770 or** e-mail on **scholarshiphed@gmail.com.**

OIPR-11001/11/0044/2223 **Sd./- Joint Secretary to Government**

---

## ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

### ଘୋଷଣା

**File No. COL/JAJ/VIIL-26/2021/18343/LA(Civil)** **Dated.: 07.12.2022**

No. XXIV-II: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ୟୁନିଟ-୧୫ ନାଭିଗୟା, ଥାନା: ଯାଜପୁର ନଂ. ୨୧୪, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାରେ ବିରଜା ଅଗ୍ନେଶ୍ୱର ହାଟ ଉନ୍ନତୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, ୨୦୧୩)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୯୫୨/ତା୨୨।୦୮।୨୦୨୨ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ ମୌଜା: ୟୁନିଟ-୧୫ ନାଭିଗୟା, ଥାନା: ଯାଜପୁର ନଂ. ୨୧୪, ତହସିଲ: ଯାଜପୁର, ଜିଲ୍ଲା: ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.jajpur.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ (ସିଭିଲ), ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ: ଯାଜପୁର | ଜିଲ୍ଲା: ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୟୁନିଟ – ୧୫, ନାଭିଗୟା | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୩.୨୦୬ | ଏ.୩.୧୪୧ | ଏଥି ସହିତ ସଂଲଗ୍ନ ଅଛି |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ: ଯାଜପୁର | ଜିଲ୍ଲା: ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:୦୧।୦୯।୨୦୨୨

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଯାଜପୁର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବିରଜା ଅଗ୍ନେଶ୍ୱର ହାଟର ଉନ୍ନତୀକରଣ

ମୌଜାର ନାମ: ୟୁନିଟ୍ – ୧୫ ନାଭିଗୟା, ତହସିଲ: ଯାଜପୁର, ଥାନା ନଂ. ୨୧୪, ଜିଲ୍ଲା: ଯାଜପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୩ | ୪୭ | ଘରବାରି ଏକ | ୦.୦୧୬ | ୦.୦୧୬ | ଅଚ୍ୟୁତି ମିଶ୍ର, ପି.: ପଦନ ମିଶ୍ର, ଗୋପୀ ମିଶ୍ର, କୃଷ୍ଣ ମିଶ୍ର, ପି.: ବଲ୍ଲଭ ମିଶ୍ର, ବା: ୟୁନିଟ୍ ୧୫ ନାଭିଗୟା |
| ୨ | ୧୫୧ | ୫୪ | ହାଟସ୍ଥଳୀ | ୦.୫୦୦ | ୦.୫୦୦ | ବିଶେଶ୍ୱର ବସୁ, ପି.: କୃଷ୍ଣ ବସୁ, ଗିରିଜା ପ୍ରସାଦ ବସୁ, ପି.: କମଳାକାନ୍ତ ବସୁ, ଲିଲିମା ବସୁ, ଅନନ୍ତ ବସୁ, ସବନ୍ତ କୁମାର ବସୁ, ରଜତ କୁମାର ବସୁ, ସୁଜିତ କୁମାର ବସୁ, ପି.: ନଗେନ୍ଦ୍ର ନାଥ ବସୁ, ବା: ୟୁନିଟ୍ ନଂ. ୬ |
| | | ୫୫ | ଜଳାଶୟ ଏକ | ୦.୦୦୪ | ୦.୦୦୪ | |
| | | ୫୦ | ହାଟସ୍ଥଳୀ | ୦.୬୧୫ | ୦.୬୧୫ | |
| | | ୫୮ | ହାଟସ୍ଥଳୀ | ୧.୬୬୫ | ୧.୬୬୫ | |
| | | ୬୦ | ଘରବାରି ଏକ | ୦.୦୦୪ | ୦.୦୦୪ | |
| | | ୬୧ | ଘରବାରି ଏକ | ୦.୦୦୬ | ୦.୦୦୬ | |
| | | ୫୮/୯୩୯ | ରାସ୍ତା | ୦.୦୨୫ | ୦.୦୨୫ | |
| ୩ | ୫ | ୫୭ | ହାଟସ୍ଥଳୀ | ୦.୩୪୦ | ୦.୨୭୫ | ଅଜୟ କୁମାର ଦାସ, ଶାନ୍ତିଲତା ଦାସ, ପି.: ରାମ ବଲ୍ଲଭ ଦାସ, ପ୍ରମୋଦ କୁମାରୀ ଦାସ, ସ୍ୱା.: ରାମ ବଲ୍ଲଭ ଦାସ, ଉଷାରାଣୀ ଦାସ, ସ୍ୱା.: ଅମୀୟ କୁମାର ଦାସ, ଅମୃତାଙ୍କ ଦାସ, ପି.: ଅମୀୟ କୁମାର ଦାସ, ବା: ଦେବୀଦ୍ୱାର |
| ୪ | ୨୬୯ | ୬୯ | ଘରବାରି ଏକ | ୦.୦୧୫ | ୦.୦୧୫ | ଲକ୍ଷ୍ମୀଧର ଦ୍ୱିବେଦୀ, ପି.: ମହେଶ୍ୱର ଦ୍ୱିବେଦୀ, ପିତାମ୍ବର ଦ୍ୱିବେଦୀ, ପତିତପାବନ ଦ୍ୱିବେଦୀ, ପି.: ମାୟାଧର ଦ୍ୱିବେଦୀ, ଶ୍ରୀଧର ଦ୍ୱିବେଦୀ, ରଙ୍ଗାଧର ଦ୍ୱିବେଦୀ, ପି.: କୃଷ୍ଣଚରଣ ଦ୍ୱିବେଦୀ, ବା: ମାର୍କଣ୍ଡପୁର |
| ୫ | ୨୩୪/୫୬ | ୫୯ | ଘରବାରି ଏକ | ୦.୦୧୬ | ୦.୦୧୬ | ବସନ୍ତ କୁମାର ସାହୁ, ପି.: ବଳରାମ ସାହୁ, ବାସନ୍ତୀ ସାହୁ, ସ୍ୱା.: ବସନ୍ତ କୁମାର ସାହୁ, ବା: ନହରପଦା |
| | | | ମୋଟ ରକବା | | ୩.୧୪୧ | |

OIPR-24163/14/0032/2223 ସ୍ୱା./– ଭୂ–ଅର୍ଜନ ଅଧିକାରୀ (ସିଭିଲ), ଯାଜପୁର

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ଘଟଣାରେ ୩ ଜେଲ ଗଲେ

#### ୨ ପଞ୍ଚାୟତରେ ଲାଗି ରହିଛି ଛକାପଞ୍ଝା

ଦଶରଥପୁର,୧୭।୧୨(ଡି.ଏନ୍.ଏ.): ଦଶରଥପୁର ବ୍ଲକ୍ ଅଧୀନ କସପା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁଙ୍କୁ ଆକ୍ରମଣ ଘଟଣାରେ ୩ ଅଭିଯୁକ୍ତ ଜେଲ୍ ଯାଇଛନ୍ତି। ଗୁରୁବାର ଅପରାହ୍ନରେ ମଙ୍ଗଳପୁର ଥାନା ଖୋସାଲପୁର ଗ୍ରାମର ଦେବଦତ୍ତ ଦାସ ଓ ଛଣିଆ ଘଡ଼େଇ ସାହିର ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ୮ ଯୁବକ ଯାଜପୁର-ମଙ୍ଗଳପୁର ରାସ୍ତାର ରାମବାଗ୍ ହାଇସ୍କୁଲ ସମ୍ମୁଖରେ ପୂର୍ବତନ ସରପଞ୍ଚ ସାହୁଙ୍କୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। ସାହୁ ଚିତ୍କାର କରିବାରୁ ସ୍ଥାନୀୟ ହାଇସ୍କୁଲ ଛକରେ ଉପସ୍ଥିତ କିଛି ସାଧାରଣ ଜନତାଙ୍କ ସମେତ ବ୍ୟବସାୟୀ ପହଞ୍ଚି ଆକ୍ରମଣକାରୀ ଯୁବକଙ୍କୁ ଅଟକାଇଥିଲେ। ତଥାପି ସମ୍ପୃକ୍ତ ଯୁବକମାନେ ସାହୁଙ୍କୁ ବେଲ୍ଟରେ ବାଡ଼ାଇବା ସହିତ ମୁଖା ଏବଂ ଗୋଇଠା ମାରିଥିଲେ। ଏଥିସହିତ ସ୍ଥାନୀୟ ଲୋକଙ୍କୁ ଭୟଭିତ କରିବାକୁ ଉଦ୍ୟମ କରିଥିଲେ। ଶେଷରେ ସ୍ଥାନୀୟ ଲୋକେ ସଂଘବଦ୍ଧ ହୋଇ ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଗୁରୁତର ସାହୁଙ୍କୁ ଏକ ଅଟୋରେ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସାହୁଙ୍କ ପୁଅ ଏନେଇ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୪୬୦/୨୨ରେ ଏକ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଯାଜପୁର ଜେଲ୍‌କୁ ପଠାଇ ଦିଆଯାଇଛି। ଅପରପକ୍ଷେ ଏହି ଆକ୍ରମଣ ପରେ ସାହୁଙ୍କ ଗ୍ରାମ ଖୋସାଲପୁର ସମେତ ନିକଟବର୍ତ୍ତୀ ତରପଦା ପଞ୍ଚାୟତରେ ରାଜନୈତିକ ଉଷ୍ମତା ଲାଗି ରହିଛି। ଘଟଣାଟି ସମ୍ପୂର୍ଣ୍ଣଭାବେ ରାଜନୀତିର ଛକାପଞ୍ଝାକୁ ନେଇ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିବାବେଳେ ସେମାନେ ଜାମିନରେ ଆସିଥିଲେ ବୋଲି ଜଣାପଡ଼ିଛି।

### ୨ ବଖରା ଜଳିଗଲା

ନାଉଗାଁ,୧୭।୧୨(ସ୍ୱ.ପ୍ର): ନାଉଗାଁ ତହସିଲ ଶିଖର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ଶାଳିଜଙ୍ଗା ଗ୍ରାମର କୈଳାସ କାଣ୍ଡିଙ୍କ ଘରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ନାଉଗାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ଘରର ସମସ୍ତ ଆସବାବପତ୍ର ସହ ଧାନଚାଉଳ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କୈଳାସ ଜଣେ ଦିନମଜୁରିଆ ଭାବେ କାମଧନ୍ଦା କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କେନ୍ଦ୍ର ଶୁଣୁନି ଓଡ଼ିଶା ଏମ୍‌ପିଙ୍କ ଦାବି

- ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେସନକୁ ଡିଭିଜନ ମାନ୍ୟତା
- ବିରଜାକ୍ଷେତ୍ରକୁ ରେଳ ସଂଯୋଗ ପ୍ରସ୍ତାବ
- ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ଅଗ୍ରଗତି ନୈରାଶ୍ୟଜନକ

ଯାଜପୁର ଅଫିସ,୧୭।୧୨



ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟ ଅନୁସାରେ ପୂର୍ବତଟ ରେଳପଥ ଜୋନରେ ଗତ ୩ ବର୍ଷରେ ରାଜସ୍ୱ ଆଦାୟ ଅନ୍ୟ ଜୋନ୍ ତୁଳନାରେ ସର୍ବାଧିକ। ୨୦୧୯-୨୦ରେ ୧୭,୭୪୬.୫୫ କୋଟି, ୨୦୨୦-୨୧ରେ ୧୭,୪୯୭.୫୦ କୋଟି ଏବଂ ୨୦୨୧-୨୨ରେ ୧୯,୯୭୩.୮୦ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଅଥଚ ସବୁ ପ୍ରକାର ଭିତ୍ତିଭୂମି ଥାଇ ପୂର୍ବତଟ ରେଳପଥ ଜୋନ୍‌ର ଯାଜପୁର ଜିଲାର ଯାଜପୁର-କେନ୍ଦୁଝରରୋଡ୍ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା ମିଳିପାରୁନାହିଁ। ଏହାସହ ଦୀର୍ଘଦିନର ଦାବି ବିରଜାକ୍ଷେତ୍ର ଏବଂ ଆରଡିକୁ ରେଳପଥ ସଂଯୋଗ ସର୍ଭେରେ ଅଟକିଛି। ଏନେଇ ରାଜନୈତିକ ନେତୃବର୍ଗ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାବି, ଦସ୍ତଖତ ଅଭିଯାନ, ଆନ୍ଦୋଳନ ଆଦି ଜରିଆରେ କେନ୍ଦ୍ର ସରକାର ଓ ରେଳୱେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କିଛି ସୁଫଳ ମିଳି ପାରୁନାହିଁ। ଏପରିକି ଏମ୍‌ପିମାନେ ଦୀର୍ଘ ବର୍ଷ ହେଲା ଲୋକ ସଭାରେ ଏନେଇ ଦାବି ଉପସ୍ଥାପନ କରୁଥିଲେ ହେଁ ରେଳ ମନ୍ତ୍ରଣାଳୟ ଅଣଦେଖା କରିଚାଲିଛି। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେଶନକୁ ଡିଭିଜନ ମାନ୍ୟତା ଏବଂ ଭଦ୍ରକ-ଚାନ୍ଦବାଲି-ଆଖଣ୍ଡଳମଣି-ଯାଜପୁରକୁ ନୂତନ ରେଳପଥ ସଂଯୋଗ କରିବାକୁ ଦାବି କରି ଆସୁଥିଲେ ବି କିଛି ସୁଫଳ ମିଳି ପାରୁନାହିଁ। ଓଡ଼ିଶା ଏମ୍‌ପିଙ୍କ ଦାବିକୁ କେନ୍ଦ୍ର ସରକାର ଶୁଣୁ ନ ଥିବା ସ୍ପଷ୍ଟ ମନେ ହେଉଛି। ଏହାସହ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନର ସାଇ ମନ୍ଦିର ନିକଟରେ ଏକ ଫ୍ଲାଏଓଭର ବ୍ରିଜ କିମ୍ବା ଗଳିପୋଲ ନିର୍ମାଣ କରିବାକୁ ଗତ ବଜେଟରେ ମଞ୍ଜୁର ହୋଇଥିଲେ ହେଁ ତାହାର ଅଗ୍ରଗତି ନୈରାଶ୍ୟଜନକ ରହିଛି। ଯାଜପୁର-କେନ୍ଦୁଝରରୋଡ୍ ଷ୍ଟେଶନଠାରୁ ଧାମରା ଭାୟା ଯାଜପୁର ଓ ଆରଡି ପର୍ଯ୍ୟନ୍ତ ୯୫.୯୫୦ କି.ମି. ନୂତନ ରାସ୍ତା ପାଇଁ କେନ୍ଦ୍ର ସରକରଙ୍କ ନିର୍ଦ୍ଦେଶକ୍ରମେ ୨୦୧୨-୧୩ରେ ସର୍ବେକ୍ଷଣ ହୋଇଥିଲା। ୨୦୧୫ ଏପ୍ରିଲରେ ରେଳ ମନ୍ତ୍ରଣାଳୟ ଅଧୀନ ରେଳୱେ ବୋର୍ଡ ନିକଟରେ ନଥିପତ୍ର ଦାଖଲ କରାଯାଇଛି। ଏହି ରେଳପଥ ନିର୍ମାଣ ପାଇଁ ୧୦୪୨.୬୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ମଧ୍ୟ ହୋଇଛି। ଏହା ନିର୍ମାଣ ହେଲେ ପୂର୍ବତଟ ରେଳପଥ ବର୍ଷକୁ ୨୭.୪୩ ପ୍ରତିଶତ ଲାଭବାନ ହେବ ବୋଲି କୁହାଯାଇଛି। କିନ୍ତୁ ଏହି ରେଳପଥ ନିର୍ମାଣକୁ ଅଣଦେଖା କରାଯାଉଥିବାବେଳେ ଲାଭ ନ ଥିବା ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରାଯାଉଛି ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ କେନ୍ଦ୍ର ସରକାର ଯାଜପୁର ଜିଲାର କଳିଙ୍ଗନଗରକୁ ଏସିଆର ବୃହତ୍ ଶିଳ୍ପ ହବ୍ ବୋଲି କହୁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନକୁ ଏକ ରେଳ ଡିଭିଜନ ସ୍ଥାପନ ପାଇଁ ଅନୁରୋଧ କରିଛନ୍ତି। ଏଥିନିମନ୍ତେ ଆବଶ୍ୟକ ଜମି ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଜିଲାରେ ୪ଟି ଜଙ୍କସନ ଓ ୨୧ଟି ରେଳଷ୍ଟେଶନ ରହିଛି। ପଡୋଶୀ ଜିଲାରେ ରହିଥିବା ଧାମରା ଓ ପାରାଦୀପ ବନ୍ଦର ସହ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଏହି ଡିଭିଜନର ଆବଶ୍ୟକତା ରହିଛି । ଏଭଳି ସ୍ଥିତିରେ ଅଗ୍ରାଧିକାର ଭିତ୍ତିରେ ଏଠାରେ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ଏମ୍‌ପିମାନେ ଦାବି କରି ଆସୁଛନ୍ତି। ଏହାବାଦ ବ୍ୟାସନଗର ନାଗରିକ କମିଟି, ଯାଜପୁର-ଧାମରା ରେଳପଥ ସଂଯୋଗ କ୍ରିୟାନୁଷ୍ଠାନ କମିଟି, ବିରଜାକ୍ଷେତ୍ର ବିକାଶ ମଞ୍ଚ ଆଦି ଅନୁଷ୍ଠାନ ପକ୍ଷରୁ ଉପରୋକ୍ତ ମର୍ମରେ ଦାବି ହୋଇଆସୁଛି। ଚଳିତ ଲୋକ ସଭା ଅଧିବେଶନରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ଉପରୋକ୍ତ ଦାବିଗୁଡ଼ିକୁ ପୁଣି ଦୋହରାଇଛନ୍ତି। ହେଲେ କେନ୍ଦ୍ର ସରକାର ଏହି ଦାବିଗୁଡ଼ିକୁ ଅଣଦେଖା କରି ଆସୁଛନ୍ତି।

## ପଞ୍ଚୁପାଣ୍ଡବ ମନ୍ଦିରରୁ ଚୋରି ମୂର୍ତ୍ତି ଧାନବିଲରୁ ମିଳିଲା

ଡେରାବିଶ,୧୭।୧୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବ ମନ୍ଦିର ବେଢ଼ାରେ ଥିବା ଯୁଧିଷ୍ଠିରଙ୍କ ମନ୍ଦିରରୁ ଚୋରି ହୋଇଥିବା ମୂର୍ତ୍ତି ଶନିବାର ସକାଳୁ ଏକ ଧାନ ବିଲରୁ ଜବତ କରାଯାଇଛି । ଗତ ନଭେମ୍ବର ୨୫ ତାରିଖ ରାତିରେ ମନ୍ଦିରର ତାଲା ଭାଙ୍ଗି ମନ୍ଦିରରେ ଥିବା ଛୋଟ ଓ ବଡ଼ ୧୦ଟି ମୂଲ୍ୟବାନ (ରାଧାକୃଷ୍ଣ ଓ ଗୋଟିଏ ଆଣ୍ଠୁଆ ଗୋପାଳ) ମୂର୍ତ୍ତି ଚୋରି ହୋଇଥିଲା । ଅତିରିକ୍ତ ଏସ୍‌ପି ହରିଶ୍ଚନ୍ଦ୍ର ପାଣ୍ଡେ, କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର, ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ ଓ ଏସଆଇ ନାରାୟଣ ମହାରଣା ପ୍ରମୁଖ ତଦନ୍ତ ଆରମ୍ଭ କରିଥିଲେ । ଏଥିପାଇଁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲା। ମାତ୍ର ଚୋରି ଯାଇଥିବା ମୂର୍ତ୍ତି ଓ ଅଭିଯୁକ୍ତଙ୍କ କୌଣସି ଟେର ମିଳି ନ ଥିଲା । ତେବେ ଏ ସଂକ୍ରାନ୍ତରେ ମନ୍ଦିର ସେବାୟତ କମଳାକାନ୍ତ ଦାଶଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୧୮୮/୨୨) ରୁଜୁ କରାଯାଇଥିଲା । ଏଥିସହିତ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ । ହେଲେ ଶନିବାର ଭୋର ସମୟରେ ପଞ୍ଚୁପାଣ୍ଡବ ମନ୍ଦିର ନିକଟସ୍ଥ ୫୩ନଂ(କ) ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଧାନ ବିଲ ପାର୍ଶ୍ୱରୁ ସେହି ମୂର୍ତ୍ତି ମିଳିଥିଲା । ଧାନ କାଟିବାକୁ ଯାଉଥିବା କେତେଜଣ ଲୋକ ବିଲ କଡ଼ରେ ମୁହଁ ବନ୍ଧା ହୋଇଥିବା ଏକ ବସ୍ତା ପଡ଼ିଥିବା ଦେଖିଥିଲେ । ସେହି ବସ୍ତାରେ କ'ଣ ଅଛି ବୋଲି ଖୋଲିବାରୁ ମୂର୍ତ୍ତି ମିଳିଥିଲା । ଏହି ଖବର ପ୍ରଚାରିତ ହେବାପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା । ଖବର ପାଇ ଥାନା ଅଧିକାରୀ ସେଠୀ ଓ ତଦନ୍ତ ଦାୟିତ୍ୱରେ ଥିବା ଏସ୍‌ଆଇ ମହାରଣା ଘଟଣାସ୍ଥଳରେ ପହଞ୍ଚି ୩ଟି ବଡ଼ ପିତଳ ରାଧାକୃଷ୍ଣ ମୂର୍ତ୍ତି ଓ ୪ଟି ଛୋଟ ମୂର୍ତ୍ତିକୁ ଜବତ କରି ଥାନାକୁ ନେଇଥିଲେ । କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ମହାପାତ୍ରଙ୍କ ଉପସ୍ଥିତିରେ ସମସ୍ତ ମୂର୍ତ୍ତିର ପରୀକ୍ଷାନିରୀକ୍ଷା ପରେ ମନ୍ଦିରର ସେବାୟତଙ୍କୁ ଅପରାହ୍ନରେ ହସ୍ତାନ୍ତର କରାଯାଇଥିଲା ।


ଧାନ ବିଲରୁ ମିଳିଥିବା ମୂର୍ତ୍ତି ।

## ହାଇୱା ଧକ୍କାରେ ଛତୁ ବ୍ୟବସାୟୀ ମୃତ

### ପିପିଏଲ୍ ଛକରେ ପୁଣି ଦୁର୍ଘଟଣା

ପାରାଦୀପ,୧୭।୧୨(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ପିପିଏଲ୍ ଛକରେ ଶନିବାର ପୁଣି ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟବସାୟୀଙ୍କ ଜୀବନ ଯାଇଛି। ସେ ହେଲେ କୁଜଙ୍ଗ ବାଲିତୁଠ ଅଞ୍ଚଳର ଛତୁ ବେପାରୀ ବାବାଜୀ ଆଚାର୍ଯ୍ୟ। ସେ ପାରାଦୀପ ବଡ଼ପଡ଼ିଆ ବଜାରରୁ ବ୍ୟବସାୟୀ ସାରି ଘରକୁ ବାଇକ୍ ଯୋଗେ ଫେରିବା ବେଳେ ଏକ ହାଇୱା ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ବାବାଜୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲକୁ ପଠାଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ହୋଇ ନ ଥିଲା। ଗତ ଆଠଦିନ ତଳେ ସମାନ ଜାଗାରେ ଏକ ହାଇୱା ଚାପାରେ ଲକ୍ଷ୍ମୀପ୍ରିୟା ଦାସ ନାମ୍ନୀ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଅଠରବାଙ୍କୀଠାରୁ ଦୋଛକି ମଧ୍ୟରେ ଭାରିଯାନ ପାର୍କିଂ ଯୋଗୁ ଏପରି ଦୁର୍ଘଟଣା ବାରମ୍ବାର ଘଟୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସ୍ୱୟଂପ୍ରଭା


@ ଓମ୍


@ ସସ୍ମିତା


@ ଶାଳିନୀ


@ କାଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଆଇନ ନିର୍ମାଣ ଉଚ୍ଛେଦ ଦାବି


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବଜରଙ୍ଗ ଦଳର କର୍ମକର୍ତ୍ତା।

### ୧୪୪ ଧାରା ଜାରି, ଜିଲାପାଳଙ୍କୁ ଭେଟିଲା ବଜରଙ୍ଗ ଦଳ

ଯାଜପୁର ଟାଉନ,୧୭।୧୨(ଡି.ଏନ.ଏ.): ଯାଜପୁର ସହରର ଦେବୀଗଡ଼ା ଘାଟ ନିକଟବର୍ତ୍ତୀ ତଥା ମହତାବ ସ୍କୁଲ ପଛପଟେ ଥିବା ବୈତରଣୀ ନଦୀକୂଳ ସଂଲଗ୍ନ ପୀର ବାବାଙ୍କ ସମାଧି ପୀଠ ନିକଟରେ ନିର୍ମାଣ ହୋଇଥିବା ବେଆଇନ ପାଚେରି ଭାଙ୍ଗିବା ପାଇଁ ତହସିଲ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ଜଳ ସମ୍ପଦ ବିଭାଗ ସ୍ଥାନୀୟ ତହସିଲଦାରଙ୍କୁ ଚିଠି ଦ୍ୱାରା ଜଣାଇଥିବା ବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ମଧ୍ୟ ଗୁରୁବାରଠାରୁ ଏହି ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି। ଏହା ଏକ ସର୍ବସାଧାରଣ ଜମି ହୋଇଥିବାରୁ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଜିଲା ସଂଗଠନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇ ବେଆଇନ ନିର୍ମାଣକୁ ଉଚ୍ଛେଦ ପାଇଁ ନିବେଦନ କରାଯାଇଛି।

ସୂଚନା ମୁତାବକ, ପୀର ବାବାଙ୍କ ସମାଧି ପୀଠ ନିକଟରେ କିଛି ସ୍ଥାନକୁ ଗତ ଶୁକ୍ରବାର କେହି ଦୁର୍ବୃତ୍ତ ଖୋଳିଦେଇଥିଲେ। ଫଳରେ ଏହାକୁ ନେଇ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ପୌର ପ୍ରଶାସନ ଗୁରୁତ୍ୱ ସହକାରେ ନେଇ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ବହୁବର୍ଷ ଧରି ଏକ ସୀମିତ ଅଞ୍ଚଳରେ ରହିଥିବା ମହାପୁରୁଷଙ୍କ ସମାଧି ସ୍ଥଳକୁ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ଏକ ଉପସନା ପୀଠ ଭାବେ ପରିଗଣିତ କରି ପୂଜାର୍ଚ୍ଚନା କରିଆସୁଥିଲେ। କାଳକ୍ରମେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ବେଳେ କୌଣସି ଦୁର୍ବୃତ୍ତ ସମାଧିର କିଛି ନିର୍ମାଣକୁ ଶାବଳରେ ତାଡ଼ି ପକାଇଥିଲେ। ଏହି ସ୍ଥାନଟି ଜଳ ସମ୍ପଦ ବିଭାଗ ଅଧୀନରେ ରହିଥିବା ବେଳେ କିଛି ଲୋକ ରାତିଅଧିଆ ଏକ ବିଶାଳ ଅଞ୍ଚଳକୁ ଅବରୋଧ ପୂର୍ବକ ପାଚେରି ନିର୍ମାଣ କରିଛନ୍ତି। ଜମିଟି ଜଳ ସମ୍ପଦ ବିଭାଗ ତତ୍ତ୍ୱାବଧାନରେ ରହିଥିବା ବେଳେ ଏହାର ସଂଲଗ୍ନ ସ୍ଥାନରେ ଏକ ବ୍ୟାରେଜ ମଧ୍ୟ ନିର୍ମାଣ କରାଯାଉଛି। ତେବେ ବେଆଇନ ନିର୍ମାଣକୁ ପ୍ରଶାସନ ସ୍ୱୀକାର କରିବା ସହିତ ତହସିଲ କାର୍ଯ୍ୟାଳୟ ଏନେଇ ମଧ୍ୟ ଏକ ଜବରଦଖଲ ମାମଲା ରୁଜୁ କରିଛି। ଏଣେ ଏହି ବେଆଇନ ନିର୍ମାଣକୁ ଭାଙ୍ଗିଦେବା ପାଇଁ ତହସିଲ କାର୍ଯ୍ୟାଳୟ ପୋଲିସ ରିକ୍ୟୁଜେସନ କରିସାରିଛି ଏବଂ ଦିନେ ଦୁଇଦିନ ମଧ୍ୟରେ ପାଚେରି ଉଚ୍ଛେଦ କରାଯିବ ବୋଲି ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ କହିଛନ୍ତି। ଅନ୍ୟପକ୍ଷରେ ଉଚ୍ଛେଦ ପାଇଁ ବଜରଙ୍ଗ ଦଳ ମଧ୍ୟ ୧୫ ଦିନର ସମୟ ଦେଇଛି। ପ୍ରଶାସନ ଏହି ସମୟ ମଧ୍ୟରେ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନିଆଯିବ ବୋଲି ବିଶ୍ୱ ହିନ୍ଦୁ ପରିଷଦ ଜିଲା ଶାଖାର ସଂଯୋଜକ ଚନ୍ଦ୍ରକାନ୍ତ କର ଓ ସଂଗଠନର ବରିଷ୍ଠ ନେତା ଅରବିନ୍ଦ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ

କଳିଙ୍ଗନଗର,୧୭।୧୨(ଡି.ଏନ.ଏ.):

ଦାନଗଦି ବୁଦ୍ଧରାଜା ସରକାରୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ତଥା ଆବାହକ ଲୋକନାଥ ଧୀରଙ୍କ ଆବାହକତ୍ୱରେ ଆୟୋଜିତ ସମାରୋହକୁ ଦକ୍ଷତା ବିକାଶ, ବୈଶିୟିକ ଶିକ୍ଷା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ସରକାର ଶିକ୍ଷାର ବିକାଶ ପାଇଁ ପ୍ରଥମେ ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ କାର୍ଯ୍ୟ ହାତକୁ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ବୁଦ୍ଧରାଜ ବିଦ୍ୟାପୀଠକୁ ଏଥିରେ ସାମିଲ କରାଯାଇଥିଲା। ଏଠାରେ ଡିଜିଟାଲ କ୍ଲାସ ରୁମ, ଉନ୍ନତ ଲାଇବ୍ରେରୀ ଏବଂ ସୁନ୍ଦର ଖେଳ ପଡିଆ ସାଙ୍ଗକୁ ବିଜ୍ଞାନାଗାର ଆଦିର ବ୍ୟବସ୍ଥା କରାଯାଇଛି। ତେଣୁ ଏସବୁ ଦେଖିବା ପରେ ଛାତ୍ରୀଛାତ୍ର ଆଉ ବେସରକାରୀ ସ୍କୁଲକୁ ପାଠପଢ଼ିବାକୁ ଯିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

ମୁଖ୍ୟଅତିଥି ଭାବେ ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ ଯୋଗଦେଇ କହିଥିଲେ, ନବୀନ ସରକାର ଶିକ୍ଷା ବ୍ୟବସ୍ଥାକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି, ଯାହାକି ବୁଦ୍ଧରାଜା ବିଦ୍ୟାପୀଠକୁ ଦେଖିଲେ ଜାଣିହେଉଛି। ସୁକିନ୍ଦା ନିର୍ବାଚନମଣ୍ଡଳୀ ସହିତ ସେ ବହୁ ପରିଚିତ। ତେବେ ଏଭଳି ସୁନ୍ଦର ପରିବେଶରେ ଏହି ବିଦ୍ୟାଳୟ ଆଜି ତାର ଗୌରବକୁ ଦେଖାଇ ପାରିଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଯୋଗଦେଇ କହିଥିଲେ, ବିଦ୍ୟାଳୟ ରୂପାନ୍ତରୀକରଣ ହୋଇଗଲେ ଚଳିବ ନାହିଁ। ଛାତ୍ରୀଛାତ୍ର କିପରି ଭଲ ପାଠ ପଢ଼ିବେ ଏବଂ ଭଲ ମାର୍କ ରଖି ପାସ କରିବେ ସେଥିପ୍ରତି ଶିକ୍ଷୟିତ୍ରୀଶିକ୍ଷକଙ୍କ ଯେତିକି ଦାୟିତ୍ୱ ରହିଛି ସେହିପରି ଅଭିଭାବକଙ୍କ ମଧ୍ୟ ପିଲାମାନଙ୍କ ପ୍ରତି ଗୁରୁ ଦାୟିତ୍ୱ ରହିଛି। ସରକାର ଶିକ୍ଷାର ବିକାଶ ପାଇଁ ବିଦ୍ୟାଳୟ ରୂପାନ୍ତରିକରଣ ସାଙ୍ଗକୁ ପର୍ଯ୍ୟାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି, ଯାହା ଏବେ ୪ର୍ଥ ପର୍ଯ୍ୟାୟରେ ପହଞ୍ଚିଛି। ଖାଲି ହାଇସ୍କୁଲ ନୁହେଁ, ସମସ୍ତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କାମ ଏବେ ହାତକୁ ନିଆଯାଇଛି ବୋଲି ସେ ପ୍ରକାଶ କରିବା ସହ ବୁଦ୍ଧରାଜା ବିଦ୍ୟାପୀଠ ପ୍ରତିଷ୍ଠାତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁରାତନ ଛାତ୍ର ନିରୋଦ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇଥିବା ଅତିଥି।

### ବୁଦ୍ଧରାଜା ସରକାରୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ

## ୨୫ ୟୁନିଟ୍ ରକ୍ତ ସଂଗ୍ରହ

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ା ପଠାଣି ସାମନ୍ତ ପୂଜ୍ୟପୂଜା ପକ୍ଷରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ପଠାଣି ସାମନ୍ତ ସଂଗ୍ରହାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟ ଓ ଛାତ୍ରୀଛାତ୍ରମାନେ ସାମନ୍ତଙ୍କ ଫଟୋଚିତ୍ର ଧରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ରଥଗଡା ଛକ, ମଧୁବନ ମିନି ଷ୍ଟାଡିୟମ ଓ ପଠାଣି ସାମନ୍ତ ସଂଗ୍ରହାଳୟ ପରିସରରେ ଥିବା ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଆୟୋଜିତ ରକ୍ତଦାନ ଶିବିରରୁ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଡ.ତଥାଗତ ସ୍ୱାଇଁ ରକ୍ତଦାତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ ।

# ପ୍ରଦୀପ୍ତ ପାଇଲେ ନୟାଗଡ଼ ଗୌରବ ସମ୍ମାନ

**ନୟାଗଡ଼ ଅଫିସ,୧୭।୧୨**

ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୮୮ ତମ ଜନ୍ମ ସ୍ମାରକୀ ନୟାଗଡ଼ ପୁରୁଣା ସହରର ଶ୍ରୀଜଗନ୍ନାଥ ମନ୍ଦିର ନିକଟସ୍ଥ ଯଦୁମଣି ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭାରତ ସରକାରଙ୍କ ଡାକସେବା ମନ୍ତ୍ରଣାଳୟର ପୂର୍ବତନ ସଚିବ ତଥା ନୟାଗଡ ବ୍ଲକ ନବଘନପୁର ପଞ୍ଚାୟତ ହରିହରପୁର ଗାଁର ପ୍ରଦୀପ୍ତ କୁମାର ବିଶୋଇଙ୍କୁ ନୟାଗଡ଼ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ନୟାଗଡର ପୂର୍ବତନ ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ନୟାଗଡ଼ ବନ୍ଧୁ ସମ୍ମାନ, ପ୍ରାଧ୍ୟାପକ ଗୋବିନ୍ଦ ଦାଶଙ୍କୁ ଦାଶିଆ ଅଜା ସାହିତ୍ୟ ସମ୍ମାନ, ପ୍ରଫେସର ସୁଧାଂଶୁ ଶେଖର ମିଶ୍ରଙ୍କୁ ପଠାଣୀ ସାମନ୍ତ ପ୍ରତିଭା ସମ୍ମାନ, କବି ଚନ୍ଦ୍ର ବିଜୟୀ ମିଶ୍ରଙ୍କୁ ପଠାଣି ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି । ପୁଣି ଲବ୍ଧ ପ୍ରତିଷ୍ଠିତ ଆଇନଜୀବୀ ରମେଶ ଚନ୍ଦ୍ର ଶତପଥୀଙ୍କୁ ପଠାଣୀ ସାମନ୍ତ ଆଇନ ସମ୍ମାନ, କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥଙ୍କୁ ପଠାଣୀ ସାମନ୍ତ ସଙ୍ଗୀତ ପ୍ରତିଭା ସମ୍ମାନ, ସମାଜସେବୀ ଦାମୋଦର ସାହୁଙ୍କୁ ପଠାଣୀ ସାମନ୍ତ ସେବା ସମ୍ମାନ, ଯୁବ ସମାଜସେବୀ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ପଠାଣୀ ସାମନ୍ତ ଯୁବ ସେବା ସମ୍ମାନ ଓ କ୍ରିକେଟିୟର ରାଜେଶ କୁମାର ମହାନ୍ତିଙ୍କୁ ପଠାଣୀ ସାମନ୍ତ କ୍ରୀଡା ସମ୍ମାନ ଅନୁରୂପ ଭାବେ ପ୍ରଦାନ କରାଯାଇଛି ।


ପ୍ରଦୀପ୍ତ କୁମାର ବିଶୋଇଙ୍କୁ ନୟାଗଡ଼ ଗୌରବ ସମ୍ମାନ ପ୍ରଦାନ କରାଯାଉଛି ।

## ପଠାଣି ସାମନ୍ତ ଉପାୟନ ପ୍ରଦାନ ଉତ୍ସବ

ଏ ଅବସରରେ ଶୁକ୍ରବାର ପ୍ରତ୍ୟୁଷରେ ପ୍ରଥମେ ପଠାଣି ସାମନ୍ତ ଅଡିଟୋରିୟମ ସାମନାରେ ଥିବା ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ଧୂପ, ମାଲ୍ୟାର୍ପଣ ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ରବିନ୍ଦ୍ରନାଥ ସାହୁ ଯୋଗଦାନ କରିଥିଲେ । ସେହିପରି ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ମନ୍ଦିର ସାମନାରେ ଅନୁଷ୍ଠିତ ଭଜନ ସମାରୋହରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ କୁମାର ବାପି ଏବଂ ରବିନ୍ଦ୍ର ମହାପାତ୍ର ଭଜନ ପରିବେଷଣ କରିଥିବା ବେଳେ ଉପସ୍ଥିତ ଦର୍ଶକମାନେ ବେଶ ବିମୋହିତ ହୋଇଥିଲେ । ପ୍ରଥମେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ଜୟନ୍ତୀ ସମାରୋହକୁ ଜିଲାପାଳ ରବୀନ୍ଦ୍ରନାଥ ସାହୁ ଯୋଗଦାନ କରି ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ଆୟକର କମିଶନର ଶରତ ଚନ୍ଦ୍ର ଦାଶ ଏବଂ ବିଶିଷ୍ଟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି, ଖବରଦାତା କିଶୋର ଦ୍ୱିବେଦୀ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ ଏବଂ ଦୂରଦର୍ଶନ ବିଚାରକ ମଣ୍ଡଳୀ ସଦସ୍ୟା ଶୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ପୌରହିତ୍ୟ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ଅନୁଷ୍ଠିତ ଭଜନ ସମାରୋହ କାର୍ଯ୍ୟକ୍ରମକୁ ବେତାର ଓ ଦୂରଦର୍ଶନ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ପରିଚାଳନା କରିଥିବା ବେଳେ ଏଥିରେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ କୁମାର ବାପି, ରବିନ୍ଦ୍ର ମହାପାତ୍ରଙ୍କ ସମେତ ସ୍ଥାନୀୟ କଳାକାର ସୁରଗନ୍ଧର୍ବ ନବକିଶୋର ମିଶ୍ର, ଜଗଦୀଶ ରଥ, ପ୍ରଭାତ ମିଶ୍ର, ଡ.ଆଶୁତୋଷ ମିଶ୍ର, ପ୍ରାଣକୃଷ୍ଣ ମହାରଣା, ପ୍ରଶାନ୍ତ କୁମାର ଦାଶ, ଜୟଶ୍ରୀ ଦେବୀ, ରୋଜାଲିନ ବସନ୍ତରା ପ୍ରମୁଖ ଭଜନ ପରିବେଶଣ କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିବାବେଳେ କମିଟି ସଦସ୍ୟ ଲକ୍ଷ୍ମୀଧର ସାହୁ,ଅଶୋକ ମଲ୍ଲ, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗୋକୁଳାନନ୍ଦ ପୀଠରେ ପହିଲିଭୋଗ ନୀତି



**ଖଣ୍ଡପଡ଼ା,୧୭।୧୨(ସ୍ୱ.ପ୍ର.):** ଖଣ୍ଡପଡ଼ାବ୍ଲକ ଅଧିନ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉଙ୍କ ପହିଲି ଭୋଗନୀତି ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱତନ୍ତ୍ର ନୀତିରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଏହି ପହିଲି ଭୋଗ ନୀତିରେ ଧନୁମୁଆଁର ଭୋଗ ଲାଗି ହୋଇଥିଲା । ସକାଳୁ ପହୁଡ ଖଲାଯିବା ପରେ ମଙ୍ଗଳ ଆଳତୀ,ମୈଳମଲାଗି, ସୂର୍ଯ୍ୟ ପୂଜା, ଦ୍ୱାରପାଳପୂଜା କରାଯାଇ ଶ୍ରୀଜୀଉଙ୍କ ସ୍ନାନ ନୀତି ସମ୍ପନ୍ନ ଲରାଯାଇଥିଲା। ଏହାପରେ ଠାକୁରଙ୍କୁ ଶଙ୍ଖୁଡି ଭୋଗ ଲାଗି ହୋଇଥିବା ପୂର୍ବତନ ମନ୍ଦିର ପରିଚାଳନା ଦାୟୀତ୍ୱରେ ଥିବା ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ ଓ ପୂଜକ କୃଷ୍ଣଚନ୍ଦ୍ର ରଥଙ୍କଠାରୁ ପ୍ରକାଶ ।

### ବିଧାୟକଙ୍କୁ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର

**ଦଶପଲ୍ଲା,୧୭।୧୨ (ଡି.ଏନ.ଏ.):** ଶୁକ୍ରବାର ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ଦଶପଲ୍ଲା ଅଙ୍ଗନୱାଡ଼ି କର୍ମୀମାନେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଙ୍ଗନୱାଡ଼ି କର୍ମୀମାନେ ବିଭିନ୍ନ ଦାବିକୁ ନେଇ ଭୁବନେଶ୍ୱରରେ ଧାରଣା ଦେଇଛନ୍ତି । ଅନ୍ୟ କୌଣସି ଉପାୟ ନ ଥିବାରୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅଙ୍ଗନୱାଡ଼ି କର୍ମୀ ସୌଦାମିନି ମିଶ୍ର, ଜୟାମଣି ଦେଇ, ଭାଗ୍ୟବତୀ ପଟ୍ଟନାୟକ ପ୍ରମୁଖ ବିଧାୟକଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ ।

### ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ,୧୭।୧୨:** ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି କୃଷ୍ଣନଗର ତୃତୀୟ ଲାଇନରେ ରହୁଥିବା ନାରାୟଣ ପୂଜାରୀ (୪୦)। ପୋଲିସ ଘଟଣା ବେଳେ ବ୍ୟବହାର ହୋଇଥିବା ଲୁହାଛଡ଼ ଜବତ କରିଛି। ମାମଲା ନମ୍ବର ୪୪୬/୨୨ରେ ନାରାୟଣଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନାରାୟଣ, ତାଙ୍କ ସ୍ତ୍ରୀ ଟୁକୁନି ଓ ଦୁଇ ଝିଅ କୃଷ୍ଣନଗରରେ ରୁହନ୍ତି। ବିଭିନ୍ନ କାରଣକୁ କେନ୍ଦ୍ରକରି ଟୁକୁନିଙ୍କୁ ତାଙ୍କ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୧୫ ତାରିଖ ରାତିରେ ନାରାୟଣ ଘରକୁ ଆସି ତାଙ୍କ ସ୍ତ୍ରୀଙ୍କୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ବେକରେ ଲୁହାଛଡ ଚାପି ହତ୍ୟା ଉଦ୍ୟମ କରିଥିଲେ। ନିକଟରେ ଥିବା ତାଙ୍କର ଦୁଇ ଝିଅ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମଧ ନାରାୟଣ ଆକ୍ରମଣ କରିଥିଲେ। ପରେ ଟୁକୁନି ଓ ତାଙ୍କ ଦୁଇ ଝିଅ ଉକ୍ତ ଘରୁ ନିଜ ଜୀବନ ବଞ୍ଚାଇ ସେଠାରୁ ବାପା ଘରକୁ ଚାଲି ଆସିଥିଲେ। ପରେ ଟୁକୁନି ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

# ପଠାଣି ସାମନ୍ତଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ବଘେଲ୍ ସମ୍ମାନ ପ୍ରଦାନ ଉତ୍ସବରେ ମଞ୍ଚାସୀନ ଅତିଥି ।

**ଖଣ୍ଡପଡ଼ା,୧୭।୧୨(ସ୍ୱ.ପ୍ର.)**

ଖଣ୍ଡପଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୨ଦିନ ବ୍ୟାପୀ ଅନୁଷ୍ଠିତ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ଜୟନ୍ତୀ ଓ ବଘେଲ ସମ୍ମାନ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସାହିତ୍ୟିକ କୁଳମଣି ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ମୁଁ ବଘେଲ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୁପେ ବୈଜ୍ଞାନିକ ତଥା ଏସିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ହେଲଥ୍‌ର କୁଳପତି ଆଦିତ୍ୟ ପ୍ରସାଦ ଦାଶ, ମୁଖ୍ୟବକ୍ତା ଭାବେ ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ, ଛାତ୍ର ମଙ୍ଗଳ ଡ଼ିନ୍ , ଶିକ୍ଷା ଓ ଅନୁଶାସନ ଜାତୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ବ୍ଲକ ଉପାଧ୍ୟକ୍ଷ ଶିଶିର ସାହୁ, ପଣ୍ଡିତ ମନୋଜ ଦାଶ, ବରିଷ୍ଠ ଆଇନଜୀବି ଗିରିଜା ଶଙ୍କର ତରାସିଆ ପ୍ରମୁଖ ଯୋଗ ଦେଇ ପଠାଣି ସାମନ୍ତଙ୍କ ସୁଦୁର ପ୍ରସାରୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସମଗ୍ର ବିଶ୍ୱ ଦରବାରରେ ଜନ୍ମମାଟି ଖଣ୍ଡପଡାର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ମତ ଦେଇ ସାମନ୍ତଙ୍କ ସ୍ମୃତି ଚାରଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ବିକ୍ରମ କେଶରୀ ଦେଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏ ଅବସରରେ ଆୟୋଜିତ ଝୋଟି, ବିତର୍କ, ସଙ୍ଗୀତ ଓ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଖଣ୍ଡପଡାର କଳାକାର ବ୍ରଜବନ୍ଧୁ ପ୍ରଧାନ, ଦଶପଲ୍ଲାର ସାମାଜିକ କର୍ମୀ କୁଞ୍ଜ ବିହାରୀ ପାତ୍ର, ନୟାଗଡ଼ର ଦାମୋଦର ସାହୁଙ୍କୁ ବଘେଲ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ଦକ୍ଷିଣକାଳୀ, ଲଡୁବାବାଙ୍କ ପହିଲି ଭୋଗ

**ନୟାଗଡ଼ ଅଫିସ/ ଶରଣକୁଳ, ୧୭।୧୨ (ଡି.ଏନ.ଏ.)**

ନୟାଗଡ ପୁରୁଣା ସହରର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣକାଳୀ ଓ ଶରଣକୁଳର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ପହିଲି ଭୋଗ ନୀତି ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହି ନୀତି ଶୁକ୍ରବାର ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ । ଠାକୁର, ଠାକୁରାଣୀଙ୍କଠାରେ ସକାଳୁ ଧନୁମୁଆଁ ଭୋଗ ହେବା ପରେ ପହିଲି ଭୋଗ ଲାଗି ହୋଇଥାଏ । ଜଗନ୍ନାଥ ସଂସ୍କୃତି ଅନୁସାରେ ମହାଲକ୍ଷ୍ମୀ ଧନୁ ସଂକ୍ରାନ୍ତିରେ ଏକ ମାସ ଲାଗି ବାପଘରକୁ ଯାଇଥିବା ସମୟରେ ମା'ଯଶୋଦା ପୁଅମାନଙ୍କୁ ସକାଳୁ ଖାଇବାକୁ ଦେଇଥାନ୍ତି । ଏହି ପରମ୍ପରା ଅନୁଯାୟୀ ଓଡ଼ିଶାର ପ୍ରତ୍ୟେକ ମନ୍ଦିରରେ ପହିଲି ଭୋଗ ହୋଇଥାଏ । ଲଡୁବାବାଙ୍କ ମନ୍ଦିରରେ ଭୋର ରାତ୍ର ୩ ଘଟିକାରୁ ଦ୍ୱାର ଫିଟା ହୋଇ ମଙ୍ଗଳା ଆଳତି ପରେ ଅବକାଶ ନୀତି ହୋଇ ଧନୁମୁଆଁ ଭୋଗଲାଗି ହୋଇଥିଲା । ଏହାପରେ ରୋଷଘର ହୋମ ହୋଇ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା । ନୀତି ଅନୁଯାୟୀ ଶନିବାରଠାରୁ ଏକ ମାସ ଧରି ସକାଳ ୬ଟାରେ ସକାଳ ଧୂପରେ କାନିକା, ଖେଚୁଡି, ଡାଲି, ଡାଲମା, ତରକାରି, ଖଟା, ଖିରି, ଭଜା, ଏଣ୍ଡୁରି ପିଠା, କାକରା, ବରା ଓ ଝିଲ୍ଲି ଆଦି ଭୋଗ କରାଯାଇ ସକାଳ ୧୦ଟାରେ ପ୍ରଭୁଙ୍କର ପହୁଡ ନୀତି ଅନୁଷ୍ଠିତ ହୋଇଛି । ସେହିପରି ସନ୍ଧ୍ୟା ୬ଟାରେ ଆଳତି ହୋଇ ରାତ୍ର ୯ଟାରେ ବଡସିଂହାର ନୀତି ହୋଇଛି । ଅପରପକ୍ଷେ ଦକ୍ଷିଣକାଳୀ ମନ୍ଦିରରେ ୧୧ ଥାଳି କାନିକା ଓ ୩ ଥାଳି ଖେଚୁଡି ଭୋଗ ଲାଗି ହୋଇଛି । ଖେଚୁଡି ଭୋଗରେ ମା'ଙ୍କ ପାଖରେ ଆମିଷ ଲାଗି ହୁଏ ।

# ଧନୁଯାତ୍ରା, ତୀରଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭାପୁର,୧୭।୧୨(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ୍ ଧାନଚେଙ୍ଗଡା ପଞ୍ଚାୟତ କାଳିଆପଲ୍ଲୀ ଓ ଧାନଚାଙ୍ଗଡା ଗ୍ରାମରେ ୩ ଦିନ ଧରି ଚାଲିଥିବା ଧନୁଯାତ୍ରା ଓ ତୀରଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବିଶ୍ୱାବସୁଙ୍କ ଗ୍ରାମ କାଳିଆପଲ୍ଲୀରେ ଥିବା ବିଶ୍ୱାବସୁ ମଠରେ ଗୀତାଯଜ୍ଞ, ଭାଗବତ ପାଠ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ମହିଳା ଓ ପୁରୁଷମାନେ ମହାନଦୀରୁ ପବିତ୍ର ଜଳ କଳସରେ ଆଣି ଏକ ଶୋଭାଯାତ୍ରାରେ ଆସି ବିଶ୍ୱାବସୁ ଆଶ୍ରମରେ ସ୍ଥାପନ କରିଥିଲେ । ବୁଧବାର ଅଧିବାସ ,ଗୁରୁବାର ଗୀତାଯଜ୍ଞ ଓ ଭାଗବତ ନାମ ସଂକୀର୍ତ୍ତନ ଓ ଶୁକ୍ରବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ବିଶ୍ୱାବସୁ ଆଶ୍ରମର ବାବା ଗଙ୍ଗାଧରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ରହ୍ମଚାରୀ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ଦାସ ପୂଜାର୍ଚ୍ଚନା କରିଥିଲେ । ଗ୍ରାମ ସଭାପତି ତ୍ରିନାଥ ନାୟକ, ୱାର୍ଡସଭ୍ୟ ବସନ୍ତ ନାୟକ, ଗ୍ରାମର ଦଳବେହେରା ତୋଫାନ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶବରମାନଙ୍କ ପାରମ୍ପରିକ ଲାଖବିନ୍ଧା ତଥା ତୀରଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବହୁ ଯୁବକ ଅଂଶଗ୍ରହଣ କରିଥିଲେ । ଧାନଚାଙ୍ଗଡା ଗ୍ରାମବାସୀ ଧନୁଯାତ୍ରା ଅବସରରେ ଡାଙ୍ଗେଣୀ ପାହାଡ ଉପରେ ଥିବା ଲଳିତ ପାହାଡ଼ରେ କଳସ ଯାତ୍ରା କରିବା ସହ ନାମ ସଂକୀର୍ତ୍ତନ କରିଥିଲେ । ପୂର୍ବାହ୍ନ ୧୦ଟାରେ ପୂର୍ଣ୍ଣାହୁତି ସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସ୍ୱୟଂପ୍ରଭା


@ ଓମ୍


@ ସସ୍ମିତା


@ ଶାଳିନୀ


@ କାଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷୟିତ୍ରୀଙ୍କ ବଦଳି ଦାବି ଜୋର ଧରିଲା

**ଖଣ୍ଡପଡ଼ା,୧୭।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତ ବାସୁଦେବପୁର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ଦାବି କରାଯାଇଛି । ଏହି ଦାବି ପୂରଣ ନ ହେଲେ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ସମ୍ପୃକ୍ତ ଶିକ୍ଷୟିତ୍ରୀ ସର୍ବଶିକ୍ଷା ଅଭିଯାନ ଜରିଆରେ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଆସିଥିବା ଟଙ୍କାକୁ ହଡପ କରିଛନ୍ତି । ସେଥିପାଇଁ ବିଦ୍ୟାଳୟର ଆନୁଷଙ୍ଗିକ ଉନ୍ନତୀକରଣ କାର୍ଯ୍ୟ ହୋଇପାରୁନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚନ୍ଦ୍ର ଶେଖର ସାହୁ, ସଭ୍ୟ ପ୍ରମୋଦ କୁମାର ଦାସ, ମାଧବ ସାହୁ, ବିଭୂତି ଦାସ, ମମତା ଦାସ, ପ୍ରେମଲତା ସାହୁ ଓ ମମତା ସାଥୁଆ ପ୍ରମୁଖ ଅଭିଯୋଗ କରିଛନ୍ତି । ତେଣୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ଦାବି ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରିଣୀ, ନୟାଗଡ଼ ଜିଲା ଶିକ୍ଷାଧିକାରୀ, ଜିଲାପାଳ ଓ ଖଣ୍ଡପଡ଼ା ବିଧାୟକଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଅନ୍ୟପକ୍ଷେ ସମ୍ପୃକ୍ତ ଶିକ୍ଷୟିତ୍ରୀ ପିଲାମାନଙ୍କ ପାଠପଢ଼ା ପ୍ରତି ଯତ୍ନବାନ ହେଉ ନ ଅଭିଯୋଗ ହେଉଛି । ଅଭିଯୋଗ ଆଧାରରେ ଖଣ୍ଡପଡ଼ା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିବା ସୂଚନା ମିଳିଛି । ରିପୋର୍ଟ ପାଇବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ୍ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ କହିଛନ୍ତି ।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

# ପ୍ରତି ଶିଶୁଙ୍କ ଭିତରେ ଭରିରହିଛି ବୈଜ୍ଞାନିକ ପ୍ରତିଭା

**ଖଣ୍ଡପଡ଼ା,୧୭।୧୨(ସ୍ୱ.ପ୍ର)**

ପ୍ରତ୍ୟେକ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରତିଭା ଲୁଚି ରହିଛି । ତେଣୁ ସେସବୁ ଲୁକାୟିତ ପ୍ରତିଭାକୁ ଉଜ୍ଜିବିତ କରିବା ପାଇଁ ମା', ବାପା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପିଲାମାନଙ୍କୁ ସୁଯୋଗ ଦେଲେ ବା ସେମାନଙ୍କ ମଧ୍ୟରେ ସୁଯୋଗ ସୃଷ୍ଟି କରି ପାରିଲେ ସେମାନେ ନିଶ୍ଚିତ ଭବେ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହୋଇ ପାରିବେ । ଏଣୁ ଆଜିର ଜିଜ୍ଞାସୁ ଶିଶୁ ଆସନ୍ତାକାଲିର ଜଣେ ବୈଜ୍ଞାନିକ ବୋଲି ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଶିଖରପୁର ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ବ୍ଲକସ୍ତରୀୟ ୨୮ତମ ବିଜ୍ଞାନମେଳାରେ ଯୋଗ ଦେଇଥିବା ମୁଖ୍ୟଅତିଥି କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧାପକ ଡ.ପବିତ୍ର କୁମାର ସୁବୁଦ୍ଧିଙ୍କ ସମେତ ଅନ୍ୟ ଅତିଥିମାନେ ଏହି ମତ ରଖିଥିଲେ ।

ଏହି ମେଳାରେ ୭୬ଟି ବିଦ୍ୟାଳୟରୁ ୧୧୭ ଗୋଟି ପ୍ରକଳ୍ପ ପ୍ରଦର୍ଶୀତ ହୋଇଥିବା ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ସୂଚନା ଦେଇଥିଲେ । ଖଣ୍ଡପଡା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରକଳ୍ପ ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ସର୍ବ କନିଷ୍ଠ ଓ କନିଷ୍ଠ ବିଭାଗରୁ ୩ଟି ଲେଖାଏଁ ପ୍ରକଳ୍ପ ଓ ବରିଷ୍ଠ ବିଭାଗରୁ ୭ଟି ପ୍ରକଳ୍ପ ଏହି ପରି ସର୍ବମୋଟ ୧୩ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲା । ଖଣ୍ଡପଡା ବିଡିଓ ଅରୁଣୀମା ସାହୁ ମୁଖ୍ୟଅତିଥି ରୁପେ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସୁବୁଦ୍ଧି ଓ ସମ୍ମାନୀତ ଅତିଥି ରୁପେ ତହସିଲଦାର ପାର୍ଥ ସାରଥୀ ହାଁସଦା, ମୋ ସ୍କୁଲ ଅଭିଯାନର ଅଧକ୍ଷ ତଥା ପୂର୍ବତନ ସରପଞ୍ଚ ନବ କିଶୋର ସାହୁ, ଏବିଓ ରବିନ୍ଦ୍ର ନାଥ ରାଉତରାୟ, କଳିଙ୍ଗ ଚନ୍ଦ୍ର ନାୟକ, ନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଯୋଗିଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଶିଖରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଉପସ୍ଥିତ ଥିଲେ ।

ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୁପେ ନୟାଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ଜିଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୁପେ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ସରପଞ୍ଚ କିରଣବାଳା ସାହୁ, ସମିତି ସଭ୍ୟ ନିର୍ମଳ କୁମାର ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଯୋଗ୍ୟ ବିବେଚିତ ୧୩ ପ୍ରକଳ୍ପ ପ୍ରସ୍ତୁତ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନେ ବିଜ୍ଞାନ ମେଳା ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।


ଖଣ୍ଡପଡ଼ା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥି ।

## ବାର୍ ସୁଡ଼ଙ୍ଗରୁ ୧୭ ମହିଳା ଉଦ୍ଧାର

ମୁମ୍ବାଇର ଦହିସାର ଅଞ୍ଚଳରେ ଥିବା ରେଷ୍ଟୁରାଣ୍ଟ କମ୍ ବାର୍‌ରେ ପୋଲିସ କରିଛି। ବାର୍‌ରେ ଥିବା ସୁଡ଼ଙ୍ଗ ଭିତରୁ ୧୭ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରୁ ୧୯ ଜଣ ଗ୍ରାହକ ହୋଇଥିବାବେଳେ ୬ ବାର୍‌ର ଷ୍ଟାଫ୍ ହୋଇଥିବା ଜଣାପଡ଼ିଛି। ଚଢ଼ାଉବେଳେ ୪ ମହିଳା ଡ୍ୟାନ୍ସଫ୍ଲୋରରେ ନାଚୁଥିବାବେଳେ ୧୭ ବାର୍‌ରେ ଥିବା ଗୁପ୍ତ କୋଠରିରେ ଲୁଚି ରହିଥିଲେ। ଉଦ୍ଧାର ପରେ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଛାଡ଼ିଦେଇଛି।

## ସଂକ୍ଷେପରେ

### ସ୍ତ୍ରୀ ସହ ଝଗଡ଼ାରୁ ୨ ବର୍ଷର ଶିଶୁକୁ ବିଲ୍ଡିଂରୁ ଫିଙ୍ଗିଲେ

ନୂଆଦିଲ୍ଲୀ ,୧୭।୧୨: ଦିଲ୍ଲୀର କାଲକାଜି ଅଞ୍ଚଳରେ ଜଣେ ୩୦ ବର୍ଷୀୟ ବ୍ୟକ୍ତି ତାଙ୍କର ୨ ବର୍ଷର ଶିଶୁପୁତ୍ରକୁ ପ୍ରଥମ ମହଲାରୁ ତଳକୁ ଫିଙ୍ଗିଦେବା ସହ ନିଜେ ତୃତୀୟ ମହଲାରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି। ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ତ୍ରୀଙ୍କ ସହ ଝଗଡ଼ା ପରେ ଉତ୍ତ୍ୟକ୍ତ ହୋଇ ମାନ୍ ସିଂ ନାମକ ବ୍ୟକ୍ତି ଶୁକ୍ରବାର ରାତିରେ ଏଭଳି ପଦକ୍ଷେପ ନେଇଛନ୍ତି। ଶିଶୁଟିକୁ ହୋଲି ଫାମିଲି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ମାନ୍‌ଙ୍କୁ ଏମ୍ସ ଟ୍ରମା ସେଣ୍ଟରକୁ ସ୍ଥାନାନ୍ତର କରାଯାଇଛି। ସ୍ତ୍ରୀ ପୂଜାଙ୍କ କହିବା ଅନୁଯାୟୀ ସେମାନଙ୍କ ମଧ୍ୟରେ ଭଲ ସମ୍ପର୍କ ନ ଥିବାରୁ କିଛିଦିନ ହେବ ସେ ଆଈଙ୍କ ଘରେ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ମାନ୍ ସେଠାରେ ପହଞ୍ଚି ନିଶାସକ୍ତ ଅବସ୍ଥାରେ ଝଗଡ଼ା କରିବା ସହ ପୁଅକୁ ଉଠାଇନେଇ ଫିଙ୍ଗିଦେବା ସହ ନିଜେ ଡେଇଁ ପଡ଼ିଥିଲେ।

### ଭାରତୀୟ ବଂଶୋଦ୍ଭବ ଲିଓ ଆୟର୍ଲାଣ୍ଡ ପ୍ରଧାନମନ୍ତ୍ରୀ ଭାବେ ପୁନଃ ନିର୍ବାଚିତ



ଡବ୍‌ଲିନ୍ ,୧୭।୧୨: ଭାରତୀୟ ବଂଶୋଦ୍ଭବ ଲିଓ ଭରାଡକର ଆୟର୍ଲାଣ୍ଡ ପ୍ରଧାନମନ୍ତ୍ରୀ ଭାବେ ଶନିବାର ପୁନଃ ନିର୍ବାଚିତ ହୋଇଛନ୍ତି। ୨୦୨୦ରେ ସେଠାର ମେଣ୍ଟ ସରକାରରେ କ୍ଷମତା ବଦଳ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ତଦନୁଯାୟୀ ଦ୍ୱିତୀୟ ଥର ନିମନ୍ତେ ଲିଓଙ୍କୁ ପ୍ରଧାନମନ୍ତ୍ରୀ ଭାବେ କ୍ଷମତା ହସ୍ତାନ୍ତର କରାଯାଇଛି। ବଦଳ ନିୟମ ଅନୁଯାୟୀ ମିଚେଲ ମାର୍ଟିନ୍‌ଙ୍କ ସ୍ଥାନରେ ଲିଓ ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୪୩ ବର୍ଷୀୟ ଲିଓ ଜଣେ ସମଲିଙ୍ଗୀ ଏବଂ ସେ ଉପପ୍ରଧାନମନ୍ତ୍ରୀରୁ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଦ୍ୱିତୀୟ ଥର କ୍ଷମତା ଅକ୍ତିଆର କରିବା ସତ୍ତ୍ୱେ ସେ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ।

### ଅନିଲ ଦେଶମୁଖଙ୍କ ଜାମିନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୧୭।୧୨(ପି.ଟି.): ଦୁର୍ନୀତି ମାମଲାରେ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କୁ ବମ୍ବେ ହାଇକୋର୍ଟ ଜାମିନ ପ୍ରଦାନ କରିଥିବାବେଳେ ସିବିଆଇ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ୭୩ ବର୍ଷୀୟ ଏନ୍‌ସିପି ନେତା ଦେଶମୁଖଙ୍କୁ ଗତ ୧୨ ତାରିଖରେ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ। ତେବେ ସିବିଆଇ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ଲାଗି ସମୟ ମାଗିବାରୁ ୧୦ ଦିନ ପରେ ଜାମିନ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ବୋଲି ହାଇକୋର୍ଟ କହିଥିଲେ। ବହିଷ୍କୃତ ପୋଲିସ୍ ଅଫିସରଙ୍କ ବୟାନ ବ୍ୟତୀତ ଦେଶମୁଖଙ୍କ ତରଫରୁ ମୁମ୍ବାଇ ବାର୍ ମାଲିକମାନଙ୍କଠାରୁ ଚାନ୍ଦା ଆଦାୟ କରାଯିବାର କୌଣସି ପ୍ରମାଣ ସିବିଆଇ ଦର୍ଶାଇ ପାରି ନ ଥିବା ହାଇକୋର୍ଟ କହିଥିଲେ। ତଦନ୍ତ ପ୍ରଭାବିତ ହେବା ଆଶଙ୍କା କରି ଦେଶମୁଖଙ୍କ ଜାମିନକୁ ସିବିଆଇ ବିରୋଧ କରିଥିଲା। କେବଳ ୱାଜେଙ୍କ ବୟାନ ଉପରେ ଚାର୍ଜଶିଟ୍ ପ୍ରସ୍ତୁତ ହୋଇନାହିଁ, ଏଥିରେ ବିଭିନ୍ନ ତଥ୍ୟ ପ୍ରମାଣକୁ ସାମିଲ କରାଯାଇଛି, ଯାହା ଦେଶମୁଖଙ୍କ ବିରୋଧରେ ଅପରାଧକୁ ପ୍ରମାଣ କରିଥିବା ସିବିଆଇ ଏହାର ପିଟିଶନରେ ଉଲ୍ଲେଖ କରିଛି।

## 'ପଠାନ୍' ରିଲିଜ୍ ବନ୍ଦ ଦାବି



ଶାହରୁଖ୍ ଖାନ୍ ଏବଂ ଦୀପିକା ପାଦୁକୋନ୍ ଅଭିନୀତ 'ପଠାନ୍' ଚଳଚ୍ଚିତ୍ରର କିଛି ଦୃଶ୍ୟ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବାରୁ ଏହାକୁ ନେଇ ମୁସ୍‌ଲିମ୍ ବୋର୍ଡ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହି ଚଳଚ୍ଚିତ୍ର ମୁକ୍ତିଲାଭ ନ କରିବା ଲାଗି ଦାବି କରିଛି। ଏହି ଚଳଚ୍ଚିତ୍ର ଇସ୍‌ଲାମ ଧର୍ମକୁ ପରିହାସ କରୁଥିବା ଉଲେମା ବୋର୍ଡ ପକ୍ଷରୁ କୁହାଯାଇଛି। ପଠାନ୍ ଚଳଚ୍ଚିତ୍ରର ଗୀତ 'ବେସରମ୍ ରଙ୍ଗ୍' ରିଲିଜ୍ ହେବା ଦିନଠାରୁ ଏହା ବିବାଦ ଘେରରେ ରହିଛି। ଭିଏଚ୍‌ପି ସମେତ ବିଭିନ୍ନ ହିନ୍ଦୁ ସଂଗଠନ ଏହାକୁ ବିରୋଧ କରିଥିବାବେଳେ ଏବେ ମଧ୍ୟପ୍ରଦେଶର ଉଲେମା ବୋର୍ଡ ମଧ୍ୟ ଚଳଚ୍ଚିତ୍ରକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି। ପଠାନ୍ ହିନ୍ଦୁ ଧର୍ମକୁ ଅପମାନିତ କରିଥିବାରୁ ଭିଏଚ୍‌ପି କ୍ଷମା ଦାବି କରିଥିଲା। ଇସ୍‌ଲାମ ଧର୍ମକୁ ଯେକୌଣସି ପ୍ରକାରେ ଉପସ୍ଥାପନକୁ ବରଦାସ୍ତ କରାଯିବନି ବୋଲି ସୟେଦ ଆନସ୍ ଅଲି କହିଛନ୍ତି। ଚଳଚ୍ଚିତ୍ରକୁ ମୁକ୍ତିଲାଭ କରିବା ସୁଯୋଗ ନ ଦେବା ଲାଗି ସେ ସେନ୍‌ସର ବୋର୍ଡ ଏବଂ ଦେଶର ସମସ୍ତ ସିନେମା ହଲ୍‌କୁ ନିବେଦନ କରିଛନ୍ତି। ପଠାନ୍ ଚଳଚ୍ଚିତ୍ର ଦେଶକୁ ଭୁଲ୍ ବାର୍ତ୍ତା ଦେବା ସହ ଶାନ୍ତି ଭଙ୍ଗ କରିବ ଓ ସମସ୍ତ ମୁସଲମାନଙ୍କ ଭାବାବେଗକୁ ଆଘାତ ଦେବ ବୋଲି ସୟେଦ କହିଛନ୍ତି।

## ୟୁଏନ୍‌ଏଚ୍‌ସିଆର୍ ଛାଡ଼ିଲେ ଆଞ୍ଜେଲିନା



୨୦ ବର୍ଷ ପରେ ୟୁନାଇଟେଡ୍ ନେଶନ୍ସ ହାଇ କମିଶନର ଫର୍ ରିଫ୍ୟୁଜି (ୟୁଏନ୍‌ଏଚ୍‌ସିଆର୍)ର ସ୍ୱତନ୍ତ୍ର ସଦସ୍ୟ ଥିବା ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି ଶୁକ୍ରବାର ନିଜ ପଦ ଛାଡ଼ିଛନ୍ତି। ଜାତିସଂଘର ଶରଣାର୍ଥୀ ଏଜେନ୍ସି ସହିତ ଦୀର୍ଘ ୨୦ ବର୍ଷ ଧରି କାମ କରିଥିବା ଆଞ୍ଜେଲିନା ୬୦ରୁ ଊର୍ଦ୍ଧ୍ୱ ଫିଲ୍ଡ ମିଶନରେ କାମ କରିଛନ୍ତି। ତେବେ ୟୁଏନ୍‌ଏଚ୍‌ସିଆର୍‌ର ପଦ ଛାଡ଼ିବା ଅବସରରେ ଆଞ୍ଜେଲିନା କହିଛନ୍ତି, ୟୁଏନ୍‌ଏଚ୍‌ସିଆର୍ ସହ କାମ କରିବା ତାଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ଥିଲା। ସିଧାସଳଖ ଭାବେ ଶରଣାର୍ଥୀ, ବିଭିନ୍ନ ଅନୁଷ୍ଠାନ ଏବଂ ଲୋକଙ୍କ ସହ କଥା ହେବା ସାଙ୍ଗକୁ ତାଙ୍କ ଅସୁବିଧା ବୁଝିବାର ମଉକା ମିଳିଥିଲା। ଶରଣାର୍ଥୀଙ୍କ ସ୍ଥାନାନ୍ତରଣ ପାଇଁ ତାଙ୍କ ମାଧ୍ୟମରେ ସମ୍ଭବପର ସମସ୍ତ କାର୍ଯ୍ୟ ସେ କରିଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି ଅବସରରେ ଜାତିସଂଘ ଆଞ୍ଜେଲିନାଙ୍କୁ ଜଣେ ପ୍ରଭାବଶାଳୀ ସମର୍ଥକ ଭାବେ ବିବେଚନା କରିଛି। ଓସ୍କାର ପୁରସ୍କାର ବିଜୟିନୀ ୨୦୦୧ରୁ ୟୁଏନ୍‌ଏଚ୍‌ସିଆର୍ ସହିତ କାର୍ଯ୍ୟ ଆରମ୍ଭ କରିଥିବାବେଳେ ୨୦୧୨ରେ ତାଙ୍କୁ ସ୍ୱତନ୍ତ୍ର ସଦସ୍ୟତା ମିଳିଥିଲା।

# ବିଲ୍‌କିସ୍‌ଙ୍କ ନ୍ୟାୟ ଆଶା ମଉଳିଲା

ନୂଆଦିଲ୍ଲୀ ,୧୭।୧୨(ପି.ଟି.)



୨୦୦୨ ଗୁଜରାଟ ଦଙ୍ଗା ପିଡ଼ିତା ବିଲ୍‌କିସ୍ ବାନୋ



- ୧୧ ଅପରାଧୀଙ୍କୁ ମୁକ୍ତ କରାଯିବା ପ୍ରସଙ୍ଗ
- ସୁପ୍ରିମକୋର୍ଟରେ ଆବେଦନ ଖାରଜ
- ପୂର୍ବ ରାୟର ପୁନର୍ବିଚାର ଲାଗି ରିଭ୍ୟୁ ପିଟିଶନ ଦାଏର କରିଥିଲେ

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ଆଜୀବନ ଜେଲଦଣ୍ଡ ଭୋଗୁଥିବା ୧୧ ଅପରାଧୀଙ୍କୁ ଗତ ଅଗଷ୍ଟ ୧୫ରେ ଗୁଜରାଟ ସରକାର ମୁକ୍ତ କରିଦେଇଥିଲେ। ଅପରାଧୀଙ୍କୁ ମୁକ୍ତ କରିବା ସମ୍ପର୍କରେ ଗୁଜରାଟ ସରକାର ନିଷ୍ପତ୍ତି ନେଇପାରିବେ ବୋଲି ସୁପ୍ରିମକୋର୍ଟ ମେ' ୧୩ ରାୟରେ କହିଥିଲେ। ଉକ୍ତ ରାୟର ପୁନର୍ବିଚାର ଲାଗି ବିଲ୍‌କିସ ଦାଏର କରିଥିବା ରିଭ୍ୟୁ ପିଟିଶନକୁ ଶନିବାର ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ତେବେ ରାଜ୍ୟ ସରକାର ୧୧ ବନ୍ଦୀଙ୍କୁ ଅବଧି ପୂର୍ବରୁ ମୁକ୍ତ କରିଦେବା ଘଟଣାକୁ ଚ୍ୟାଲେଞ୍ଜ କରି ବିଲ୍‌କିସ୍ ଦାଏର କରିଥିବା ଅନ୍ୟ ଏକ ପିଟିଶନ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ଗୁଜରାଟ ସରକାରଙ୍କ ୧୯୯୨ ଜୁଲାଇ ୯ କ୍ଷମା ନୀତି ଅନୁଯାୟୀ ଜଣେ ଅପରାଧୀ ଅବଧି ପୂର୍ବରୁ ମୁକ୍ତ ହେବା ଲାଗି ଆବେଦନ କରିଥିଲେ। ଏହା ଉପରେ ରାଜ୍ୟ ସରକାର ବିଚାର କରିବାକୁ ଗତ ମେ' ୧୩ରେ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଦୋଷୀସାବ୍ୟସ୍ତ ଦିନଠାରୁ ଉକ୍ତ ନୀତି ଲାଗୁ କରାଯାଇପାରିବ ଏବଂ ଦୁଇମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ହେବ। ସେହି ଅନୁଯାୟୀ ଗୁଜରାଟ ସରକାର ଅଗଷ୍ଟ ୧୫ରେ ବିଲ୍‌କିସ୍ ମାମଲାର ସମସ୍ତ ୧୧ ଅପରାଧୀଙ୍କୁ ମୁକ୍ତ କରିଦେଇଥିଲେ। ସୁପ୍ରିମକୋର୍ଟଙ୍କ ମେ' ୧୩ ରାୟର ପୁନର୍ବିଚାର ଲାଗି ବିଲ୍‌କିସ୍‌ଙ୍କ ଆବେଦନ ଉପରେ ଜଷ୍ଟିସ ଅଜୟ ରାସ୍ତୋଗୀ ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ ଗତ ୧୩ ତାରିଖରେ ଚାମ୍ବରରେ ବିଚାର କରିଥିଲେ। ତେବେ ଉକ୍ତ ରାୟରେ କୌଣସି ତ୍ରୁଟି ନ ଥିବାରୁ ରିଭ୍ୟୁ ପିଟିଶନର ସହାୟତା ନେବା ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ ତାଙ୍କ ରାୟରେ କହିବା ସହ ପିଟିଶନକୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ଶନିବାର କୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି।

## ୟୁରୋପୀୟ ଖବରଦାତାଙ୍କ ଟୁଇଟର ଆକାଉଣ୍ଟ ଆକ୍ଟିଭ୍

ୱାଶିଂଟନ୍, ୧୭।୧୨

ବିଶ୍ୱର ଜାଏଣ୍ଟ ସୋସିଆଲ ମିଡିଆ ପ୍ଲାଟଫର୍ମ ଟୁଇଟର ପକ୍ଷରୁ ୟୁରୋପର ଏକାଧିକ ବରିଷ୍ଠ ଖବରଦାତାଙ୍କ ଆକାଉଣ୍ଟ ହଟାଇ ଦିଆଯାଇଥିବାବେଳେ ପୁଣିଥରେ ଆକାଉଣ୍ଟଗୁଡ଼ିକୁ ସକ୍ରିୟ କରାଯାଇଛି। ଟୁଇଟର ମାଲିକ ଏଲନ ମସ୍କଙ୍କ ବିରୋଧରେ ୟୁରୋପୀୟ ଖବରଦାତା ମିଥ୍ୟା ଖବର ପ୍ରସାରଣ କରୁଥିବା ସେ ଅଭିଯୋଗ ଆଣି କେତେଜଣ ବରିଷ୍ଠ ଖବରଦାତାଙ୍କ ଆକାଉଣ୍ଟ ହଟାଇ ଦେଇଥିଲେ। ତେବେ ଏ ନେଇ ୟୁରୋପୀୟ ସଂଘ (ଇୟୁ) ଏବଂ ଜାତିସଂଘ ମସ୍କଙ୍କୁ ନିନ୍ଦା କରିବା ସହ ଏହା ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ନେବାର ଚେତାବନୀ ଦେଇଥିଲେ। ୟୁରୋପୀୟ ଖବରଦାତାଙ୍କ ଆକାଉଣ୍ଟକୁ ପୁଣିଥରେ ସକ୍ରିୟ କରିବା ଲାଗି ମସ୍କ ଟୁଇଟ ଜରିଆରେ ଜନମତ ସଂଗ୍ରହ କରିଥିଲେ। ୫୯% ୟୁଜର (୩.୬୯ ନିୟୁତ) ଖବରଦାତାଙ୍କ ଆକାଉଣ୍ଟ ସକ୍ରିୟ କରିବା ନେଇ ମତ ଦେଇଥିଲେ। ଏହାପୂର୍ବରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଟୁଇଟରକୁ ଫେରିବା ଲାଗି ମସ୍କ ଟୁଇଟର ପୋଲର ବ୍ୟବସ୍ଥା କରିଥିଲେ। ଟ୍ରମ୍ପଙ୍କ ସପକ୍ଷରେ ଅଧିକ ଭୋଟ ଆସିବା ପରେ ତାଙ୍କ ଆକାଉଣ୍ଟକୁ ଆକ୍ଟିଭ୍ କରାଯାଇଥିଲା।

## 'ଚାଇନା ପେ ଚର୍ଚ୍ଚା' କେବେ

ନୂଆଦିଲ୍ଲୀ ,୧୭।୧୨(ପି.ଟି.)

### ପ୍ରଧାନମନ୍ତ୍ରୀଙ୍କୁ ଖାର୍ଗେଙ୍କ ପ୍ରଶ୍ନ

ଚାଇନା ସହ ସୀମାନ୍ତ ସ୍ଥିତିକୁ ନେଇ ପାର୍ଲାମେଣ୍ଟରେ ଆଲୋଚନା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁମତି ଦେଉ ନ ଥିବା ଶନିବାର କଂଗ୍ରେସ ଅଭିଯୋଗ କରିଛି। ପ୍ରଧାନମନ୍ତ୍ରୀ ଦେଶକୁ ବିଶ୍ୱାସକୁ ନେଉ ନ ଥିବା ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅରୁଣାଚଳପ୍ରଦେଶର ତୱାଙ୍ଗ ସେକ୍ଟରରେ ଚାଇନା ସୈନ୍ୟ ଓ ଭାରତୀୟ ଯବାନଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକ ଆହତ ହୋଇଥିଲେ। ଡୋକଲାମରେ ଚାଇନାର ସାମରିକ ଉପସ୍ଥିତି ବୃଦ୍ଧି ଉତ୍ତରପୂର୍ବାଞ୍ଚଳ ରାଜ୍ୟର ପ୍ରବେଶ ପଥ ସିଲିଗୁଡ଼ି କରିଡର ପ୍ରତି ବିପଦ ସୃଷ୍ଟି କରିବା ସହ ଜାତୀୟ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। ଦେଶ କେବେ 'ଚାଇନା ପେ ଚର୍ଚ୍ଚା' କରିବ ବୋଲି ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ପଚାରିଥିବା ୭ ପ୍ରଶ୍ନ ର ଉତ୍ତର ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ଦିଅନ୍ତୁ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## 'ବିଚାରପତି, ସାମ୍ବାଦିକ ସତ୍ୟର ପକ୍ଷ ନ ନେଲେ ଗଣତନ୍ତ୍ର ଭୁଶୁଡ଼ି ପଡ଼ିବ'

ମୁମ୍ବାଇ ,୧୭।୧୨(ଆଇଏଏନ୍‌ଏସ୍)



ଜଷ୍ଟିସ୍ ବି.ଏନ୍. ଶ୍ରୀକ୍ରିଷ୍ଣା

ସତ୍ୟର ପକ୍ଷ ନେବା ବିଚାରପତି ଏବଂ ସାମ୍ବାଦିକମାନଙ୍କ କର୍ତ୍ତବ୍ୟ। ସେମାନେ ଯଦି ଏହି କର୍ତ୍ତବ୍ୟ ପାଳନ କରିବାରେ କୁଣ୍ଠାବୋଧ କରନ୍ତି ଓ ସରକାରଙ୍କୁ ସତ୍ୟ କହିବାକୁ ସାହସ ନ ରଖନ୍ତି, ତେବେ ଗଣତନ୍ତ୍ର ଭୁଶୁଡ଼ି ପଡ଼ିବ ବୋଲି ବିଶିଷ୍ଟ ଆଇନ ବିଶାରଦ ତଥା ପୂର୍ବତନ ବିଚାରପତି ବି.ଏନ୍. ଶ୍ରୀକ୍ରିଷ୍ଣା ସତର୍କ କରାଇ ଦେଇଛନ୍ତି। କ୍ଷମତାସୀନଙ୍କୁ ବ୍ୟକ୍ତିଙ୍କୁ ସତ କହିବା ଲାଗି ଦୁଇଟି ପେସା ହେଲା ବିଚାରପତି ଏବଂ ସାମ୍ବାଦିକ, ଯେଉଁମାନଙ୍କୁ ସତ୍ୟର ପକ୍ଷ ନେବାକୁ ହୋଇଥାଏ। ସେମାନେ ଅସ୍ଥିର ରହିଲେ, ଗଣତନ୍ତ୍ର ଭୁଶୁଡ଼ି ପଡ଼ିବ ବୋଲି ମୁମ୍ବାଇ ପ୍ରେସ୍ କ୍ଲବ ଦ୍ୱାରା ଆୟୋଜିତ ରେଡ୍‌ଇଙ୍କ୍ ଆୱାର୍ଡ଼ସ ଉତ୍ସବରେ ଉଦ୍‌ବୋଧନ ଦେଇ ଜଷ୍ଟିସ୍ ଶ୍ରୀକ୍ରିଷ୍ଣା କହିଥିଲେ। ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ୪ଟି ସ୍ତମ୍ଭ। ଯଦି ପ୍ରଥମ ତିନୋଟି ସ୍ତମ୍ଭ ସୁବିଧାବାଦୀ ହୁଅନ୍ତି, ତେବେ ତାହା ବିରୋଧରେ ସ୍ୱର ଉଠାଇବା ଦାୟିତ୍ୱ ଗଣମାଧ୍ୟମର। ଏବେ କେନ୍ଦ୍ରୀୟ ତଦନ୍ତ ସଂସ୍ଥାଗୁଡ଼ିକର ଦୁରୁପଯୋଗ ହେଉଛି। ଏଭଳି ସ୍ଥିତିରେ ସାମ୍ବାଦିକତା ଅନ୍ତଃଚେତନା ଶ୍ରେଷ୍ଠ ନୀତି ବୋଲି ଜଷ୍ଟିସ୍ ଶ୍ରୀକ୍ରିଷ୍ଣା କହିଛନ୍ତି।

## ବିଲାୱଲଙ୍କ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ



ଜମ୍ମୁରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରିଙ୍କ ବିରୋଧରେ ଡୋଗ୍ରା ଫ୍ରଣ୍ଟ ଓ ଶିବସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ନୂଆଦିଲ୍ଲୀ ,୧୭।୧୨(ପି.ଟି.)

### ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦେଇଥିଲେ ଆପତ୍ତିଜନକ ମନ୍ତବ୍ୟ

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ ଭାଜପା ପକ୍ଷରୁ ଶନିବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମସ୍ତ ରାଜ୍ୟ ରାଜଧାନୀରେ ବିକ୍ଷୋଭକାରୀମାନେ ପାକିସ୍ତାନ ଏବଂ ବିଲାୱଲଙ୍କ ବିରୋଧରେ ସ୍ଲୋଗାନ ଦେବା ସହ କୁଶପୁତ୍ତଳିକା ଦାହ କରିଥିଲେ। ଉତ୍ତରପ୍ରଦେଶରେ ଭାଜପା ରାଜ୍ୟ ସଭାପତି ଭୂପେନ୍ଦ୍ର ସିଂ ଚୌଧରୀ ଏବଂ ବିହାରରେ ସଞ୍ଜୟ ଜୟସ୍ୱାଲ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ମୋଦିଙ୍କ ବିରୋଧରେ ଭୁଟ୍ଟୋଙ୍କ ଅସଭ୍ୟ ଏବଂ ଅରୁଚିକର ମନ୍ତବ୍ୟକୁ ନିନ୍ଦା କରିବା ଲାଗି ସାରା ଦେଶ ଏକାଠି ହୋଇଥିବା ଭାଜପା ପକ୍ଷରୁ କୁହାଯାଇଛି। ପାକ୍ ବହିର୍ବ୍ୟାପାର ମନ୍ତ୍ରୀଙ୍କ ମନ୍ତବ୍ୟ ଅତ୍ୟନ୍ତ ଲଜ୍ଜାକର ଓ ଅପମାନଜନକ ବୋଲି ଭାଜପା ପୂର୍ବରୁ କହିଥିଲା।

## ଥାଇଲାଣ୍ଡ ରାଜାରାଣୀ କରୋନା ସଂକ୍ରମିତ

ବ୍ୟାଙ୍କକ୍ ,୧୭।୧୨(ଆଇଏଏନ୍‌ଏସ୍)

ଥାଇଲାଣ୍ଡରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ସେଠାର ରାଜା ମହା ବାଜିରାଲୋଙ୍ଗ୍‌କର୍ନ ଫ୍ରା ବାଜିରାକ୍ଲୋଚୌୟୁହୁଆ ଏବଂ ରାଣୀ ସୁଥିଦା ବଜ୍ରାସୁଧାବିମଲାକ୍ଷନା କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ରାଜପରିବାର ପକ୍ଷରୁ କୁହାଯାଇଛି। ସେମାନଙ୍କଠାରେ କୋଭିଡ୍‌ର ସାମାନ୍ୟ ଲକ୍ଷଣ ଦେଖାଯାଇଛି। ସେମାନଙ୍କୁ ରାଜକୀୟ କାର୍ଯ୍ୟରୁ ଦୂରେଇ ରହିବା ଲାଗି ଡାକ୍ତର ପରାମର୍ଶ ଦେଇଛନ୍ତି। ଡିସେମ୍ବର ୪ରୁ ୧୦ ମଧ୍ୟରେ ଥାଇଲାଣ୍ଡରେ ୩,୯୬୧ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।



## ମାଲେସିଆରେ ଭୂସ୍ଖଳନ: ୨୩ ମୃତ



ବଟାଙ୍ଗ କାଲି ,୧୭।୧୨

ମାଲେସିଆରେ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ଶନିବାର ୨୩ରେ ପହଞ୍ଚିଥିବାବେଳେ ୧୦ ଜଣ ନିଖୋଜ ଅଛନ୍ତି। ଶନିବାର ୩ ଫୁଟ୍ ଗଭୀର ମାଟି ଅତଡ଼ା ତଳୁ ମାଆପୁଅଙ୍କ ମୃତଦେହକୁ ଉଦ୍ଧାରକାରୀମାନେ ବାହାର କରିଛନ୍ତି। ଶୁକ୍ରବାର ଭୋର ସମୟରେ ଏକ ଜୈବ ଫାର୍ମ ନିକଟରେ ଥିବା ଏକ କ୍ୟାମ୍ପରେ ୯୪ ଜଣ ଶୋଇଥିବାବେଳେ ପାହାଡ଼ରୁ କାଦୁଅ ମାଟି ବୋହିଆସି ସେମାନଙ୍କ ଉପରେ ମାଡ଼ିଯାଇଥିଲା। ବର୍ଷ ଶେଷ ସ୍କୁଲ୍ ଛୁଟି ଥିବାରୁ ଅଧିକାଂଶ ପରିବାର ଅବକାଶ ବିନୋଦନରେ ଆସିଥିଲେ। ମୃତକଙ୍କ ମଧ୍ୟରେ ୬ ଶିଶୁ ଓ ୧୩ ମହିଳା ଅଛନ୍ତି।

## ପ୍ରତି ୯ରୁ ଜଣଙ୍କୁ ହୋଇପାରେ କ୍ୟାନ୍‌ସର

### ଆଇସିଏମ୍‌ଆର୍ ରିପୋର୍ଟ

ନୂଆଦିଲ୍ଲୀ, ୧୭।୧୨



ଭାରତରେ ପ୍ରତିବର୍ଷ କ୍ୟାନ୍‌ସର ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତି ୯ ଜଣଙ୍କ ମଧ୍ୟରୁ ଜଣେ ଭାରତୀୟଙ୍କ ଶରୀରରେ କ୍ୟାନ୍‌ସର ବିକଶିତ ହେଉଥିବା ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ ଇନ୍‌ଫରମେଟିକ୍ସ ଆଣ୍ଡ୍ ରିସର୍ଚ୍ଚ (ଏନ୍‌ସିଡିଆଇଆର୍) ଏବଂ ଆଇସିଏମ୍‌ଆର୍ ପକ୍ଷରୁ କରାଯାଇଥିବା ମିଳିତ ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦେଶରେ ଦେଖାଯାଇଥିବା ନୂଆ କ୍ୟାନ୍‌ସର ମାମଲା ସାଙ୍ଗକୁ ଏ ନେଇ ବିପଦରେ ପଡ଼ିବାକୁ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନେଇ ପ୍ରସ୍ତୁତ ରିପୋର୍ଟ ଇଣ୍ଡିଆନ୍ ଜର୍ନାଲ ଅଫ୍ ମେଡିକାଲ ରସର୍ଚ୍ଚ (ଆଇଜେଏମ୍‌ଆର୍)ରେ ଏହା ପ୍ରକାଶ ପାଇଛି। ନବଜାତଠାରୁ ୭୪ ବର୍ଷ ବୟସ ବର୍ଗଙ୍କ କ୍ଷେତ୍ରରେ ପ୍ରତି ୬୭ ପୁରୁଷଙ୍କ ମଧ୍ୟରୁ ଜଣଙ୍କଠାରେ ଫୁସ୍‌ଫୁସ୍ କ୍ୟାନ୍‌ସର ହେବାର ଆଶଙ୍କା ରହିଛି। ସେହିପରି ପ୍ରତି ୨୯ ମହିଳାଙ୍କ ମଧ୍ୟରୁ ଜଣଙ୍କ ଶରୀରରେ ସ୍ତନ କର୍କଟର ଡର ଥିବା ରିପୋର୍ଟରେ ଦର୍ଶାଯାଇଛି।

ଚଳିତବର୍ଷ ଦେଶରେ ମୋଟ ୧୪.୬ ଲକ୍ଷ ଲୋକ କର୍କଟ ରୋଗ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ତେବେ ସବୁଠାରୁ ଅଧିକ ଲୋକ ଫୁସ୍‌ଫୁସ୍ ଏବଂ ବ୍ରେଷ୍ଟ କ୍ୟାନ୍‌ସରରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ନବଜାତ ଶିଶୁଙ୍କଠୁ ଆରମ୍ଭ କରି ୧୪ ବର୍ଷ ବୟସ ବର୍ଗ ଲିମ୍ଫୋଏଡ୍ ଲ୍ୟୁକେମିଆ (ଅସ୍ଥିମଜ୍ଜା କର୍କଟ) କ୍ୟାନ୍‌ସରରେ ଅଧିକମାତ୍ରାରେ ଆକ୍ରାନ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରେ ୨୯.୨% ପୁଅ ଓ ୨୪.୨% ଝିଅ ରହିଛନ୍ତି। ୨୦୨୦ ତୁଳନାରେ ୨୦୨୫ ବେଳକୁ ଆକ୍ରାନ୍ତଙ୍କ ସଂଖ୍ୟା ୧୨.୮% ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି।

ଅନ୍ୟପକ୍ଷେ ଦେଶରେ କର୍କଟଜନିତ ମୃତ୍ୟୁ ସଂଖ୍ୟା ୨୦୨୦ ଅନୁସାରେ ଚଳିତବର୍ଷ ବୃଦ୍ଧି ପାଇଥିବା କେନ୍ଦ୍ରିୟ ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ରାଜ୍ୟ ସଭାରେ କହିଛନ୍ତି। କ୍ୟାନ୍‌ସର, ମଧୁମେହ ଏବଂ ହୃଦ୍‌ଜନିତ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦିଆଯାଉଛି।



# ଇ-ବାଇକ୍

**ଆଜିର ଦିନରେ ଦୁଇଚକିଆ ବା ଚାରିଚକିଆ ଗାଡ଼ିଟିଏ କାହାର ବା ଲୋଡ଼ା ନାହିଁ! ହେଲେ ଗୋଟେ ପଟେ ମହଙ୍ଗା ଇନ୍ଧନ ଦର, ଆଉ ଗୋଟେ ପଟେ ସେଥିରୁ ନିର୍ଗତ ଧୂଆଁରେ ପରିବେଶ ପ୍ରଦୂଷଣ; ଯାହାକି ବଢ଼ାଉଛି ଚିନ୍ତାର କାରଣ। ଏମିତିରେ ଉଭୟ ସମସ୍ୟା ସମାଧାନର ଉପାୟ ଏବେ ଆଣିଛି ଇଲେକ୍ଟ୍ରିକ୍ ବାହନ। ତେବେ ଏସବୁ ସୁବିଧା ସାଙ୍ଗକୁ ଭଳିକି ଭଳି ଆଟ୍ରାକ୍ଟିଭ୍ ମଡେଲ୍ ପାଲଟିଛି ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ...**

ବର୍ତ୍ତମାନ କୌଣସି କାମ ପାଇଁ ବାହାରକୁ ଯିବାକୁ ହେଲେ ପ୍ରଥମେ ଲୋଡ଼ା ଗାଡି। ତାହା ଦୁଇ ଚକିଆ ହେଉ ବା ଚାରି ଚକିଆ, ସଭିଙ୍କ ପାଖରେ ଗାଡି। ଏମିତିକି କେହି କେହି ଏକାଧିକ ଗାଡି ମଧ୍ୟ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଦିନକୁ ଦିନ ବଢୁଥିବା ଇନ୍ଧନ ଦର ଅନେକଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ତା'ଛଡା ଗାଡିରୁ ନିର୍ଗତ ଧୂଆଁ ବି ପରିବେଶ ପ୍ରଦୂଷଣ କରୁଛି। ଏସବୁ ସମସ୍ୟାର ବିକଳ୍ପ ନେଇ ଆସିଛି ଇ-ଭେଇକଲ୍, ଯାହାକି ବିନା ଇନ୍ଧନରେ ଇଲେକ୍ଟ୍ରିକ୍ ଚାର୍ଜ ଦ୍ୱାରା ଚାଲିବା ସହ ଏଥିରୁ ଧୂଆଁ ବାହାରୁ ନ ଥିବାରୁ ଏହା ପ୍ରଦୂଷଣମୁକ୍ତ। ଯେଉଁଥିପାଇଁ ଏହାର ବ୍ୟବହାର ଧୀରେ ଧୀରେ ବୃଦ୍ଧି ପାଉଛି। ତେବେ ଗ୍ରାହକଙ୍କ ଡିମାଣ୍ଡକୁ ଆଖି ଆଗରେ ରଖି ଅନେକ ମୋଟର କମ୍ପାନୀ ବିଭିନ୍ନ ରଙ୍ଗର ଆକର୍ଷଣୀୟ ଡିଜାଇନ୍‌ର ବାଇକ୍ ପ୍ରସ୍ତୁତ କରୁଛନ୍ତି; ଯାହାକୁ ବ୍ୟବହାର କରିବା ଲାଗି ଯୁବପିଢିଙ୍କ କ୍ରେଜ୍ ବଢୁଥିବା ମଧ୍ୟ ଦେଖିବାକୁ ମିଳୁଛି। ତେବେ ସରକାରଙ୍କ ପକ୍ଷରୁ ମଧ୍ୟ ଏହାର ବ୍ୟବହାର ବଢାଇବା ଲାଗି ଜନସାଧାରଣଙ୍କୁ ଉତ୍ସାହିତ କରାଯାଉଛି। ଚଳିତ ବର୍ଷ ଆରମ୍ଭରୁ ନୀତି ଆୟୋଗ ପକ୍ଷରୁ ଗ୍ରାହକମାନଙ୍କୁ ଏକ ସୁବିଧା ଯୋଗାଇ ଦିଆଯାଇଥିଲା। ଏହି ଗାଡି କ୍ରୟ ସମୟରେ ରେଜିଷ୍ଟ୍ରେଶନ୍ ଫି ଏବଂ ମୋଟରଯାନ ଟିକସ ଦେବାକୁ ପଡି ନ ଥିଲା। ଆମ ରାଜ୍ୟରେ ସମସ୍ତ ପ୍ରକାର ଇ-ଯାନଗୁଡିକର ବିକ୍ରି ବୃଦ୍ଧିକୁ ପ୍ରୋତ୍ସାହନ କରିବା ପାଇଁ ରାଜ୍ୟ ଇଲେକ୍ଟ୍ରି ଯାନ ନୀତି-୨୦୨୧ ଅନୁଯାୟୀ ସରକାର ୨୦୨୧ ସେପ୍ଟେମ୍ବର ୧ ତାରିଖ ପରେ ଇ-ଯାନ କିଣିଥିବା ଗ୍ରାହକଙ୍କୁ ୧୫ ପ୍ରତିଶତ ଅର୍ଥାତ୍ ଦୁଇ ଚକିଆ ଯାନ ଲାଗି ସର୍ବାଧିକ ୫ ହଜାର, ତିନି ଚକିଆରେ ୧୦ ହଜାର ଏବଂ ୪ ଚକିଆରେ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ଦିଆଯିବାକୁ ନିଷ୍ପତ୍ତି କରିଛନ୍ତି। ଏହି ସୁବିଧା ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ବର୍ତ୍ତମାନ ଅନେକେ ଏହି ଗାଡି ବ୍ୟବହାର କରୁଛନ୍ତି। ତେବେ ଏହାର ଅଧିକ ଦାମ୍ ଏବଂ ଚାରିଆଡେ ଚାର୍ଜ କରିବାର ସୁବିଧା ଏଯାଏଁ ଉପଲବ୍ଧ ନ ଥିବାରୁ ଅନେକେ ଏହାକୁ କିଣିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି।





## ଏମାନେ କଣ କୁହନ୍ତି



***ପବିତ୍ର କୁମାର ଭଞ୍ଜ( କର୍ମଜୀବୀ, ଭୁବନେଶ୍ୱର)-*** ପେଟ୍ରୋଲ୍ ଦାମ୍ ଯେପରି ବଢ଼ିବାରେ ଲାଗିଛି, ସେଥିପାଇଁ ବିକଳ୍ପ ପାଲଟିଛି ଇ-ସ୍କୁଟି। ଦୂର ବାଟକୁ ଯିବାକୁ ଥିଲେ ପେଟ୍ରୋଲ ପକେଇବାର ବି ଟେନ୍‌ସନ ରହୁନାହିଁ। ଥରେ ଚାର୍ଜ କଲେ ଦୂରବାଟ ହେଲେ ମଧ ବୁଲିବାକୁ ମୁଁ ଯାଇପାରୁଛି। ଇ-ସ୍କୁଟି ଇକୋ ଫ୍ରେଣ୍ଡଲି ହୋଇଥିବାରୁ ପ୍ରଦୂଷଣ ମଧ ରୋକାଯାଇ ପାରୁଛି।



***ବିଜୟ କୃଷ୍ଣ ସ୍ୱାଇଁ, (ମିଶନ ଶକ୍ତି, ଭୁବନେଶ୍ୱର)-*** ପ୍ରଦୂଷଣର ମୁଖ୍ୟ କାରଣ ସାଜିଛି ଗାଡିମୋଟରରୁ ବାହାରୁଥିବା ଧୂଆଁ। ଏହି ଦୂଷିତ ବାୟୁ ଯୋଗୁ ପରିବେଶ ନଷ୍ଟ ହେବା ଦ୍ୱାରା ଲୋକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ମଧ ଦେଖାଯାଉଛି। କିନ୍ତୁ ବର୍ତ୍ତମାନ ଏହାକୁ ରୋକିବାରେ ସବୁଠୁ ଭଲ ମାଧମ ହେଉଛି ଇ-ବାଇକ୍। କେବଳ ଯୁବପିଢ଼ି ଓ ବୟସ୍କ ବ୍ୟକ୍ତି ନୁହନ୍ତି, ୧୬ରୁ ୧୮ ବର୍ଷ ବୟସର ପିଲା ବି ଏହି ଗାଡି ବ୍ୟବହାର କରିପାରୁଛନ୍ତି। ଗାଡ଼ି ହାଲୁକା ସହ ଏହାକୁ ଚଲେଇବା ମଧ ବହୁତ ସହଜ ହୋଇପାରୁଛି।

## ଆଜିର ଇ-ବାଇକ୍ ସମ୍ପୂର୍ଣ୍ଣ ସମାଧାନ ନୁହେଁ

**- କମଳାକାନ୍ତ ଜେନା**

ପ୍ରାକୃତିକ ସମ୍ପଦର ଅବିବେକୀ ବ୍ୟବହାର, ବହୁ ସଂଖ୍ୟାରେ କଳ କାରଖାନା ନିର୍ମାଣ ଓ ଲକ୍ଷ ଲକ୍ଷ ଗାଡ଼ିମୋଟର ଚଳାଚଳ ହେତୁ ଆମର ବାୟୁମଣ୍ଡଳ, ମାଟି ଓ ପାଣି (ବା-ପା-ମା) ଆଜି ଦୁଃସ୍ଥ। ତେଣୁ ଯଥାସମ୍ଭବ ପ୍ରଦୂଷଣ କମେଇବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବାୟୁ ପ୍ରଦୂଷଣକୁ ହ୍ରାସ କରିବା ଦିଗରେ ଇ-ବାଇକ୍ ଏକ ବିଶେଷ ପ୍ରୟାସ। ଏହା ଦ୍ୱାରା ଶବ୍ଦ ପ୍ରଦୂଷଣ ବି ହୁଏ ନାହିଁ। ତେଣୁ ନିଃସନ୍ଦେହ ଯୁଗୋପଯୋଗୀ।



କିନ୍ତୁ କେତେକ କାରଣ ସକାଶେ ଆଜିର ଇ-ବାଇକ୍ ସମ୍ପୂର୍ଣ୍ଣ ସମାଧାନ ନୁହେଁ। ଏବେ ଏହାର ମୂଲ୍ୟ ଅଧିକ ଥିବାରୁ ଅନେକେ କିଣିବା ପାଇଁ ଆଗଭର ନୁହନ୍ତି। ଏଥିରେ ଦାମିକା ବ୍ୟାଟେରି ରହେ। ତା'ଛଡ଼ା ବେଶି ବାଟ ଯିବା ପାଇଁ ବ୍ୟାଟେରିକୁ ବାରମ୍ବାର ଚାର୍ଜ କରିବା ଦରକାର। ପୁଣି ବ୍ୟାଟେରିକୁ ୨-୩ ବର୍ଷ ପରେ ବଦଳେଇବାକୁ ପଡ଼େ। ତେଣୁ କମ୍ ମୂଲ୍ୟରେ ଅଧିକ କ୍ଷମତାବିଶିଷ୍ଟ ଇ-ବାଇକ୍ ଲୋକଙ୍କୁ ଆକର୍ଷିତ କରିପାରିବ। ସବୁଠାରୁ ବଡ଼ କଥା ହେଲା, ବ୍ୟାଟେରିକୁ ଚାର୍ଜ କରିବା ପାଇଁ ବିଜୁଳିଶକ୍ତି ଦରକାର, ଯାହାକୁ ଉତ୍ପନ୍ନ କରିବା ଲାଗି କୋଇଲା ଜଳିବା ଆବଶ୍ୟକ। ଇଲେକ୍‌ଟ୍ରିକ୍ ଚାର୍ଜ ବଦଳରେ ସୂର୍ଯ୍ୟଶକ୍ତିରେ ଚାଲିଲେ ଖୁବ୍ ଭଲ ହେବ। ସୂର୍ଯ୍ୟଶକ୍ତିରେ ଚାଲିବା ପାଇଁ ବି ବ୍ୟାଟେରି (ସୋଲାର ସେଲ) ଦରକାର, ଯାହାର ମୂଲ୍ୟ ବି ଅଧିକ। ଅତଏବ, କମ୍ ମୂଲ୍ୟରେ ଅଧିକ କ୍ଷମତାବିଶିଷ୍ଟ ସୋଲାର ସେଲ ବାହାରିବା ଦରକାର। କେବଳ ଇ-ବାଇକ୍ ନୁହେଁ, ଆମ କଳକାରଖାନା ବି ଇ-କଳକାରଖାନା ହେବା ଦରକାର। ଆଉ ଯେମିତି କୋଇଲା-ପେଟ୍ରୋଲ-ଡିଜେଲ ବ୍ୟବହାର ହେବ ନାହିଁ, ଏହା ସବୁ ଉଦ୍ଭାବନର ମୂଲ୍ୟ ଲକ୍ଷ୍ୟ ହେବା ଉଚିତ୍।

*- ସହକାରୀ ପ୍ରଫେସର (ଫିଜିକ୍ସ), ଭଦ୍ରକ ଅଟୋନମସ୍ କଲେଜ*

## ଏ ସପ୍ତାହର ପ୍ରଶ୍ନ

୧- ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଶନ୍ ............... ପକ୍ଷରୁ ପ୍ଲାଷ୍ଟିକ୍ ୱେଷ୍ଟ ମ୍ୟାନେଜ୍‌ମେଣ୍ଟ ପ୍ରୋଗ୍ରାମ୍ ଆରମ୍ଭ କରାଯାଇଛି ?
୨- ............ ହାଇକୋର୍ଟ ମନ୍ଦିର ଭିତରେ ମୋବାଇଲ୍ ଫୋନ୍ ବ୍ୟବହାର ନିଷିଦ୍ଧ କରିଛି ?
୩- ବିଜୟ ହଜାରେ ଟ୍ରଫି ............ ଖେଳରେ ଦିଆଯାଏ ?
୪- ସ୍ପେଶ୍ ଏଜେନ୍ସି ........... ପକ୍ଷରୁ ଇଣ୍ଟରନ୍ୟାଶନାଲ୍ ସ୍ପେଶ୍ ଷ୍ଟେଶନରେ ରୋଲ୍-ଆଉଟ୍ ସୋଲାର ଆରେ ସଂସ୍ଥାପନ କରାଯାଇଛି ?
୫- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟାଣ୍ଟସ୍‌ର ନୂଆ ପ୍ରେସିଡେଣ୍ଟ ଭାବେ ............. ନିଯୁକ୍ତ ହୋଇଛନ୍ତି ?

## ଗତ ଥରର ଉତ୍ତର

୧ ଇଣ୍ଡୋନେସିଆ
୨ ରାଜୀବ ଲକ୍ଷଣ କରନ୍ଦିକର
୩ ବାଗ୍ନେଟ୍
୪ ସାଉଥ୍ ଆଫ୍ରିକା
୫ ୱାଇଲ୍ଡଲାଇଫ୍ ଆଣ୍ଡ ବାୟୋ ଡାଇଭର୍ସିଟି

## ଉତ୍ତରଦାତା

୧- ଚନ୍ଦ୍ରମା ସୂତାର, ବଲାଙ୍ଗୀର
୨- ମାୟାଧର ଦେବତା, ସମ୍ବଲପୁର
୩- ଗଗନ ବିହାରୀ ସାମନ୍ତ, କଟକ

## ଟପ୍ ୧୦

### ଲୋକପ୍ରିୟ କସ୍‌ମେଟିକ୍ ବ୍ରାଣ୍ଡ-୨୦୨୨




୧. ମୋଏଟ୍ ହେନେସୀ ଲୁଇସ୍ ଭିଟନ୍ ............ ଫ୍ରାନ୍ସ
୨. ଲରିଏଲ୍ ............ ଫ୍ରାନ୍ସ
୩. ଇଷ୍ଟି ଲାଉଡର୍ ............ ଆମେରିକା
୪. ଡାଇଅର୍ ............ ଫ୍ରାନ୍ସ
୫. କ୍ଲିନିକ୍ ............ ଆମେରିକା
୬ . ୟେସ୍ ରୋଚର ............ ଫ୍ରାନ୍ସ
୭. କ୍ଲାରିନ୍ସ ............ ଫ୍ରାନ୍ସ
୮. ମ୍ୟାକ୍ କସ୍‌ମେଟିକ୍ସ ............ ଆମେରିକା
୯. ବିଅର୍ସଡର୍ଫ ............ ଜର୍ମାନୀ
୧୦. ହୁଡା ବ୍ୟୁଟି ............ ଆମେରିକା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ୟୁଥ୍ ଆଲର୍ଟ

# ମୁହଁ ଢାଙ୍କି ଶୋଉଥିଲେ...

**ପର୍ଯ୍ୟାପ୍ତ ନିଦ ସୁସ୍ଥ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହା ଦିନର ପରିଶ୍ରମକୁ ଲାଘବ କରିବା ସହ ଶରୀରକୁ ମଧ ଆରାମ ଦେଇଥାଏ। ସମସ୍ତେ ନିଜ କମ୍ଫର୍ଟ ଅନୁଯାୟୀ ଶୋଇବାକୁ ପସନ୍ଦ କରନ୍ତି। ଶୀତଦିନେ ଅନେକେ କମ୍ବଳରେ ମୁହଁ ଢାଙ୍କି ଶୋଇବାକୁ ଭଲପାଆନ୍ତି। ହେଲେ ଏପରି ଶୋଇବା ଅଭ୍ୟାସ କ୍ଷତିକାରକ ହୋଇପାରେ...**



- ମୁହଁ ଢାଙ୍କି ଶୋଇବା ଦ୍ୱାରା ସ୍ଲିପ୍ ଆପ୍ନିଆ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଦେଖାଯାଏ। ଶୋଇବାରେ ଅସୁବିଧା ଖାସ୍ କରି ଅନିଦ୍ରା ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଏହା କ୍ଷତିକାରକ ହୋଇଥାଏ।
- କମ୍ବଳ ନାକ ଉପରେ ରହିବା କାରଣରୁ ଅମ୍ଳଜାନ ଠିକ୍ ଭାବେ ମିଳିପାରି ନ ଥାଏ। ଫଳରେ ମାଂସପେଶୀ ଏବଂ ରକ୍ତ ସଞ୍ଚାଳନରେ ପ୍ରଭାବ ପଡ଼ିଥାଏ। ଏମିତିରେ ଅଣନିଃଶ୍ୱାସୀ ଲାଗିବା ଯୋଗୁ ବ୍ରେନ୍ ଡ୍ୟାମେଜ୍, ଆଲ୍‌ଝିମର୍, ଡେମେନସିଆ ଏବଂ ହୃଦ୍‌ଘାତ ହେବାର ଆଶଙ୍କା ଅଛି।
- ଏକ ଗବେଷଣାରୁ ଜଣାପଡ଼ିଛି, ୨୩% ଲୋକ ଶୋଇବା ବେଳେ ମୁହଁ ଢାଙ୍କି ଶୋଇଥା'ନ୍ତି। ତେଣୁ ଅନେକେ ଡେମେନସିଆର ଶିକାର ହୋଇଥା'ନ୍ତି।
- ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୪୨ ନିୟୁତ ଆମେରିକୀୟ ସ୍ଲିପ୍ ଡିଜ୍‌ଅର୍ଡରରେ ପୀଡ଼ିତ। ୫ ଜଣଙ୍କ ମଧ୍ୟରୁ ଜଣଙ୍କୁ ସ୍ଲିପ୍ ଆପ୍‌ନିଆ ହୋଇଛି। ଏହି ଗମ୍ଭୀର ସମସ୍ୟା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେଲେ ଦେଖାଯାଏ, ଯାହା ମୁହଁ ଢାଙ୍କି ଶୋଇବା ଦ୍ୱାରା ହୋଇଥାଏ।
- ସ୍ଲିପ୍ ଆପ୍‌ନିଆ, ଆସ୍ଥମା ଏବଂ ହୃଦ୍‌ରୋଗରେ ପୀଡ଼ିତ ବ୍ୟକ୍ତି ମୁହଁ ଢାଙ୍କି ଶୋଇବାରୁ ନିବୃତ୍ତ ରୁହନ୍ତୁ। ମସ୍ତିଷ୍କରେ ଅମ୍ଳଜାନ କମ୍ ମିଳିବା ଦ୍ୱାରା ମାନସିକ ସମସ୍ୟା ଯଥା ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍ ସମସ୍ୟା ମଧ ଦେଖାଯାଏ।
- ଯଦି ମୁହଁ ଢାଙ୍କି ଶୋଇବା ଆପଣଙ୍କ ଅଭ୍ୟାସ, ତେବେ କେବଳ ମୁଣ୍ଡ ଏବଂ କାନ ଢାଙ୍କନ୍ତୁ ଏବଂ ନିଃଶ୍ୱାସପ୍ରଶ୍ୱାସ ନେବା ପାଇଁ ମୁହଁ ଖୋଲା ରଖନ୍ତୁ।

# ବ୍ୟକ୍ତିତ୍ୱର ପରିଚୟ ଦିଏ ହାତଲେଖା

**ସମସ୍ତଙ୍କର ଲେଖିବା ଶୈଳୀ ଭିନ୍ନ। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଏକ ଗବେଷଣା ମୁତାବକ ହାତଲେଖାରୁ ମଧ ଜଣଙ୍କ ବ୍ୟକ୍ତିତ୍ୱ ଜାଣିହୁଏ। ଜାଣିବା ଏ ସମ୍ପର୍କରେ...**





➤ଏକ ଗବେଷଣା ମୁତାବକ ଅକ୍ଷରରୁ ମଣିଷର ବ୍ୟକ୍ତିତ୍ୱ ଜଣାପଡ଼ିଥାଏ। ଛୋଟ ଅକ୍ଷର ଥିବା ମଣିଷ ଅନ୍ତର୍ମୁଖୀ ହୋଇଥିବା ବେଳେ ବଡ଼ ଅକ୍ଷର ଥିଲେ ବହିର୍ମୁଖୀ ବୋଲି ଜଣାପଡ଼ିଥାଏ।

➤ଯେଉଁମାନଙ୍କ ଲେଖାରେ ଶବ୍ଦ-ଶବ୍ଦ ମଧ୍ୟରେ କମ୍ ଅନ୍ତର ରହିଥାଏ, ସେମାନେ ସଭିଙ୍କ ସହ ଏକାଠି ରହିବାକୁ ପସନ୍ଦ କରିଥା'ନ୍ତି। ହେଲେ ଯେଉଁମାନଙ୍କ ଲେଖା ମଧ୍ୟରେ ଅନ୍ତର ବେଶି, ସେମାନେ ଅଧିକ ଭିଡ଼ରେ ରହିବା ଅପେକ୍ଷା ଏକାକୀ ଆଜାଦ ଜୀବନ ଜିଇବାକୁ ପସନ୍ଦ କରିଥା'ନ୍ତି।

➤ଧାଡ଼ି ସିଧା କରି ଲେଖୁଥିବା ବ୍ୟକ୍ତି ସର୍ବଦା ପ୍ରାକ୍ଟିକାଲ୍ ହୋଇଥା'ନ୍ତି। ହେଲେ ଯେଉଁମାନେ ସାମାନ୍ୟ ଡାହାଣକୁ ଢଳିଲା ଭଳି ଅକ୍ଷର ଲେଖନ୍ତି, ସେମାନେ ସର୍ବଦା ନୂଆ ନୂଆ ଲୋକଙ୍କୁ ଭେଟିବା ସହ ନୂଆ ଅନୁଭବ ନେବାରେ ରୁଚି ରଖନ୍ତି। ସେହିପରି ବାମକୁ ଢଳିଲା ବା ବଙ୍କା ଭଳି ଅକ୍ଷର ଲେଖୁଥିବା ବ୍ୟକ୍ତି ନିଜ ଭାବନାରେ ରହିବାକୁ ପସନ୍ଦ କରୁଥିବା ବେଳେ କେବେକେବେ ବିଦ୍ରୋହୀ ସ୍ୱଭାବର ମଧ ହୋଇଥା'ନ୍ତି।

➤ଗୋଲ ଗୋଲ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଅଧିକ କଳାତ୍ମକ ହୋଇଥା'ନ୍ତି।

➤ତରତର ହୋଇ ଲେଖୁଥିବା ବ୍ୟକ୍ତି ଅସ୍ଥିର ହୋଇଥିବା ବେଳେ ଧୀରେ ଲେଖୁଥିବା ବ୍ୟକ୍ତି ବ୍ୟବସ୍ଥିତ, ସ୍ଥିରମନା ଏବଂ କଳାତ୍ମକ ହୋଇଥା'ନ୍ତି।

➤କଲମକୁ ପ୍ରେସର ଦେଇ ବା ଦବାଇ ଲେଖୁଥିବା ବ୍ୟକ୍ତି ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ପ୍ରତ୍ୟେକ କଥାକୁ ଗଭୀର ଭାବେ ଗ୍ରହଣ କରିଥା'ନ୍ତି। ଯେଉଁମାନେ ଅତ୍ୟଧିକ ଦବାଇ ଲେଖନ୍ତି ସେମାନେ ବ୍ୟସ୍ତ ବିବ୍ରତ ସ୍ୱଭାବର ହୋଇଥିବା ବେଳେ ଅବସାଦ ଗ୍ରସ୍ତ ରହିଥା'ନ୍ତି। ଯେଉଁମାନେ କଲମକୁ ନ ଦବାଇ ଆରାମରେ ଲେଖିଥା'ନ୍ତି, ସେମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇଥା'ନ୍ତି।

➤ଯେଉଁମାନଙ୍କ ସିଗ୍ନେଚର ବା ଦସ୍ତଖତ ସ୍ପଷ୍ଟ, ସେମାନେ ଆତ୍ମବିଶ୍ୱାସୀ ହୋଇଥିବା ବେଳେ ଅସ୍ପଷ୍ଟ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଏକାକୀ ଏବଂ ଦୁର୍ବଳମନା ହୋଇଥା'ନ୍ତି। ସେହିପରି ଦସ୍ତଖତ ତଳେ ଗାର ପକାଉଥିବା ବ୍ୟକ୍ତି ଆତ୍ମସମ୍ମାନ ପ୍ରିୟ ହୋଇଥା'ନ୍ତି।

# ଆର୍ଜେଣ୍ଟିନାର ୬ଷ୍ଠ, ଫ୍ରାନ୍ସର ୪ର୍ଥ ଫାଇନାଲ

ଆର୍ଜେଣ୍ଟିନାର ଏହା ୬ଷ୍ଠ ଓ ଫ୍ରାନ୍ସର ୪ର୍ଥ ଫିଫା ବିଶ୍ୱକପ୍ ଫାଇନାଲ। ଏଥିସହ ବିଶ୍ୱକପ୍‌ର ସର୍ବାଧିକ ଫାଇନାଲ ଖେଳିବାରେ କେବଳ ଜର୍ମାନୀ (୮ ଥର) ପଛକୁ ଆର୍ଜେଣ୍ଟିନା ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବ ୫ ଫାଇନାଲ ମଧ୍ୟରୁ ଆର୍ଜେଣ୍ଟିନା ୧୯୭୮ ଓ ୧୯୮୬ରେ ଚାମ୍ପିୟନ ହୋଇଛି। ଏଥର ଜିତିଲେ ଏହି ଦଳ ତୃତୀୟ ଥର ପାଇଁ ଟାଇଟଲ ହାସଲ କରିବ। ଯଦି ଫଳାଫଳ ଭିନ୍ନ ହୁଏ ତେବେ ସର୍ବାଧିକ ବିଶ୍ୱକପ ଫାଇନାଲ ହାରିବାରେ ଏହି ଦଳ ଜର୍ମାନୀ (୪ ଥର)ର ସମକକ୍ଷ ହେବ।

ଫ୍ରାନ୍ସ ପୂର୍ବରୁ ୩ ଥର ଫାଇନାଲ ଖେଳିଥିବାବେଳେ ୧୯୯୮ ଓ ୨୦୧୮ରେ ଚାମ୍ପିୟନ ହୋଇଛି। ୨୦୦୨ରେ ଦଳ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସ ବିଶ୍ୱକପ ଇତିହାସରେ ତୃତୀୟ ଦଳଭାବେ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ବିଶ୍ୱକପ ଇତିହାସରେ ଏହା ପୂର୍ବରୁ କେବଳ ୨ଟି ଦଳ ଇଟାଲୀ ୧୯୩୪ ଓ ୧୯୩୮ ଏବଂ ବ୍ରାଜିଲ ୧୯୫୮ ଓ ୧୯୬୨ରେ କ୍ରମାଗତ ୨ଟି ବିଶ୍ୱକପରେ ଟାଇଟଲ ଜିତିବାକୁ ସକ୍ଷମ ହୋଇଛି।

ଫ୍ରାନ୍ସ ଏହାର ଶେଷ ୧୦ଟି ବିଶ୍ୱକପ୍ ମ୍ୟାଚରେ ଦକ୍ଷିଣ ଆମେରିକୀୟ ଦଳ ବିପକ୍ଷରେ ଅପରାଜେୟ ରହିଛି। ଏଥି ମଧ୍ୟରୁ ୬ଟିରେ ବିଜୟୀ ହୋଇଥିବାବେଳେ ୪ଟି ଡ୍ର ରଖିଛି। ଶେଷ ଥରପାଇଁ ଏହି ଦଳ ୧୯୭୮ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଆର୍ଜେଣ୍ଟିନାଠାରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା।

ଦକ୍ଷିଣ ଆମେରିକୀୟ ଏବଂ ୟୁରୋପୀୟ ଦଳ ମଧ୍ୟରେ ଏହା ହେବ ୧୧ତମ ବିଶ୍ୱକପ୍ ଫାଇନାଲ ମୁକାବିଲା। ପୂର୍ବ ୧୦ ମ୍ୟାଚରୁ ଦକ୍ଷିଣ ଆମେରିକୀୟ ଦଳ ୭ ଥର ଚାମ୍ପିୟନ ହୋଇ ବହୁ ଆଗରେ ରହିଛି। ମାତ୍ର ଯେଉଁ ଦକ୍ଷିଣ ଆମେରିକୀୟ ଦଳ ୩ଟି ମ୍ୟାଚରେ ହାରିଛନ୍ତି ସେଥିରେ ଆର୍ଜେଣ୍ଟିନାର ୨ଟି ମ୍ୟାଚ ସାମିଲ ଅଛି। ୧୯୯୦ ଓ ୨୦୧୪ ବିଶ୍ୱକପ ଫାଇନାଲରେ ଦଳ ଜର୍ମାନୀଠାରୁ ହାରି ଯାଇଥିଲା। ଅନ୍ୟ ଦକ୍ଷିଣ ଆମେରିକୀୟ ଦଳଭାବେ ବ୍ରାଜିଲ ୧୯୯୮ ବିଶ୍ୱକପ ଫାଇନାଲରେ ଫ୍ରାନ୍ସ ନିକଟରୁ ପରାଜିତ ହୋଇଥିଲା।

### ଫିଫା ବିଶ୍ୱକପ

**(ଆଜିର ମ୍ୟାଚ)**
**ଆର୍ଜେଣ୍ଟିନା ବନାମ ଫ୍ରାନ୍ସ**
ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ରାତି ୮.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

### ଟିମ୍ ଷ୍ଟାଟିଷ୍ଟିକ୍ସ

| ଆର୍ଜେଣ୍ଟିନା | ୬ ମ୍ୟାଚ୍ | ଫ୍ରାନ୍ସ |
|---|---|---|
| ୧୨ | ଗୋଲ ସ୍କୋର | ୧୩ |
| ୫ | ଗୋଲ ବରଣ | ୫ |
| ୩୨୯୭ | ପାସ୍ | ୨୭୭୩ |
| ୨୬ | କ୍ରସ୍ | ୪୬ |
| ୩୩ | କର୍ନର୍ସ | ୩୩ |
| ୫୮% | ପୋଜେସନ ଆଭରେଜ | ୫୪% |



କିଲିଆନ ଏମ୍ବାପେ

# ନଜରରେ ଖେଳାଳି, କୋଚ୍

*ରବିବାର ହେବାକୁଥିବା ଫିଫା ବିଶ୍ୱକପର ଫାଇନାଲରେ ଆର୍ଜେଣ୍ଟିନାର ଲିଓନେଲ ମେସି ଓ ଫ୍ରାନ୍ସର କିଲିଆନ ଏମ୍‌ବାପେ ପରସ୍ପରର ସମ୍ମୁଖୀନ ହେବେ। ମେସିଙ୍କ ଉପସ୍ଥିତି ସତ୍ତ୍ୱେ ୨୦୧୪ ଫାଇନାଲରେ ଜର୍ମାନୀ ନିକଟରୁ ହାରି ଆର୍ଜେଣ୍ଟିନା ଯାଇଥିବାବେଳେ ଏମ୍‌ବାପେ ୨୦୧୮ ଫାଇନାଲରେ ଫ୍ରାନ୍ସକୁ କ୍ରୋଏସିଆ ବିପକ୍ଷରେ ବିଜୟୀ କରାଇଥିଲେ। ଲୁସେଲ ଷ୍ଟାଡିୟମରେ ଭାଗ୍ୟ ପରୀକ୍ଷା ହେବ। ଫାଇନାଲରେ ଉଭୟ ଦଳର ଯେଉଁ କେତେଜଣ ତାରକା ଖେଳାଳିଙ୍କ ଉପରେ ନଜର ରହିବ ସେମାନଙ୍କୁ ନେଇ ଏହି ଉପସ୍ଥାପନା..*



## ଆର୍ଜେଣ୍ଟିନା

**ଲିଓନେଲ ମେସି:** ୩୫ ବର୍ଷୀୟ ମେସି ଆର୍ଜେଣ୍ଟିନା ଦଳର ମେରୁଦଣ୍ଡ। ଚଳିତ ବିଶ୍ୱକପରେ ସେ ୫ଟି ଗୋଲ ଦେଇ ସାରିଛନ୍ତି। ଏ କ୍ଷେତ୍ରରେ ସେ ଯୁଗ୍ମ ଟପ୍ ସ୍କୋରର ରହିଛନ୍ତି। ସେହିପରି ଗୋଲ ଦେବାରେ ସହାୟତା କରିବା କ୍ଷେତ୍ରରେ ମଧ୍ୟ ସେ ଯୁଗ୍ମଭାବେ ଶୀର୍ଷରେ ଅଛନ୍ତି। ପ୍ୟାରିସ ସେଣ୍ଟ-ଜର୍ମେନର ଏହି ତାରକା ଫରୱାର୍ଡ ବିଶ୍ୱକପ ଜିତି ତାଙ୍କ ସ୍ୱପ୍ନ ସାର୍ଥକ କରିବା ଲକ୍ଷ୍ୟରେ ରହିଛନ୍ତି।

**ଜୁଲିଆନ ଆଲଭାରେଜ:** ଜୁଲିଆନ ଆଲଭାରେଜ ଜଣେ ବଦଳ ଖେଳାଳିଭାବେ ଚଳିତ ବିଶ୍ୱକପରେ ଅଭିଯାନ ଆରମ୍ଭ କରିଥିଲେ। ବିଶ୍ୱକପ ଆଗେଇବା ସହ ସେ କ୍ରମେ ତାରକାର ମାନ୍ୟତା ପାଇବାକୁ ଯାଉଛନ୍ତି। ଇତିମଧ୍ୟରେ ସେ ୪ଟି ଗୋଲ ସ୍କୋର କରି ସାରିଛନ୍ତି। ୨୨ ବର୍ଷୀୟ ଏହି ମାଞ୍ଚେଷ୍ଟର ସିଟି ଷ୍ଟ୍ରାଇକର ଜଣେ ପାୱାରଫୁଲ୍ ରନର। ଫଳରେ ସେ ଚଳିତ ବିଶ୍ୱକପରେ ମେସିଙ୍କର ପରଫେକ୍ଟ ପାର୍ଟନର ହୋଇ ପାରିଛନ୍ତି।

**ଏମିଲିଆନୋ ମାର୍ଟିନେଜ:** ଏମିଲିଆନୋ ମାର୍ଟିନେଜ ହେଉଛନ୍ତି ୬ ଫୁଟ ୪ ଇଞ୍ଚ ବିଶିଷ୍ଟ ଆର୍ଜେଣ୍ଟିନା ଗୋଲକିପର। ଫାଇନାଲ ଯଦି ପେନାଲ୍ଟି ଶୁଟ୍ ଆଉଟକୁ ଯାଏ ତେବେ ସେ ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେବାର ଦକ୍ଷତା ରଖିଛନ୍ତି। ୩୦ ବର୍ଷୀୟ ଏହି ଆଷ୍ଟନ ଭିଲା ଗୋଲକିପର କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ ବିପକ୍ଷ ପେନାଲ୍ଟି ଶୁଟ୍‌ଆଉଟରେ ଆର୍ଜେଣ୍ଟିନାକୁ ବିଜୟୀ କରାଇଥିଲେ। ଗତବର୍ଷ କୋପା ଆମେରିକା ସେମିଫାଇନାଲରେ ମଧ୍ୟ ସେ ଅନୁରୂପ ପ୍ରଦର୍ଶନ କରିଥିଲେ।



ଡିଡିଏର ଡେଶ୍ଚାମ୍ପ୍ସ



ଲିଓନେଲ ସ୍କାଲୋନି

**ନହୁଏଲ ମୋଲିନା:** ମୋଲିନା ହେଉଛନ୍ତି ଜଣେ ଏନର୍ଜେଟିଂ ଫୁଲବ୍ୟାକ୍। ଆର୍ଜେଣ୍ଟିନା ରକ୍ଷଣଭାଗର ସେ ଜଣେ ପ୍ରମୁଖ ଖେଳାଳି। ୨୪ ବର୍ଷୀୟ ଏହି ଆଟଲେଟିକୋ ମାଡ୍ରିଡ ଡିଫେଣ୍ଡର ସୁଯୋଗ ମିଳିଲେ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ ମଧ୍ୟ କରିଥାନ୍ତି। ନେଦରଲାଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲରେ ସେ ମେସିଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ।

**ଏନ୍‌ଜୋ ଫର୍ନାଣ୍ଡେଜ:** ଫର୍ନାଣ୍ଡେଜ ଜଣେ ବଦଳ ଖେଳାଳିଭାବେ ଅଭିଯାନ ଆରମ୍ଭ କରିଥିଲେ। ମାତ୍ର ଗୋଲ ଦେବାପରେ ସେ ଦଳର ଜଣେ ଆଗଧାଡ଼ିର ଖେଳାଳି ହୋଇ ଯାଇଛନ୍ତି। ମେକ୍ସିକୋ ବିପକ୍ଷରେ ଆର୍ଜେଣ୍ଟିନାର ବିଜୟରେ ସେ ମୁଖ୍ୟ ଭୂମିକା ନେଇଥିଲେ। ୨୧ ବର୍ଷୀୟ ବେନଫିକା ଖେଳାଳି ମିଡ୍‌ଫିଲ୍ଡରେ ଆଙ୍କରର ଭୂମିକା ନିର୍ବାହ କରିଥାନ୍ତି। ଫ୍ରାନ୍ସର ଆଣ୍ଟୋନି ଗ୍ରିଜମାନଙ୍କ ଆକ୍ରମଣକୁ ସେ ରୋକିବାକୁ ଚେଷ୍ଟା କରିବେ।

**ଲିଓନେଲ ସ୍କାଲୋନି:** ୨୦୧୮ ବିଶ୍ୱକପରେ ସ୍କାଲୋନି ସହକାରୀ କୋଚ୍ ଥିଲେ। ସେହି ବିଶ୍ୱକପରେ ଆର୍ଜେଣ୍ଟିନା ରାଉଣ୍ଡ ଅଫ୍ ୧୬ରୁ ବିଦାୟ ନେଇଥିଲା। ଏବେ ସେ ଆର୍ଜେଣ୍ଟିନା ଦଳର ମୁଖ୍ୟ ପୁରୋଧା। କାତାର ଆସିବା ପୂର୍ବରୁ ତାଙ୍କ ପ୍ରଶିକ୍ଷଣରେ ଆର୍ଜେଣ୍ଟିନା ୩୫ଟି ମ୍ୟାଚରେ ଅପରାଜେୟ ଥିଲା। ଗତବର୍ଷ ଦଳ କୋପା ଆମେରିକା ଟାଇଟଲ ମଧ୍ୟ ଜିତିଥିଲା। ୪୪ ବର୍ଷୀୟ ସ୍କାଲୋନିଙ୍କ ପ୍ରଶିକ୍ଷଣରେ ଆର୍ଜେଣ୍ଟିନା ଏଥର ବିଜୟ ମୁକୁଟ ପିନ୍ଧିବା ସମ୍ଭାବନା ରହିଛି।

## ଫ୍ରାନ୍ସ

**କିଲିଆନ ଏମ୍‌ବାପେ:** ଏମ୍‌ବାପେ ଫ୍ରାନ୍ସର ଦ୍ରୁତତମ ଖେଳାଳି। ପ୍ରତିପକ୍ଷ ଦଳପାଇଁ ସେ ସବୁବେଳେ ବିପଦ ସାବ୍ୟସ୍ତ ହୋଇଥାନ୍ତି। ୨୩ ବର୍ଷୀୟ ପ୍ୟାରିସ ସେଣ୍ଟ-ଜର୍ମେନ ଫରୱାର୍ଡ ଚଳିତ ବିଶ୍ୱକପରେ ମେସିଙ୍କ ସମକକ୍ଷ ୫ଟି ଗୋଲ ସ୍କୋର କରି ସାରିଛନ୍ତି। ଆର୍ଜେଣ୍ଟିନା ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଲେ ସେ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ତାଲିକାକୁ ଆସିଯିବେ।

**ଆଣ୍ଟୋନି ଗ୍ରିଜମାନ:** ୩୧ ବର୍ଷୀୟ ଗ୍ରିଜମାନ ଚଳିତ ବିଶ୍ୱକପରେ ଫ୍ରାନ୍ସର ଅନ୍ୟତମ ଶ୍ରେଷ୍ଠ ଖେଳାଳି। ଏକଦା ଜଣେ ଗୋଲ ସ୍କୋରିଂ ୱିଙ୍ଗରଭାବେ ପରିଚିତ ଥିବା ଏହି ଆଟଲେଟିକୋ ମାଡ୍ରିଡ ଫରୱାର୍ଡ ଏବେ ନିଜର ଡିଫେନ୍ସିଭ ଦକ୍ଷତା ମଧ୍ୟ ଦେଖାଇବାରେ ସକ୍ଷମ ହୋଇଛନ୍ତି। ଆର୍ଜେଣ୍ଟିନା ଆକ୍ରମଣକୁ ସେ ପ୍ରତିହତ କରିପାରିବେ ବୋଲି ଫ୍ରାନ୍ସ ଆଶା ରଖିଛି।

**ହ୍ୟୁଗୋ ଲୋରିସ:** ୩୫ ବର୍ଷୀୟ ଲୋରିସ ସର୍ବପ୍ରଥମ ଗୋଲକିପର ଅଧିନାୟକଭାବେ ୨ଟି ବିଶ୍ୱକପ ଜିତିବା ଦ୍ୱାରରେ ପହଞ୍ଚି ଯାଇଛନ୍ତି। ଟୋଟେନହାମର ଲୋରିସ ଫ୍ରାନ୍ସ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ମଧ୍ୟ ରେକର୍ଡ ରଖିଛନ୍ତି।

**ଅଉରେଲିଏନ ଟେକ୍‌ହୋଆମେନି:** ଚାରି ବର୍ଷ ପୂର୍ବରୁ ଫ୍ରାନ୍ସ ପାଇଁ ପଲ୍ ପୋଗବା ଯାହା କରିଥିଲେ ଏବେ ଟେକ୍‌ହୋଆମେନିଙ୍କ ଉପରେ ସେହି ଦାୟିତ୍ୱ ରହିବ। ଇଂଲଣ୍ଡ ବିପକ୍ଷରେ ଗୋଲ ଦେଇ ସେ ପୋଗ୍‌ବାଙ୍କ ଶୁଟିଂ ପାୱାର ସହ ସମକକ୍ଷ ହୋଇଛନ୍ତି। ଚଳିତ ସିଜନରେ ସେ ରିଅଲ ମାଡ୍ରିଡ ପକ୍ଷରୁ ଖେଳି ଅନେକକିଛି ଶିଖିଛନ୍ତି। ଏମ୍‌ବାପେଙ୍କ ସହ ମିଶି ସେ ଆର୍ଜେଣ୍ଟିନାକୁ କ୍ଷତି ପହଞ୍ଚାଇବାର ଦକ୍ଷତା ରଖିଛନ୍ତି।

**ଡିଡିଏର ଡେଶ୍ଚାମ୍ପ୍ସ:** ଫ୍ରାନ୍ସର କୋଚ୍‌ଭାବେ ୧୧ ବର୍ଷରେ ପଦାର୍ପଣ କରିଛନ୍ତି ଡେଶ୍ଚାମ୍ପ୍ସ। କ୍ରମାଗତ ୨ଟି ବିଶ୍ୱକପ ବିଜୟୀ ଦଳର କୋଚ୍ ହେବାର ଦ୍ୱାରରେ ସେ ପହଞ୍ଚି ଯାଇଛନ୍ତି।

### ବିଶ୍ୱକପ୍ ଚାମ୍ପିୟନ

- ୧୯୩୦: ଉରୁଗୁଏ
- ୧୯୩୪: ଇଟାଲୀ
- ୧୯୩୮: ଇଟାଲୀ
- ୧୯୫୦: ଉରୁଗୁଏ
- ୧୯୫୪: ପଶ୍ଚିମ ଜର୍ମାନୀ
- ୧୯୫୮: ବ୍ରାଜିଲ
- ୧୯୬୨: ବ୍ରାଜିଲ
- ୧୯୬୬: ଇଂଲଣ୍ଡ
- ୧୯୭୦: ବ୍ରାଜିଲ
- ୧୭୭୪: ପଶ୍ଚିମ ଜର୍ମାନୀ
- ୧୯୭୮: ଆର୍ଜେଣ୍ଟିନା
- ୧୯୮୨: ଇଟାଲୀ
- ୧୯୮୬: ଆର୍ଜେଣ୍ଟିନା
- ୧୯୯୦: ଫଶ୍ଚିମ ଜର୍ମାନୀ
- ୧୯୯୪: ବ୍ରାଜିଲ
- ୧୯୯୮: ଫ୍ରାନ୍ସ
- ୨୦୦୨: ବ୍ରାଜିଲ
- ୨୦୦୬: ଇଟାଲୀ
- ୨୦୧୦: ସ୍ପେନ
- ୨୦୧୪: ଜର୍ମାନୀ
- ୨୦୧୮: ଫ୍ରାନ୍ସ





ଫିଫା ବିଶ୍ୱକପର ଫାଇନାଲ ପୂର୍ବରୁ ଶନିବାର ଆର୍ଜେଣ୍ଟିନା ଓ ଫ୍ରାନ୍ସ ଦଳର ଅଭ୍ୟାସ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୮ ଡିସେମ୍ବର, ୨୦୨୨ Bhubaneswar, Sunday, December 18/2022



ଫିଫା ବିଶ୍ୱକପରେ ଶନିବାର କ୍ରୋଏସିଆ ଓ ମରକ୍କୋ ମଧ୍ୟରେ ଅନୁଷ୍ଠିତ ପ୍ଲେ-ଅଫ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ମରକ୍କୋକୁ ହରାଇ କ୍ରୋଏସିଆ ତୃତୀୟ

**ଅଲ୍ ରାୟାନ, ୧୭।୧୨**

## ଫିଫା ବିଶ୍ୱକପ୍

ଗତ ଥରର ରନରଅପ୍ କ୍ରୋଏସିଆ ଚଳିତ ଫିଫା ବିଶ୍ୱକପ୍‌ରେ ତୃତୀୟ ସ୍ଥାନ ହାସଲ କରିଛି। ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଏହି ଦଳ ୨-୧ ଗୋଲରେ ମରକ୍କୋକୁ ପରାସ୍ତ କରିଛି। ଫଳରେ ପ୍ରଥମ ଆଫ୍ରିକୀୟ ଦଳଭାବେ ବିଶ୍ୱକପର ପ୍ଲେ-ଅଫ୍‌ରେ ପ୍ରବେଶ କରିଥିବା ମରକ୍କୋ ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି।

ଆର୍ଜେଣ୍ଟିନା ନିକଟରୁ ପରାଜିତ ହୋଇଥିବା ଦଳରେ କ୍ରୋଏସିଆ ୫ ପରିବର୍ତ୍ତନ କରିଥିଲା। ସେହିପରି ଫ୍ରାନ୍ସ ବିପକ୍ଷ ସେମିଫାଇନାଲ ଖେଳିଥିବା ମରକ୍କୋ ଦଳରେ ୩ ପରିବର୍ତ୍ତନ ହୋଇଥିଲା। ଅଭିଜ୍ଞତାର ଉପଯୋଗ କରି ଆରମ୍ଭରୁ ଅକ୍ରମଣ କରି ଖେଳିଥିଲା କ୍ରୋଏସିଆ। ଏହାର ଫାଇଦା ମଧ୍ୟ ଦଳକୁ ମିଳିଥିଲା। ମ୍ୟାଚର ୭ମ ମିନିଟରେ ଡିଫେଣ୍ଡର ଜୋସ୍କୋ ଜିଭାର୍ଡିଓଲ୍ ଏକ ଗୋଲ ଦେଇ କ୍ରୋଏସିଆକୁ ଅଗ୍ରଣୀ କରାଇଥିଲେ। ମୋଡ୍ରିକଙ୍କ ଫ୍ରିକିକ୍ ବଲ୍‌କୁ ପେରିସିକ ନିୟନ୍ତ୍ରଣକୁ ଆଣି ଜିଭାର୍ଡିଓଲ୍‌ଙ୍କ ନିକଟକୁ ପାସ୍ ଦେଇଥିଲେ। ରକ୍ଷଣଭାଗରୁ ଆଗକୁ ଦୌଡ଼ି ନିଜକୁ ଫରଓ୍ୱାର୍ଡ ସ୍ଥାନରେ ପହଞ୍ଚାଇଥିବା ଜିଭାର୍ଡିଓଲ୍ ପ୍ରତିପକ୍ଷ ଗୋଲକିପରଙ୍କୁ ଅତିକ୍ରମ କରି ଗୋଲ ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୨ ମିନିଟ ପରେ ଅର୍ଥାତ୍ ୯ମ ମିନିଟରେ ମରକ୍କୋର ଅଚ୍ରଫ ଦାରି ହେଡ୍ ଜରିଆରେ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ଅଗ୍ରଣୀ ନେବାପାଇଁ କ୍ରୋଏସିଆ ପକ୍ଷରୁ ଆକ୍ରମଣକୁ ଜୋରଦାର କରାଯାଇଥିଲେ ହେଁ ମରକ୍କୋ ରକ୍ଷଣଭାଗ ଦୃଢ଼ ରହିଥିଲା। ମାତ୍ର ଲୁକା ମୋଡ୍ରିକଙ୍କ ଦଳକୁ ଭାଗ୍ୟ ସାଥ୍ ଦେଇଥିଲା। ୪୨ତମ ମିନିଟରେ ମିସ୍ଲାଭ ଓର୍ସିକ ମାରିଥିବା ଶଟ୍ ମରକ୍କୋ ଗୋଲପୋଷ୍ଟର ବାର୍‌ରେ ବାଜି ନେଟ୍ ସ୍ପର୍ଶ କରିଥିଲା। କ୍ରୋଏସିଆ ୩-୫-୨ ଓ ମରକ୍କୋ ୪-୩-୩ ଷ୍ଟାର୍ଟିଂ ଲାଇନ୍‌ଅପ୍‌ରେ ଖେଳିଥିଲା। ମରକ୍କୋର ବିଲାଲ ଏଲ୍ ଖାନୋଉସ ସର୍ବକନିଷ୍ଠ ଖେଳାଳିଭାବେ ୧୮ ବର୍ଷ ୨୨୧ ଦିନରେ ବିଶ୍ୱକପ ପଦାର୍ପଣ କରିଥିଲେ। ଲୁକା ମୋଡ୍ରିକ ଓ ଇଭାନ ପେରିସିକ କ୍ରମାଗତ ୩ଟି ଟୁର୍ନାମେଣ୍ଟ (୨୦୧୪, ୨୦୧୮ ଓ ୨୦୨୨)ରେ କ୍ରୋଏସିଆ ପକ୍ଷରୁ ୧୭ଟି ଲେଖାଏ ମ୍ୟାଚ ଖେଳିଥିଲେ। ଏମାନଙ୍କ ବ୍ୟତୀତ ବର୍ତ୍ତମାନ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ କେବଳ ଲିଓନେଲ ମେସି ୧୭ଟି ବିଶ୍ୱକପ ମ୍ୟାଚ ଖେଳିଛନ୍ତି।

ପ୍ରଥମ ଆଫ୍ରିକୀୟ ଦଳଭାବେ ମରକ୍କୋ ଫିଫା ବିଶ୍ୱକପ୍‌ର ପ୍ଲେ-ଅଫ୍ ଖେଳିଥିଲା। ଅନ୍ୟପକ୍ଷରେ ଗତଥରର ରନରଅପ୍ କ୍ରୋଏସିଆ ଏହାକୁ ମିଶାଇ ୨ୟ ଥର ପାଇଁ ପ୍ଲେ-ଅଫ୍ ଖେଳିଥିଲା। ୧୯୯୮ ବିଶ୍ୱକପ୍‌ରେ ଏହି ଦଳ ପ୍ରଥମେ ପ୍ଲେ-ଅଫ୍ ଖେଳିଥିଲା ଏବଂ ନେଦରଲାଣ୍ଡକୁ ୨-୧ ଗୋଲରେ ହରାଇ ତୃତୀୟସ୍ଥାନ ଅଧିକାର କରିଥିଲା। ଏଥର ମଧ୍ୟ ଦଳ ସେହି ପ୍ରଦର୍ଶନ ବଜାୟ ରଖିଛି। ୧୯୭୮ରେ ଇଟାଲିକୁ ବ୍ରାଜିଲ ୨-୧ରେ ହରାଇବା ପରଠାରୁ ଶେଷ ୧୦ ସଂସ୍କରଣରେ ୟୁରୋପୀୟ ଦଳ ହିଁ ପ୍ଲେ-ଅଫ୍ ମ୍ୟାଚ ଜିତି ଆସିଛନ୍ତି। ଏଥର କ୍ରୋଏସିଆ ଜିତି ସେହି ଧାରା ବଜାୟ ରଖିଛି।

# ମେସିଙ୍କ ନୂଆ ଅବତାର

ଫ୍ରାନ୍ସ ବନାମ ଆର୍ଜେଣ୍ଟିନା ଫାଇନାଲ ଲାଇନ୍ ଅପ୍‌କୁ କ୍ୱଚିତ ନାପସନ୍ଦ କରିପାରନ୍ତି। କିନ୍ତୁ ରବିବାର ଦୋହାର ଲୁସେଲ ଷ୍ଟାଡିୟମରେ ଏହି ଦୁଇ ଦଳ ଭିନ୍ନ ଭିନ୍ନ ଏଜେଣ୍ଡା ସହ ପଡ଼ିଆକୁ ଓହ୍ଲାଇବେ। ଡିଡିଏର ଡେସ୍‌ଚାମ୍ପ୍‌ଙ୍କ ଦଳ ବ୍ରାଜିଲ ଓ ଇଟାଲୀ ଭଳି କ୍ରମାଗତ ଦୁଇଥର ଚାମ୍ପିୟନ ହେବାଲାଗି ଅଭିଳାଷ ରଖିଥିବା ବେଳେ ଆର୍ଜେଣ୍ଟିନା ୩୬ବର୍ଷ ପରେ ପୁଣି ଥରେ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି। ଆର୍ଜେଣ୍ଟିନା ପାଇଁ ୨୦୧୪ରେ ଏକ ସୁଯୋଗ ଥିଲା। ମାତ୍ର ଜର୍ମାନୀଠାରୁ ଅତିରିକ୍ତ ସମୟ ଗୋଲ୍‌ରେ ପରାଜିତ ହୋଇଯାଇଥିଲା। ଦଳ ଆହୁରି ମଧ୍ୟ ଫ୍ରାନ୍ସ ବିପକ୍ଷରେ ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ଚାହିଁବ। ୪ବର୍ଷ ପୂର୍ବେ ରୁଷିଆରେ ଅନୁଷ୍ଠିତ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ୪-୨ ଗୋଲ୍‌ରେ ପରାଜିତ କରି ଆର୍ଜେଣ୍ଟିନାକୁ ପ୍ରତିଯୋଗିତାରୁ ବିଦା କରିଦେଇଥିଲା। ଏହି ମ୍ୟାଚରେ ମେସିଙ୍କ ନୀରବତା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। କିନ୍ତୁ ଏଥର କଥା ସମ୍ପୂର୍ଣ୍ଣ ଭିନ୍ନ। ସେସିଙ୍କ ସଫଳ ନେତୃତ୍ୱରେ ଦଳ ଆଗକୁ ବଢ଼ିଛି। ଦଳକୁ ଚାମ୍ପିୟନ କରାଇବା ସତେଯେପରି ସେ ଦୃଢ଼ ସଂକଳ୍ପ ନେଇଛନ୍ତି। ପ୍ରତିଟି ମ୍ୟାଚରେ ତାଙ୍କ ପ୍ରଦର୍ଶନ ସୂଚାଇ ଦେଉଛି। ମେସିଙ୍କ ବ୍ୟତୀତ ଏଞ୍ଜୋ ଫର୍ନାଣ୍ଡେଜ ଓ ଜୁଲିଆନ ଆଲଭାରେଜଙ୍କ ଆବିର୍ଭାବ ଦଳ ପାଇଁ ଶୁଭଙ୍କର। ନିକୋଲାସ ଓଟମେଣ୍ଡି ଓ ଏମିଲିଆନୋ ମାର୍ଟିନେଜ୍ ମଧ୍ୟ ଭଲ ପ୍ରଦର୍ଶନ କରୁଛନ୍ତି। ମୋ ପାଇଁ ସୌଭାଗ୍ୟର ବିଷୟ ଯେ, ମେସିଙ୍କ ବାଲ୍ୟ ଅବସ୍ଥାରୁ ତାଙ୍କ ଖେଳ ଉପରେ ମୋର ନଜର ରହିଛି। ଆର୍ଜେଣ୍ଟିନା ଜାତୀୟ ଦଳର ମ୍ୟାନେଜର ଭାବେ ପ୍ରଥମେ ମୁଁ ମେସିଙ୍କୁ ଅତି ନିକଟରୁ ଦେଖିଛି। ଏହାପୂର୍ବରୁ ସାମ୍‌ପାଓଲିର କୋଚ୍ ଭାବେ ତାଙ୍କ ସଂସ୍ପର୍ଶରେ ଆସିଛି। ପଡ଼ିଆ ଭିତରେ ହେଉ ଅବା ପଡ଼ିଆ ବାହାରେ ମେସିଙ୍କ ବ୍ୟବହାର ଓ ଆଚରଣକୁ ଲକ୍ଷ୍ୟ କଲେ ସେ ଆଥଲେଟ୍ ହିସାବରେ ଜଣେ ରୋଲ୍ ମଡେଲ। ମୋର ୧୯୮୬ ସଂସ୍କରଣର କଥା ମନେପଡୁଛି। ମେକ୍ସିକୋରେ ସେତେବେଳେ ମନେହେଉଥିବା ଡିଏଗୋ ମାରାଡୋନା ଓ ଅନ୍ୟ ୧୦, ଦୋହାରେ ମଧ୍ୟ ତାହା ମେସି ଓ ଅନ୍ୟ ୧୦ ମନେହେଉଛି। ସେ ତାଙ୍କ ବୟସକୁ ସୁହାଇବା ଭଳି ଭିନ୍ନ ପ୍ରକାର ଖେଳୁଛନ୍ତି। ଦଳ ତାଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ ରହୁଛି। ଗତବର୍ଷ କୋପା ଆମେରିକା ଜିତିବା ପରେ ଆମେ ନୂଆ ରୂପରେ ମେସିଙ୍କୁ ଦେଖୁଛୁ। ଲୋକେ ପ୍ରାୟତଃ ମନେକରନ୍ତି ମେସି ଶାନ୍ତ ସ୍ୱଭାବର ବ୍ୟକ୍ତି। ସେ ପ୍ରତିକ୍ରିୟାଶୀଳ ନୁହନ୍ତି। କିନ୍ତୁ ନେଦରଲାଣ୍ଡ ମ୍ୟାଚ ପରେ ଆମେ ଜଣେ ନୂଆ ମେସିଙ୍କୁ ଦେଖୁଛେ। ଆର୍ଜେଣ୍ଟିନା ପାଇଁ ବିଶ୍ୱକପ୍ ଜିତିବା ଲାଗି ତାଙ୍କର ରହିଥିବା କ୍ଷୁଧା ପ୍ରଦର୍ଶନରେ ପ୍ରତିଫଳିତ ହେଉଛି। ଡଚ୍ କୋଚ୍ ଏବଂ ଜଣେ ନିର୍ଦ୍ଦିଷ୍ଟ ଖେଳାଳିଙ୍କ ପ୍ରତି ମେସି ଯେଉଁ ଶବ୍ଦ ବ୍ୟବହାର କରିଥିଲେ ଏଥିପାଇଁ ତାଙ୍କୁ ସମାଲୋଚିତ ହେବାକୁ ପଡ଼ିଥିବା କଥା ମୁଁ ଜାଣେ। କିନ୍ତୁ ଆର୍ଜେଣ୍ଟିନାବାସୀ ତାଙ୍କର ଏହି ଅବତାରକୁ ପସନ୍ଦ କରୁଛନ୍ତି। ମ୍ୟାଚ ବେଳେ ମାରାଡୋନା ଯେପରି ବେଳେବେଳେ ପ୍ରତିକ୍ରିୟା କରନ୍ତି ତାହା ସହିତ ଏହା ଅନେକ ମେଳ ଖାଉଛି। ଆମେ ଲାଟିନ ଲୋକ ଶାନ୍ତ ସ୍ୱଭାବର, କିନ୍ତୁ ପରିସ୍ଥିତ ପଡ଼ିଲେ ଆମେ ଆମର ଆବେଗ ଓ ପ୍ରତିକ୍ରିୟା ଦେଖାଇଥାଉ। ବର୍ତ୍ତମାନ ମେସିଙ୍କ ଉପରେ ସମଗ୍ର ଦଳ ଓ ଦେଶ ନିର୍ଭରଶୀଳ ହେବା ଆଶ୍ଚର୍ଯ୍ୟର କଥା ନୁହେଁ। ଯେଉଁମାନେ ତାଙ୍କୁ ସମାଲୋଚନା କରୁଥିଲେ, ସେମାନେ ଏବେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। ମେସି ଯୁବକ ବୟସରେ ଅପେକ୍ଷାକୃତ ଉନ୍ନତ ଖେଳିଥାଇପାରନ୍ତି, ହେଲେ ପୂର୍ବରୁ କୌଣସି ବିଶ୍ୱକପ୍ ଅବା ଅନ୍ୟ ଟୁର୍ନାମେଣ୍ଟରେ ଦଳ ଉପରେ ତାଙ୍କର ଏପରି ବଳିଷ୍ଠ ପ୍ରଭାବ କେବେ ଦେଖିବାକୁ ମିଳି ନାହିଁ। ମେସି ସୂଚାଇ ଦେଇ ସାରିଛନ୍ତି ଯେ, ଏହା ହେଉଛି ତାଙ୍କ ଶେଷ ବିଶ୍ୱକପ୍। ଯଦି ସେ ଜିତିବାରେ ସଫଳ ହୁଅନ୍ତି ତେବେ ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ପରିସମାପ୍ତି ଘଟିବ। କୋପା ହେଉ ଅବା ଅଲିମ୍ପିକ, ସ୍ୱର୍ଣ୍ଣ ହେଉ କିମ୍ବା ରେକର୍ଡ ୭ଥର ବାଲଡି'ଅର ପୁରସ୍କାର ଏ ସମସ୍ତ ସେ ହାସଲ କରିସାରିଛନ୍ତି। ଏହାଛଡ଼ା କ୍ଲବ ଫୁଟ୍‌ବଲରେ ସେ ଅନେକ ପୁରସ୍କାର ଜିତିସାରିଛନ୍ତି। ତାଙ୍କର ବର୍ତ୍ତମାନ କେବଳ ଏକ ବିଶ୍ୱକପ୍ ଲୋଡ଼ା। ଏପର୍ଯ୍ୟନ୍ତ ମାତ୍ର ଦୁଇଟି ଦେଶ କ୍ରମାଗତ ଦୁଇଥର ବିଶ୍ୱକପ୍ ଜିତିବା ଗୌରବ ଅର୍ଜନ କରିଛନ୍ତି। ଫ୍ରାନ୍ସ ଏଠାରେ ଟାଇଟଲ ଜିତି ଏହି ଏଲିଟ୍ ଗ୍ରୁପ୍‌ରେ ନିଜକୁ ସାମିଲ କରିବା ଲକ୍ଷ୍ୟରେ ରହିଛି। ପ୍ରଥମେ ଇଟାଲି ୧୯୩୪ ଓ ୧୯୩୮ରେ ଏବଂ ପେଲେଙ୍କ ଅଧୀନରେ ବ୍ରାଜିଲ ୧୯୫୮ ଓ ୧୯୬୨ରେ ବିଶ୍ୱକପ୍ ଜିତିଥିଲା। ପ୍ରାୟ ଛଅ ଦଶନ୍ଧି ପରେ ଏହି କୃତିତ୍ୱ ଅର୍ଜନ କରିବା ଲାଗି ଫ୍ରାନ୍ସ ପାଇଁ ଏକ ସୁଯୋଗ ଆସିଛି। ଦଳର ବହୁ ଖେଳାଳି ଟୁର୍ନାମେଣ୍ଟ ପୂର୍ବରୁ ଆଘାତପ୍ରାପ୍ତ ହୋଇଛନ୍ତି। ସେମାନେ ହେଲେ ଏଙ୍ଗୋଲୋ କାଣ୍ଟେ, ପଲ୍ ପୋଗ୍‌ବା, କରିମ ବେଞ୍ଜେମା, ପ୍ରେସ୍‌ନେଲ୍ କିମ୍ପେମ୍ବେ ଓ ଖ୍ରିଷ୍ଟୋଫର ଏନ୍‌କୁଙ୍କୁ। ଏସବୁ ସତ୍ତ୍ୱେ ଡିଡିଏର୍ ଡେସ୍‌ଚାମ୍ପଙ୍କ ଦଳ ଫାଇନାଲରେ ପ୍ରବେଶ କରିଛି। ଫଳାଫଳ କ'ଣ ହେଉଛି ଦେଖାଯାଉ। **(ଟିଭାକ୍ ସ୍ପୋର୍ଟ୍ସ)।**



ଜର୍ଜ ବୁରୁଚାଗା

## ମରକ୍କୋରେ ଫିଫା କ୍ଲବ ବିଶ୍ୱକପ୍

**ଦୋହା, ୧୭।୧୨(ପି.ଟି.):** ଚଳିତ କାତାର ଫୁଟବଲ ବିଶ୍ୱକପ୍‌ରେ ନିଜ ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ମରକ୍କୋକୁ ପୁରସ୍କୃତ କରିଛି ଫିଫା। ଆଗାମୀ କ୍ଲବ ବିଶ୍ୱକପ ମରକ୍କୋରେ ଅନୁଷ୍ଠିତ ହେବ। ବିଭିନ୍ନ ଲିଗ୍‌ର ଚାମ୍ପିୟନ ଦଳଗୁଡିକ କ୍ଲବ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥାନ୍ତି। ୟୁରୋପିଆନ୍ ଚାମ୍ପିୟନ୍ ରିୟଲ ମାଡ୍ରିଡ୍, ଦକ୍ଷିଣ ଆମେରିକୀୟ ଚାମ୍ପିୟନ ଫ୍ଲାମେଙ୍ଗୋ, କନକାକାଫ ବିଜେତା ସିଆଟେଲ ସାଉଣ୍ଡର୍ସ ଏବଂ ଆମେରିକୀୟ ଲିଗ୍ ଚାମ୍ପିୟନ ପ୍ରମୁଖ ୭ ଦଳ ଏଥିରେ ଭାଗନେବେ।




# ଅଭ୍ୟାସ କଲେନି ମେସି

**ଦୋହା, ୧୭।୧୨:** ଲୁସେଲ ଷ୍ଟାଡିୟମରେ ରବିବାର ଆର୍ଜେଣ୍ଟିନା ଓ ଫ୍ରାନ୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ମାତ୍ର ଏହି ବଡ଼ ମୁକାବିଲା ପୂର୍ବରୁ ଶନିବାର ଅନୁଷ୍ଠିତ ଆର୍ଜେଣ୍ଟିନାର ଟ୍ରେନିଂ ସେସନରେ ଅଧିନାୟକ ଲିଓନେଲ ମେସିଙ୍କ ଅନୁପସ୍ଥିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାତାରର ୟୁନିଭର୍ସିଟି ଟ୍ରେନିଂ ଗ୍ରାଉଣ୍ଡରେ ଆର୍ଜେଣ୍ଟିନା ଦଳ ଅଭ୍ୟାସ କରିଥିଲା। ମାତ୍ର ସେଠାରେ ମେସି ନ ଥିଲେ। ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ପାଇଁ ସେ ଅଭ୍ୟାସ ସେସନକୁ ଆସି ନ ଥିବା କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ରିପୋର୍ଟ ଅନୁସାରେ କ୍ରୋଏସିଆ ବିପକ୍ଷ ସେମିଫାଇନାଲ ପରେ ମେସି ଓ ଅନ୍ୟ କେତେକ ଖେଳାଳିଙ୍କୁ ଆର୍ଜେଣ୍ଟିନା ମ୍ୟାନେଜମେଣ୍ଟ ଅତିରିକ୍ତ ବିଶ୍ରାମ ଦେଇଛି। "ମେସି ହେଉଛନ୍ତି ଜଣେ ଭିନ୍ନ ଧରଣର ଖେଳାଳି। ତାଙ୍କ ଉପସ୍ଥିତି ସବୁବେଳେ ପ୍ରଭେଦ ଆଣିଥାଏ। ଯେ କୌଣସି ଦଳରେ ମେସି ଥାଆନ୍ତି ତାହା ଭିନ୍ନ ପ୍ରତିଶ୍ରୁତି ରଖିଥାଏ ବୋଲି ଫ୍ରାନ୍ସର ତାରକା ଖେଳାଳି ଆଣ୍ଟୋନି ଗ୍ରିଜମାନ ପ୍ରକାଶ କରିଛନ୍ତି। ଆମେ ଆର୍ଜେଣ୍ଟିନାର ମ୍ୟାଚଗୁଡ଼ିକୁ ଭଲଭାବେ ଅନୁଧ୍ୟାନ କରିଛୁ। ସେମାନେ କିପରି ଖେଳନ୍ତି ତାହା ଆମେ ଭଲଭାବେ ଜାଣିଛୁ। ଏହା ଏକ କଷ୍ଟସାଧ୍ୟ ବିପକ୍ଷ ଦଳ। ବର୍ତ୍ତମାନ ଆର୍ଜେଣ୍ଟିନା ଦଳ ଟପ୍ ଫର୍ମରେ ଥିବାପରି ଲାଗୁଛି ବୋଲି ସେ କହିଛନ୍ତି। କେବଳ ମେସି ନୁହନ୍ତି ଦଳରେ ଆହୁରି କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳି ଅଛନ୍ତି। ସେମାନଙ୍କୁ ଅଧିକ ଦର୍ଶକ ସମର୍ଥନ ମଧ୍ୟ ମିଳିବ। ତେବେ ଆମେ ଏହି ଦଳକୁ କିପରି କ୍ଷତି ପହଞ୍ଚାଇବୁ ଏବଂ ସେମାନଙ୍କ ଉଦ୍ୟମକୁ ପଣ୍ଡ କରିବୁ ସେଥିପାଇଁ ଯୋଜନା ପ୍ରସ୍ତୁତ କରିଛୁ ବୋଲି ଗ୍ରିଜମାନ ପ୍ରକାଶ କରିଛନ୍ତି।

## ଚାଇନିଜ ଟେନିସ ଖେଳାଳି ୯ ମାସ ବାସନ୍ଦ

**ଲଣ୍ଡନ, ୧୭।୧୨ (ଏପି):** ମ୍ୟାଚ ଫିକ୍ସିଂ ମାମଲାରେ ଚାଇନିଜ ଟେନିସ ଖେଳାଳି ବାଓଲୁଓ ଝେଙ୍ଗ୍‌ଙ୍କୁ ୯ ମାସ ବାସନ୍ଦ କରାଯାଇଛି। ୨୦୨୨ରେ ଇଜିପ୍ଟରେ ଖେଳାଯାଇଥିବା ଏକ ଟୁର୍ନାମେଣ୍ଟର ଗୋଟିଏ ମ୍ୟାଚରେ ଜାଣିଶୁଣି ହାରିବା ଲାଗି ଏହି ୨୧ ବର୍ଷୀୟ ଖେଳାଳି ଅର୍ଥ ଯାଚିଥିଲେ। ଏକଥା ସେ ସ୍ୱୀକାର କରିଥିବା ଇଣ୍ଟରନ୍ୟାଶନାଲ ଇଣ୍ଟିଗ୍ରିଟି ଏଜେନ୍‌ସି (ଆଇଟିଆଇଏ) ନିକଟରେ ସ୍ୱୀକାର କରିଛନ୍ତି। ଡବଲ୍ସରେ ବାଓଲୁଓଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ହେଉଛି ୫୨୫। ତାଙ୍କୁ ୫,୦୦୦ ଡଲାର ଜରିମାନା ମଧ୍ୟ କରାଯାଇଛି। ଶାରମ ଏଲ୍ ଶେଖ୍‌ଠାରେ ଏକ ଟୁର୍ନାମେଣ୍ଟରେ ଖେଳିସାରିବା ପରେ ତାଙ୍କୁ ଅକ୍ଟୋବର ୨୯ରେ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଏଜେନ୍ସି କହିଛି ବାଓଲୁଓ କ୍ରୀଡ଼ାର ଦୁର୍ନୀତି ନିବାରଣ ନିୟମାବଳୀର ୩ଟି ଧାରା ଉଲ୍ଲଂଘନ କରିଥିବା ସ୍ୱୀକାର କରିବା ପରେ ସସ୍‌ପେଣ୍ଡ ଅବଧିକୁ ଆସନ୍ତାବର୍ଷ ଜୁଲାଇ ୨୬କୁ ଘୁଞ୍ଚାଇ ଦିଆଯାଇଥିଲା।

**ମ୍ୟାଚ ଫିକ୍ସିଂ ମାମଲା**




# ଭାରତ ବିଜୟର ନିକଟତର

**ଚଟ୍ଟୋଗ୍ରାମ, ୧୭।୧୨ (ପି.ଟି.)**

ଅକ୍ଷର ପଟେଲଙ୍କ ୩ ଉଇକେଟ ସଫଳତା ଯୋଗୁ ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ବିଜୟର ନିକଟତର ହୋଇଛି। ୫୧୩ ରନର ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଂଲାଦେଶ ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୨୭୨ ରନ କରିଛି। ନବାଗତ ଜାକିର ହସନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୨୨୪ ବଲ୍‌ରୁ ୧୦୦ ରନ କରିଛନ୍ତି। ସେ ୧୨ ଚୌକା ଓ ଗୋଟିଏ ଛକା ମାରିଛନ୍ତି। ବାଂଲାଦେଶ ରବିବାର ଖେଳର ଅନ୍ତିମ ଦିବସରେ ବିଜୟ ପାଇଁ ଆହୁରି ୨୪୧ରନ ଆବଶ୍ୟକ କରୁଛି। ଅଧିନାୟକ ଶକିବ-ଉଲ୍ ହସନ ୪୦ ରନ କରି କ୍ରିଜ୍‌ରେ ଅଛନ୍ତି।



ଉଇକେଟ ନେବା ପରେ ଅକ୍ଷର ପଟେଲ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ସକାଳେ ପ୍ରଥମ ସେସନରେ ଜାକିର ଓ ତାଙ୍କ ଯୁବ ଓପନିଂ ପାର୍ଟନର ନାଜମୁଲ ହୋସେନ ଶାନ୍ତୋ (୧୫୬ ବଲ୍‌ରୁ ୬୭ରନ) ଭାରତୀୟ ବୋଲରଙ୍କୁ ହତାଶ କରି ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୧୨୪ ରନ ଯୋଗ କରିଥିଲେ। ଭାରତ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ପ୍ରଥମ ଉଇକେଟ ଯୋଡ଼ିରେ ବାଂଲାଦେଶର ଏହା ହେଉଛି ସର୍ବାଧିକ ରନ।

ମାତ୍ର ଅକ୍ଷର ଟେଷ୍ଟ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ତାଙ୍କ ୨୭ ଓଭର ବୋଲିଂରେ ୧୦ ମେଡେନ ସହ ୫୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରି ଖେଳର ଗତିପଥ ବଦଳାଇ ଦେଇଥିଲେ। ଅକ୍ଷରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୟାସିର ଅଲି (୫), ମୁସ୍‌ଫିକର ରହିମ (୨୩) ଓ ନୁରୁଲ ହସନ (୩) ଆଉଟ ହୋଇଥିଲେ। ଉମେଶ ଯାଦବ, କୁଲଦୀପ ଯାଦବ ଓ ରବିଚନ୍ଦ୍ରନ ଅଶ୍ୱିନ କୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୪୦୪

**ବାଂଲାଦେଶ ପ୍ରଥମ ଇନିଂସ:** ୧୫୦

**ଭାରତ ଦ୍ୱିତୀୟ ଇନିଂସ:** ୨୫୮/୨, ଘୋଷଣା।

**ବାଂଲାଦେଶ ଦ୍ୱିତୀୟ ଇନିଂସ:** ୨୭୨/୬ (ଜାକିର ହସନ-୧୦୦, ନାଜମୁଲ ହୋସେନ ଶାନ୍ତୋ-୬୭, ଶକିବ ଅଲ୍ ହସନ-୪୦*; ଅକ୍ଷର ପଟେଲ-୩/୫୦, ଉମେଶ ଯାଦବ-୧/୨୭, କୁଲଦୀପ ଯାଦବ-୧/୬୯, ରବିଚନ୍ଦ୍ରନ ଅଶ୍ୱିନ-୧/୭୫)।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ